# ଧରିତ୍ରୀ DHARITRI

ଭୁବନେଶ୍ୱର,ଗୁରୁବାର, ଜୁଲାଇ ୩୧/୨୦୨୫ (୧୮ ପୃଷ୍ଠା) | Bhubaneswar, Thursday, July 31/2025 | Page 18 | ₹ 7.00

୫୧ଶ ଭାଗ ୨୪୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 246 | ମୂଲ୍ୟ ₹୭/-




**ଯୋଦ୍ଧା ଭୂମିକାରେ ରିଷଭ**

ଅଶ୍ୱିନ ଗଙ୍ଗାରାଜୁଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହେବାକୁ ଥିବା ଏକ ଐତିହାସିକ ଆକ୍ସନ ଡ୍ରାମା ଫିଲ୍ମରେ ଅଭିନେତା ରିଷଭ ଶେଟ୍ଟୀ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ୦୨

୧୮ **ଓଲି ପୋପ୍ ଇଂଲଣ୍ଡ ଦଳର ନେତୃତ୍ୱ ନେବେ**

ବେନ୍ ଷ୍ଟୋକ୍ସ ଆହତ ଥିବାରୁ ଗୁରୁବାର ଓଭାଲରେ ଆରମ୍ଭ ହେବାକୁ ଯାଉଥିବା ଭାରତ ବିପକ୍ଷ ୫ମ କ୍ରିକେଟ ଟେଷ୍ଟରେ ଓଲି ପୋପ୍ ଇଂଲଣ୍ଡ ଦଳର ନେତୃତ୍ୱ ନେବେ।





ରୁଷିଆର କାମଚଟକା ଉପଦ୍ୱୀପରେ ୮.୮. ତୀବ୍ରତାର ଭୂକମ୍ପ ହେବା ପରେ ସୁନାମି ଢେଉ ଜନବସତି ଆଡ଼କୁ ମାଡ଼ିଯାଉଥିବାର ଦୃଶ୍ୟ। (ଫଟୋ ସୌଜନ୍ୟ: ରଏଟର୍ସ)

# ରୁଷିଆରେ ୮.୮ ତୀବ୍ରତାର ଭୂକମ୍ପ

## ଅନେକ ଦେଶରେ ସୁନାମି ଆଲର୍ଟ ଜାରି

ରୁଷିଆରେ ବୁଧବାର ଆସିଥିବା ଏକ ଶକ୍ତିଶାଳୀ ଭୂକମ୍ପ ବିଶ୍ୱର ଅର୍ଦ୍ଧାଧିକ ଭାଗକୁ ଦୋହଲାଇ ଆତଙ୍କ ସୃଷ୍ଟି କରିଛି। କାମଚଟକା ଉପଦ୍ୱୀପରେ ୮.୮ ତୀବ୍ରତାର ଭୂକମ୍ପ ସୃଷ୍ଟି ହୋଇଛି। ଏହା ବିଶ୍ୱର ଷଷ୍ଠ ବୃହତ୍ ଭୂକମ୍ପ, ଯାହାର କେନ୍ଦ୍ରସ୍ଥଳ ୧୯.୩ କି.ମି. ଗଭୀରତାରେ ରହିଥିବା ଆମେରିକୀୟ ଭୂବୈଜ୍ଞାନିକ ସର୍ବେକ୍ଷଣ (ୟୁଏସ୍‌ଜିଏସ୍) ପକ୍ଷରୁ ସୂଚନା ଦିଆଯାଇଛି। ଏହାର ପ୍ରଭାବରେ କାମଚଟକା ଉପଦ୍ୱୀପରେ ୫ ମିଟର ଉଚ୍ଚତା ବିଶିଷ୍ଟ ସୁନାମି ସୃଷ୍ଟି ହୋଇଥିଲା। ପ୍ରଥମେ ଏଠାରେ ସୁନାମି ଆଲର୍ଟ ଜାରି କରାଯାଇଥିବାବେଳେ ପରବର୍ତ୍ତୀ ସମୟରେ ଏହାକୁ ହଟାଇ ଦିଆଯାଇଥିଲା। ଅନ୍ୟପକ୍ଷେ ସୁନାମି ଢେଉର ପ୍ରଭାବରୁ ଲୋକଙ୍କ ଧନଜୀବନ ନଷ୍ଟ ହେବା ଆଶଙ୍କାରେ ଜାପାନ, ଆମେରିକା, ହୱାଇ ସମେତ ଅନେକ ଦେଶରେ ଆଲର୍ଟ ଜାରି କରାଯାଇଛି। ଇକ୍ୱେଡର, କଲମ୍ବିଆ, ମେକ୍ସିକୋ, ଚାଇନା, ଫିଲିପାଇନ୍ସ, ଇଣ୍ଡୋନେସିଆ, ନ୍ୟୁଜିଲାଣ୍ଡ, ପେରୁ, ଚିଲି ଓ କୋଷ୍ଟାରିକା ପକ୍ଷରୁ ନିଜ ନାଗରିକମାନଙ୍କୁ ଉପକୂଳବର୍ତ୍ତୀ ଅଞ୍ଚଳକୁ ଅନ୍ୟୂନ ଦିନକ ପାଇଁ ନ ଯିବାକୁ ବାରଣ କରାଯାଇଛି। କେବଳ ଟୋକିଓରୁ ୨୦ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। କାମଚଟକା ସମେତ ଅନେକ ସ୍ଥାନରେ ଭୂକମ୍ପ ଯୋଗୁ ଘରଦ୍ୱାର ଧରାଶାୟୀ ହୋଇଯାଇଛି। ବଡ଼ବଡ଼ କୋଠା, ଆସବାବପତ୍ର ଓ କାର୍ ଆଦି ସମୁଦ୍ରର ଢେଉ ସ୍ରୋତରେ ଭାସିଯାଇଥିବା ଦେଖିବାକୁ ମିଳିଛି। ସୋସିଆଲ ମିଡିଆରେ ଧ୍ୱଂସଲୀଳାର ଫଟୋ ଓ ଭିଡିଓଗୁଡ଼ିକ ବହୁଳ ପ୍ରସାରିତ ହେବାରେ ଲାଗିଛି।

(ସବିଶେଷ ରିପୋର୍ଟ: ପୃଷ୍ଠା-୨)

# ଭାରତ ଉପରେ ଟ୍ରମ୍ପଙ୍କ ୨୫% ଟାରିଫ୍, ଜରିମାନା

■ **ରୁଷିଆ ସହ ବାଣିଜ୍ୟକୁ ବରଦାସ୍ତ କରୁନି ଆମେରିକା**

■ **ଅଗଷ୍ଟ ୧ରୁ ଲାଗୁହେବ ନୂଆ ଟାରିଫ୍**

**ରୁଷିଆ ସହ ଭାରତର ବାଣିଜ୍ୟକୁ ଆମେରିକା ବରଦାସ୍ତ କରୁନାହିଁ। ବିଶେଷକରି ରୁଷିଆଠାରୁ ଭାରତ ବିପୁଳ ପରିମାଣର ତୈଳ ଓ ପ୍ରତିରକ୍ଷା ସାମଗ୍ରୀ କିଣୁଛି। ଏହାକୁ ରୋକିବା ପାଇଁ ଆମେରିକା ବିଭିନ୍ନ ଉପାୟରେ ଚାପ ସୃଷ୍ଟି କରିଆସୁଥିବାବେଳେ ଭାରତୀୟ ସାମଗ୍ରୀ ଉପରେ ଉଚ୍ଚ ଟାରିଫ୍ (ଟିକସ) ଲଗାଇବାକୁ ଧମକ ଦେଉଥିଲେ ଏବଂ ତାହା ଅଗଷ୍ଟରେ ଲାଗୁ ହେବ ବୋଲି କହି ଆସୁଥିଲା। ସତକୁ ସତ ଆମେରିକା ବୁଧବାର ଭାରତ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରିଛି। ଆସନ୍ତା ୧ ତାରିଖଠାରୁ ଭାରତୀୟ ସାମଗ୍ରୀ ଉପରେ ଆମେରିକା ୨୫% ଟାରିଫ୍ ଲଗାଇଛି। ଏହାସହ ରୁଷିଆ ସହ କାରବାର ପାଇଁ ଜରିମାନା ମଧ୍ୟ ଲଗାଇଛି। ଏନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ 'X'ରେ ସୂଚନା ଦେଇ କହିଛନ୍ତି ଯେ, ଭାରତ ଆମର ବନ୍ଧୁ। କିନ୍ତୁ ଏହାର ଅତ୍ୟଧିକ ଉଚ୍ଚ ଟାରିଫ୍ ଯୋଗୁ ଭାରତ ସହ ଆମେରିକାର ବାଣିଜ୍ୟ କାରବାର ଆଖିଦୃଶିଆ ହୋଇପାରୁନାହିଁ। ଗୋଟିଏ ପଟେ ୟୁକ୍ରେନ୍‌ରେ ରୁଷିଆର ନରସଂହାରକୁ ରୋକିବା ପାଇଁ ସମସ୍ତେ ଚାହୁଁଥିବାବେଳେ ରୁଷିଆର ତୈଳ ଓ ପ୍ରତିରକ୍ଷା ସାମଗ୍ରୀର ବଡ଼ କ୍ରେତା ପାଲଟିଛି ଭାରତ। ଏ କ୍ଷେତ୍ରରେ ଟ୍ରମ୍ପ୍ ଭାରତ ଓ ଚାଇନାକୁ ଗୋଟିଏ ବର୍ଗରେ ସାମିଲ କରିଛନ୍ତି। ଟ୍ରମ୍ପଙ୍କ ଏହି ଟିକସ ପ୍ରହାର ଭାରତୀୟ ଅର୍ଥନୀତି ଉପରେ ଗୁରୁତର ପ୍ରଭାବ ପକାଇବ ବୋଲି ବଜାର ବିଶେଷଜ୍ଞ ଓ ଅର୍ଥନୀତିଜ୍ଞମାନେ ଆକଳନ କରୁଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ କୂଟନୈତିକ ବିଫଳତା ଦର୍ଶାଇ ବିରୋଧୀ ସମାଲୋଚନା କରିଛନ୍ତି।**



ଡୋନାଲ୍ଡ ଟ୍ରମ୍ପ୍

**ୱାଶିଂଟନ୍/ନୂଆଦିଲ୍ଲୀ, ୩୦।୭(ପି.ଟି./ରଏଟର୍ସ)**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବୁଧବାର ଭାରତ ଉପରେ ୨୫% ଟାରିଫ୍ କଷିଛନ୍ତି। ଫଳରେ ଆମେରିକାକୁ ଭାରତରୁ ରପ୍ତାନି ହେବାକୁ ଥିବା ସାମଗ୍ରୀଗୁଡ଼ିକ ଉପରେ ଅଗଷ୍ଟ ୧ ତାରିଖରୁ ୨୫% ଆମଦାନୀ ଶୁଳ୍କ ଲାଗିବ। ଏହାବାଦ୍ ରୁଷିଆଠାରୁ ଭାରତ କ୍ରୁଡ୍ ଅଏଲ୍ ଓ ସାମରିକ ଉପକରଣ କିଣୁଥିବାରୁ ଏକ ଅନିର୍ଦ୍ଦିଷ୍ଟ ଜରିମାନା ମଧ୍ୟ ଲଗାଯିବ ବୋଲି ଟ୍ରମ୍ପ୍ ଘୋଷଣା କରିଛନ୍ତି।

ଟ୍ରେଡ୍ ଡିଲ୍ ପାଇଁ ଆମେରିକାର ଏକ ଟିମ୍ ଅଗଷ୍ଟ ୨୫ରେ ଭାରତ ଗସ୍ତ କରିବେ ବୋଲି ନୂଆଦିଲ୍ଲୀ ସ୍ପଷ୍ଟ କରିବାର ଦିନକ ପରେ ଟ୍ରମ୍ପଙ୍କ ପକ୍ଷରୁ ଏହି ବିସ୍ମିତ କରିଦେବା ଭଳି ଘୋଷଣା କରାଯାଇଛି। ଟ୍ରମ୍ପ୍ ନିଜ ସାମାଜିକ ଗଣମାଧ୍ୟମ ଟ୍ରୁଥ୍ ସୋସିଆଲରେ ଏନେଇ ଏକ ପୋଷ୍ଟ କରିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି, ଅଗଷ୍ଟ ୧ରୁ 'ବନ୍ଧୁ' ଭାରତକୁ ୨୫% ଟାରିଫ୍ ପଇଠ କରିବାକୁ ପଡ଼ିବ। ବନ୍ଧୁରାଷ୍ଟ୍ର ହୋଇଥିଲେ ମଧ୍ୟ ଭାରତ ଓ ଆମେରିକା ଅପେକ୍ଷାକୃତ କମ୍ ବ୍ୟବସାୟ କରିଛନ୍ତି। ଏଥିପାଇଁ ସେ ଭାରତର ଉଚ୍ଚ ଟାରିଫ୍‌କୁ ଦାୟୀ କରିଛନ୍ତି। ଭାରତର କଠୋର ଓ କ୍ଷତିକାରକ ଟାରିଫ୍ ବିଶ୍ୱରେ ସର୍ବାଧିକ ଟାରିଫ୍ କଷୁଥିବା ଦେଶଗୁଡ଼ିକ ମଧ୍ୟରୁ ଅନ୍ୟତମ, ଯାହାକି କୌଣସି ରାଷ୍ଟ୍ର ସହ ବାଣିଜ୍ୟ କାରବାରରେ ବଡ଼ ପ୍ରତିବନ୍ଧକ ବୋଲି ଟ୍ରମ୍ପ୍ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ଏଥିରେ ଟ୍ରମ୍ପ୍ ଆହୁରି ଉଲ୍ଲେଖ କରିଛନ୍ତି, ଭାରତ ନିଜର ଅଧିକାଂଶ ସାମରିକ ଉପକରଣ ରୁଷିଆଠାରୁ କିଣୁଛି। ୟୁକ୍ରେନ୍‌ରେ ମସ୍କୋ ହତ୍ୟା କରୁଥିବାରୁ ରୁଷିଆ ଉପରେ କଟକଣା ଜାରି ପାଇଁ ସମସ୍ତେ ଚାହୁଁଥିବାବେଳେ ଏହାର ସର୍ବବୃହତ୍ ଶକ୍ତି କ୍ରେତା ଭାରତ ଓ ଚାଇନା। ତେଣୁ ଭାରତକୁ ୨୫% ଟାରିଫ୍ ଦେବାକୁ ପଡ଼ିବ ବୋଲି ଟ୍ରମ୍ପ୍ ସ୍ପଷ୍ଟ କରିଛନ୍ତି।

ଟ୍ରମ୍ପଙ୍କ ଏହି ଘୋଷଣାକୁ ନୂଆଦିଲ୍ଲୀ ଉପରେ ☞ପୃଷ୍ଠା-୪

### ସୋସିଆଲ ମିଡିଆରେ କ'ଣ ହେଉଛି ଚର୍ଚ୍ଚା

ଭାରତ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୨୫% ଟାରିଫ ଘୋଷଣା କରିବା ପରେ ସୋସିଆଲ ମିଡିଆରେ ନାନା ଚର୍ଚ୍ଚା ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକାର ନିର୍ବାଚନୀ ରାଜନୀତିରେ ସାମିଲ ହୋଇ ଟ୍ରମ୍ପଙ୍କ ପାଇଁ ପ୍ରଚାର କରିବା ଯୋଗୁ ଭାରତୀୟଙ୍କୁ ଗତ ପ୍ରାୟ ୬ ବର୍ଷ ହେଲା (ଜୋ ବାଇଡେନ୍‌ଙ୍କ ସମୟରୁ) କ୍ଷତି ସହିବାକୁ ପଡ଼ୁଛି ବୋଲି ଅନେକେ କହୁଛନ୍ତି। ସେହିପରି ମୋଦି ଅନେକ ଥର ଟ୍ରମ୍ପଙ୍କୁ ଆଲିଙ୍ଗନ କରି ବନ୍ଧୁ ବୋଲି କହିଆସୁଥିବାବେଳେ ସେ ଭାରତକୁ ପ୍ରହାର ପରେ ପ୍ରହାର କରିଚାଲିଛନ୍ତି, ଯାହାକୁ 'ଅପରେଶନ ସିନ୍ଦୂର' ସମୟରେ ପରୋକ୍ଷରେ ଦେଖିବାକୁ ମିଳିଥିଲା। ଏବେ ଟ୍ରମ୍ପ୍ ପ୍ରତ୍ୟକ୍ଷ ଭାବେ ଭାରତ ବିରୋଧରେ ମଞ୍ଚ ବାନ୍ଧିଛନ୍ତି ବୋଲି କେତେଜଣ ମତ ଦେଇଛନ୍ତି।

# ପହିଲାରେ ରାଜ୍ୟ କ୍ୟାବିନେଟ୍

## ଆସିପାରେ ୭ରୁ ଅଧିକ ପ୍ରସ୍ତାବ

**ଭୁବନେଶ୍ୱର,୩୦।୭ (ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ପକ୍ଷରୁ ଅଗଷ୍ଟ ପହିଲାରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ। ଲୋକସେବା ଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅପରାହ୍ନ ୫ଟାରେ ଅନୁଷ୍ଠିତ ହେବାକୁ ଥିବା ଏହି କ୍ୟାବିନେଟ୍ ବୈଠକରେ ୬ଟି ବିଭାଗର ୭ଟିରୁ ଊର୍ଦ୍ଧ୍ୱ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବରେ ମୋହର ବାଜିବାକୁ ରହିଛି। ସେଥିମଧ୍ୟରେ ରାଜ୍ୟର ରାଜସ୍ୱ ନୀତିରେ କେତେକ ସଂଶୋଧନ ସହ ଶିକ୍ଷା, ସ୍ୱାସ୍ଥ୍ୟ ଭଳି ବିଭିନ୍ନ ବିଭାଗର ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବମାନ ରହିଛି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ବାଣିଜ୍ୟ ଓ ଚାଇନାର ହିନ୍ଦୁ ମନ୍ଦିର**

# ସରକାରୀ କାର୍ଯ୍ୟାଳୟରେ 'ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍' ମନା

**ଭୁବନେଶ୍ୱର, ୩୦।୭ (ରବିନାରାୟଣ ଜେନା)**



ରାଜ୍ୟରେ ଗତ ୬ ବର୍ଷ ତଳୁ ବ୍ୟାନ୍ ହୋଇଥିବା 'ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍' ନିୟମ ଏବେ କଡ଼ାକଡ଼ି କରାଯିବ। ସରକାରୀ କାର୍ଯ୍ୟାଳୟରେ ଯେପରି ଆଉ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ଦେଖିବାକୁ ନ ମିଳିବ, ସେଥିନେଇ ଜଙ୍ଗଲ ଓ ପରିବେଶ ବିଭାଗ ଅଣ୍ଟା ଭିଡ଼ିଛି। ଏନେଇ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଏସିଏସ୍) ସତ୍ୟବ୍ରତ ସାହୁ ସମସ୍ତ ବିଭାଗର ସଚିବଙ୍କୁ ଚଳିତମାସ ୧୭ରେ ପତ୍ର ଲେଖି ତୁରନ୍ତ ଏହାକୁ ସରକାରୀସ୍ତରରେ ଲାଗୁ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଏସିଏସ୍ ସାହୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ୨୦୧୯ ଗାନ୍ଧୀ ଜୟନ୍ତୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ନିର୍ଦ୍ଦେଶନାମା ଜାରି ହୋଇଥିଲା। ଏହାସହିତ ଭାରତ ସରକାରଙ୍କ ☞ପୃଷ୍ଠା-୪

# ୧୭୦ ଘଣ୍ଟା ଭାରତନାଟ୍ୟମ୍ ନୃତ୍ୟ କରି ବିଶ୍ୱ ରେକର୍ଡ

**ମାଙ୍ଗାଲୁରୁ, ୩୦।୭**



ରେମୋନା ଏଭେଟ ପେରେରା

କର୍ଣ୍ଣାଟକର ମାଙ୍ଗାଲୋରସ୍ଥିତ ସେଣ୍ଟ ଆଲୋୟସିଅସ୍ ୟୁନିଭର୍ସିଟିର ଛାତ୍ରୀ ରେମୋନା ଏଭେଟ ପେରେରା ୧୭୦ ଘଣ୍ଟା ପର୍ଯ୍ୟନ୍ତ ଭାରତନାଟ୍ୟମ୍ ନୃତ୍ୟ ପ୍ରଦର୍ଶନ କରି ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି। ଗୋଲ୍ଡେନ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସରେ ତାଙ୍କ ନାମ ସ୍ଥାନ ପାଇଛି। ଏହାସହ ସର୍ବାଧିକ ସମୟ ପର୍ଯ୍ୟନ୍ତ ନିରନ୍ତର ଭାବେ କୌଣସି ଶାସ୍ତ୍ରୀୟ ଭାରତୀୟ ନୃତ୍ୟ ପ୍ରଦର୍ଶନ କରିବାରେ ରେମୋନା ପ୍ରଥମ ବ୍ୟକ୍ତି ହୋଇପାରିଛନ୍ତି।

ବିଏ ଶେଷ ବର୍ଷର ଛାତ୍ରୀ ରେମୋନା ଜୁଲାଇ ୨୧ ପୂର୍ବାହ୍ନ ୧୦ଟାରେ ସେଣ୍ଟ ଆଲୋୟସିଅସ୍ ୟୁନିଭର୍ସିଟିର ରୋବର୍ଟ ସେକ୍ୟୁରା ହଲ୍‌ରେ ଭାରତନାଟ୍ୟମ୍ ନୃତ୍ୟ ପ୍ରଦର୍ଶନ କରିବା ଆରମ୍ଭ କରିଥିଲେ। ଜୁଲାଇ ୨୮ ମଧ୍ୟାହ୍ନ ୧୨ଟାରେ ସେ ତାଙ୍କ ଅନବରତ ନୃତ୍ୟ ପ୍ରଦର୍ଶନକୁ ସମାପ୍ତ କରି ବିଶ୍ୱ ରେକର୍ଡ ହାସଲ କରିଥିଲେ। ଏହାପରେ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଗୋଲ୍ଡେନ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସର ଭାରତ ପ୍ରତିନିଧି ମନୀଷ ବିଷ୍ଣୋଇ ରେମୋନାଙ୍କୁ ବିଶ୍ୱ ରେକର୍ଡର ପ୍ରମାଣପତ୍ର ପ୍ରଦାନ କରିଥିଲେ। ସେଣ୍ଟ ଆଲୋୟସିଅସ୍ ୟୁନିଭର୍ସିଟିସ୍ଥିତ ରଙ୍ଗା ଅଧ୍ୟୟନ କେନ୍ଦ୍ରର ନିର୍ଦ୍ଦେଶକ କ୍ରିଷ୍ଟୋଫର ଡିସୁଜା କହିଛନ୍ତି, ☞ପୃଷ୍ଠା-୪


BGU BIRLA GLOBAL UNIVERSITY BHUBANESWAR

ADMISSIONS OPEN www.bgu.ac.in

A Hub of Excellence in Education

BIRLA SCHOOL OF ENGINEERING & TECHNOLOGY

Your Gateway to a Tech-Driven Future!

ACADEMIC PROGRAM OFFERED

B.Tech in Computer Science & Engineering (Regular Entry - 4 yrs. & Lateral Entry - 3 yrs.)

OUR EDGE
- Cutting-Edge Curriculum
- Focus on Emerging Technologies such as Artificial Intelligence & Machine Learning, Robotics etc.
- Practical Learning Experience
- Innovation & Tech Communities
- Empowering Coding skills
- B.K. Birla & Sarala Birla Academic Merit Scholarships

ADMISSIONS OPEN FOR OUR OTHER PROGRAMS
- MBA
- M.Com
- M.Sc. Financial Economics
- MA in Journalism & Mass Comm
- LLM (1 yr.)
- MCA
- BBA (3/4 yrs.)
- B.Com (3/4 yrs.)
- B.Sc. Economics (3/4 yrs.)
- BA in Journalism & Mass Comm (3/4 yrs.)
- BBA LLB
- BCA (3/4 yrs.)

IDCO Plot No. 2, Institutional Area, Gothapatna, Bhubaneswar – 751029

WhatsApp/Call: 9776129900/7381058307 Email: admission@bgu.ac.in





# ରୁଷିଆରେ ଶକ୍ତିଶାଳୀ ଭୂକମ୍ପ, ଥରିଲା ଅନେକ ଦେଶ


ରୁଷିଆର କାମଚଟକାରେ ଭୂକମ୍ପ ପରେ ଏକ କିଣ୍ଡରଗାର୍ଟେନ୍ ଭାଙ୍ଗିଯାଇଛି।


ଜାପାନରେ ସୁନାମି ଆଲର୍ଟ ଜାରି କରାଯିବା ପରେ ହୋକ୍କାଇଡୋରେ ଲୋକେ ଏକ କୋଠା ଉପରେ ଆଶ୍ରୟ ନେଇଛନ୍ତି।

ମସ୍କୋ/ଟୋକିଓ/ୱାଶିଂଟନ, ୩୦।୭(ପି.ଟି./ଏ.ପି./ରଏଟର୍ସ)

ରୁଷିଆର ୧,୨୫୦ କି.ମି. ଲମ୍ବ ଦୂରପ୍ରାଚ୍ୟ କାମଚଟକା ଉପଦ୍ୱୀପ ୨ ଲକ୍ଷ ୭୦ ହଜାର ବର୍ଗ କିଲୋମିଟର ଅଞ୍ଚଳରେ ପରିବ୍ୟାପ୍ତ। ସ୍ଥାନୀୟ ସମୟ ପୂର୍ବାହ୍ନ ୧୧ଟା ୨୪ ମିନିଟ (ଭାରତୀୟ ସମୟ ଭୋର ୪ଟା ୪୫)ରେ ଏହି ସାମୁଦ୍ରିକ ଅଞ୍ଚଳ ଏକ ଶକ୍ତିଶାଳୀ ଭୂକମ୍ପରେ ଥରହର ହୋଇ ଉଠିଛି। ଏହାର ବନ୍ଦରଗୁଡ଼ିକ ଧରାଶାୟୀ ହୋଇଯାଇଛି। ସମୁଦ୍ରରେ ୫ ମିଟର ଉଚ୍ଚତାର ଢେଉ ଉଠିବା ପରେ ଆତଙ୍କିତ ଲୋକେ ସୁରକ୍ଷିତ ସ୍ଥାନକୁ ପଳାୟନ କରିବାରେ ଲାଗିଲେ। ଏହା ଜନବହୁଳ ଅଞ୍ଚଳ ହୋଇ ନ ଥିବାରୁ କାହାର ପ୍ରାଣହାନି ଘଟି ନ ଥିବା ଜଣାପଡ଼ିଛି। ତେବେ ଧାଁ ଦୌଡ଼ବେଳେ ଅନେକେ ଆହତ ହୋଇଛନ୍ତି, ଯାହାଙ୍କ ପ୍ରକୃତ ସଂଖ୍ୟା ସାମ୍ନାକୁ ଆସିନାହିଁ।

ସେହିପରି ଜାପାନରେ ମଧ୍ୟ ଭୂକମ୍ପର ପ୍ରଭାବ ଅନୁଭୂତ ହୋଇଛି। ଦେଢ଼ ଫୁଟ୍ ଉଚ୍ଚତାର ଫେଣଯୁକ୍ତ ଜୁଆର ଜାପାନର ଉତ୍ତର ଉପକୂଳ ହୋକ୍କାଇଡୋ ଦ୍ୱୀପକୁ ମାଡ଼ିଯିବାରୁ ସୁନାମି ଆଲର୍ଟ ଜାରି କରାଯାଇଛି। ଜାପାନରେ ୨୦୧୧ର ସୁନାମିକୁ ସ୍ମରଣକରି ଲୋକେ ପ୍ରଭାବିତ ଅଞ୍ଚଳରୁ ଇଭାକ୍ୟେଶନ୍ ସେଣ୍ଟରକୁ ଧାଇଁବାରେ ଲାଗିଛନ୍ତି। ପୂର୍ବ ସୁନାମି ବେଳେ ଜାପାନ ରିଏକ୍ଟର ସେଣ୍ଟର ପ୍ରଭାବିତ ହୋଇଥିବାରୁ ଏଥର କୌଣସି ପ୍ରକାର ଅଘଟଣ ଏଡ଼ାଇବା ପାଇଁ ଜରୁରୀ ପଦକ୍ଷେପ ନିଆଯାଇଛି। ଆମେରିକାର ହୱାଇସ୍ଥିତ ରାଜପଥଗୁଡ଼ିକରେ କାର୍‌ଗୁଡ଼ିକ ଫସିରହିଛି। ଏପରି କି ଉପକୂଳ ଦୂରବର୍ତ୍ତୀ ଅଞ୍ଚଳରେ ମଧ୍ୟ ଟ୍ରାଫିକ୍ ଜାମ୍ ହୋଇଥିବା ଦେଖିବାକୁ ମିଳିଛି। ତେବେ

## ସୁନାମି ଆଲର୍ଟ

ହୱାଇରେ ପ୍ରଥମେ ଜାରି କରାଯାଇଥିବା ସୁନାମି ଆଲର୍ଟକୁ ପରବର୍ତ୍ତୀ ସମୟରେ କୋହଳ କରାଯାଇ 'ଆଡ୍‌ଭାଇଜରି'ରେ ପରିବର୍ତ୍ତିତ କରାଯାଇଛି। ଜାପାନର ମେଟେରୋଲୋଜିକାଲ ଏଜେନ୍ସି ମଧ୍ୟ ଦକ୍ଷିଣ ପାସିଫିକ୍ ଫୁକୁସିମାରେ ଉକ୍ତ ଆଲର୍ଟକୁ ଆଡ୍‌ଭାଇଜରିକୁ ଖସାଇ ଦେଇଛି। ହୱାଇ ପ୍ରତିରକ୍ଷା ବିଭାଗର ମେଜର ଜେନେରାଲ ଷ୍ଟିଫେନ୍ ଲୋଗାନ୍ କହିଛନ୍ତି, ଆଡଭାଇଜରିର ତାତ୍ପର୍ଯ୍ୟ ହେଉଛି ଶକ୍ତିଶାଳୀ ସ୍ରୋତର ଆଶଙ୍କା ଓ ବିପଦପୂର୍ଣ୍ଣ ଢେଉ। ଏଥିସହ ପୋତାଶ୍ରୟ ଓ ବନ୍ଦରଗୁଡ଼ିକୁ ଲଂଘିଲା ଭଳି ବନ୍ୟା ସ୍ଥିତି ଉପୁଜିପାରେ ବୋଲି ସେ ସତର୍କ କରାଇଛନ୍ତି। ସେହିପରି ଆଲାସ୍କାର ନ୍ୟାଶନାଲ ସୁନାମି ୱାର୍ନିଂ ସେଣ୍ଟର କୋଅର୍ଡିନେଟର ଡାଭେ ସ୍ନିଡେର କହିଛନ୍ତି, ସୁନାମିର ପ୍ରଭାବ କିଛି ଘଣ୍ଟା କିମ୍ବା ଏକାଧିକ ଦିନ ପର୍ଯ୍ୟନ୍ତ ରହିପାରେ। ସୁନାମି କେବଳ ଏକ ଢେଉ ନୁହେଁ। ଏହା ଏକ ଶକ୍ତିଶାଳୀ ସ୍ରୋତ, ଯାହାକି ଦୀର୍ଘ ସମୟ ଧରି ରହିଥାଏ। ସୁନାମି ଘଣ୍ଟା ପ୍ରତି ଅନେକ ଶହ ମାଇଲ ତୀବ୍ର ଗତିରେ ସମୁଦ୍ରକୁ ଅତିକ୍ରମ କରିଥାଏ। ସମୁଦ୍ରର ଗଭୀର ଜଳରାଶି ଭିତରେ ଏହାର ସ୍ରୋତ ଜେଟ୍ ଏୟାରପ୍ଲେନ୍‌ର ଗତି ସଦୃଶ। କିନ୍ତୁ ତାହା ଉପକୂଳକୁ ନିକଟବର୍ତ୍ତୀ ହେବାବେଳକୁ ଗତି ମନ୍ଥର ହେବାରେ ଲାଗିଥାଏ। ଏଭଳି ସ୍ଥିତିରେ ସେନାର ବ୍ଲାକ୍ ହକ୍ ହେଲିକପ୍ଟର ଓ ହାଇ-ୱାଟର ଭେହିକିଲଗୁଡ଼ିକୁ ମୁତୟନ କରାଯାଇଛି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ତେବେ ଜନସାଧାରଣ ନିଜ କ୍ଷତି ରୋକିବା ପାଇଁ ତତ୍ପର ରହିବା ଜରୁରୀ ବୋଲି ହୱାଇ ଗଭର୍ନର ଜୋଶ ଗ୍ରୀନ୍ ଏକ ବିବୃତିରେ କହିଛନ୍ତି। ଓରେଜିଓନ୍‌ର ଜରୁରୀ ପରିଚାଳନା ବିଭାଗ ଏକ ଫେସ୍‌ବୁକ୍ ପୋଷ୍ଟରେ ଉଲ୍ଲେଖ କରିଛି, ସ୍ଥାନୀୟ ସମୟ ପୂର୍ବାହ୍ନ ୧୧ଟା ୪୦ରୁ ଛୋଟ ଛୋଟ ସୁନାମି ଢେଉ ଉପକୂଳକୁ ମାଡ଼ିଆସିପାରେ, ଯାହାର ଉଚ୍ଚତା ୧-୨ ଫୁଟ୍ ରହିବା ଅନୁମାନ କରାଯାଉଛି। ଆଡ୍‌ଭାଇଜରି ନ ହଟିବା ପର୍ଯ୍ୟନ୍ତ ଲୋକେ ସମୁଦ୍ରକୂଳ ଓ ପୋତାଶ୍ରୟଗୁଡ଼ିକୁ ନ ଯାଇ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନିଅନ୍ତୁ। ଏହା ଏକ ବୃହତ୍ ସୁନାମି ହୋଇ ନ ଥିଲେ ମଧ୍ୟ ବିପଜ୍ଜନକ ସ୍ରୋତ ଓ ଶକ୍ତିଶାଳୀ ଢେଉ ଜଳ ନିକଟରେ ଥିବା ଲୋକଙ୍କ ପାଇଁ ରିସ୍କ ଆସିପାରେ ବୋଲି ବିଭାଗ ପକ୍ଷରୁ ସତର୍କ କରାଯାଇଛି। କାଲିଫର୍ନିଆରୁ ଆରମ୍ଭ କରି ୱେଷ୍ଟ କୋଷ୍ଟ, ୱାଶିଂଟନ୍ ରାଜ୍ୟ ଓ କାନାଡୀୟ ପ୍ରଦେଶ ବ୍ରିଟିଶ୍ କଲମ୍ବିଆରେ ମଧ୍ୟ ସୁନାମି ଆଡ୍‌ଭାଇଜରି ଜାରି କରାଯାଇଛି।

୧,୬୫,୦୦୦ ଜନସଂଖ୍ୟା ବିଶିଷ୍ଟ ରୁଷୀୟ ସହର ପେଟ୍ରୋପାଭ୍‌ଲୋଭ୍‌ସ୍କ-କାମକଚାଟ୍‌ସ୍କିର ପୂର୍ବ-ଦକ୍ଷିଣପୂର୍ବର ୧୧୯ କି.ମି. ଗଭୀରତାରେ ଭୂକମ୍ପ ସୃଷ୍ଟି ହୋଇଥିବା ନେଇ ପ୍ରଥମେ ରିପୋର୍ଟ ପ୍ରକାଶ ପାଇଥିଲା। କିନ୍ତୁ ତାହା ୧୯.୩ କି.ମି. ଗଭୀରତାରେ ଥିବା ନେଇ ପରବର୍ତ୍ତୀ ସମୟରେ ଜଣାପଡ଼ିଛି। ଭୂକମ୍ପ ପରେ ଅନେକ ଥର ଝଟକା ଲାଗିଥିଲା। ଘରଦ୍ୱାର, ଆସବାବପତ୍ର, ଗାଡ଼ି, ଡଙ୍ଗା ଆଦି ଭାସିଯାଇଥିବାବେଳେ ବଡ଼ଧରଣର କ୍ଷତି ହୋଇ ନ ଥିବା ସେଭେରୋକୁରିଲସ୍କ ମେୟର ଆଲେକ୍‌ଜାଣ୍ଡାର ଓଭସ୍ୟାନ୍ନିକୋଭ୍ ସୂଚନା ଦେଇଛନ୍ତି। ବିଦ୍ୟୁତ୍ ସଂଯୋଗକୁ ବିଚ୍ଛିନ୍ନ କରାଯାଇଛି। ବନ୍ୟା ସ୍ଥିତି ଉପୁଜିଥିବାରୁ କର୍ତ୍ତୃପକ୍ଷମାନଙ୍କୁ ଆଲର୍ଟ କରାଯାଇଛି। ୧୯୫୨ ମସିହା ପରେ ରୁଷିଆରେ ଏହା ସବୁଠୁ ବଡ଼ ଭୂକମ୍ପ ବୋଲି ରୁଷିଆନ୍ ସାଇନ୍ସ ଏକାଡେମୀ ପକ୍ଷରୁ କୁହାଯାଇଛି।


ହୱାଇର ଓଆହୁଠାରେ ସୁନାମି ଭୟରେ ଲୋକେ ସୁରକ୍ଷିତ ସ୍ଥାନକୁ ପଳାୟନ କରୁଛନ୍ତି।

## ବିଶ୍ୱର ୫ ସର୍ବବୃହତ୍ ଭୂକମ୍ପ




**୧୯୬୦:** ଚିଲିର ବିଓଭିୟୋରେ ୯.୫ ତୀବ୍ରତାର ଭୂକମ୍ପ ହୋଇଥିଲା। ଗ୍ରେଟ୍ ଚିଲି ଭୂକମ୍ପ ନାମରେ ପରିଚିତ ଏହି ଆର୍ଥକ୍ୱେକ୍‌ରେ ୧,୬୫୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ପ୍ରାୟ ୨୦ ଲକ୍ଷ ଲୋକ ବାସଚ୍ୟୁତ ହୋଇଥିଲେ।

**୧୯୬୪:** ଆମେରିକାର ଆଲାସ୍କାରେ ଆସିଥିବା 'ଗ୍ରେଟ୍ ଆଲାସ୍କା ଭୂକମ୍ପ'ରେ ୧୩୦ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୨.୩ ଅରବ ଡଲାର ମୂଲ୍ୟର କ୍ଷତି ସାଧିତ ହୋଇଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୯.୨ ମାପ କରାଯାଇଥିଲା।

**୨୦୦୪:** ଇଣ୍ଡୋନେସିଆର ସୁମାତ୍ରାରେ ଏକବିଂଶ ଶତାବ୍ଦୀର ସବୁଠୁ ବଡ଼ ଭୂକମ୍ପ ଦେଖିବାକୁ ମିଳିଥିଲା। ୯.୧ ତୀବ୍ରତାର ଏହି ଭୂମିକମ୍ପରେ ୨ ଲକ୍ଷ ୮୦ ହଜାର ଲୋକଙ୍କ ମୃତ୍ୟୁ ଘଟିବା ସହ ୧୧ ଲକ୍ଷରୁ ଅଧିକ ବାସଚ୍ୟୁତ ହୋଇଥିଲେ।

**୨୦୧୧:** ଜାପାନର ତୋହୋକୁରେ ୯.୧ ତୀବ୍ରତାର ଭୂକମ୍ପ ବିପର୍ଯ୍ୟୟ ଆଣିଥିଲା। ଏଥିଯୋଗୁ ଜାପାନର ପରମାଣୁ ରିଏକ୍ଟର ବିସ୍ଫୋରଣ ଘଟିଥିଲା। ୧୫,୦୦୦ ଲୋକଙ୍କ ମୃତ୍ୟୁ ଘଟିବା ସହ ୧,୩୦,୦୦୦ରୁ ଅଧିକ ବିପନ୍ନ ଘରଦ୍ୱାର ହରାଇଥିଲେ।

**୧୯୫୨:** ରୁଷିଆର କାମଚଟକାରେ ଆସିଥିବା ୯ ତୀବ୍ରତା ବିଶିଷ୍ଟ ଭୂକମ୍ପ ଥିଲା ବିଶ୍ୱର ପ୍ରଥମ ରେକର୍ଡ କରାଯାଇଥିବା ଆର୍ଥକ୍ୱେକ୍। ଏଥିରେ ୧୦ ଲକ୍ଷ ଡଲାର ମୂଲ୍ୟର କ୍ଷୟକ୍ଷତି ହୋଇଥିଲା।

## ପିଏମ୍-କିଷାନ ସମ୍ମାନ ନିଧି: ୨ରେ କିସ୍ତି ପାଇବେ ୯.୭ କୋଟି ଚାଷୀ

ନୂଆଦିଲ୍ଲୀ, ୩୦।୭

ପ୍ରଧାନମନ୍ତ୍ରୀ କିଷାନ୍ ସମ୍ମାନ ନିଧି (ପିଏମ୍-କିଷାନ)ର ୨୦ତମ କିସ୍ତିକୁ ଆସନ୍ତା ୨ ତାରିଖରେ ଜାରି କରାଯିବ। ଉତ୍ତରପ୍ରଦେଶର ବାରାଣସୀରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାରା ଦେଶରେ ପିଏମ-କିଷାନର ୨୦ତମ କିସ୍ତିକୁ ଜାରି କରିବେ। ଏହି କାର୍ଯ୍ୟକ୍ରମର ପ୍ରସ୍ତୁତି ସମୀକ୍ଷା କରିବା ପାଇଁ କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ ବୁଧବାର ନୂଆଦିଲ୍ଲୀଠାରେ ଏକ ଉଚ୍ଚ ସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିଥିଲେ। ପିଏମ୍-କିଷାନର ୨୦ତମ କିସ୍ତିରେ ୯.୭ କୋଟି ଚାଷୀଙ୍କ ନିକଟକୁ ୨୦ ହଜାର ୫୦୦ କୋଟି ଟଙ୍କା ହସ୍ତାନ୍ତର କରାଯିବ। ୨୦୧୯ରେ ପିଏମ୍-କିଷାନ ଯୋଜନା ଆରମ୍ଭ ହେବା ପରଠାରୁ ଏବେସୁଦ୍ଧା ୧୯ଟି କିସ୍ତି ମାଧ୍ୟମରେ ଯୋଗ୍ୟ ଚାଷୀଙ୍କ ଆକାଉଣ୍ଟକୁ ୩.୬୯ ଲକ୍ଷ କୋଟି ଟଙ୍କା ପଠାଯାଇସାରିଛି।

## ପୁଷ୍ପେନ୍ଦ୍ର ସିଂ ହେବେ ସେନା ଉପାଧ୍ୟକ୍ଷ



ନୂଆଦିଲ୍ଲୀ, ୩୦।୭ (ପି.ଟି.)

ଲ୍ୟୁଟ୍‌ନାଣ୍ଟ ଜେନେରାଲ ପୁଷ୍ପେନ୍ଦ୍ର ସିଂ ଭାରତର ପରବର୍ତ୍ତୀ ସେନା ଉପାଧ୍ୟକ୍ଷ ହେବେ। ଆସନ୍ତା ୧ରୁ ସେ ଏହି ପଦ ଗ୍ରହଣ କରିବେ। ସେ ଗତ ଜୁଲାଇ ୧ରୁ ସେନା ଉପାଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଉଥିବା ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏନ୍.ଏସ୍. ରାଜା ସୁବ୍ରମଣିଙ୍କର ସ୍ଥାନ ନେବେ। ସେ ଭାରତୀୟ ସାମରିକ ଏକାଡେମୀର ପୂର୍ବତନ ଛାତ୍ର ହୋଇଥିବାବେଳେ ନିଜ ୩୫ ବର୍ଷର କ୍ୟାରିୟରରେ ଭାରତୀୟ ସେନାର ଅପରେଶନ ପବନ, ଅପରେଶନ ମେଘଦୂତ, ଅପରେଶନ ରକ୍ଷକ, ଅପରେଶନ ଅର୍ଚ୍ଚିଡ୍ ଆଦିରେ ଅଂଶଗ୍ରହଣ କରିଛନ୍ତି। ଅନ୍ୟପକ୍ଷେ, ନୌସେନା ଉପମୁଖ୍ୟ ଭାଇସ୍ ଆଡମିରାଲ କୃଷ୍ଣା ସ୍ୱାମୀନାଥନ ପଶ୍ଚିମ ନୌସେନା କମାଣ୍ଡର ପରବର୍ତ୍ତୀ ଫ୍ଲାଗ୍ ଅଫିସର କମାଣ୍ଡିଂ-ଇନ୍-ଚିଫ୍ ହେବେ। ଗତ ମେ ୧ରେ ସେ ନୌସେନା ଉପମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଭାଇସ୍ ଆଡ୍‌ମିରାଲ ସଞ୍ଜୟ ବାସ୍ୱାୟନ ଆସନ୍ତା ୧ରୁ ନୌସେନା ଉପମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବେ।

## ଅନୁପ୍ରବେଶ ଉଦ୍ୟମ, ୨ ଆତଙ୍କବାଦୀ ନିହତ

ନୂଆଦିଲ୍ଲୀ, ୩୦।୭ (ପି.ଟି.)

ଜମ୍ମୁ-କଶ୍ମୀରର ପୁଞ୍ଚ୍ ସେକ୍ଟରରେ ନିୟନ୍ତ୍ରଣ ରେଖା ପାର୍ ହୋଇ ଭାରତକୁ ଅନୁପ୍ରବେଶ କରିବାକୁ ଚେଷ୍ଟା କରୁଥିବା ୨ ଆତଙ୍କବାଦୀ ବୁଧବାର ସୁରକ୍ଷା ବଳ ଗୁଳିରେ ନିହତ ହୋଇଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ଆତଙ୍କବାଦୀଙ୍କ ଗତିବିଧି ଥିବା ନେଇ ଗୋଇନ୍ଦା ସୂଚନା ଆଧାରରେ ସୁରକ୍ଷା ବଳ ପକ୍ଷରୁ ଅପରେଶନ ଶିବଶକ୍ତି ଆରମ୍ଭ କରାଯାଇଥିଲା। ଏହି ଅପରେଶନ ବେଳେ ସୁରକ୍ଷା ବଳ ସହ ଅନୁପ୍ରବେଶ ଉଦ୍ୟମ କରୁଥିବା ଆତଙ୍କବାଦୀଙ୍କର ଗୁଳି ବିନିମୟ ହୋଇଥିଲା, ଯେଉଁଥିରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଉକ୍ତ ଅଞ୍ଚଳରେ ଆହୁରି ଆତଙ୍କବାଦୀ ଲୁଚି ରହିଥିବା ଆଶଙ୍କା କରି ସର୍ଚ୍ଚ ଅପରେଶନକୁ ଜୋର୍‌ଦାର କରାଯାଇଛି।

## ସିଜେଆଇଙ୍କ ଅଫିସ ଡାକଘର ନୁହେଁ

ନୂଆଦିଲ୍ଲୀ,୩୦।୭

ଜଷ୍ଟିସ୍ ବର୍ମାଙ୍କ ଘରୁ ଟଙ୍କା ମିଳିବା ପ୍ରସଙ୍ଗ: ସୁପ୍ରିମକୋର୍ଟରେ ରାୟ ସଂରକ୍ଷିତ


ଜଷ୍ଟିସ୍ ଯଶଓ୍ୱନ୍ତ ବର୍ମା

ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କ ଅଫିସ ଏକ ପୋଷ୍ଟ ଅଫିସ ନୁହେଁ। ଯେଉଁ ବ୍ୟକ୍ତି ଏହି ପଦବୀ ଅଳଙ୍କୃତ କରୁଛନ୍ତି, ଦେଶ ପ୍ରତି ତାଙ୍କର ଏକ କର୍ତ୍ତବ୍ୟ ରହିଛି ବୋଲି ବୁଧବାର ସୁପ୍ରିମକୋର୍ଟ ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଯଶଓ୍ୱନ୍ତ ବର୍ମାଙ୍କ ଉଦ୍ଦେଶ୍ୟରେ କହିଛନ୍ତି। ଏଥିସହ ଜଷ୍ଟିସ୍ ବର୍ମାଙ୍କ ଆବେଦନର ରାୟକୁ ସଂରକ୍ଷିତ ରଖିଛନ୍ତି।

ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ବର୍ମା ଦିଲ୍ଲୀ ହାଇକୋର୍ଟରେ କାର୍ଯ୍ୟରତ ଥିବାବେଳେ ମାର୍ଚ୍ଚ ୧୪ ରାତିରେ ତାଙ୍କ ବାସଭବନରେ ନିଆଁ ଲାଗିଯାଇଥିଲା। ସେଠାକୁ ନିଆଁ ଲିଭାଇବାକୁ ଯାଇଥିବା ଅଗ୍ନିଶମ କର୍ମଚାରୀମାନେ ବିପୁଳ ପରିମାଣର ୫୦୦ ଟଙ୍କିଆ ନୋଟ୍ ପାଇଥିଲେ। ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ୩ ବିଚାରପତି ବିଶିଷ୍ଟ ପ୍ୟାନେଲ ଜଷ୍ଟିସ୍ ବର୍ମାଙ୍କୁ ପଦରୁ ହଟାଇବା ପାଇଁ ସୁପାରିସ କରିଥିବାବେଳେ ସେ ଏହାକୁ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରିଛନ୍ତି। ଏସବୁ ଜଷ୍ଟିସ ସଞ୍ଜୀବ ଖାନ୍ନା ସିଜେଆଇ ଥିବାବେଳେ ହୋଇଥିଲା। ତେବେ ଜଷ୍ଟିସ୍ ଦୀପଙ୍କର ଦତ୍ତା ଓ ଅଗଷ୍ଟାଇନ୍ ଜର୍ଜ ମନୀଷଙ୍କ ଖଣ୍ଡପୀଠ ବୁଧବାର ଶୁଣାଣି କରୁଥିବାବେଳେ ଜଷ୍ଟିସ୍ ବର୍ମାଙ୍କ ପକ୍ଷରୁ ମାମଲା ଲଢୁଥିବା ବରିଷ୍ଠ ଆଇନଜୀବୀ କପିଲ ସିବଲ ଇନ୍-ହାଉସ୍ କମିଟିରେ ଯୁକ୍ତି ବାଢ଼ିଥିଲେ ଯେ, ଜଣେ ବିଚାରପତିଙ୍କୁ ପଦରୁ ହଟାଇବା ନେଇ ପ୍ୟାନେଲର କ୍ଷମତା ନାହିଁ। ସମ୍ବିଧାନର ଅନୁଚ୍ଛେଦ ୧୨୪ ଏବଂ ଜଜେସ୍ (ଇନ୍‌କ୍ୱାରି) ଆକ୍ଟ ଅନୁସାରେ ନିୟମକୁ ଅଣଦେଖା କରି ସମ୍ବିଧାନ ବହିର୍ଭୂତ ବ୍ୟବସ୍ଥା ଗଢ଼ିବାକୁ ଉଦ୍ୟମ ହୋଇଛି। ଯୁକ୍ତିତର୍କ ଆଗକୁ ବଢ଼ି କୋର୍ଟଙ୍କ କ୍ଷମତା ବିଷୟ ଆସିବାରୁ ଜଷ୍ଟିସ୍ ଦତ୍ତା କହିଲେ, ସିଜେଆଇଙ୍କ ଅଫିସ ପୋଷ୍ଟ ଅଫିସ ବା ଡାକଘର ନୁହେଁ। ନ୍ୟାୟପାଳିକାର ନେତା ରୂପେ ଦେଶ ପ୍ରତି ତାଙ୍କର କର୍ତ୍ତବ୍ୟ ରହିଛି। ଯଦି ପ୍ରମାଣଗୁଡ଼ିକ ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ଆସିଥିବ, ତେବେ ସିଜେଆଇ ସେଗୁଡ଼ିକୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପଠାଇବା ଜରୁରୀ। ଜଷ୍ଟିସ୍ ବର୍ମାଙ୍କ ଆଚରଣ ଆତ୍ମବିଶ୍ୱାସ ସୃଷ୍ଟି କଲା ଭଳି ନୁହେଁ।। ଇନ୍-ହାଉସ୍ କମିଟି ତାଙ୍କୁ ଦୋଷୀ ସାବ୍ୟସ୍ତ କରି ତାଙ୍କ ଭୁଲ୍ ଆଚରଣ ଦେଖିବାକୁ ପାଇବା ପରେ ବର୍ମା କାହିଁକି ତା'ର ସୁପାରିସକୁ ଚ୍ୟାଲେଞ୍ଜ କରିବାକୁ ସୁପ୍ରିମକୋର୍ଟକୁ ଆସିଲେ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି।

## 'ନିସାର' ଉତ୍କ୍ଷେପଣ ସଫଳ

ଶ୍ରୀହରିକୋଟା, ୩୦।୭

ମହାକାଶ କ୍ଷେତ୍ରରେ ଭାରତ ପୁଣିଥରେ ଇତିହାସ ରଚିଛି। ବୁଧବାର ସନ୍ଧ୍ୟା ୫ଟା ୪୦ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଆମେରିକୀୟ ମହାକାଶ ସଂସ୍ଥା ନାସା ଏବଂ ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ)ର ମିଳିତ 'ନିସାର' ମିଶନର ସଫଳ ଉତ୍କ୍ଷେପଣ ହୋଇଛି। ଇସ୍ରୋର ଜିଏସ୍‌ଏଲ୍‌ଭି-ଏଫ୍୧୬ ରକେଟ ଯୋଗେ ନାସା-ଇସ୍ରୋ ସିନ୍ଥେଟିକ ଆପାରଚର ରାଡାର (ନିସାର) ସାଟେଲାଇଟକୁ ଉତ୍କ୍ଷେପଣ କରାଯାଇଛି। ପୃଥିବୀ କକ୍ଷପଥକୁ ଏହି ସାଟେଲାଇଟ ପଠାଯାଇଛି ଯାହା ଭୂମିକମ୍ପ, ସୁନାମି, ଭୂସ୍ଖଳନ ଆଦି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଆଗୁଆ ସତର୍କତା ପ୍ରଦାନ କରିବ। ୧.୫ ବିଲିୟନ ଡଲାରର ନିସାର ସାଟେଲାଇଟ ଭୂମିକମ୍ପ ପୂର୍ବରୁ ଭୂମିର ସାମାନ୍ୟ ଗତିବିଧିକୁ ଚିହ୍ନଟ କରିପାରିବା ସହ ସୁନାମିର ମଧ୍ୟ ପୂର୍ବାନୁମାନ କରିପାରିବ। ଏହି ପୃଥିବୀ ପର୍ଯ୍ୟବେକ୍ଷଣ ସାଟେଲାଇଟର ତଥ୍ୟ ବିପର୍ଯ୍ୟୟ ପରିଚାଳନା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ, ଯାହା ଧନଜୀବନ ଏବଂ ଧନସମ୍ପତ୍ତି କ୍ଷତିକୁ ହ୍ରାସ କରିବ।

**ବିପର୍ଯ୍ୟୟ ପରିଚାଳନାରେ ସହାୟକ ହେବ ସାଟେଲାଇଟ୍ ଡେଟା**



## ନିମିଶା ପ୍ରିୟା ରିପୋର୍ଟରେ ତ୍ରୁଟି: କେନ୍ଦ୍ର

ନୂଆଦିଲ୍ଲୀ, ୩୦।୭

ୟେମେନ ଜେଲରେ ବନ୍ଦୀ ଥିବା ଭାରତୀୟ ନର୍ସ ନିମିଶା ପ୍ରିୟାଙ୍କ ମୃତ୍ୟୁ ଦଣ୍ଡାଦେଶକୁ ରଦ୍ଦ କରାଯାଇଥିବା ନେଇ ସୋମବାର କେରଳ ଭିତ୍ତିକ ଧର୍ମଗୁରୁ ତଥା ଗ୍ରାଣ୍ଡ ମୁଫ୍‌ତି ଅଫ୍ ଇଣ୍ଡିଆ କାନ୍ଥାପୁରମ ଏପି ଅବୁବକର ମୁସଲିୟରଙ୍କ କାର୍ଯ୍ୟାଳୟ ପକ୍ଷରୁ ଦାବି କରାଯାଇଥିଲା। ତେବେ ଉକ୍ତ ଦାବି ଭୁଲ୍ ଏବଂ ତ୍ରୁଟିପୂର୍ଣ୍ଣ ଥିଲା ବୋଲି ବୁଧବାର କେନ୍ଦ୍ର ସରକାରଙ୍କ ସୂତ୍ରରୁ ଜଣାପଡ଼ିଛି। ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ କୌଣସି ପ୍ରକାରର ଅନୁମାନ କରିବା ସହ ଭୁଲ୍ ସୂଚନା ପ୍ରଚାର କରିବା ଅନୁଚିତ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଥିବା ନେଇ ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ପ୍ରକାଶ ଯେ, ହତ୍ୟା ଅଭିଯୋଗରେ ଗତ ଜୁଲାଇ ୧୬ରେ ନିମିଶାଙ୍କୁ ଫାଶୀ ଦେବା ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲାବେଳେ ଏହାକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଥିଲା।


ରିଷଭ ଶେଟ୍ଟୀ

## ଯୋଦ୍ଧା ଭୂମିକାରେ ରିଷଭ

ବେଙ୍ଗାଲୁରୁ : ଅଭିନେତା ରିଷଭ ଶେଟ୍ଟୀଙ୍କର ପରବର୍ତ୍ତୀ ଫିଲ୍ମର ଘୋଷଣା ବୁଧବାର କରାଯାଇଛି। ଅଶ୍ୱିନ ଗଙ୍ଗାରାଜୁଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହେବାକୁ ଥିବା ଏକ ଐତିହାସିକ ଆକ୍ସନ ଡ୍ରାମା ଫିଲ୍ମରେ ରିଷଭ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ବୁଧବାର ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଏହି ଫିଲ୍ମର ଏକ ପୋଷ୍ଟର ଜାରି କରାଯାଇଛି। ଏହି ପୋଷ୍ଟରରେ ଫିଲ୍ମର ଟାଇଟଲ ସମ୍ପର୍କରେ ଘୋଷଣା କରାଯାଇ ନାହିଁ। ପୋଷ୍ଟରରେ ଜଣେ ଯୋଦ୍ଧା ମୁହଁରେ କପଡ଼ା ବାନ୍ଧିଥିବା ସହ ପିଠିରେ ୨ଟି ଖଣ୍ଡା ଧରିଥିବାର ଦେଖିବାକୁ ମିଳିଛି। ଏହାସହ ଅନେକ ହଜାର ସୈନିକ ଯୁଦ୍ଧକ୍ଷେତ୍ରରେ ଲଢ଼ିବାକୁ ଆଗ୍ରହୀ ରହିଛନ୍ତି। ସୈନିକମାନଙ୍କୁ ସାମ୍ନା କରିବା ପାଇଁ ଏକ ତୋପ ଏବଂ ଅନେକ ବନ୍ଧୁକ ମଧ୍ୟ ଉକ୍ତ ପୋଷ୍ଟରରେ ଦୃଶ୍ୟମାନ ହେଉଛି। କ୍ୟାପ୍‌ଶନ୍‌ରେ ଲେଖାହୋଇଛି, ଜଣେ ଯୋଦ୍ଧାଙ୍କ କାହାଣୀ ଖୁବ୍‌ଶୀଘ୍ର ଆପଣମାନଙ୍କ ପାଇଁ ଆସୁଛି।

## ଶିକ୍ଷକଙ୍କୁ ଜଣାନାହିଁ 'ଇଲେଭେନ୍' ବନାନ

ରାୟପୁର, ୩୦।୭

ସମ୍ପ୍ରତି ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସରକାରୀ ସ୍କୁଲର ଶିକ୍ଷକମାନେ ଏକ ଶ୍ରେଣୀଗୃହର କଳାପଟାରେ ଇଲେଭେନ୍ ଏବଂ ନାଇଣ୍ଟିନ ସଂଖ୍ୟାର ଇଂଲିଶ ବନାନକୁ ଠିକ୍ ଭାବେ ଲେଖିପାରୁ ନ ଥିବାର ଦେଖିବାକୁ ମିଳିଛି। ବିଭିନ୍ନ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଛତିଶଗଡ଼ର ବଳରାମପୁର ଜିଲା ମଡ୍ଡା ଗ୍ରାମ ପଞ୍ଚାୟତ ଅଧୀନ ଘୋଡ଼ାସୋତ ଗ୍ରାମରେ ଥିବା ଏକ ସରକାରୀ ସ୍କୁଲରୁ ଏହି ଭିଡିଓ ସାମ୍ନାକୁ ଆସିଛି। ସ୍କୁଲର ପ୍ରଧାନ ଶିକ୍ଷକଙ୍କ ସମେତ ୨ ଅନ୍ୟ ଶିକ୍ଷକ ବିଭିନ୍ନ ମୌଳିକ ପ୍ରଶ୍ନର ଉତ୍ତର ଦେଇ ପାରୁ ନ ଥିବା ନେଇ ଭିଡିଓରେ ଦେଖିବାକୁ ମିଳିଛି। ସେହିପରି ଶିକ୍ଷକମାନେ ବଳରାମପୁର ଜିଲାପାଳ ଏବଂ ରାଜ୍ୟ ଡିଜିପିଙ୍କ ନାମ ମଧ୍ୟ କହିପାରି ନ ଥିଲେ। ଶିକ୍ଷକମାନେ ସରଳ ଇଂଲିଶ ଶବ୍ଦର ବନାନକୁ ଠିକ୍ ଭାବେ ଲେଖି ପାରି ନ ଥିବାରୁ ଛତିଶଗଡ଼ର ଶିକ୍ଷା ବ୍ୟବସ୍ଥାକୁ ନେଇ ଅନେକ ୟୁଜର୍ସ ଚିନ୍ତା ପ୍ରକଟ କରିଛନ୍ତି।



**ଓଡ଼ିଶା କ୍ୟାଡର୍ ୨ ଆଇପିଏସ୍ ଅଧିକାରୀଙ୍କୁ କେନ୍ଦ୍ରର ଡିଜି ପାହ୍ୟା**

ଭୁବନେଶ୍ୱର,(ରବିନାରାୟଣ ଜେନା): ଓଡ଼ିଶା କ୍ୟାଡର୍‌ର ୨ ଜଣ ଭାରତୀୟ ପୋଲିସ ସେବା(ଆଇପିଏସ୍) ଅଧିକାରୀ ଆର୍‌ପି କୋଚେ ଓ ଯଶୋୱନ୍ତ କୁମାର ଜେଠ୍ୱାଙ୍କୁ କେନ୍ଦ୍ର ସରକାର ପୋଲିସ ଡିଜି ପାହ୍ୟାରେ ତାଲିକାଭୁକ୍ତ କରିଛନ୍ତି। ମଙ୍ଗଳବାର କେନ୍ଦ୍ର କ୍ୟାବିନେଟ୍ ନିଯୁକ୍ତି କମିଟି ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ୧୯୯୩ ବ୍ୟାଚ୍ ଆଇପିଏସ୍ ଅଧିକାରୀ ଆର୍‌ପି କୋଚେ ଏବେ ରାଜ୍ୟ ଗୋଇନ୍ଦା ଡିଜି ରହିଥିବାବେଳେ ୧୯୯୪ ବ୍ୟାଚ୍ ଆଇପିଏସ୍ ଅଧିକାରୀ ଯଶୋବନ୍ତ ଭିଜିଲାନ୍ସ ଡିଜି ଭାବେ କାର୍ଯ୍ୟରତ ଅଛନ୍ତି।

# ବଦଳୁନି ବିଜେଡି ଆଭିମୁଖ୍ୟ

## ରାଜ୍ୟ ସଭାରେ 'ସିନ୍ଦୂର' ଆଲୋଚନା

### ସୁଯୋଗ ପାଇଲେନି ଦେବାଶିଷ, ମୁନ୍ନା

ଭୁବନେଶ୍ୱର,୩୦।୭(ସୁନିତ୍ ମିଶ୍ର)

ୱକଫ୍ ବିଲ୍ ଭଳି ଅପରେଶନ ସିନ୍ଦୂର ପ୍ରସଙ୍ଗରେ ରାଜ୍ୟ ସଭାରେ ଆଲୋଚନା ସମୟରେ ବିଜେଡିର ନୀତିରେ କୌଣସି ପରିବର୍ତ୍ତନ ଦେଖିବାକୁ ମିଳିନାହିଁ। କେନ୍ଦ୍ର ସରକାରଙ୍କୁ ସୁହାଇଲା ଭଳି ଯାହା ଉଦ୍ୟମ କରାଯାଇପାରିବ, ସେଥିପାଇଁ ବିଜେଡି ସବୁ ପ୍ରକାର ଚେଷ୍ଟା କରିଛି। ଅପରେଶନ ସିନ୍ଦୂର ଆଲୋଚନାରେ ବିଜେଡିକୁ ୨୮ ମିନିଟ୍ ସମୟ ମିଳିଥିଲା। ଏଥିରେ ଦଳର ୫ ଜଣ ରାଜ୍ୟ ସଭା ସଦସ୍ୟ ଅଂଶଗ୍ରହଣ କରିଥିଲେ। ସୁବାଶିଷ ଖୁଣ୍ଟିଆ ୫ ମିନିଟ୍, ମାନସ ମଙ୍ଗରାଜ ୪ ମିନିଟ୍, ସୁଲତା ଦେଓ ୮ ମିନିଟ୍, ସସ୍ମିତ ପାତ୍ର ୭ ମିନିଟ୍, ନିରଞ୍ଜନ ବିଶି ୪ ମିନିଟ୍ ଆଲୋଚନାରେ ଭାଗନେଇଥିଲେ। ମାତ୍ର ଦଳର ଅନ୍ୟତମ ବରିଷ୍ଠ ନେତା ଦେବାଶିଷ ସାମନ୍ତରାୟ ଏବଂ ମୁଜିବୁଲ୍ଲା (ମୁନ୍ନା) ଖାଁଙ୍କୁ ଏହି ଆଲୋଚନାରେ ଅଂଶଗ୍ରହଣ କରିବାକୁ ଦଳ ପକ୍ଷରୁ ସୁଯୋଗ ଦିଆଯାଇ ନ ଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ୪ ଜଣ ବିଜେଡି ରାଜ୍ୟ ସଭା ସଦସ୍ୟ ଚିରାଚରିତ ଢଙ୍ଗରେ ଭାରତୀୟ ବାୟୁସେନାକୁ ପ୍ରଶଂସା କରିଥିଲେ। ହେଲେ ସେମାନେ କୌଣସି ନୀତିଗତ ପ୍ରଶ୍ନ ଉଠାଇ ନ ଥିଲେ। ସ୍ପଷ୍ଟ ନୀତି ନ ଥିବାରୁ ବିଜେଡିକୁ ୨ ଦିନ ହେଲା ଓଡ଼ିଶାର ବୁଦ୍ଧିଜୀବୀ ମହଲ ଓ ଗଣମାଧ୍ୟମରେ ବହୁଳ ଭାବେ ସମାଲୋଚିତ ହେବାକୁ ପଡ଼ିଥିଲା। ଏମିତିକି ଦଳ ପରିଚାଳନା କରୁଥିବା ଗୋଷ୍ଠୀ ସହ ମୁନ୍ନା ଓ ଦେବାଶିଷଙ୍କ ବିବାଦ ନେଇ ଖବର ପ୍ରକାଶ ପାଇଥିଲା। ତେଣୁ ସବୁଆଡ଼ୁ ସମାଲୋଚନା ହେବା ପରେ ଅତ୍ୟନ୍ତ ସତର୍କତାର ସହ ସସ୍ମିତ ପାତ୍ର ଭାରତ ସରକାରଙ୍କଠାରୁ ଗୋଟିଏ ପ୍ରସଙ୍ଗରେ ସ୍ପଷ୍ଟୀକରଣ ଚାହୁଁଥିଲେ। ତାହା ହେଉଛି କେନ୍ଦ୍ର ସରକାର ଅପରେଶନ ସିନ୍ଦୂର ଚାଲିଥିବା ବେଳେ ଆନୁଷ୍ଠାନିକ ଭାବେ ଆମେରିକା ପ୍ରଶାସନର ଯୋଗାଯୋଗରେ ରହିଥିଲେ କି ନାହିଁ? କାହିଁକି ଆମେରିକା ରାଷ୍ଟ୍ରପତି ସାର୍ବଜନୀନ ଭାବେ ଭାରତ-ପାକିସ୍ତାନ ଯୁଦ୍ଧ ବିରତି ନେଇ ଉଲ୍ଲେଖ କରୁଥିଲେ ବୋଲି ପାତ୍ର ପ୍ରଶ୍ନ କରିଥିଲେ। ବିଜେଡିର ଅନ୍ୟ ରାଜ୍ୟ ସଭା ସଦସ୍ୟମାନେ ପରୋକ୍ଷରେ କେନ୍ଦ୍ର ସରକାରଙ୍କୁ ବହୁ ମାତ୍ରାରେ ପ୍ରଶଂସା କରିଥିଲେ। ଯେଉଁ କଥା କହିବାକୁ ନବୀନ ନିବାସ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଲେଖାରେ ଉଲ୍ଲେଖ ଥିଲା, ବିଜେଡି ସାଂସଦମାନେ ପ୍ରାୟ ସେଇଆ କହିଥିଲେ। ସୂଚନାଯୋଗ୍ୟ, ନବୀନ ନିବାସରୁ ସାଂସଦମାନେ କ'ଣ କହିବେ ତାହା ପ୍ରସ୍ତୁତକରି ଫୋନ ଯୋଗେ ସେମାନଙ୍କୁ ପଠାଯାଇଥିଲା। ତାକୁ ନେଇ ସାଂସଦମାନଙ୍କ ଭିତରେ ଅସନ୍ତୋଷ ଦେଖାଦେଇଥିଲା। ମାତ୍ର ଦେବାଶିଷ ଓ ମୁନ୍ନା ଆଲୋଚନାରେ ଭାଗ ନ ନେବା ନେଇ ଦଳର ସାଂସଦମାନଙ୍କ ଭିତରେ ସବୁ ଠିକ୍ ନ ଥିବା କଥା ଏକ ପ୍ରକାର ସ୍ପଷ୍ଟ ହୋଇଛି। କେନ୍ଦ୍ରର ଭାଜପାକୁ ବିଜେଡିର ସମର୍ଥନ କଥା ନେଇ ଦଳ ଭିତରେ ଅସନ୍ତୋଷ ବଢ଼ିଥିବା ଚର୍ଚ୍ଚା ହେଉଛି।




# କ୍ଷୟକ୍ଷତି ରିପୋର୍ଟ ତୁରନ୍ତ ଦେବାକୁ ଜିଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

- ଆକାଶମାର୍ଗରୁ ବନ୍ୟା ପରିସ୍ଥିତିର ଅନୁଧ୍ୟାନକଲେ ମୁଖ୍ୟମନ୍ତ୍ରୀ
- ୩ ଜିଲାର ୮ ବ୍ଲକ୍, ୮୧ ଗାଁ, ୩୦ ହଜାରରୁ ଅଧିକ ପ୍ରଭାବିତ
- ୫୮୬୯ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର, ୧୦ ହଜାର ଲୋକଙ୍କୁ ଦିଆଯାଉଛି ରନ୍ଧାଖାଦ୍ୟ

ଭୁବନେଶ୍ୱର/ବାଲେଶ୍ୱର/ ଭଦ୍ରକ, ୩୦।୭ (ସୁନିତ୍ ମିଶ୍ର/ ବାଞ୍ଛାନିଧି ଦେ/ସନାତନ ରାଉତ)


ଆକାଶ ମାର୍ଗରୁ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବନ୍ୟା ପ୍ରଭାବିତ ଅଞ୍ଚଳ ଦେଖୁଛନ୍ତି।

ରାଜ୍ୟର ଯେଉଁ ସ୍ଥାନରେ ବନ୍ୟା ଯୋଗୁ କ୍ଷୟକ୍ଷତି ହୋଇଛି ସେମାନଙ୍କୁ ତୁରନ୍ତ ସହାୟତା ମିଳିବ। କ୍ଷୟକ୍ଷତିର ତୁରନ୍ତ ଆକଳନକରି ରିପୋର୍ଟ ଦେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ପାଇବା ପରେ କ୍ଷତିଗ୍ରସ୍ତ ଲୋକଙ୍କୁ ଉପଯୁକ୍ତ ସହାୟତା ଯୋଗାଇଦିଆଯିବ। ଘରଭଙ୍ଗା ଏବଂ ଗୋସମ୍ପଦର କ୍ଷୟକ୍ଷତି ରିପୋର୍ଟ ମଗାଯିବା ସହ ଯେଉଁ ଗାଁଗୁଡ଼ିକରେ ରାସ୍ତା ଖରାପ ହୋଇଯାଇଛି ସେଗୁଡ଼ିକ ତୁରନ୍ତ ମରାମତିକରି ଯୋଗାଯୋଗ ବ୍ୟବସ୍ଥା ପୁନଃ ସ୍ଥାପନ କରାଯିବ। ପ୍ରଭାବିତ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣରେ ପଶୁଖାଦ୍ୟ ଯୋଗାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଆକାଶମାର୍ଗରୁ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲାର ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ସ୍ୱତନ୍ତ୍ର ରିଲିଫ କମିଶନର ଦେଓରଞ୍ଜନ କୁମାର ସିଂ ଉପସ୍ଥିତ ଥିଲେ।

ବନ୍ୟା ପରିସ୍ଥିତି ଅନୁଧ୍ୟାନ ପରେ ଲୋକସେବା ଭବନଠାରେ ଗଣମାଧ୍ୟମକୁ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ୩ ଜିଲାର ୮ଟି ବ୍ଲକ୍‌ର ୮୧ଟି ଗାଁ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ବାଲେଶ୍ୱରର ୪ଟି ବ୍ଲକ୍ ଯଥା ବସ୍ତା, ବାଲିଆପାଳ, ଭୋଗରାଇ ଓ ଜଳେଶ୍ୱର ଏବଂ ଭଦ୍ରକର ଧାମନଗର ଓ ଭଣ୍ଡାରିପୋଖରୀ ଏବଂ ଯାଜପୁରର ଯାଜପୁର ଓ ଦଶରଥପୁର ବ୍ଲକ୍ ପ୍ରଭାବିତ ହୋଇଛି। ବନ୍ୟା ଦ୍ୱାରା ପ୍ରାୟ ୩୦ ହଜାର ଲୋକ ପ୍ରଭାବିତ ହୋଇଥିବା ବେଳେ ୫୮୬୯ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ବିଭିନ୍ନ ନଦୀରେ ଜଳସ୍ତର କମୁଛି। ବାଲେଶ୍ୱର ଜିଲାର ସୁବର୍ଣ୍ଣରେଖା ଓ ଜଳକା ଆଦି ନଦୀରେ ପାଣି କମିବାରେ ଲାଗିଛି। ବନ୍ୟା ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଅଛି। କେନ୍ଦୁଝରେ ଏବଂ ଅନ୍ୟ କିଛି ଜିଲାରେ ବନ୍ୟା ହୋଇଥିଲେ ମଧ୍ୟ ଏହାର ବିଶେଷ ପ୍ରଭାବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ବନ୍ୟା ପ୍ରଭାବିତ ଅଞ୍ଚଳର ଲୋକମାନଙ୍କୁ ଶୁଖିଲା ଖାଦ୍ୟ ଏବଂ ଆବଶ୍ୟକସ୍ଥଳେ ଗରମ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି। ଏଥିପାଇଁ ବାଲେଶ୍ୱରରେ ୧୬ଟି, ଭଦ୍ରକରେ ୧୦ଟି ଓ ଯାଜପୁରରେ ୩ଟି ଫ୍ରି କିଚେନ୍‌ର ବ୍ୟବସ୍ଥା କରାଯାଇଛି। ସମୁଦାୟ ପ୍ରାୟ ୧୦ ହଜାର ପ୍ରଭାବିତ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି ଏବଂ ଆଗାମୀ ୭ ଦିନ ପର୍ଯ୍ୟନ୍ତ ରନ୍ଧାଖାଦ୍ୟ ଯୋଗାଇ ଦିଆଯିବବୋଲିମୁଖ୍ୟମନ୍ତ୍ରୀକହିଥିଲେ।

ବନ୍ୟା ପରବର୍ତ୍ତୀ ସମୟରେ ଅନେକ ସମସ୍ୟା ଦେଖାଦିଏ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଶେଷକରି ଡାଇରିଆ ଓ ଅନ୍ୟାନ୍ୟ ଜଳବାହିତ ରୋଗର ନିୟନ୍ତ୍ରଣ ପାଇ ଜଳଉତ୍ସଗୁଡ଼ିକର ବିଶୁଦ୍ଧୀକରଣ ଉପରେ ଗୁରୁତ୍ୱ ଦିଆଯାଇଛି। ଏହାକୁ ଜାରି ରଖିବା ପାଇଁ ସ୍ଥାନୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କୌଣସି ପରିସ୍ଥିତିରେ ଯେପରି ଡାଇରିଆ ରୋଗର ପ୍ରଭାବ ଦେଖା ନ ଯିବ, ସେଥିପ୍ରତି ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି ବୋଲି ସେ କହିଥିଲେ। ଅନେକ ସ୍ଥାନରେ ସାପ କାମୁଡ଼ା ପରି ଘଟଣା ଘଟେ ବୋଲି ପ୍ରକାଶ କରି ସେ କହିଥିଲେ, ଏଥିପାଇଁ ବ୍ୟାପକ ପରିମାଣରେ ଆଣ୍ଟିଭେନମ୍ ଓ ଅନ୍ୟାନ୍ୟ ଆବଶ୍ୟକ ଔଷଧ ମହଜୁଦ ରଖିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଜିରୋ କାଜୁଆଲଟି ଉପରେ ଗୁରୁତ୍ୱଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବାଲେଶ୍ୱର ଜିଲାରେ ୧୭ଟି ଓଡ୍ରାଫ ଓ ୧୩ଟି ଅଗ୍ନିଶମ ସେବା ଟିମ୍, ଭଦ୍ରକ ଜିଲାରେ ଗୋଟିଏ ଏନ୍‌ଡିଆର୍‌ଏଫ୍, ଗୋଟିଏ ଓଡ୍ରାଫ ଓ ୧୩ଟି ଅଗ୍ନିଶମ ସେବା ଟିମ୍, ଯାଜପୁର ଜିଲାରେ ଗୋଟିଏ ଓଡ୍ରାଫ୍ ଓ ୧୪ଟି ଅଗ୍ନିଶମ ସେବା ଟିମ୍ ମୁତୟନ କରାଯାଇଛି।

# ଗଛ ନ ଲଗାଇବା ମହଙ୍ଗା ପଡ଼ିଲା

## ୧୧ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ଦରମା ବନ୍ଦ ନିର୍ଦ୍ଦେଶ

### ପାଳନ କରି ନ ଥିଲେ 'ଏକ୍ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମ

ବଲାଙ୍ଗୀର, ୩୦।୭ (ବୀରେନ୍ଦ୍ର କୁମାର ଝାଙ୍କର)

ଗଛ ନ ଲଗାଇବାରୁ ୧୧ ଜଣ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ଦରମା ବନ୍ଦ କରାଯାଇଛି। ବଲାଙ୍ଗୀର ଜିଲା ଶିକ୍ଷା ବିଭାଗରେ ଏଭଳି ଘଟଣା ଘଟିଛି। ଜିଲାର ୧୧ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ)ଙ୍କ ଦରମା ବନ୍ଦ କରିବାକୁ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ପ୍ରଦୀପ କୁମାର ନାଗ ନିର୍ଦ୍ଦେଶ ଦେଇଛନ୍ତି। 'ଏକ୍ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମରେ ଅନ୍ୟ ଜିଲା ତୁଳନାରେ ବଲାଙ୍ଗୀର ଜିଲା ପଛେଇ ଯିବାରୁ ଏଭଳି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣାପଡିଛି।

ଡିଇଓ ଅଫିସରୁ ଜାରି କରାଯାଇଥିବା ଚିଠିରେ 'ଏକ୍ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମରେ ସ୍କୁଲଗୁଡ଼ିକରେ ଗଛ ଲଗାଇବା ପାଇଁ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ଜିଲାର ବିଭିନ୍ନ ବିଇଓମାନେ ଆଶାନୁରୂପକ କାର୍ଯ୍ୟ ସମ୍ପାଦନ କରି ନ ଥିବା ଦେଖାଯାଇଥିଲା। ଏଭଳି ଅବହେଳା ପାଇଁ ବଲାଙ୍ଗୀର ଡିଇଓ ନାଗ ଜିଲାର ଆଗଲପୁର ବିଇଓ ତଥା ଲୋଇସିଂହା ଅତିରିକ୍ତ ଦାୟିତ୍ୱରେ ଥିବା ଶ୍ୟାମ ମେହେର, ସଇଁତଲା ବିଇଓ ତଥା ବଲାଙ୍ଗୀର ଅତିରିକ୍ତ ଦାୟିତ୍ୱରେ ଥିବା ଦିଲୀପ କୁମାର ଯୋଶୀ, ଟିଟିଲାଗଡ଼ ବିଇଓ ଆର୍ତ୍ତତ୍ରାଣ ରଥ, ଦେଓଗାଁ ବିଇଓ ମମତା ମାହାଡ଼ିକ, ଗୁଡ଼ଭେଲା ବିଇଓ ନମିତାରାଣୀ ଭୋଇ, ବଙ୍ଗୋମୁଣ୍ଡା ବିଇଓ ବୈକୁଣ୍ଠ ଶବର, ମୁରିବାହାଲ ବିଇଓ ଶାନ୍ତନୁ କୁମାର ପଡ଼ିହାରୀ, ତୁରେକେଲା ବିଇଓ ଗୌତମ ପଟେଲ, ବେଲପଡ଼ା ବିଇଓ ତଥା ଖପ୍ରାଖୋଲ ଅତିରିକ୍ତ ଦାୟିତ୍ୱରେ ଥିବା ଅଭିନବ ମିଶ୍ର, ପାଟଣାଗଡ଼ ବିଇଓ ଶଙ୍କର ପ୍ରସାଦ ମାଝି ଏବଂ ପୁଇଁନ୍ତଲା ବିଇଓ ରତ୍ନମୟ ପୁରୋହିତଙ୍କ ଚଳିତ ଜୁଲାଇର ଦରମା ବନ୍ଦ ପାଇଁ ଜିଲା ଟ୍ରେଜେରି ଅଫିସ ଏବଂ ବିଭିନ୍ନ ବ୍ଲକର ସବ୍‌ଟ୍ରେଜେରିକୁ ଚିଠି କରିଛନ୍ତି। ସେହି ଚିଠିରେ ଉକ୍ତ କାର୍ଯ୍ୟକ୍ରମ ଅନୁଯାୟୀ ୧୦୦ ପ୍ରତିଶତ ଗଛ ନ ଲଗାଇବା ପର୍ଯ୍ୟନ୍ତ ବା ଡିଇଓଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ନ ହେବା ଯାଏ ଉପରୋକ୍ତ ୧୧ ବିଇଓଙ୍କ ଦରମା ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବଲାଙ୍ଗୀର ଡିଇଓ ନାଗଙ୍କୁ ଏନେଇ ପଚରାଯିବାରୁ 'ଏକ୍ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲା ଯେଉଁ ପଛେଇ ଯାଇଥିଲା ତାକୁ ଆଖି ଆଗରେ ରଖି ବିଇଓମାନଙ୍କୁ ସକ୍ରିୟ କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ସେ କହିଥିଲେ।

# ଇବ୍ ନଦୀରେ ବୁଡ଼ିଗଲେ ୨ ଯୁବକ

ସୁନ୍ଦରଗଡ଼/ବାଲିଶଙ୍କରା, ୩୦।୭ (ଜୟ ନାରାୟଣ ମେଣ୍ଟୁଳି/ସତ ସେଠ)

ସୁନ୍ଦରଗଡ ଜିଲା ତଳସରା ଥାନା ବାଲିଶଙ୍କରା ପଞ୍ଚାୟତର ଘୋଘର ପର୍ଯ୍ୟଟନସ୍ଥଳୀ କନାକୁଣ୍ଡ ନିକଟ ଇବ୍ ନଦୀରେ ବୁଧବାର ୨ ଯୁବକ ଭାସି ନିଖୋଜ ଅଛନ୍ତି। ସେମାନେ ହେଲେ ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡ ବାମରା ବ୍ଲକ ଗୋବିନ୍ଦପୁର ଗ୍ରାମର ରୋଶନ ପାଶୱାନ (୧୮) ଓ ଜୟନାରାୟଣ ପାତ୍ର(୨୦)। ବାଲିଶଙ୍କରା ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ନିଖୋଜ ୨ ଯୁବକଙ୍କ ସନ୍ଧାନ ମିଳିପାରି ନାହିଁ। ଗୋବିନ୍ଦପୁର ଗ୍ରାମର ୩ ସାଙ୍ଗ ଆକାଶ ସାହୁ, ରୋଶନ ଏବଂ ଜୟନାରାୟଣ ଘୋଘର ପର୍ଯ୍ୟଟନସ୍ଥଳୀକୁ ବୁଲିବାକୁ ଆସିଥିଲେ। ପରେ ଇବ୍ ନଦୀର କନାକୁଣ୍ଡ ଘାଟକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ନଦୀର ପ୍ରଖର ସ୍ରୋତରେ ରୋଶନ ଏବଂ ଜୟନାରାୟଣ ହଠାତ୍ ଭାସି ଯାଇଥିଲେ।

# ବନ୍ୟାଜଳରେ ପଶି ଗର୍ଭବତୀଙ୍କୁ ମେଡିକାଲ ଆଣିଲେ ୨ ଡାକ୍ତର

ରାଜନଗର,୩୦।୭ (ଭାସ୍କର ରାଉତରାୟ)


୨ ଡାକ୍ତର ଓ ପରିବାର ଲୋକେ ବନ୍ୟାଜଳରେ ପଶି ଗର୍ଭବତୀଙ୍କୁ ଏକ ଟ୍ରଲିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଉଛନ୍ତି।

ବ୍ରାହ୍ମଣୀ ନଦୀରେ ଦ୍ୱିତୀୟ ଥର ବନ୍ୟା ଆସିବା ପରେ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକର ୩ ପଞ୍ଚାୟତ ଏବେ ବି ବନ୍ୟାଜଳ ଘେରରେ ରହିଛି। ପ୍ରାୟ ୨୦ ହଜାର ଲୋକେ ନାନା ସମସ୍ୟା ମଧ୍ୟରେ ଦିନ କାଟୁଛନ୍ତି। ଏପରି ସ୍ଥିତିରେ ବନ୍ୟା ବିପନ୍ନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଉଦାହରଣ ସୃଷ୍ଟି କରିଛନ୍ତି ୨ଜଣ ଡାକ୍ତର। ସେମାନେ ଗାମୁଛା ପିନ୍ଧି ବନ୍ୟା ପାଣିରେ ପଶି ଏକ ଟ୍ରଲିରେ ଜଣେ ଗର୍ଭବତୀଙ୍କୁ ଆଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇ ଚିକିତ୍ସା ସେବା ଯୋଗାଇ ଦେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ରାଜନଗର ବ୍ଲକ ବନ୍ଧପଡ଼ା, ଓସ୍ତିଆ, ବେଲପାଳ, ପଞ୍ଚାୟତ ଏବେ ବନ୍ୟାପାଣି ଘେରରେ ରହିଛି। ବନ୍ଧପଡା ପଞ୍ଚାୟତ ଚକିବାଙ୍କ ଗାଁର ପ୍ରସନ୍ନ କୁମାର ରାଉତଙ୍କ ସ୍ତ୍ରୀ ସଂଘମିତ୍ରା ଗର୍ଭଯନ୍ତ୍ରଣା ଯୋଗୁ ବୁଧବାର ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଫୋନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରଶ୍ମି ରଞ୍ଜନ ମହାନ୍ତି ଓ ଡାକ୍ତର ମନୋରଞ୍ଜନ ନାଥ ଅଢାଯୋଡି ନିକଟରେ ପହଞ୍ଚିଥିଲେ। ହେଲେ ପ୍ରଶାସନ ପକ୍ଷରୁ ଗାଁକୁ ଯିବା ଆସିବା ପାଇଁ ଡଙ୍ଗାର ବ୍ୟବସ୍ଥା କରାଯାଇ ନ ଥିଲା। ଏପରି ସ୍ଥିତିରେ ଅନ୍ୟ କୌଣସି ଉପାୟ ବି ନ ଥିଲା। ଅଢ଼ାଯୋଡ଼ିଠାରୁ ଚକିବାଙ୍କ ଗାଁର ଦୂରତା ପ୍ରାୟ ୧ କି.ମି. ଥିଲା। ଗାଁରେ ପ୍ରାୟ ୩ ଫୁଟ ଉଚ୍ଚର ବନ୍ୟାଜଳ ଜମି ରହିଥିଲା। ଫଳରେ ୨ ଡାକ୍ତର ଗାମୁଛା ପିନ୍ଧି, ଛତା ଓ ବାଡି ଧରି ବନ୍ୟାଜଳରେ ପଶି ଚକିବାଙ୍କ ଗାଁର ସଂଘମିତ୍ରାଙ୍କ ଘରେ ପହଞ୍ଚି ଥିଲେ। ସଂଘମିତ୍ରାଙ୍କ ଅବସ୍ଥା ଦେଖି ତାଙ୍କୁ ତୁରନ୍ତ ଡାକ୍ତରଖାନାକୁ ନେବାର ବ୍ୟବସ୍ଥା କରିଥିଲେ। ଏହାପରେ ଗାଁ ଲୋକଙ୍କ ସହଯୋଗରେ ୨ ଡାକ୍ତର ଏକ ଟ୍ରଲିରେ ସଂଘମିତ୍ରାଙ୍କୁ ଆଣି ଅଢାଯୋଡି ନିକଟରେ ପହଞ୍ଚିଥିଲେ। ସେଠାରେ ପୂର୍ବରୁ ଥିବା ଆମ୍ବୁଲାନ୍ସରେ ତାଙ୍କୁ ତୁରନ୍ତ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣା ଜଣାପଡିବା ପରେ ସମସ୍ତେ ସମ୍ପୃକ୍ତ ୨ ଡାକ୍ତରଙ୍କ କାର୍ଯ୍ୟାନୁଷ୍ଠାନକୁ ପ୍ରଶଂସା କରିଛନ୍ତି। ସେହିଭଳି ଟାଙ୍ଗଣତେଲା ଗାଁର ପ୍ରଭାତ ରାଉତଙ୍କ ଗର୍ଭବତୀ ସ୍ତ୍ରୀ ରୀତାଞ୍ଜଳିଙ୍କୁ ମଧ୍ୟ ବନ୍ୟାଜଳ ଘେରରୁ ଅଣାଯାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସାଧନା କଲ୍‌ଚରାଲ୍ ଏକାଡ଼େମୀ ପକ୍ଷରୁ ଗୁରୁ ସୁଧାକର ସାହୁ ପୁରସ୍କାର ଉତ୍ସବ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଆଇସିସି ପକ୍ଷରୁ ମିଡ଼ିଆ ଏବଂ ଏଣ୍ଟରଟେନ୍‌ମେଣ୍ଟ ସିମ୍‌ପୋସିୟମ୍ ୨୦୨୫, ସ୍ଥାନ: ହୋଟେଲ୍ ମେ ଫେୟାର୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପୂର୍ତ୍ତ ବିଭାଗର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା, ସ୍ଥାନ: ଲୋକସେବା ଭବନ କନ୍‌ଭେନଶନ ହଲ୍, ସମୟ: ପୂର୍ବାହ୍ନ୧୧ଟା।
- ସମନ୍ୱିତ ବିଶ୍ୱ ଆର୍ଥିକ ପ୍ରଯୁକ୍ତିବିଦ୍ୟା କ୍ଷମତା ହବ୍‌ର ଆନୁଷ୍ଠାନିକ ଶୁଭାରମ୍ଭ, ସ୍ଥାନ: କୃଷି ଭବନ ଅଡିଟୋରିୟମ୍, ସମୟ: ମଧ୍ୟାହ୍ନ୧୨ଟା।
- 'ଏକ ଶାମ୍ ରଫି କେ ନାମ୍' ସଂଗୀତ ଉପାସନା, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା ୩୦।

## କଟକ
- ଗୋସ୍ୱାମୀ ତୁଳସୀ ଦାସଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ସିଦ୍ଧେଶ୍ୱରପୁର (କଟକସଦର), ସମୟ: ଅପରାହ୍ନ ୫ଟା।
- କଳକୀ ସେନା ପକ୍ଷରୁ ଦଶାବତାର କଥାମୃତର ଉଦ୍‌ଯାପନୀ ଓ ବିଶ୍ୱ କଳକୀ ଜୟନ୍ତୀ, ସ୍ଥାନ: ଟାଉନ୍ ହଲ, ସମୟ: ସନ୍ଧ୍ୟା ୬ଟା।
- ତୁଳସୀ ସାହିତ୍ୟ ସଂସଦ ପକ୍ଷରୁ ସନ୍ଥ ତୁଳସୀ ଦାସଙ୍କ ଜୟନ୍ତୀ ଉପଲକ୍ଷେ ଶ୍ରୀରାମ ଚରିତ ମାନସ ପାରାୟଣର ତୃତୀୟ ଦିବସ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।

## ପୁରୀ
- ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ମହୋଦଧି ମହାବୀର କ୍ଲବ, ୱାଟର ୱାର୍କସ ରୋଡ୍, ସମୟ: ସକାଳ ୯ଟା।
- ମହୋଦଧି ଆଳତି, ସ୍ଥାନ: ସ୍ୱର୍ଗଦ୍ୱାର ବେଳାଭୂମି, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା
- ଜଟଣୀ ଭାଜପା ନଗର ମଣ୍ଡଳ ପକ୍ଷରୁ କଂଗ୍ରେସ ଏବଂ ବିଜେଡି ବିରୋଧରେ ପଦଯାତ୍ରା ସହ କୁଶପୁତ୍ତଳିକା ଦାହ, ସ୍ଥାନ: ମୋ ଜଟଣୀ ଠାରୁ ହରିଭାଇନା ଛକ, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର
- 'ଛାତ୍ର ଜୀବନରେ ନୈତିକ ଶିକ୍ଷା' ଆଲୋଚନାଚକ୍ର, ସ୍ଥାନ: ରେମୁଣା ଡିଗ୍ରୀ କଲେଜ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାର୍ଥୀଙ୍କ ଦିଗଦର୍ଶନ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ନାଟକ 'ମିଛ ରାଗ' ମଞ୍ଚସ୍ଥ, ସ୍ଥାନ: ସ୍ରଷ୍ଟା ନାଟ୍ୟାଳୟ, ମାକଲପୁର, ବାଲେଶ୍ୱର, ସମୟ: ରାତି ୭ଟା ୩୦।

## ଭଦ୍ରକ
- ବରିଷ୍ଠ ଆଇନଜୀବୀ ସଚ୍ଚିଦାନନ୍ଦ ମହାନ୍ତି ସ୍ମାରକୀ ଆଲୋଚନା ଚକ୍ର ଓ ମେଧାବୀ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଭଦ୍ରକ କଲେଜ, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର
- ଲକ୍ଷ୍ମୀ ନାରାୟଣ ମନ୍ଦିରରେ ପୂଜାର୍ଚ୍ଚନା, ଭଜନ କୀର୍ତ୍ତନ, ସ୍ଥାନ: ଆଇତିପୁର, ଛେନାପଦି, ସମୟ: ସକାଳ ୬ ଟା ଓ ସନ୍ଧ୍ୟା ୭ ଟା।
- ଆକ୍ୟୁପ୍ରେସର ସ୍ୱାସ୍ଥ୍ୟ ଶିବିର ଉଦ୍‌ଘାଟନ, ସ୍ଥାନ: ରୋଟାରୀ କାର୍ଯ୍ୟାଳୟ, ବଡ଼ବିଲ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ ଟା ୩୦।

## ମୟୂରଭଞ୍ଜ
- ବନ ବିଭାଗ ଓ ପୋଲିସ ପକ୍ଷରୁ ମେଗା ଚାରା ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ପୋଲିସ ରିଜର୍ଭ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- ହ୍ୟାଣ୍ଡଲୁମ୍ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ:ଛଉ ପଡ଼ିଆ ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର
- ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ବାର ଆସୋସିଏଶନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ଗାୟତ୍ରୀ ପରିବାରର ଜିଲାସ୍ତରୀୟ ବୈଠକ, ସ୍ଥାନ: ଗାୟତ୍ରୀ ଶକ୍ତି ପୀଠ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ
- ଚକ୍ଷୁ ପରୀକ୍ଷା ଶିବିର,ସ୍ଥାନ: ବନାଞ୍ଚଳ କାର୍ଯ୍ୟାଳୟ, ଚାରିମଇଲି, ଆସିକା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ:ବଗଡା, କେନ୍ଦ୍ରାପଡା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ବ୍ୟାସନଗର ପୌର ପରିଷଦ ଟେଣ୍ଡର ପ୍ରକ୍ରିୟା ଦାବି କରି କାଉନସିଲରଙ୍କ ଧାରଣା ଦ୍ୱିତୀୟ ଦିନରେ, ସ୍ଥାନ : ବ୍ୟାସନଗର ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖ, ସମୟ : ପୂର୍ବାହ୍ନ ୯ଟାରୁ ସନ୍ଧ୍ୟା ୬ଟା।

## ନୟାଗଡ଼
- ଖଣ୍ଡପଡ଼ା ବ୍ଲକ କୁମ୍ଭାରପଡ଼ା ଲଡୁକେଶ୍ୱର ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସ, ସ୍ଥାନ:ମହାବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା।

## ରାୟଗଡ଼ା
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ରାମନାଗୁଡା ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ନୂତନ ଗ୍ରାହକ ସେବା କେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ହନୁମନ୍ତପୁର, ଚନ୍ଦ୍ରପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର
- ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ନବରଙ୍ଗପୁର ମିଶନ ଶକ୍ତି ବୈଠକ ଗୃହ, ସମୟ: ଅପରାହ୍ନ ୪ ଟା।

## କୋରାପୁଟ
- ମାରୁତି ଫିଲିଙ୍ଗ ଷ୍ଟେସନର ଉଦ୍‌ଘାଟନ ଉତ୍ସବ, ସ୍ଥାନ: କୋଡ଼ିଗାଁ, ସେମିଲିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା, ସ୍ଥାନ: ପଟ୍ଟାଙ୍ଗି ଅମ୍ବାବାଲି ୟୁ.ଜି. ହାଇସ୍କୁଲ, ସମୟ: ଅପରହ୍ନ ୪ଟା।
- ଜନ୍ମଶ୍ରୀ କାର୍ଯ୍ୟକ୍ରମ ଉପରେ ସମୀକ୍ଷା ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ ଟା।
- ଜିଲା ସଡ଼କ ସୁରକ୍ଷା କମିଟି ସମୀକ୍ଷା ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ ଟା।

## ମାଲକାନଗିରି
- ଗ୍ରାମବାସୀ, ଛାତ୍ରୀଛାତ୍ରଙ୍କ ଦ୍ୱାରା ଚାରାରୋପଣ, ସ୍ଥାନ: ମାଲକାନଗିରି କୋଇଲିପାଲି, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା ।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା ।
- ହିନ୍ଦୀ ଚଳଚ୍ଚିତ୍ର ପ୍ରଚ୍ଛଦପଟ ଗାୟକ ମହମ୍ମଦ ରଫିଙ୍କଙ୍କୁ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ।
- ସମ୍ବଲପୁରୀ ଏକତା ମଞ୍ଚ ଆୟୋଜନରେ ଝୋଟି ପ୍ରତିଯୋଗିତା, ସ୍ଥାନ: ନାରୀ ସେବା ସଦନ,ସମୟ : ପୂର୍ବାହ୍ନ ୧୦ଟା ।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆୟୋଜିତ ସମ୍ବଲପୁରୀ କବିତା ପାଠ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ନ ୧୦ଟା ।
- ସମ୍ବଲପୁରୀ ଫେଶନ ଶୋ, ସ୍ଥାନ : ଗଙ୍ଗାଧର ମୁକ୍ତ ମଞ୍ଚ, ସମୟ : ଅପରାହ୍ନ ୫ଟା ।
- ସମ୍ବଲପୁରୀ ଦିନ୍ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ଅପରାହ୍ନ ୫ଟା ।

## ରାଉରକେଲା
- ରାଉରକେଲା ମହାବିଦ୍ୟାଳୟରେ ସାହିତ୍ୟ ଆଲୋଚନା, ସ୍ଥାନ: ସେକ୍ଟର-୪, ସମୟ: ପୂର୍ବାହ୍ନ ୧୦ଟା।
- ଯୁବ କଂଗ୍ରେସ ପକ୍ଷରୁ ଯୁବ କମ୍ପନ ସମାବେଶ, ସ୍ଥାନ: ଉଦିତନଗର ମା' ସିଂହାସିନୀ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଚରିତ୍ର ବିକାଶ କର୍ମଶାଳା, ସ୍ଥାନ: କୋଏଲନଗର ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଏକତ୍ର ପରିବାର ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୬, ଇସ୍ପାତ ସରୋବର ଉଦ୍ୟାନ: ସମୟ: ଅପରାହ୍ନ ୪ଟା।

## ସୁନ୍ଦରଗଡ଼
- ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ, ସ୍ଥାନ: ସୁନ୍ଦରଗଡ ସରକାରୀ ମେଡ଼ିକାଲ କଲେଜ ନିକଟ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼
- ଶକ୍ତି ସଂରକ୍ଷଣ ସେମିନାର୍, ସ୍ଥାନ:ଜନତା ସରକାରୀ ହାଇସ୍କୁଲ, ଭୁକ୍ତା, ଅମ୍ବାଭୋନା, ସମୟ,ଅପରାହ୍ନ ୨ଟା।

## କଳାହାଣ୍ଡି
- ମାନସିକ ସ୍ୱାସ୍ଥ୍ୟ ରୋଗୀଙ୍କ ଚିକିତ୍ସା ଓ ପରାମର୍ଶ ଶିବିର, ସ୍ଥାନ: ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବିକ୍ଷୋଭ, ଦାବିପତ୍ର ପ୍ରଦାନ, ସ୍ଥାନ: ଜୁନାଗଡ଼ ବ୍ଲକ ଶିକ୍ଷା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସଚେତନ ନାଗରିକ ମଞ୍ଚର ବୈଠକ, ସ୍ଥାନ: ଭବାନୀପାଟଣା କ୍ଲବ ହାଉସ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ
- ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ସଚିବଙ୍କ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼
- ଦେବଗଡ଼ ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ନୂତନ ହସ୍ପିଟାଲର ଅବ୍ୟବସ୍ଥା ନେଇ ବୈଠକ, ସ୍ଥାନ: ସ୍ଥାନୀୟ ଗୋପାଳଜୀଉ ମନ୍ଦିର, ସମୟ: ଅପରାହ୍ନ ୪ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହି, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ୭୯ତମ ଜିଲାସ୍ତରୀୟ ସ୍ୱାଧିନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା।

## ନୂଆପଡ଼ା
- ମଦର ଟେରେସା ସେବା ସଂଗଠନ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ନାଏକପଡ଼ା ଗାଁ, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପରିବାରରେ ଅଯଥା ସନ୍ଦେହ ଓ ଭୁଲ୍ ବୁଝାମଣାଜନିତ ମତପାର୍ଥକ୍ୟର ଆଶଙ୍କା ରହିଛି। ଅଶ୍ୱିନୀ ନକ୍ଷତ୍ର ସକାଶେ ଅତି ଭଲସମ୍ପର୍କ ରହିଥିବା ବନ୍ଧୁଙ୍କ ଦୁଃଖଦ ପରିସ୍ଥିତି ପାଇଁ ମନ ଛଟପଟ ହେବ। ହାତମୁଠାରୁ ସୁଯୋଗ ଖସିଯିବାର ଆଶଙ୍କାକୁ ଏଡି ହେବନାହିଁ। ବ୍ୟବସାୟ, ପ୍ରକାଶନ, ପ୍ରଶାସନ, ଗବେଷଣା କ୍ଷେତ୍ରରେ ଶୁଭଫଳ ପାଇବେ।

**ବୃଷ** ବନ୍ଧୁଙ୍କ ପରୋକ୍ଷ ବିରୋଧ କାମରେ ସମସ୍ୟା ସୃଷ୍ଟି କରିପାରେ। ଉଚ୍ଚ କର୍ତ୍ତୃପକ୍ଷଙ୍କ ଆଦେଶକ୍ରମେ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ। ମୃଗଶିରା ନକ୍ଷତ୍ରର ଚେଷ୍ଟା କରୁଥିବା କାର୍ଯ୍ୟହାନି କାରଣରୁ ମନରେ ସରସତା ରହିବ ନାହିଁ।

**ମିଥୁନ** ଆଶା କରିଥିବା ଦିଗରୁ ଅର୍ଥ କିମ୍ବା ଇପ୍ସିତ କାର୍ଯ୍ୟ ହାସଲ ସକାଶେ ପର ଉପରେ ନିର୍ଭର କରିବାକୁ ପଡିପାରେ। ଆର୍ଦ୍ରା ନକ୍ଷତ୍ର ସମ୍ପର୍କୀୟଙ୍କ ସହ ସମ୍ପର୍କ ନିବିଡ଼ ହେବ। ବିଶିଷ୍ଟବ୍ୟକ୍ତିଙ୍କ ଅନୁରୋଧରେ ଧର୍ମକାର୍ଯ୍ୟରେ ବ୍ୟସ୍ତ ରହିବେ। ଋଣ ପରିଶୋଧ, ବ୍ୟବସାୟିକ, ଘରକାମ ସକାଶେ ଅଧିକାଂଶ ସମୟ ଅନ୍ୟମନସ୍କ ରହିବେ।

**କର୍କଟ** ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଗତି କରୁଥିଲେ ମଧ୍ୟ ଧୈର୍ଯ୍ୟହରା ନ ହୋଇ କାମ କରିପାରିବେ। ପୁନର୍ବସୁ ନକ୍ଷତ୍ର ଭାଇ କିମ୍ବା ନିଜ ପରିସରର ବନ୍ଧୁଙ୍କ କାମରେ ସନ୍ତୁଷ୍ଟ ହୋଇପାରିବେ ନାହିଁ। ଭୁଲ୍ ବୁଝାମଣାରୁ ଅଫିସ୍ କାମରେ ସମସ୍ୟା ସୃଷ୍ଟି ହେବ। ମକଦ୍ଦମା, ସଭାସମିତି, ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତିର ଆଶା ରହିଛି।

**ସିଂହ** ଅନୁକୂଳ ଗ୍ରହସ୍ଥିତିର ପ୍ରଭାବରେ ଖୁସିର ବାତାବରଣ ମଧ୍ୟରେ ଦିନଟିକୁ କଟାଇବେ। ପୂର୍ବରୁ ପ୍ରସ୍ତୁତି ନ ଥାଇ ମଧ୍ୟ ଯଥେଷ୍ଟକିଛି ବ୍ୟୟ କରିବାକୁ ବାଧ୍ୟ ହୋଇପାରନ୍ତି। କୃତି ଓ କୃତିତ୍ୱ ହେତୁ କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ସାମାନ୍ୟ ଶାରୀରିକ ଅସୁସ୍ଥି କିମ୍ବା ସନ୍ତାନଙ୍କ ସକାଶେ ବ୍ୟସ୍ତତା ବଢ଼ିପାରେ।

**କନ୍ୟା** କୁହୁଳୁଥିବା ଅଶାନ୍ତିଜନିତ ପାରିବାରିକ ସ୍ତରରେ ଦୁର୍ଭାବନା ବଢ଼ି ଚାଲିବ। କର୍ମକ୍ଷେତ୍ରରେ ବାରମ୍ବାର ଧୋକା ଖାଇ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେ ନାହିଁ। ନିଜର ବିଶ୍ୱସ୍ତ ବନ୍ଧୁମାନଙ୍କ ମାଧ୍ୟମରେ ସ୍ଥଗିତ କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରିପାରିବେ। ହସ୍ତା ନକ୍ଷତ୍ର ଆଜିର ଯାତ୍ରା, ବାଣିଜ୍ୟ, ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ସଫଳତା ପାଇବେ।

**ତୁଳା** ସନ୍ତାନଙ୍କ ସ୍ୱାସ୍ଥ୍ୟ କିମ୍ବା କର୍ମକ୍ଷେତ୍ରରେ ସ୍ଥଗିତ କାମ ଆଜି ପାଇଁ ଚିନ୍ତାର କାରଣ ହେବ। ଦୀର୍ଘଦିନରୁ ଲାଗି ରହିଥିବା କ୍ରନିକ୍ ରୋଗ ପୀଡ଼ା ଯୋଗୁ ମନ ବିଚଳିତ ରହିପାରେ। ଆବଶ୍ୟକତା ଭରଣା କରିବା ସକାଶେ ଧାର ସୂତ୍ରରେ ଅର୍ଥ ପାଇବାକୁ ଚେଷ୍ଟା କରିପାରନ୍ତି। ବିଶାଖା ନକ୍ଷତ୍ର ବନ୍ଧୁଙ୍କ ପରାମର୍ଶରେ କୌଣସି ନୂତନ କର୍ମାରମ୍ଭ କରିବେ।

**ବିଛା** ବିଶିଷ୍ଟବ୍ୟକ୍ତିଙ୍କ ସଙ୍ଗଲାଭରୁ ଆନୁଷ୍ଠାନିକ କାମରେ ସମ୍ମାନିତ ହେବେ। ଆଜି ଯାହା କରିବାକୁ ମନସ୍ଥ କରିଛନ୍ତି ତାହା ବିନା ବାଧାବିଘ୍ନରେ ସମାପନ ହେବ। ଜ୍ୟେଷ୍ଠା ନକ୍ଷତ୍ରର ପାରିବାରିକ ଅସ୍ଥିରତା କାରଣରୁ ସାୟାହ୍ନେ ମନ ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ପଦାଧିକାରୀଙ୍କୁ କୈଫିୟତ୍ ଦେବାକୁ ପଡିପାରେ।

**ଧନୁ** ଅପ୍ରିୟ ସତ୍ୟ ଭାଷଣଜନିତ ଅନ୍ୟମାନଙ୍କ ଚକ୍ଷୁଶୂଳ ହେବାର ଆଶଙ୍କା ରହିଛି। ଉତ୍ତରାଷାଢା ନକ୍ଷତ୍ର ଆକସ୍ମିକ ଭାବରେ ଦୂରଯାତ୍ରା ପାଇଁ ପ୍ରସ୍ତୁତ ହେବାକୁ ପଡିପାରେ। କୌଣସି ଆଗନ୍ତୁକଙ୍କ ସହ ତର୍କ ଜନିତ ସକାଳୁ ସକାଳୁ ମନଟା ବିଗିଡି ଯିବାର ସୂଚନା ରହିଛି। ପାରିବାରିକ ସ୍ତରରେ ସ୍ତ୍ରୀଙ୍କ ଚିଡା ସ୍ୱଭାବ ପାଇଁ କ୍ଷୁବ୍ଧ ହୋଇପାରନ୍ତି।

**ମକର** କର୍ମକ୍ଷେତ୍ରରେ ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ। ବନ୍ଧୁମାନଙ୍କ କାର୍ଯ୍ୟକଳାପକୁ ନେଇ ଘଟଣାଗୁଡିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବେ। ଗତକାଲିଠାରୁ ଚେଷ୍ଟା କରୁଥିବା କାମରେ ଆଜି କେତେକାଂଶରେ ଆଂଶିକ ସଫଳତା ମିଳିବ। ଶ୍ରବଣା ନକ୍ଷତ୍ର ଜନହିତକର କାର୍ଯ୍ୟରେ ନିଜକୁ ଲିପ୍ତ ରଖି ପ୍ରଶଂସିତ ହୋଇପାରନ୍ତି।

**କୁମ୍ଭ** ପ୍ରଶାସନିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ବିଷୟ ନେଇ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ବିବ୍ରତ ହେବାକୁ ପଡିପାରେ। ପରିବାରର ବାରମ୍ବାର ତାଗିଦା ଜନିତ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାର ଅନୁଭବ କରିବେ। ଦୂରଯାତ୍ରା, ପରିଭ୍ରମଣ କିମ୍ବା ଦେବାର୍ଚ୍ଚନା ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ।

**ମୀନ** ଯେତେ ପ୍ରକାର ଚେଷ୍ଟାକଲେ ମଧ୍ୟ ପରିସ୍ଥିତି ନ ବଦଳିବାରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଇଚ୍ଛା ନ ଥିଲେ ମଧ୍ୟ ପରିସ୍ଥିତିକୁ ସାମ୍ନା କରିବାକୁ ଯାଇ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡିବ। ଗୋଟିଏ କାମ ନ ସରୁଣୁ ଏକାଧିକ କାମରେ ହାତଦେବା ଠିକ୍ ହେବନାହିଁ। ରେବତୀ ନକ୍ଷତ୍ର କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

ଆଜି ଜୁଲାଇ ୩୧ ତାରିଖ, ଶ୍ରାବଣ ଶୁକ୍ଳ ସପ୍ତମୀ, ଗୁରୁବାର। ରାଶିନକ୍ଷତ୍ର-ଚିତ୍ରା/କନ୍ୟା, ଦିବା ଘ୧୧।୧୫ ମି. ଗତେ ତୁଳା ଚନ୍ଦ୍ର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫।୨୫ ଗତେ ଘ.୦୭।୦୯ ମଧ୍ୟେ, ଘ.୧୦।୩୫ ଗତେ ଘ.୦୧।୧୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୧।୨୯ ଗତେ ଘ.୦୩।୦୬ ମଧ୍ୟେ ରାହୁ କାଳ।

# ସୁଭଦ୍ରା ଆବେଦନ ପାଇଁ ୯ ପରେ ଖୋଲିବ ପୋର୍ଟାଲ

ଭୁବନେଶ୍ୱର,୩୦।୭(ସୁଚିସ୍ମିତା ସାହୁ): ପୁଣି ଖୋଲିବ ସୁଭଦ୍ରା ପୋର୍ଟାଲ। ୨୧ ବର୍ଷ ହୋଇଥିବା ଯୁବତୀମାନେ ସୁଭଦ୍ରା ଯୋଜନା ପାଇଁ ଆବେଦନ କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆସନ୍ତା ଅଗଷ୍ଟ ୯ ରାଖୀ ପୂର୍ଣ୍ଣିମା ଅବସରରେ ସୁଭଦ୍ରା ତୃତୀୟ କିସ୍ତି ମିଳିବ। ଏହାପରେ ସୁଭଦ୍ରା ପୋର୍ଟାଲ ଖୋଲିବ। ୨୧ ବର୍ଷ ହୋଇଥିବା ଯୁବତୀ ଆବେଦନ କରିପାରିବେ। ଏଥିସହ ପୂର୍ବରୁ ବାଦ୍ ପଡିଥିବା ୨ ଲକ୍ଷ ହିତାଧିକାରୀଙ୍କୁ ଯୋଡ଼ିବା ପାଇଁ ଆଉଥରେ ସର୍ଭେ କରାଯିବ। ଗାଡ଼ି କିଣିଥିବା, ୫ ଏକର ଜମି ଥିବା ଓ ଆଇଟି ରିଟର୍ନ କରିଥିବାରୁ ଏମାନଙ୍କୁ ବାଦ ଦିଆଯାଇଛି। ସେହିପରି ୯୩ ହଜାର ହିତାଧିକାରୀଙ୍କୁ ୬୦ ବର୍ଷ ହୋଇଥିବାରୁ ସାମାଜିକ ସୁରକ୍ଷା ବିଭାଗକୁ ସେମାନଙ୍କ ତାଲିକା ପଠାଇ ଦିଆଯାଇଛି। ଭତ୍ତା ପାଇଁ ସେମାନଙ୍କୁ ଆଉ ଆବେଦନ କରିବାକୁ ପଡିବ ନାହିଁ। ଏସବୁ ପ୍ରସଙ୍ଗକୁ ଆଧାରକୁ ନେଇ ପୁଣି ଥରେ ସୁଭଦ୍ରା ଯୋଜନାରେ ଯୋଗ୍ୟ ହିତାଧିକାରୀ ଚୟନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କ୍ଷୀରରେ ନୀରକୁ ମିଶାଇ ବସାନ୍ତେ**
**ଉତୁରି ପଡ଼ିଲା ଚୁଲି**
**ଭାଇ ଶଳା ବୋଲି ଜାଣି ନ ଥିଲି ମୁଁ**
**ହସ୍ତମୁଦି ବନ୍ଧା ଦେଲି ।**

ପ୍ରେମ ଅନ୍ଧ ହୋଇଥାଏ। କେତେବେଳେ, କାହା ସହ ମନ ମିଶିଯାଏ ତାହା ସହଜରେ ବୁଝା ପଡ଼ି ନ ଥାଏ। ଭାଇ ଶଳା ପ୍ରତି ଭଉଣୀର ବାଉଳା ପ୍ରେମକୁ ଏଠାରେ ବର୍ଣ୍ଣନା କରାଯାଇଛି।

**କ୍ଷଣକୁ କ୍ଷଣ ଅନ୍ୟ କ୍ଷଣ**
**ଅନ୍ୟ କ୍ଷଣକୁ କିଛି ନାହିଁ ଗୋପନ**
**ଲୀଳା କରୁଥାଇ ଅଦୃଶେ ରହି**
**ନାମ ତା'ର ଅଟେ ଜଗତ ସାଇଁ ।**

ଦୁନିଆରେ ପ୍ରତିମୁହୂର୍ତ୍ତରେ କିଛି ନା କିଛି ପରିବର୍ତ୍ତନ ଘଟିଥାଏ। ଈଶ୍ୱର ବିଶ୍ୱନିୟନ୍ତା। ସେ ହିଁ ହର୍ତ୍ତା କର୍ତ୍ତା ଦଇବ ବିଧାତା। ତାଙ୍କ ନିର୍ଦ୍ଦେଶରେ ଦୁନିଆ ଆତଯାତ। ଜଗତ କର୍ତ୍ତା ହିଁ ପ୍ରତିମୁହୂର୍ତ୍ତରେ ସଂସାରରେ ତାଙ୍କ ଲୀଳା ଖେଳା ଭିଆଉଛନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ବର୍ଷା ପାଇଁ ୩ ଜିଲାକୁ ଅରେଞ୍ଜ ୱାର୍ନିଂ

ଭୁବନେଶ୍ୱର,୩୦।୭
(ଅନୁରାଧା ମହାରଣା)

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ଥିବାରୁ ବିଭିନ୍ନ ଜିଲାରେ ବର୍ଷା ଲାଗିରହିଛି। ବୁଧବାର ଭଦ୍ରକରେ ସର୍ବାଧିକ ୪୩ ମିମି ବର୍ଷା ରେକର୍ଡ ହୋଇଥିବାବେଳେ ଯାଜପୁରରେ ୨୫ ମିମି. ଚାନ୍ଦବାଲିରେ ୨୪.୪ ମିମି, କେନ୍ଦୁଝରରେ ୮.୮ ମିମି, ବାରିପଦାରେ ୫.୮ ମିମି, କେନ୍ଦ୍ରାପଡ଼ାରେ ୬ ମିମି ଏବଂ ବାଲେଶ୍ୱରରେ ୩ ମିମି ବର୍ଷା ହୋଇଛି। ଗୁରୁବାର ମଧ୍ୟ ବିଭିନ୍ନ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। କେନ୍ଦୁଝର, ମୟୂରଭଞ୍ଜ ଏବଂ ଭଦ୍ରକ ଜିଲାରେ ବଜ୍ରପାତ ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଥିବାରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ପ୍ରବଳ ବର୍ଷା ନେଇ ବାଲେଶ୍ୱର, କେନ୍ଦ୍ରାପଡ଼ା, ଯାଜପୁର, ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳ ଓ ଦେବଗଡ଼ ଜିଲାକୁ ୟେଲୋ ୱାର୍ନିଂ ରହିଛି। ବଜ୍ରପାତ ପାଇଁ ସତର୍କ ରହିବାକୁ କଟକ, ଜଗତସିଂହପୁର, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅଗଷ୍ଟ ୧ ସକାଳ ୮ଟା ୩୦ ପର୍ଯ୍ୟନ୍ତ ଉତ୍ତର ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲାରେ ବର୍ଷା ହେବା ନେଇ ସତର୍କ କରାଯାଇଛି।

# ଆର୍‌ଆଇ, ଅମିନ, ଆଇସିଡିଏସ୍ ସୁପରଭାଇଜର ପରୀକ୍ଷା ବାତିଲ

## ୧୪ ଦିନ ଭିତରେ ସାନି ପ୍ରିଲିମ୍ ପରୀକ୍ଷା ବିଜ୍ଞପ୍ତି ପାଇଁ ହାଇକୋର୍ଟ ନିର୍ଦ୍ଦେଶ

ଭୁବନେଶ୍ୱର,୩୦।୭(ସୁଚିସ୍ମିତା ସାହୁ)

ଓଡ଼ିଶା ସବ୍‌ଅର୍ଡିନେଟ ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ପରିଚାଳିତ ଆର୍‌ଆଇ, ଏଆର୍‌ଆଇ, ଅମିନ, ଆଇସିଡିଏସ୍ ସୁପରଭାଇଜର ଓ ଏସ୍‌ଏଫ୍‌ଏସ୍ ପଦବୀ ପାଇଁ ହୋଇଥିବା ପ୍ରିଲିମ୍‌ନାରି ପରୀକ୍ଷାକୁ ବୁଧବାର ବାତିଲ କରାଯାଇଛି। ଫଳରେ ଅଗଷ୍ଟ ୧ରୁ ସେପ୍ଟେମ୍ବର ୪ ପର୍ଯ୍ୟନ୍ତ ହେବାକୁ ଥିବା ମେନ୍ ପରୀକ୍ଷା ମଧ୍ୟ ବାତିଲ ହୋଇଛି। ଏନେଇ ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଓଡ଼ିଶା ହାଇକୋର୍ଟଙ୍କୁ ଅବଗତ କରିଛନ୍ତି। ପରୀକ୍ଷା ବାତିଲ ହେବାର ୧୪ଦିନ ଭିତରେ ସାନି ପ୍ରିଲିମ୍ ପରୀକ୍ଷା ନେଇ ବିଜ୍ଞପ୍ତି ପ୍ରକାଶ କରିବାକୁ କମିଶନଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରୀକ୍ଷା ପାଇଁ ପ୍ରାର୍ଥୀଙ୍କୁ ପୁନଶ୍ଚ ଆବେଦନ କରିବାକୁ ପଡ଼ିବ ନାହିଁ। ପୂର୍ବରୁ ଆବେଦନ କରିଥିବା ସମସ୍ତ ପ୍ରାର୍ଥୀଙ୍କୁ ଏହି ପରୀକ୍ଷାରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ। ନୂଆ ପରୀକ୍ଷା ନିରପେକ୍ଷ ଭାବେ ପରିଚାଳନା କରାଯିବ ବୋଲି ଓଏସ୍‌ଏସ୍‌ଏସ୍‌ସି ପ୍ରତିଶ୍ରୁତି ଦେଇଛି। ପରୀକ୍ଷା ସମୟ ସୂଚୀ ଓ ଅନ୍ୟାନ୍ୟ ସୂଚନା ଶୀଘ୍ର ଅଫିସିଆଲ ୱେବ୍‌ସାଇଟ୍ www.osssc.gov.inରେ ପ୍ରକାଶ କରାଯିବ।

ଗତବର୍ଷ ସେପ୍ଟେମ୍ବର ୨୦ରୁ ଅକ୍ଟୋବର ୮ ପର୍ଯ୍ୟନ୍ତ ରେଭିନ୍ୟୁ ଇନ୍ସପେକ୍ଟର (ଆର୍‌ଆଇ), ଆସିଷ୍ଟାଣ୍ଟ ରେଭିନ୍ୟୁ ଇନ୍ସପେକ୍ଟର (ଏଆର୍‌ଆଇ), ଅମିନ, ଆଇସିଡିଏସ୍ ସୁପରଭାଇଜର ଓ ଷ୍ଟାଟିଷ୍ଟିକାଲ ଫିଲ୍ଡ ସର୍ଭେୟର (ଏସ୍‌ଏଫ୍‌ଏସ୍) ପଦବୀ ପାଇଁ ପ୍ରିଲିମ୍ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିବା ନଜରକୁ ଆସିଥିଲା। କଳା ତାଲିକାଭୁକ୍ତ ଏଜେନ୍ସିକୁ ପରୀକ୍ଷା ପରିଚାଳନା ଦିଆଯିବାଠାରୁ ଆରମ୍ଭ କରି ଏସବୁ ପଦବୀରେ ନିଯୁକ୍ତି ଦେବା ନାଁରେ ଆଶାୟୀଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ନିଆଯାଇଥିବା ଭଳି ଗୁରୁତର ଅଭିଯୋଗ ଉଠିଥିଲା। ଏହାକୁ ନେଇ ଦୀର୍ଘଦିନ ପର୍ଯ୍ୟନ୍ତ ପରୀକ୍ଷାର୍ଥି ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ତଦନ୍ତ ରିପୋର୍ଟ ମିଳିବା ପରେ ଓଏସ୍‌ଏସ୍‌ଏସ୍‌ସି ଏକ ଅଭୂତପୂର୍ବ ନିଷ୍ପତ୍ତି ନେଇ ପ୍ରିଲିମ ପରୀକ୍ଷାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରାର୍ଥୀଙ୍କୁ ପାସ୍ ଘୋଷଣା କରିବା ସହ ସମସ୍ତେ ମେନ୍ ପରୀକ୍ଷା ଦେଇପାରିବେ ବୋଲି ସୁଯୋଗ ଦେଇଥିଲା। ନିଷ୍ପତ୍ତି ଅନୁଯାୟୀ, ପ୍ରାୟ ୫ ଲକ୍ଷ ପରୀକ୍ଷାର୍ଥୀ ମେନ୍ ପରୀକ୍ଷା ପାଇଁ ଯୋଗ୍ୟ ହୋଇଥିଲେ। କିନ୍ତୁ ଓଏସ୍‌ଏସ୍‌ଏସ୍‌ସିର ବିଜ୍ଞପ୍ତି ଅନୁସାରେ, ମେନ୍ ପରୀକ୍ଷା ପାଇଁ ଖାଲି ପଦବୀର ୫ ଗୁଣ ପ୍ରାର୍ଥୀଙ୍କୁ ଶର୍ଟଲିଷ୍ଟ କରାଯିବାର ନିୟମ ଥିଲା। ଏହି ନିୟମର ଉଲ୍ଲଂଘନ ହୋଇଥିବାରୁ କେତେଜଣ ପରକ୍ଷାର୍ଥୀ ଓଡ଼ିଶା ହାଇକୋର୍ଟରେ ପିଟିଶନ ଦାଖଲ କରିଥିଲେ। ପିଟିଶନର ଶୁଣାଣି କରି ହାଇକୋର୍ଟ ପ୍ରିଲିମ୍ ପରୀକ୍ଷା ବାତିଲ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରୀକ୍ଷା ପାଇଁ ଅନ୍ୟ ଆଶାୟୀମାନେ ଅବେଦନ କରିପାରିବେ ନାହିଁ। କେବଳ ଯେଉଁମାନେ ଏହି ପରୀକ୍ଷା ପାଇଁ ଆବେଦନ କରିଥିଲେ ସେମାନେ ହିଁ ଏହି ପରୀକ୍ଷା ଦେଇପାରିବେ। ପୁନଃ ପ୍ରିଲିମ ପରୀକ୍ଷା ହେବ। ଏହି ସମସ୍ତ ପ୍ରକ୍ରିୟା ଶୀଘ୍ର ସାରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ତେବେ ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ଅଗଷ୍ଟ ୧୫ ସୁଦ୍ଧା ପ୍ରିଲିମ ପରୀକ୍ଷା ନେଇ ବିଜ୍ଞପ୍ତି ପ୍ରକଶ ପାଇପାରେ ବୋଲି ସୂଚନା ମିଳିଛି।

# ପ୍ରଥମ ପୃଷ୍ଠାରୁ...

## ସରକାରୀ କାର୍ଯ୍ୟାଳୟରେ ...

ପକ୍ଷରୁ ମଧ୍ୟ ୨୦୨୨ ଜୁଲାଇ ପହିଲାରେ ଅନୁରୂପ ଭାବେ ଆଉ ଏକ ନିର୍ଦ୍ଦେଶନାମା ଜାରି ହୋଇଥିଲା। ଏହାକୁ ନେଇ ବିଭିନ୍ନ ସହରାଞ୍ଚଳରେ ଚଢ଼ାଉ କରାଯାଉଛି। ଏହାସତ୍ତ୍ୱେ ରାଜ୍ୟରେ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ବ୍ୟବହାର କମୁନାହିଁ। ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଏଣିକି ସରକାରଙ୍କ ପକ୍ଷରୁ ବିଭିନ୍ନ ବୈଠକ, କର୍ମଶାଳାଗୁଡ଼ିକରେ ଆଉ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ବ୍ୟବହାର କରାଯାଇପାରିବ ନାହିଁ। ଏହା ବଦଳରେ ଷ୍ଟିଲ୍, ତମ୍ବା, ବାଉଁଶ ପାତ୍ର ବ୍ୟବହାର କରାଯିବ। ଅଫିସ୍ ପରିସରରେ ପ୍ଲାଷ୍ଟିକ୍/ଥର୍ମୋକୁଲ୍ ପ୍ଲେଟ୍, ଟ୍ରେ, ବାଓ୍ୱଲ, କପ୍ସ, ଗ୍ଲାସ୍, ଚାମଚ ଓ କଣ୍ଟେନର ଆଦି ଆଉ ବ୍ୟବହାର ହେବନାହିଁ।

ସେହିପରି ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଆଉ ପଲିଥିନ୍ ବ୍ୟାଗ୍ ବ୍ୟବହାର କରାଯିବ ନାହିଁ। ଏହା ବଦଳରେ କାଗଜ ତିଆରି ବ୍ୟାଗ୍, ଝୋଟରୁ ପ୍ରସ୍ତୁତ ବ୍ୟାଗ୍ କିମ୍ବା ଜୈବିକ ପଦ୍ଧତିରେ ପ୍ରସ୍ତୁତ ବ୍ୟାଗ୍ ବ୍ୟବହାର କରାଯିବ। ଏସିଏସ୍ ପୁଣି କହିଛନ୍ତି, ଏଣିକି ସରକାରୀ କାର୍ଯ୍ୟାଳୟକୁ ଆସୁଥିବା ଖାଦ୍ୟ ଓ ତରଳ ଖାଦ୍ୟ ଚା' ଆଦି ଆଉ ପଲିଥିନରେ ଆସିପାରିବ ନାହିଁ। ଏଥିପାଇଁ ବିଭିନ୍ନ ଧାତବରେ ପ୍ରସ୍ତୁତ କଣ୍ଟେନର ବ୍ୟବହାର କରାଯିବ। ସେହିପରି ସରକାରୀ କର୍ମଚାରୀଙ୍କୁ ନୂଆବର୍ଷ ଓ ଅନ୍ୟାନ୍ୟ ସମୟରେ ଦିଆଯାଉଥିବା ଫୁଲତୋଡ଼ା କିମ୍ବା ଗିଫ୍ଟ ଆଇଟମ୍ ମଧ୍ୟ ସରକାରୀ କାର୍ଯ୍ୟାଳୟରେ ନ ପଶିବା ଲାଗି ଅଧସ୍ତନ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ ଏସିଏସ୍ ସାହୁ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତିକୁ ନେଇ ଏସିଏସ୍ ଦର୍ଶାଇଛନ୍ତି, ଯଦି ଏସବୁକୁ ପାଳନ କରିବା ଦିଗରେ କେହି ବି ଅବହେଳା କରନ୍ତି, ତେବେ ପରିବେଶ ସୁରକ୍ଷା ଆଇନ-୧୯୮୬ ଅନୁଯାୟୀ ସରକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାକୁ ନେଇ ଏବେ ସରକାରୀ ଓ ବ୍ୟବସାୟୀ ମହଲରେ ଭାଳେଣି ଦେଖାଦେଇଛି।

## ପହିଲାରେ ରାଜ୍ୟ ...

ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ଇତିମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟ କ୍ୟାବିନେଟ୍‌ର ୨୨ଟି ବୈଠକ ଅନୁଷ୍ଠିତ ହୋଇସାରିଲାଣି। ସେଥିରେ ରାଜ୍ୟର ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ଓ ଚାଷୀଙ୍କ ବିକାଶ ସହିତ ସରକାରୀ କର୍ମଚାରୀଙ୍କ ବିଭିନ୍ନ କ୍ୟାଡର ସଂଶୋଧନ ନିୟମ ଅଣାଯାଇଛି। ତେବେ ୨୦୩୬ ସୁଦ୍ଧା ସରକାର ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଗଣିତ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏହାକୁ ନେଇ ସରକାରଙ୍କ ପକ୍ଷରୁ ଅଗଷ୍ଟ ୧ରେ ଅନୁଷ୍ଠିତ ହେବାକୁଥିବା ରାଜ୍ୟ କ୍ୟାବିନେଟ୍ ବୈଠକ ବଡ଼ ଭୂମିକା ରଖିବ ବୋଲି ଜଣାଯାଇଛି।

## ୧୭୦ ଘଣ୍ଟା ...

ରେମୋନା ନିଜ ମାରାଥନ ନୃତ୍ୟ ସମୟରେ ପ୍ରତି ୩ ଘଣ୍ଟାରେ ମାତ୍ର ୧୫ ମିନିଟ ପାଇଁ ଏକ ଛୋଟ ବିରତି ନେଉଥିଲେ। ଏହି ସମୟରେ ସେ କଦଳୀ, ପଇଡ ପାଣି, ଦହି, ନରମ ରନ୍ଧାଭାତ ଖାଉଥିଲେ। ବିଶ୍ୱବିଦ୍ୟାଳୟରେ ରେମୋନାଙ୍କ ଅନବରତ ନୃତ୍ୟ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଡାକ୍ତରୀ ଦଳ ଏବଂ ଆମ୍ବୁଲାନ୍ସ କର୍ମଚାରୀ ଉପସ୍ଥିତ ଥିଲେ। ରେମୋନାଙ୍କର ଏହି ସଫଳତାକୁ ନେଇ ସୋସିଆଲ ମିଡିଆରେ ଅନେକ ୟୁଜର୍ସ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ରେମୋନା ମାତ୍ର ୩ ବର୍ଷ ବୟସରୁ ପ୍ରସିଦ୍ଧ ଗୁରୁ ଶୀବିଦ୍ୟା ମୁରଲୀଧରଙ୍କଠାରୁ ଭାରତନାଟ୍ୟମ୍ ନୃତ୍ୟର ପ୍ରଶିକ୍ଷଣ ନେବା ଆରମ୍ଭ କରିଥିଲେ। ଏହି ବିଶ୍ୱ ରେକର୍ଡ ପାଇଁ ସେ ନିଜ ପାଠ୍ୟକ୍ରମ ସହ ଦୈନିକ ୫ରୁ ୬ ଘଣ୍ଟା ଭାରତନାଟ୍ୟମ୍ ନୃତ୍ୟର ଅଭ୍ୟାସ କରୁଥିଲେ। ରେମୋନାଙ୍କ ନୃତ୍ୟ ପ୍ରଦର୍ଶନ ସ୍ଥଳରେ ତାଙ୍କ ସହପାଠୀ, ଅଧ୍ୟାପିକା ଏବଂ ଅଧ୍ୟାପକ, ପରିବାର ଲୋକେ ରହି ତାଙ୍କ ଉତ୍ସାହ ବଢ଼ାଉଥିଲେ।

## ଭାରତ ଉପରେ ...

ଚାପ ସୃଷ୍ଟି ଉଦ୍ଦେଶ୍ୟରେ ଏକ କୌଶଳ ରୂପେ ଦେଖାଯାଉଛି। ନିକଟରେ ଆମେରିକା ଏଭଳି ଚାପ ଜାପାନ, ବ୍ରିଟେନ୍ ଓ ୟୁରୋପୀୟ ସଂଘ (ଇୟୁ) ଉପରେ ପକାଇଥିଲା। ଭାରତ ହେଉଛି ରୁଷିଆଠାରୁ ତୈଳ ଓ ଯୁଦ୍ଧାସ୍ତ୍ରର ସବୁଠୁ ବଡ଼ କ୍ରେତା। ତେଣୁ ଭାରତକୁ ଏହାର ବହୁମୂଲ୍ୟ ଦେବାକୁ ପଡ଼ିଛି ବୋଲି ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି।

ଅନ୍ୟପକ୍ଷେ ଟ୍ରମ୍ପଙ୍କ ଟାରିଫ୍‌କୁ ନେଇ ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ବନ୍ଧୁତା ଯୋଗୁ ଭାରତକୁ ବହୁମୂଲ୍ୟ ଦେବାକୁ ପଡ଼ିଛି ବୋଲି କଂଗ୍ରେସ ପକ୍ଷରୁ 'X'ରେ କୁହାଯାଇଛି। ମୋଦି ଟ୍ରମ୍ପଙ୍କ ପାଇଁ ନିର୍ବାଚନ ପ୍ରଚାର କଲେ, ତାଙ୍କୁ ଆଲିଙ୍ଗନ କଲେ ଫଟୋ ଉଠାଇ ସୋସିଆଲ ମିଡିଆରେ ଟ୍ରେଣ୍ଡ୍ କରାଇଲେ। ଶେଷରେ ଟ୍ରମ୍ପ ଭାରତ ଉପରେ ଉଚ୍ଚ ଟାରିଫ୍ କଷିଲେ। ଭାରତର ବହିର୍ବ୍ୟାପାର ନୀତି ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଏଥିରୁ ସ୍ପଷ୍ଟ ହୋଇଛି ବୋଲି କଂଗ୍ରେସ ଉକ୍ତ ପୋଷ୍ଟରେ ଉଲ୍ଲେଖ କରିଛି। ଏହାର ଜବାବରେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଏକ ବିବୃତି ଜାରି କରି କହିଛି, ଟ୍ରମ୍ପଙ୍କ ଟାରିଫ୍‌ର ପ୍ରଭାବକୁ ସରକାର ଅନୁଧ୍ୟାନ କରିବେ। ଜାତୀୟ ସ୍ୱାର୍ଥ ଉଦ୍ଦେଶ୍ୟରେ ଯାହା ଆବଶ୍ୟକ ସବୁ ପ୍ରକାର ପଦକ୍ଷେପ ନିଆଯିବ।

# ବୋର୍ଡ ଡାଟା ଏଣ୍ଟ୍ରି ଅପରେଟରଙ୍କ ସମେତ ୬ ଗିରଫ

**ସ୍ପେଶାଲ ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲା**

- ■ଡାଟା ଏଣ୍ଟ୍ରି ଅପରେଟର ଫୋନ୍ ପେ'ରେ ନେଇଛନ୍ତି ୨.୫ ଲକ୍ଷ
- ■ବିଭିନ୍ନ ଜିଲ୍ଲାରୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ ହୋଇଛି


କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।


ଗିରଫ ୬ ଅଭିଯୁକ୍ତ।

କଟକ,୩୦।୭(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ସ୍ପେଶାଲ ଓଡ଼ିଶା ଟିଚର ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ପ୍ରଶ୍ନପତ୍ର ପ୍ରଘଟ ମାମଲାରେ କ୍ରାଇମବ୍ରାଞ୍ଚ ୬ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବୋର୍ଡର ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣାଙ୍କ ସମେତ ରାୟଗଡ଼ା ଜିଲ୍ଲା ଆମ୍ବୋଦଲା ଥାନା ଅନ୍ତର୍ଗତ କୋମାପାହି ଗ୍ରାମର ବିଜୟ କୁମାର ମିଶ୍ର(୪୩), କୋରାପୁଟ ଜିଲ୍ଲା କୁନ୍ଦ୍ରା ଥାନା ଅନ୍ତର୍ଗତ ସଗରଗୁଡ଼ାର ସନାତନ ବିଶୋୟୀ (୫୧), କଟକ ଜିଲ୍ଲା ବାଦାମବାଡ଼ି ଥାନା ଅନ୍ତର୍ଗତ ନାରାୟଣ ଲେନ୍‌ର ରାମଜୀ ପ୍ରସାଦ ଗୁପ୍ତା, ଗଞ୍ଜାମ ଜିଲ୍ଲା ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଲିଞ୍ଜିପାଲି କେଶବ ନଗରର ଅଜୟ କୁମାର ସାହୁ (୪୩) ଓ ବାଲେଶ୍ୱର ଜିଲ୍ଲା ରୁପ୍‌ସା ଥାନା ଅନ୍ତର୍ଗତ ଜୁକନାଣ୍ଡିର ଜୟନ୍ତ କୁମାର ରାଉତ (୪୪)। ପ୍ରାଥମିକ ତଦନ୍ତରୁ ଜିତନ ୨.୫ ଲକ୍ଷ ଟଙ୍କା ଫୋନ୍ ପେ ଜରିଆରେ ଗ୍ରହଣ କରିଥିବା ଜଣାପଡ଼ିଛି। ପ୍ରଘଟ ପ୍ରଶ୍ନପତ୍ର ଓ ଅଭିଯୁକ୍ତମାନଙ୍କ ମୋବାଇଲ ଫୋନ ଜବତ ହୋଇଛି। କ୍ରାଇମବ୍ରାଞ୍ଚ ଟିମ୍ ଅଭିଯୁକ୍ତମାନଙ୍କୁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସ୍ଥାନରୁ ଗିରଫ କରିଛି। ସମସ୍ତଙ୍କୁ କଟକ ଜେଏମ୍‌ଏଫ୍‌ସି-୩ କୋର୍ଟରେ ହାଜର କରାଯାଇଛି। ଏ ନେଇ କ୍ରାଇମବ୍ରାଞ୍ଚରେ ମାମଲା (ନଂ.୦୬/୨୦୨୫) ରୁଜୁ ହୋଇ ତଦନ୍ତ ଚାଲୁ ରହିଥିବା କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ପୋଲିସ ମୁଖ୍ୟାଳୟରେ ବୁଧବାର ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୂଚନାନୁସାରେ, ବୋର୍ଡ ଏଷ୍ଟାବ୍ଲିଶମେଣ୍ଟ ଅଫିସର ବୁଲୁବୁଲୁ ବେହେରା ଗତ ଜୁଲାଇ ୨୦ରେ ସ୍ପେଶାଲ ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ସଂକ୍ରାନ୍ତରେ କ୍ରାଇମବ୍ରାଞ୍ଚରେ ଏତଲା ଦାଏର କରିଥିଲେ। ବୋର୍ଡ ଉପସଭାପତିଙ୍କ ଜୁଲାଇ ୧୯ ତାରିଖ ରାତି ପ୍ରାୟ ୧୦.୪୫ ସମୟରେ ହାତଲେଖା ହୋଇଥିବା ସ୍ପେଶାଲ ଓଟିଇଟି ପ୍ରଶ୍ନପତ୍ର ଓ ଉତ୍ତର ଫେସବୁକ୍ ସମେତ ଅନ୍ୟାନ୍ୟ ସୋସିଆଲ ମିଡିଆରେ ଘୁରି ବୁଲୁଥିବା ଦେଖିବାକୁ ପାଇଥିଲେ, ଯଦ୍ୱାରା ସ୍ପେଶାଲ ଓଟିଇଟିକୁ ବୋର୍ଡ ମୁଖ୍ୟାଳୟ ପକ୍ଷରୁ ସ୍ଥଗିତ କରାଯାଇଥିଲା। ଏଭଳି ଏକ ସମ୍ବେଦନଶୀଳ ଘଟଣା ଉପରେ କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ କରି ପ୍ରଥମେ ବୋର୍ଡରେ ଡାଟା ଏଣ୍ଟ୍ରି ଅପରେଟର ଭାବେ କାର୍ଯ୍ୟ କରୁଥିବା ବାଲେଶ୍ୱର ଜିଲ୍ଲା ସିମୁଲିଆ ଥାନା ଅନ୍ତର୍ଗତ କଛପଡ଼ା ଗ୍ରାମର ଜିତନଙ୍କୁ ଧରିଥିଲା। ଜିତନଙ୍କୁ ପଚରାଉଚରା କରିବା ପରେ ଅନ୍ୟ ଅଭିଯୁକ୍ତମାନଙ୍କ ସମ୍ପର୍କରେ ସୁରାକ ମିଳିଥିଲା। ଜିତନ ବେଆଇନ ଭାବେ ବୋର୍ଡ ଉପସଭାପତିଙ୍କ ଲାପଟପ୍ ଖୋଲି ସେଥିରେ ଥିବା ସ୍ପେଶାଲ ଓଟିଇଟି ପ୍ରଶ୍ନପତ୍ର ହାତେଇବାରେ ସକ୍ଷମ ହୋଇଥିଲେ। ସେହି ପ୍ରଶ୍ନପତ୍ରକୁ ସେ ଷ୍ଟେଟ ଏକ୍ସ-କ୍ୟାଡର ଟିଚର ଆସୋସିଏସନ କାର୍ଯ୍ୟକାରୀ ସଭାପତି ବିଜୟ ମିଶ୍ର ଓ ଆସୋସିଏସନ୍‌ର କୋରାପୁଟ ଜିଲ୍ଲା ସଭାପତି ସନାତନଙ୍କୁ ପଠାଇଥିଲେ। ପୂର୍ବ ସ୍ପେଶାଲ ଓଟିଇଟି ପରୀକ୍ଷାରେ ଫେଲ୍ ହୋଇଥିବା ଶିକ୍ଷକମାନଙ୍କୁ ସେମାନେ ଟାର୍ଗେଟ କରିଥିଲେ। ଓଟିଇଟି ପରୀକ୍ଷା ପାସ୍ କରିବା ପରେ ସେମାନଙ୍କ ଚାକିରି ନିୟମିତ ହେବା ଓ ଦରମା ବୃଦ୍ଧି ହେବା ଭଳି ସୁବିଧା ପାଇବାକୁ ବ୍ୟଗ୍ର ହେଉଥିବା ଶିକ୍ଷକମାନଙ୍କୁ ସେମାନେ ପ୍ରଶ୍ନପତ୍ର ଓ ଉତ୍ତର ବିକ୍ରି କରିଥିଲେ। ଏହି କାର୍ଯ୍ୟ ସମ୍ପାଦନ ନିମନ୍ତେ ବୁହଁ ୩ଜଣ ରାମଜୀ, ଅଜୟ ଓ ଜୟନ୍ତଙ୍କୁ ନିୟୋଜିତ କରିଥିଲେ। ସେମାନେ ପ୍ରଶ୍ନପତ୍ର ଓ ଉତ୍ତର ବିକ୍ରି କରି ଶିକ୍ଷକମାନଙ୍କଠାରୁ ନଗଦ ଏବଂ ଆକାଉଣ୍ଟ ଟ୍ରାନ୍ସଫର ମାଧ୍ୟମରେ ଅର୍ଥ ଆଦାୟ କରିଥିଲେ। କ୍ରାଇମବ୍ରାଞ୍ଚ ତଦନ୍ତ ବେଳେ ସମସ୍ତ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଉଛି। ତେବେ ଏହି ପ୍ରଶ୍ନପତ୍ର ବିକ୍ରି ଓ ପ୍ରଘଟ ଘଟଣାର ର୍‌ୟାକେଟ୍ ବିଭିନ୍ନ ଜିଲ୍ଲାରେ ରହିଛି। ସେମାନେ ଲକ୍ଷ ଲକ୍ଷ ଟଙ୍କା ଏ ବାବଦରେ ଆଦାୟ କରିଥିବା କ୍ରାଇମବ୍ରାଞ୍ଚ ଆକଳନ କରିଛି। ତେବେ ଏହି ଘଟଣାରେ ଆଉ କେଉଁମାନେ ସମ୍ପୃକ୍ତି ରହିଛି, ସେ ନେଇ ତଦନ୍ତ କରାଯାଉଥିବା କ୍ରାଇମବ୍ରାଞ୍ଚ ଡିଜି ମିଶ୍ର କହିଛନ୍ତି।

# ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ହତ୍ୟା ଅଭିଯୋଗ

ଫୁଲବାଣୀ,୩୦।୭(ରାକେଶ କୁମାର ରାଉତ)

କନ୍ଧମାଳ ଜିଲ୍ଲା ଫୁଲବାଣୀ ସଦର ପିଆନପଡ଼ା ଅଞ୍ଚଳରେ ପଞ୍ଚମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀଙ୍କ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ତାଙ୍କୁ ସମ୍ପର୍କୀୟ ଭାଇ ହତ୍ୟା କରିଥିବା ନେଇ ଛାତ୍ରୀଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଛି। ବୁଧବାର ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରି ନମୁନା ସଂଗ୍ରହ କରିଛି। ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କଲେ ଛାତ୍ରୀ ଜଣକ ଗାମୁଛା ବେକରେ ବାନ୍ଧି ଆତ୍ମହତ୍ୟା କରିନାହାନ୍ତି, ବରଂ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ ହେଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ଖବରରୁ ଜଣାପଡ଼ିଛି, ମଙ୍ଗଳବାର ସନ୍ଧ୍ୟାରେ ଛାତ୍ରୀଙ୍କ ବଡଭଉଣୀ ଟିଉଶନରୁ ଆସି ଘର କବାଟ ଖୋଲିଦେବା ବେଳକୁ ସାନଭଉଣୀ ବେକରେ ଗାମୁଛା ବାନ୍ଧି ଝୁଲିଥିବା ଦେଖିବାକୁ ପାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଛାତ୍ରୀଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଟାଉନ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ସମ୍ପୃକ୍ତ ଛାତ୍ରୀଙ୍କ ବାପାଙ୍କ ବୟାନ ଭିତ୍ତିରେ ପୋଲିସ ଏହି ସମୟରେ ଘରେ ଥିବା ତାଙ୍କ ଭଉଣୀଙ୍କ ନାବାଳକ ପୁଅକୁ ଧରି ନେଇ ପଚରାଉଚରା ପରେ ତାଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ନିକଟରେ ହାଜର କରିଥିଲା। ପରେ ତାଙ୍କୁ ବାଳସୁଧାର ଗୃହକୁ ପଠାଯାଇଛି। ଏ ସମ୍ପର୍କରେ ଏସ୍‌ଡିପିଓ ଶୁଭେନ୍ଦୁ ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଲେ, ସମ୍ପୃକ୍ତ ଛାତ୍ରୀଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ଭଣଜା ଝିଅକୁ ହତ୍ୟା କରିଥିବା ଛାତ୍ରୀଙ୍କ ବାପା ଅଭିଯୋଗ କରିଛନ୍ତି। ସବୁ ଦିଗକୁ ଗୁରୁତ୍ୱ ଦେଇ ତଦନ୍ତ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସବୁ ସ୍ପଷ୍ଟ ହେବ ବୋଲି ଏସ୍‌ଡିପିଓ ବିଶ୍ୱାଳ କହିଛନ୍ତି।

# ସ୍ତ୍ରୀଙ୍କୁ ପିଟି ହତ୍ୟା, ସ୍ୱାମୀ ଗିରଫ

କେନ୍ଦୁଝର,୩୦।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲ୍ଲା ଝୁମ୍ପୁରା ଥାନା ଅଧୀନ ଅର୍ଶଲା ଗ୍ରାମରେ ସ୍ତ୍ରୀଙ୍କୁ ପିଟି ସ୍ୱାମୀ ହତ୍ୟା କରିଛନ୍ତି। ମୃତକ ହେଲେ ଗ୍ରାମର ଶକୁନ୍ତଳା ଦାସ (୩୫)। ଘଟଣାରେ ପୋଲିସ ଅଭିଯୁକ୍ତ ସ୍ୱାମୀ ଏମ୍‌ଡି ମନାନ (୪୫)ଙ୍କୁ ଗିରଫ କରି ତଦନ୍ତ କରୁଛି। ଦମ୍ପତି ଅଲଗା ସମ୍ପ୍ରଦାୟର ହୋଇଥିବାରୁ ସାମ୍ପ୍ରଦାୟିକ ଗଣ୍ଡଗୋଳ ଆଶଙ୍କା କରାଯାଉଥିଲା। ମାତ୍ର ବିବାହ ସହମତିରେ ହୋଇଥିଲା, ଉଭୟ ଏକାଠି ରହି ଆସୁଥିଲେ। ଏଣୁ ସେଭଳି ସାମ୍ପ୍ରଦାୟିକ ପ୍ରସଙ୍ଗ ନାହିଁ ବୋଲି ପୋଲିସ ସୂଚନା ଦେଇଛି। ସୂଚନା ଅନୁଯାୟୀ, ଉଭୟଙ୍କ ଦୁଇ ପିଲା ଥିବା ବେଳେ ମନାନ ଆଉ ଜଣଙ୍କୁ ବିବାହ କରିଥିଲେ। ଏ ନେଇ ମନାନ ଓ ଶକୁନ୍ତଳାଙ୍କ ମଧ୍ୟରେ ପାଟିତୁଣ୍ଡ ହେବା ସହ ମାରପିଟ ହେଉଥିଲେ। ଉଭୟ ଏକାଧିକବାର ଥାନାରେ ଲିଖିତ ଚୁକ୍ତି ମଧ୍ୟ କରିଥିଲେ। ପୁଣି ଗଣ୍ଡଗୋଳ ହେବାରୁ ଶକୁନ୍ତଳା ୨ ସପ୍ତାହ ହେବ ବାପଘରକୁ ଚାଲିଯାଇଥିଲେ। ୨ ଦିନ ତଳେ ସେ ଘରକୁ ଫେରିଥିଲେ। ମଙ୍ଗଳବାର କୌଣସି କଥାକୁ ନେଇ ପୁଣି ଗଣ୍ଡଗୋଳ ହେବା ସହ ମାରପିଟ୍ ହୋଇଥିଲା। ଶକୁନ୍ତଳାଙ୍କୁ ପିଟିପିଟି ମନାନ ହତ୍ୟା କରିଥିଲେ। ବୁଧବାର ସକାଳେ ମନାନ ଝୁମ୍ପୁରା ଥାନାକୁ ଯାଇ ଶକୁନ୍ତଳା ଅତ୍ୟଧିକ ମଦ୍ୟପାନ କରି ମୃତ୍ୟୁବରଣ କରିଥିବା କହିଥିଲେ। ଶକୁନ୍ତଳାଙ୍କ ପରିବାର ଲୋକେ ପହଞ୍ଚି ତାଙ୍କ ମୁହଁ ଓ ଶରୀରର ଅନ୍ୟାନ୍ୟ ସ୍ଥାନରେ କ୍ଷତ ଥିବା ଏବଂ ହାତ ଭାଙ୍ଗିଥିବା ଦେଖିଥିଲେ। ଏ ନେଇ ମୃତାଙ୍କ ଭାଇ ମକରଧର ଦାସଙ୍କ ଏତଲା କ୍ରମେ ପୋଲିସ ଏକ ମାମଲା(ନଂ. ୧୦୧/୨୦୨୫) ରୁଜୁ କରି ଅଭିଯୁକ୍ତ ଏମ୍‌ଡି ମନାନଙ୍କୁ ଗିରଫ କରିଛି। ଘଟଣାର ତଦନ୍ତ ଜାରି ରହିଥିବା ଝୁମ୍ପୁରା ଥାନା ଅଧିକାରିଣୀ ସମ୍ଭାରୀ ହାଁସଦା କହିଛନ୍ତି।

**ଛାତ୍ରୀଙ୍କୁ ଆପତ୍ତିଜନକ ମନ୍ତବ୍ୟ**

# ଅଧ୍ୟାପକଙ୍କୁ ଆକ୍ରମଣ, କାର୍ ଭଙ୍ଗାରୁଜା

ଦିଗପହଣ୍ଡି,୩୦।୭(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଅଧୀନ ଏକ କଲେଜର ଜଣେ ଯୁକ୍ତ ୨ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ରୀଙ୍କୁ ଅଧ୍ୟାପକ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଛି। ଗଣିତ ଅଧ୍ୟାପକ ଏପରି ମନ୍ତବ୍ୟ ଦେଇଥିବା ଛାତ୍ରୀ ଜଣଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ବୁଧବାର ଛାତ୍ରୀଙ୍କ ଭାଇ ଓ ସମ୍ପର୍କୀୟମାନେ ଡେଙ୍ଗାଓସ୍ତା ଗ୍ରାମ ମୁଖ୍ୟ ରାସ୍ତାରେ ସମ୍ପୃକ୍ତ ଅଧ୍ୟାପକଙ୍କୁ ଅଟକାଇ ଆକ୍ରମଣ କରିବା ସହ ତାଙ୍କ କାର୍ ଭଙ୍ଗାରୁଜା କରିଥିବା ଜଣାପଡିଛି। ଖବରପାଇ ପାଟପୁର ଥାନା ପୋଡ଼ାମାରି ଫାଣ୍ଡି ପୋଲିସ ଘଟଣାର ତଦନ୍ତ ଚଳାଇଛି। ଏ ନେଇ ପାଟପୁର ଥାନା ଆଇଆଇସି ଦୀପ୍ତି ରଞ୍ଜନ ବେହେରାଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ କୌଣସି ପକ୍ଷ ଥାନାରେ ଏତଲା ଦେଇ ନ ଥିବା କହିଛନ୍ତି।

# ଝରକା ତଳକୁ ଫିଙ୍ଗିଦେଲେ ଟଙ୍କା, ଅଳଙ୍କାର ବ୍ୟାଗ୍

**ଫସିଲେ ଆଉ ଜଣେ କୋଟିପତି ଏଇ**

- ■ଦିନସାରା ନିଜେ ଓ ପରିବାରକୁ ତାଲା ପକାଇ ରଖିଥିଲେ
- ■୩ କମର୍ସିଆଲ୍ ଆଉଟ୍‌ଲେଟ, ଦୁଇ ବହୁତଳ କୋଠା ଠାବ
- ■ବ୍ୟାଙ୍କ ଓ ପୋଷ୍ଟାଲରେ ୩୭.୯୭ ଲକ୍ଷ ଟଙ୍କାର ଜମା



ଭୁବନେଶ୍ୱର,୩୦।୭(ସତ୍ୟଜିତ୍ ରାଉତ)

ସହକାରୀ ଯନ୍ତ୍ରୀ (ଏଇ) ରାଜକିଶୋର ଜେନାଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଦିଗରେ ଭିଜିଲାନ୍ସ ଖୋଳତାଡ଼ କରିବାବେଳେ ତାଙ୍କର ଜଣେ ସହକର୍ମୀ ମଧ୍ୟ ଜାଲରେ ଫସିଛନ୍ତି। ସେ ହେଲେ ଅଶୋକ କୁମାର ପଣ୍ଡା। ଅଶୋକ ମଧ୍ୟ ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ-୩ର ସହକାରୀ ଯନ୍ତ୍ରୀ (ଏଇ) ଭାବେ କାର୍ଯ୍ୟ କରୁଛନ୍ତି। ରାଜକିଶୋର ଓ ଅଶୋକ ମିଳିତ ମାଲିକାନାରେ ସମ୍ପତ୍ତି କିଣିବା ସହ ଟଙ୍କା କାରବାର କରିଛନ୍ତି। ଭିଜିଲାନ୍ସ ଭୟରେ ଘରର ତାଲା ମାରି ଭିତରେ ରହିଥିଲେ। ଏପରିକି ଝରକା ବାଟେ ନଗଦ ଲକ୍ଷେ ଟଙ୍କା ଫିଙ୍ଗିଦେବା ଘଟଣା ଚର୍ଚ୍ଚା ସୃଷ୍ଟି କରିଛି। ଭିଜିଲାନ୍ସ ଯାଞ୍ଚବେଳେ ରାଜକିଶୋର ଓ ଅଶୋକ ସହଭାଗିତାରେ ନିଜ ନିଜ ପତ୍ନୀଙ୍କ ନାଁରେ ଖଣ୍ଡଗିରିସ୍ଥିତ କସ୍ମୋପଲିସ୍ ଆପାର୍ଟମେଣ୍ଟରେ ଏକ ଫ୍ଲାଟ୍ କିଣିଥିବା ଜଣାପଡ଼ିଥିଲା। ଭିଜିଲାନ୍ସର ଏକ ଟିମ୍ ମଙ୍ଗଳବାର କସ୍ମୋପଲିସ୍ ଆପାର୍ଟମେଣ୍ଟସ୍ଥିତ ୧୬ତମ ମହଲାର ଫ୍ଲାଟ୍ ନଂ.ଏଚ୍-୧୬୪ରେ ଚଢ଼ାଉ କରିଥିଲା। ଏହି ସମୟରେ ଉକ୍ତ ଫ୍ଲାଟ୍ ବାହାର ପଟୁ ତାଲା ପଡ଼ିଥିବା ଦେଖିବାକୁ ମିଳିଥିଲା। ଅଶୋକଙ୍କୁ କଲ୍ କରିବାରୁ ତାହା ସୁଇଚ୍ ଅଫ୍ ଆସିଥିଲା। ମଙ୍ଗଳବାର ରାତିରେ ଭିଜିଲାନ୍ସ ଅଧିକାରୀମାନେ ଉକ୍ତ ଫ୍ଲାଟ୍‌କୁ ସିଲ୍ କରିବାକୁ ଯୋଜନା କରିଥିଲେ। ଏହା ଜାଣିପାରି ଅଶୋକଙ୍କ ଅକଲଗୁଡ୍‌ଡୁମ୍ ହୋଇଯାଇଥିଲା। ସେ କବାଟ ଖୋଲି ଭିଜିଲାନ୍ସ ନିକଟରେ ହାଜର ହୋଇଥିଲେ।

ବୁଧବାର ସକାଳେ ଉକ୍ତ ଫ୍ଲାଟ୍ ତଳେ ଥିବା ଝରକାରେ ଏକ ବ୍ୟାଗ ଝୁଲୁଥିବା ଭିଜିଲାନ୍ସ ଟିମ୍‌ର ନଜରକୁ ଆସିଥିଲା। ଉକ୍ତ ବ୍ୟାଗକୁ ଯାଞ୍ଚ କରାଯିବା ପରେ ସେଥିରୁ ନଗଦ ଲକ୍ଷେ ଟଙ୍କା, ୧୦ଗ୍ରାମର ରୁପା କଏନ, ୬୦ ଗ୍ରାମର ସୁନା ଅଳଙ୍କାର, ଅସଲି ଆର୍‌ଓଆର୍, ଆପଲ୍ ଆଇ ଫୋନ୍, ଗାଡ଼ି ଚାବି ଓ ଅନ୍ୟାନ୍ୟ କାଗଜପତ୍ର ମିଳିଥିଲା। ଭିଜିଲାନ୍ସ ଭୟରେ ଏହି ବ୍ୟାଗକୁ ଝରକା ବାଟେ ଫିଙ୍ଗିଦେଇଥିଲେ ବୋଲି ଅଶୋକ ସ୍ୱୀକାର କରିଛନ୍ତି। ଭିଜିଲାନ୍ସ ପକ୍ଷରୁ ଅଶୋକଙ୍କ ୬ଟି ଚଢ଼ାଉ କରାଯାଇଥିବାବେଳେ ତାଙ୍କ ଠାରୁ ୧୨୫.୩୩୦ଗ୍ରାମ ଓଜନର ସୁନା ଅଳଙ୍କାର ଓ ୧୧୭.୧୦୦ଗ୍ରାମ୍‌ର ରୁପା ଅଳଙ୍କାର, ୬୧ଲକ୍ଷ ଟଙ୍କାର ଘରୋଇ ଉପକରଣ, ନଗଦ ୧.୩୩ଲକ୍ଷ ଟଙ୍କା ଜବତ ହେବା ସହ ଭୁବନେଶ୍ୱରରେ ୭ ଏବଂ ପୁରୀରେ ଗୋଟିଏ ପ୍ଲଟ ଠାବ ହୋଇଛି। ଏଥିସହିତ ଭୁବନେଶ୍ୱର ଉତ୍କଳ ଗାଲେରିଆ ମଲ୍‌ରେ ଦୁଇଟି ଶପ୍ (ନଂ.୨୩ଏ, ୧୦୬), ସିମ୍ଫୋନି ମଲ୍‌ରେ ଗୋଟିଏ ଶପ୍ (ନଂ.୨୨), ଭୁବନେଶ୍ୱର ସୋମନାଥ ଗାର୍ଡେନରେ ୪ ମହଲା କୋଠା, ଡୁମୁଡୁମା ହାଉସିଂ ବୋର୍ଡ କଲୋନିରେ ଏକ ୩ ମହଲା କୋଠା ଠାବ ହୋଇଛି। ଏଥିସହ ଅଶୋକଙ୍କ ନିକଟରୁ ଏକ କାର୍ ମିଳିଥିବାବେଳେ ସେ ବ୍ୟାଙ୍କ ଓ ପୋଷ୍ଟାଲରେ ୩୭.୯୭ ଲକ୍ଷ ଡିପୋଜିଟ୍ ରଖିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ୨୦୦୭ ଏପ୍ରିଲ ୧୩ରେ ଅଶୋକ କନିଷ୍ଠ ଯନ୍ତ୍ରୀ(ଠିକା) ଭାବେ ସରକାରୀ ଚାକିରିରେ ଯୋଗ ଦେଇଥିଲେ।

# କୋଟିପତି ସହକାରୀ ଯନ୍ତ୍ରୀ ରାଜକିଶୋର ଗିରଫ

ଭୁବନେଶ୍ୱର,୩୦।୭(ସତ୍ୟଜିତ୍ ରାଉତ)

**ଠୁଳ କରିଥିଲେ ୩୧୭% ଆୟ ବହିର୍ଭୂତ ସମ୍ପତ୍ତି**



ପୂର୍ତ୍ତ ବିଭାଗ ଅଧୀନ ଭୁବନେଶ୍ୱର(ରାସ୍ତା ଓ ଗୃହ) ବିଭାଜନ-୩ର ସହକାରୀ ଯନ୍ତ୍ରୀ (ଏଇ) ରାଜକିଶୋର ଜେନାଙ୍କୁ ବୁଧବାର ଭିଜିଲାନ୍ସ ନିର୍ଦ୍ଦେଶାଳୟ ଗିରଫ କରିଛି। ରାଜକିଶୋରଙ୍କ ଠାରୁ ଠାବ ହୋଇଥିବା ବିପୁଳ ସମ୍ପତ୍ତି ତାଙ୍କ ପ୍ରକୃତ ଆୟଠାରୁ ୩୧୭ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏତେ ମାତ୍ରାରେ ସମ୍ପତ୍ତି ଠୁଳ ନେଇ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଭିଜିଲାନ୍ସ ସେଲ୍ ଥାନା ପକ୍ଷରୁ ମାମଲା (ନଂ.୨୫/୨୦୨୫) ରୁଜୁ କରାଯାଇ ରାଜକିଶୋରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ତେବେ ଏହି ସମ୍ପତ୍ତି ଠୁଳ କରିବାରେ ସ୍ତ୍ରୀ ସହଯୋଗ କରିଥିବାରୁ ସେ ମଧ୍ୟ ଏହି ମାମଲାରେ ଅଭିଯୁକ୍ତ ହୋଇଛନ୍ତି। ଅଭିଯୁକ୍ତ ରାଜକିଶୋରଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମଙ୍ଗଳବାର ରାଜକିଶୋରଙ୍କ ଭୁବନେଶ୍ୱର ଓ ନୟାଗଡ଼ର ୬ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ଏହି ଚଢ଼ାଉରେ ତାଙ୍କର ଗୋଟିଏ ବହୁତଳ ପ୍ରାସାଦ, ୨ ଫ୍ଲାଟ୍, ୧୩ ପ୍ଲଟ୍, ଭୁବନେଶ୍ୱର ଉତ୍କଳ ଗାଲେରିଆ ମଲ୍ ଏବଂ ପାହାଳ ସିମ୍ଫୋନି ମଲ୍‌ରେ ଗୋଟିଏ ଲେଖାଏ ଏକ ଶପ୍ (କମର୍ସିଆଲ୍ ଆଉଟଲେଟ୍) ଠାବ ହୋଇଥିଲା। ଏଥିସହ ବ୍ୟାଙ୍କ, ପୋଷ୍ଟାଲ ଓ ଜୀବନବୀମା ଡିପୋଜିଟ୍ ୭୫ ଲକ୍ଷ ରଖିଥିବାବେଳେ ଦୁଇ ପିଲାଙ୍କୁ ପଢ଼ାଇବାକୁ ୬୭ ଲକ୍ଷ ଟଙ୍କା ସେ ଖର୍ଚ୍ଚ କରିଥିବା ଜଣାପଡ଼ିଥିଲା। ଏଥିସହ ରାଜକିଶୋରଙ୍କ ଘରୁ ୩୦ ଲକ୍ଷ ଟଙ୍କାର ନଗଦ ଟଙ୍କା ଓ ଘରୋଇ ସାମଗ୍ରୀ ଠାବ ହୋଇଥିଲା। ଏହି ମାମଲାରେ ଅଧିକ ତଦନ୍ତ ଚାଲୁରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# କୋଅର୍ଡିନେଟରଙ୍କୁ ବାନ୍ଧିଲା ପୋଲିସ

ଯୋଡ଼ା,୩୦।୭(ମାନସ ମହାନ୍ତି)

କେନ୍ଦୁଝର ଜିଲ୍ଲା ଯୋଡ଼ା ସହରରେ ଥିବା ଏକ ବୃଦ୍ଧାଶ୍ରମର ନର୍ସ ଗତ ୨୭ ତାରିଖରେ ଆତ୍ମହତ୍ୟାର ଉଦ୍ୟମ କରିଥିଲେ। ସୁସ୍ଥ ହବା ପରେ ଆଶ୍ରମର କୋଅର୍ଡିନେଟର ତାଙ୍କୁ ନିର୍ଯାତନା ଦେବା ସହ ଅସଦାଚରଣ କରୁଥିବା ନେଇ ଯୋଡ଼ା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ବୁଧବାର ଅଭିଯୁକ୍ତ କୋଅର୍ଡିନେଟର ଦେବ ପ୍ରସାଦ ପଟ୍ଟନାୟକଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ନର୍ସ ଜଣଙ୍କ ଗତ ୨୭ ତାରିଖରେ ମାତ୍ରାଧିକ ଔଷଧ ଖାଇ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତିକରାଯାଇଥିଲା। ସେ ମାନସିକ ଦୁଶ୍ଚିନ୍ତା ହେତୁ ଆତ୍ମହତ୍ୟା ଉଦ୍ୟମ କରିଥିବା ଗଣମାଧ୍ୟମ ଆଗରେ ପ୍ରକାଶ କରିଥିଲେ। ଏଥିସହ ବୃଦ୍ଧାଶ୍ରମରେ ବହୁ ଅନିୟମିତତା ହେଉଥିବା ନେଇ ଅଭିଯୋଗ କରିଥିଲେ। ଏଥିସହ ଅନ୍ୟ ଜଣେ କର୍ମଚାରୀଙ୍କ ସହ ତାଙ୍କର ବିବାଦ ହୋଇଥିଲା। ସେହି କାରଣରୁ କୋଅର୍ଡିନେଟର ତାଙ୍କୁ ନିର୍ଯାତନା ଦେଉଥିଲେ। ଏପରିକି ତାଙ୍କୁ ଅସଦାଚରଣ କରୁଥିବା ନେଇ ଅଭିଯୋଗ କରିଥିଲେ। ସେ କୋଅର୍ଡିନେଟର୍‌ଙ୍କ ସମେତ ୨ ଜଣ ମହିଳାଙ୍କ ନାମରେ ଏତଲା ଦେଇଥିଲେ। ପୋଲିସ ମାମଲା (ନଂ. ୧୮୯/୨୦୨୫) ରୁଜୁକରି କୋଅର୍ଡିନେଟରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ ସୂଚନା ଦେଇଛନ୍ତି।

# ପିଟି ବୈଠକରେ ମହିଳା ଅଭିଭାବକଙ୍କୁ ମାଡ଼

ବାଲେଶ୍ୱର, ୩୦।୭(ବାଞ୍ଛାନିଧି ଦେ)

- ■ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ତାଲା ପକାଇ ଅଟକ
- ■ବଦଳି ପ୍ରତିଶ୍ରୁତି ପରେ ସ୍ଥିତି ସ୍ୱାଭାବିକ

ବାଲେଶ୍ୱର ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଉଇଟିକିରିସ୍ଥିତ ହରେକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ଅଭିଭାବକ-ଶିକ୍ଷକ(ପିଟି) ବୈଠକରେ ଉତ୍ତେଜନା ଦେଖାଦେଇଛି। ବିଦ୍ୟାଳୟର କେତେକ ସମସ୍ୟାକୁ କେନ୍ଦ୍ର କରି ଜଣେ ମହିଳା ଅଭିଭାବକଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏଥିରେ ଉତ୍ୟକ୍ତ ହୋଇ ଅଭିଭାବକମାନେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅଫିସ୍‌ରେ ରଖି ତାଲା ପକାଇଦେଲେ। ଖବରପାଇ ବସ୍ତା ଥାନା ପୋଲିସ ଓ ସିଆର୍‌ସିସି ଅମୂଲ୍ୟ କୁମାର ଗୋଚ୍ଛାୟତ ବିଦ୍ୟାଳୟରେ ପହଞ୍ଚି ବୁଝାଶୁଝା କରିଥିଲେ। ଘଟଣା ସମ୍ପର୍କରେ ଅଞ୍ଜଳି ଦାସ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ୩ଦିନ ଭିତରେ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବଦଳି କରାଯିବ ବୋଲି ସିଆର୍‌ସିସି ଗୋଚ୍ଛାୟତ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ମିଳିଥିବା ସୂଚନା ଅନୁସାରେ, ହରେକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ପିଟି ବୈଠକ ଡକାଯାଇଥିଲା। ପୂର୍ବ ନିର୍ଦ୍ଧାରିତ ସମୟ ମୁତାବକ ଅଭିଭାବକମାନେ ବିଦ୍ୟାଳୟରେ ପହଞ୍ଚିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ଦାସଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ଆରମ୍ଭ ହୋଇଥିଲା। ପାନୀୟ ଜଳ ଓ ଶୌଚାଳୟର ଅବ୍ୟବସ୍ଥାକୁ ନେଇ କେତେକ ଅଭିଭାବକ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଉପଯୁକ୍ତ ବ୍ୟବସ୍ଥା ନ ଥିବାରୁ ବିଦ୍ୟାଳୟରେ ପଢୁଥିବା ୨୧୧ ଛାତ୍ରୀଛାତ୍ରଙ୍କୁ ଟାଙ୍କିରେ ଥିବା ଅପରିଷ୍କାର ପାଣି ପିଇବାକୁ ପଡୁଛି। ସେହିପରି ଶୌଚାଳୟ ଥିଲେ ବି ଏହା ବ୍ୟବହାର ଉପଯୋଗୀ ହୋଇ ନ ଥିବାରୁ ଛାତ୍ରୀଛାତ୍ର ପ୍ରତିଦିନ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମୟରେ ଅପରିଷ୍କାର ହୋଇ ପଡ଼ିଥିବା ଶୌଚାଳୟକୁ ଦେଖାଇବା ପାଇଁ ମହିଳା ଅଭିଭାବକ ଅଞ୍ଜଳି ପ୍ରଧାନଶିକ୍ଷୟିତ୍ରୀଙ୍କୁ ଡାକିଥିଲେ। ହେଲେ ଏଥିରେ ଉତ୍କ୍ଷିପ୍ତ ହୋଇ ପ୍ରଧାନଶିକ୍ଷୟିତ୍ରୀ ଜଣକ ସମସ୍ତଙ୍କ ସମ୍ମୁଖରେ ଅଞ୍ଜଳିଙ୍କୁ ମାଡ଼ ମାରିଥିଲେ। ଫଳରେ ସେଠାରେ ଉପସ୍ଥିତ ଥିବା ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଦାସଙ୍କୁ ଅଫିସ୍‌ରେ ତାଲା ପକାଇ ଅଟକ ରଖାଯାଇଥିଲା। ତୁରନ୍ତ ତାଙ୍କର ବଦଳି ଦାବିରେ ଆନ୍ଦୋଳନ ହୋଇଥିଲା। ବିଦ୍ୟାଳୟ ପରିସରରେ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା।

## ବ୍ୟବହାରିକ ଫାଇନାନ୍ସ ଏବଂ ମ୍ୟୁଚୁଆଲ ଫଣ୍ଡ
## ଭାରତରେ ନିବେଶକଙ୍କ ମନୋବିଜ୍ଞାନ ରିଟର୍ନକୁ କିପରି ପ୍ରଭାବିତ କରେ

ଭାରତର ମ୍ୟୁଚୁଆଲ ଫଣ୍ଡ ଉଦ୍ୟୋଗ ଅପେକ୍ଷାକୃତ ଅଭିବୃଦ୍ଧି ଲାଭ କରିଛି। ମାର୍ଚ୍ଚ ୨୦୨୫ ସୁଦ୍ଧା ଆସେଟ୍ସ ଅଣ୍ଡର ମ୍ୟାନେଜମେଣ୍ଟ (ଏୟୁଏମ) ₹୬୫.୭୪ ଟ୍ରିଲିୟନ (ପ୍ରାୟ $୭୭୦ ବିଲିୟନ୍)ରେ ପହଞ୍ଚିଛି, ଅର୍ଥାତ୍ ପୂର୍ବବର୍ତ୍ତୀ ବର୍ଷ ତୁଳନାରେ ୨୩.୧୧%ର ବୃଦ୍ଧି (ଉତ୍ସ: ଆସୋସିଏସନ୍ ଅଫ୍ ମ୍ୟୁଚୁଆଲ ଫଣ୍ଡସ୍ ଇନ୍ ଇଣ୍ଡିଆ - ଏଏମ୍ଏଫ୍ଆଇ)। ବଢ଼ିଚାଲିଥିବା ଆର୍ଥିକ ସଚେତନତା, ଡିଜିଟାଲ ପ୍ଲାଟ୍‌ଫର୍ମ ଏବଂ ଯୁବ ନିବେଶକଙ୍କ ବର୍ଦ୍ଧିତ ଅଂଶଗ୍ରହଣ ଦ୍ୱାରା ଏହି ଅଭିବୃଦ୍ଧି ସମ୍ଭବ ହୋଇଛି। ହେଲେ, ନିବେଶର ପ୍ରତିଫଳକୁ ଆକାର ଦେବାରେ ନିବେଶକଙ୍କ ମନୋବିଜ୍ଞାନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ, ଯାହାକୁ ପ୍ରାୟତଃ ଅଣଦେଖା କରିଦିଆଯାଏ। ଭାବାବେଗ ଏବଂ ଜ୍ଞାନାତ୍ମକ ପୂର୍ବାଗ୍ରହ କିପରି ଆର୍ଥିକ ନିଷ୍ପତ୍ତିକୁ ପ୍ରଭାବିତ କରିଥାଏ ତାହାର ଅଧ୍ୟୟନ 'ବ୍ୟବହାରିକ ଫାଇନାନ୍ସ' ଭାରତରେ ବିଶେଷ ଭାବେ ପ୍ରାସଙ୍ଗିକ ମନେହୁଏ, ଯେଉଁଠି ସାଂସ୍କୃତିକ ଏବଂ ଆବେଗାତ୍ମକ କାରକଗୁଡ଼ିକ ନିବେଶ କାର୍ଯ୍ୟକୁ ବହୁମାତ୍ରାରେ ପ୍ରଭାବିତ କରିଥାଏ।


ସିଦ୍ଧାର୍ଥ ଦମାନି
ମୁଖ୍ୟ, ନିବେଶକ ଶିକ୍ଷା ଏବଂ ବିତରକ ବିକାଶ

### ଭାରତୀୟ ମ୍ୟୁଚୁଆଲ ଫଣ୍ଡ ନିବେଶକଙ୍କଠାରେ ପରିଲକ୍ଷିତ ହେଉଥିବା ପ୍ରମୁଖ ବ୍ୟବହାରାତ୍ମକ ପୂର୍ବାଗ୍ରହ

**୧. ପଲ ମାନସିକତା** - ଅନେକ ନିବେଶକ ବଜାରର ଧାରାକୁ ଅନୁସରଣ କରିଥାନ୍ତି, ବଜାର ଶୀର୍ଷରେ ଥିବା ସମୟ କିଣିଥାନ୍ତି ଏବଂ ତାହା ନିମ୍ନଗାମୀ ହେବା ସମୟରେ ବିକ୍ରି କରନ୍ତି, ଯାହା ଦୁର୍ବଳ ଟାଇମିଂ ଓ କ୍ଷତିର କାରଣ ସାଜିଥାଏ।

**୨. କ୍ଷତି ପ୍ରତି ବିମୁଖତା** - ନିବେଶକମାନେ ଲାଭକୁ ଯେତେ ମହତ୍ତ୍ୱ ଦିଅନ୍ତି କ୍ଷତିକୁ ତା'ଠାରୁ ଅଧିକ ଭୟ କରିଥାନ୍ତି। ପ୍ରାୟ ସମୟରେ ଅଣ୍ଡରପରଫର୍ମିଂ ଫଣ୍ଡଗୁଡ଼ିକୁ ବହୁ ସମୟ ଧରି ଧାରଣ କରି ରଖନ୍ତି ନ ହେଲେ ଆବଶ୍ୟକୀୟ ରିସ୍କକୁ ଏଡ଼ାଇଥାନ୍ତି।

**୩. ଅତ୍ୟଧିକ ଆତ୍ମବିଶ୍ୱାସ** - ଫିନ୍‌ଟେକ୍ ପ୍ଲାଟ୍‌ଫର୍ମଗୁଡ଼ିକର ବୃଦ୍ଧିଶୀଳ ଉପଲବ୍ଧତା ଯୋଗୁଁ ଯୁବ ନିବେଶକମାନେ ଅତିଶୟ ମାତ୍ରାରେ ଟ୍ରେଡିଂ କରନ୍ତି ଏବଂ ଦୀର୍ଘ-ମିଆଦୀ ରିଟର୍ନକୁ ହାତଛଡ଼ା କରନ୍ତି।

**୪. ସ୍ୱଳ୍ପ-ମିଆଦୀ ଲାଭ ଉପରେ ଫୋକସ** - ମ୍ୟୁଚୁଆଲ ଫଣ୍ଡ ଦୀର୍ଘ-ମିଆଦୀ ନିବେଶ ହୋଇଥିବା ସତ୍ତ୍ୱେ, ଅନେକ ନିବେଶକ ଦ୍ରୁତ ଲାଭ ପଛରେ ଧାଇଁଥାନ୍ତି ଓ ଚକ୍ରବୃଦ୍ଧିର ଲାଭରୁ ବଞ୍ଚିତ ହୁଅନ୍ତି।

**୫. ଆଙ୍କରିଂ ଏବଂ ପଶ୍ଚାତାପ ପ୍ରତି ବିମୁଖତା** - ନିବେଶକମାନେ ଅତ୍ୟଧିକ ମାତ୍ରାରେ ଅତୀତର ପ୍ରଦର୍ଶନ ଉପରେ ନିର୍ଭରଶୀଳ ରହନ୍ତି କିମ୍ବା ପଶ୍ଚାତାପର ଭୟ ଯୋଗୁଁ ନିଷ୍ପତ୍ତି ନେବାରୁ ବିରତ ରୁହନ୍ତି।

### ଭାରତୀୟ ମ୍ୟୁଚୁଆଲ ଫଣ୍ଡରେ ବ୍ୟବହାରିକ ଧାରା

- ବର୍ତ୍ତମାନ ଇକ୍ୱିଟି ଏୟୁଏମ୍‌ରେ ୩୦% ଡାଇରେକ୍ଟ ପ୍ଲାନ୍ (ଆତ୍ମ-ପରିଚାଳିତ) ରହିଛି। ୨୦୨୦ ତାହା ୨୧% ଥିଲା। ଏହା ଡିଆଇୱାଇ ନିବେଶ ଆଡ଼କୁ ଅବସ୍ଥାନ୍ତରକୁ ପ୍ରତିଫଳିତ କରୁଛି (ଏଏମ୍ଏଫ୍ଆଇ)।
- ଏସ୍ଆଇପି ଏୟୁଏମ୍‌ରେ ଯୁବ ନିବେଶକ (୧୮-୩୪ ବର୍ଷ ବୟସ୍କ)ଙ୍କ ଅବଦାନ ୨୩.୬%। ଏହା ସେମାନଙ୍କର ବୃଦ୍ଧିଶୀଳ ପ୍ରତିପତ୍ତିର ସୂଚକାଙ୍କ (ଏଏମ୍ଏଫ୍ଆଇ, ୨୦୨୪)।
- କେବଳ ୭.୭% ଡାଇରେକ୍ଟ ପ୍ଲାନ୍ ନିବେଶଗୁଡ଼ିକୁ ୫ ବର୍ଷରୁ ଅଧିକ ସମୟ ଧରି ବଜାୟ ରଖାଯାଇଥାଏ, ପରାମର୍ଶଦାତା ନେତୃତ୍ୱାଧୀନ ପ୍ଲାନ୍ କ୍ଷେତ୍ରରେ ଏହାର ପରିମାଣ ୨୧.୨%। ଏହା ସୂଚାଇଥାଏ ଯେ ପେସାଦାର ମାର୍ଗଦର୍ଶନ ଶୃଙ୍ଖଳାରେ ଉନ୍ନତି ଆଣିଥାଏ (ଏଏମ୍ଏଫ୍ଆଇ)।
- ଆର୍ଥିକବର୍ଷ ୨୦୨୫ରେ ଏସ୍ଆଇପି ଅନ୍ତଃପ୍ରବାହ ୪୫.୨୪% ବୃଦ୍ଧି ପାଇଁ ୨.୮୯ ଟ୍ରିଲିୟନରେ ପହଞ୍ଚିଛି। ଏହା ଦୀର୍ଘ-ମିଆଦୀ ଲକ୍ଷ୍ୟ ପ୍ରତି ନିବେଶକଙ୍କ ବର୍ଦ୍ଧିତ ପ୍ରତିବଦ୍ଧତାକୁ ସୂଚାଇଥାଏ (ଏଏମ୍ଏଫ୍ଆଇ)।

### ପୂର୍ବାଗ୍ରହ ରିଟର୍ନକୁ କେମିତି ପ୍ରତିକୂଳ ଭାବେ ପ୍ରଭାବିତ କରିଥାଏ

ବ୍ୟବହାରିକ ପୂର୍ବାଗ୍ରହ ଦୁର୍ବଳ ନିଷ୍ପତ୍ତିର କାରଣ ସାଜିଥାଏ - ଉଚ୍ଚରେ କିଣିବା, ନିମ୍ନରେ ବିକିବା ଏବଂ ବାରମ୍ବାର ପୋର୍ଟଫୋଲିଓ ପରିବର୍ତ୍ତନ କରିବା। କର୍ନାଟକରେ ସଞ୍ଚାଳିତ ଏକ ଅଧ୍ୟୟନ (ସାହାନା ଏବଂ ସୁକନ୍ୟା, ୨୦୨୪) ଦର୍ଶାଇଛି ଯେ ଆବେଗାତ୍ମକ କାରକ ଏବଂ ରିସ୍କ ସହନଶୀଳତା ପୋର୍ଟଫୋଲିଓ ପର୍‌ଫର୍ମାନ୍ସକୁ ଅପେକ୍ଷାକୃତ ଭାବେ ପ୍ରଭାବିତ କରିଥାଏ। ଖୁଚୁରା ନିବେଶକମାନେ ବିଭିନ୍ନ ବିକଳ୍ପ ଏବଂ ପୂର୍ବାଗ୍ରହ ଦ୍ୱାରା ଭାବବିହ୍ୱଳିତ ହୋଇପଡ଼ନ୍ତି ଏବଂ ପ୍ରାୟ ସମୟରେ ଠିକ୍ ଫଣ୍ଡ ଚୟନ କରିବା ଓ ତାହାକୁ ବଜାୟ ରଖିବାରେ ଅସୁବିଧା ଭୋଗିଥାନ୍ତି।

### ବ୍ୟବହାରିକ ପୂର୍ବାଗ୍ରହରୁ କେମିତି ବର୍ତ୍ତିବେ

**୧. ଆର୍ଥିକ ଶିକ୍ଷା** - ଏହା ନିବେଶକମାନଙ୍କୁ ପୂର୍ବାଗ୍ରହଗୁଡ଼ିକୁ ଚିହ୍ନଟ ଓ ପରିଚାଳିତ କରିବାରେ ସାହାଯ୍ୟ କରେ।

**୨. ଏସ୍ଆଇପି (ସିଷ୍ଟେମାଟିକ୍ ଇନଭେଷ୍ଟମେଣ୍ଟ ପ୍ଲାନ୍‌ସ)** - ଶୃଙ୍ଖଳିତ, ଭାବାବେଗମୁକ୍ତ ନିବେଶକୁ ପ୍ରୋତ୍ସାହିତ କରେ।

**୩. ପେସାଦାର ପରାମର୍ଶ** - ପରାମର୍ଶଦାତାଙ୍କ ନେତୃତ୍ୱାଧୀନ ପ୍ଲାନ୍‌ରେ ହୋଲ୍ଡିଂ ଅବଧି ଏବଂ ରିଟର୍ନ ଉନ୍ନତ ହୋଇଥାଏ।

*ଦାବିତ୍ୟାଗ:*
*ନିବେଶକ ଶିକ୍ଷା ଓ ସଚେତନତା ପାଇଁ ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ମ୍ୟୁଚୁଆଲ ଫଣ୍ଡର ଏକ ପ୍ରୟାସ*
*ସମସ୍ତ ନିବେଶକଙ୍କୁ ଥରେ ଏକକାଳୀନ କେୱାଇସି (ନିଜ ଗ୍ରାହକଙ୍କୁ ଜାଣନ୍ତୁ) ପ୍ରକ୍ରିୟାର ସମ୍ମୁଖୀନ ହେବାକୁ ପଡ଼ିବ। ନିବେଶକମାନେ କେବଳ ସେବି ସହ ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବା ଉଚିତ। କେୱାଇସି ଉପରେ ଅଧିକ ସୂଚନା, ସେବି ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡଗୁଡ଼ିକର ତାଲିକା ଏବଂ ଅଭିଯୋଗ ନିରାକରଣ ପଦ୍ଧତିର ବିବରଣୀ ସମେତ ସେବି ସ୍କୋର୍‌ସ ପୋର୍ଟାଲ ବିଷୟରେ ଅଧିକ ଜାଣିବା ପାଇଁ ଏହି ଲିଙ୍କ୍ ପରିଦର୍ଶନ କରନ୍ତୁ: https://mutualfund.adityabirlacapital.com/Investor-Education/education/kyc-and-redressal*
*ମ୍ୟୁଚୁଆଲ ଫଣ୍ଡ ନିବେଶଗୁଡ଼ିକ ବଜାରର କ୍ଷତିଭୟ ଅଧୀନ ଅଟେ, ଯୋଜନା ସମ୍ବନ୍ଧୀୟ ସମସ୍ତ ଦସ୍ତାବିଜ ଧ୍ୟାନପୂର୍ବକ ପଢ଼ନ୍ତୁ।*

Aditya Birla Sun Life Mutual Fund

ADITYA BIRLA CAPITAL
MUTUAL FUNDS

"ସେହି ଦିବ୍ୟଜନନୀ ଆମ ପୃଥିବୀର ଏଇ ଅନ୍ଧକାର ଭିତରକୁ ପ୍ରବେଶ କରିଛନ୍ତି। କାରଣ- ସେ ଏଇ ଅନ୍ଧକାର ଭିତରେ ଆଲୋକ ଜଳାଇବେ। ସେ ମଧ୍ୟ ଏହି ପାର୍ଥିବ ଜୀବନର ମିଥ୍ୟା ଓ ଭ୍ରମପ୍ରମାଦ ଭିତରେ ପ୍ରବେଶ କରିଛନ୍ତି। କାରଣ ସେ ତାକୁ ସତ୍ୟରେ ପରିଣତ କରିବେ। ସେ ମଧ୍ୟ ଏଇ ମୃତ୍ୟୁଲୋକରେ ପ୍ରବେଶ କରିଛନ୍ତି। କାରଣ ସେ ଏହାକୁ ଦିବ୍ୟଜୀବନରେ ରୂପାନ୍ତରିତ କରିପାରନ୍ତି। -ଶ୍ରୀଅରବିନ୍ଦ

# ବାଣିଜ୍ୟ ଓ ଚାଇନାର ହିନ୍ଦୁ ମନ୍ଦିର



ଦେବଦତ୍ତ ପଟ୍ଟନାୟକ

ଭାରତରୁ ଚାଇନା ପର୍ଯ୍ୟନ୍ତ ଦୀର୍ଘ ବାଣିଜ୍ୟିକ ପଥର ବିକାଶ ଯୋଗୁ ଚାଇନାରେ ହିନ୍ଦୁଧର୍ମର ପ୍ରତୀକ ବା ମୂର୍ତ୍ତି ଥିବା ମନ୍ଦିର ପ୍ରତିଷ୍ଠା ସମ୍ଭବ ହୋଇଥିଲା। ଚାଇନାର ଫୁଜିଆନ ଅଞ୍ଚଳର କ୍ୱାନ୍‌ଝୌ ସହରରେ ଏକ ବୌଦ୍ଧ ମନ୍ଦିର ଅଛି, ଯାହାର ନିଅଁ ଉପରଭାଗରୁ ଆରମ୍ଭକରି ସ୍ତମ୍ଭଗୁଡ଼ିକରେ ହିନ୍ଦୁଧର୍ମର ପ୍ରତୀକ ଓ ମୂର୍ତ୍ତିସବୁ ରହିଛି। ଏଗୁଡ଼ିକ ସୂଚିତ କରେ ଯେ, ଭାରତ ଓ ଚାଇନା ମଧ୍ୟରେ ଦୀର୍ଘ ବାଣିଜ୍ୟିକ ସମ୍ପର୍କ ଥିଲା। ସେତେବେଳର ଏହି ବାଣିଜ୍ୟ ଭାରତର ପଶ୍ଚିମ ଉପକୂଳରୁ ମାଲାକା ଷ୍ଟ୍ରେଟ( ସିଙ୍ଗାପୋର) ବାଟ ଦେଇ ସମୁଦ୍ରପଥରେ ଚାଲିଥିଲା। ମନ୍ଦିରରେ ଥିବା ପ୍ରତୀକ ଓ ମୂର୍ତ୍ତିଗୁଡ଼ିକ ମଧ୍ୟରେ ସିଂହ ଅଛି, ଯାହାର ସମ୍ପର୍କ ଦକ୍ଷିଣ ଭାରତ କିମ୍ବା ଚାଇନା ସହ ନ ଥିଲା। ସିଂହ ଭାରତ ଓ ଚାଇନା ରାଜବଂଶର ପ୍ରତୀକ ହୋଇଥିଲା ଏବଂ ସିଂହ ନାଁକୁ ଶ୍ରୀଲଙ୍କା(ସିଂହଳ) ଏବଂ ସିଙ୍ଗାପୁର (ସିଂହପୁରା, ସିଂହର ସହର)ର ଲୋକେ ଗ୍ରହଣ କରିଥିଲେ। ବିଭିନ୍ନ ବିଷୟ ଏବଂ ବିଚାରସବୁ କିଭଳି ଗୋଟିଏ ଜାଗାରୁ ଆଉ ଗୋଟିଏ ସ୍ଥାନକୁ ସ୍ଥାନାନ୍ତର ହେଉଥିଲା ତାହା ଏଥିରୁ ଜଣାପଡ଼ୁଛି।

ସ୍ଥାନୀୟ କିମ୍ବଦନ୍ତୀ ଅନୁଯାୟୀ, ବୁଦ୍ଧଙ୍କ ମନ୍ଦିର ନିର୍ମାଣ କରିବା ପାଇଁ ଜଣେ ବ୍ୟବସାୟୀ ଜମିଦାରଙ୍କୁ ଜମି ଖଣ୍ଡେ ମାଗିଲେ। ଜମିଦାର ଜମି ଦେବାକୁ ପ୍ରସ୍ତୁତ ନ ଥିଲେ ଏବଂ କହିଲେ, ଯଦି ତାଙ୍କ ବଗିଚାରେ ମୁଲ୍‌ବେରି ଗଛରେ ଧଳା ପଦ୍ମଫୁଲ ଫୁଟିବ, ତେବେ ସେ ଜମି ଦେବେ। ବାସ୍ତବରେ ତାହା ହିଁ ଘଟିଥିଲା। ପରେ ଜମିଦାର ବୌଦ୍ଧ ସନ୍ନ୍ୟାସୀଙ୍କୁ ଜମି ଦେଇଥିଲେ ଏବଂ ମନ୍ଦିର ନିର୍ମାଣ ହୋଇଥିଲା। ପରେ ଏହା ଏମିତି ଏକ ସ୍ଥାନ ହୋଇଗଲା, ଯେଉଁଠାରେ ବିଭିନ୍ନ ବୌଦ୍ଧ ଏବଂ ହିନ୍ଦୁ ସମ୍ପ୍ରଦାୟର ବ୍ୟବସାୟୀ ଓ ସନ୍ନ୍ୟାସୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ମନ୍ଦିର ନିର୍ମାଣ କରାଯାଇଥିଲା। ଫଳରେ ଏବେ ମଧ୍ୟ ସେଠାରେ ପ୍ରତିଷ୍ଠିତ ଏକ ବିରାଟକାୟ ଶିବଲିଙ୍ଗ ଉପରେ ଶିବଙ୍କ ମୂର୍ତ୍ତି ଜଣେ ଦେଖିପାରିବେ, ଯାହାକୁ ଗୋଟିଏ ହାତୀ ପୂଜା କରୁଥିଲା। ସେଠାରେ ଆଉ ଏକ ଜଟାଧାରୀ ଶିବଙ୍କ ମୂର୍ତ୍ତି ଅଛି। ସେଠାରେ ଦକ୍ଷିଣ ଭାରତର ଶିବଭକ୍ତ ନିଆରା ବ୍ୟାଘ୍ରପଦୀ ନରସିଂହ ମୂର୍ତ୍ତି ଅଛି, ଯାହା ପୁରୁଷବ୍ରିଘ(ବ୍ୟାଘ୍ରପଦ) ଭାବେ ଜଣାଶୁଣା। ସେଠାରେ ଥିବା ପାର୍ବତୀ ମୂର୍ତ୍ତିଙ୍କ ପାଦତଳେ ଜଣେ ରାକ୍ଷସ ବସିଥିବା ଦେଖିବାକୁ ମିଳେ। ଏହାକୁ ସ୍ଥାନୀୟ ଲୋକେ ପୂଜା କରିଥାନ୍ତି ଏବଂ ଚାଇନାର ପରମ୍ପରାରେ ଥିବା କରୁଣାମୟୀ ମହିଳା ବୋଧିସତ୍ତ୍ୱ ଗୁଆନ ୟିନ୍‌ଙ୍କ ସ୍ୱରୂପ ବୋଲି ସେମାନେ ବିଶ୍ୱାସ କରନ୍ତି। ଶିବଲିଙ୍ଗ ଭଳି ଏକ ସ୍ତମ୍ଭ ସେଠାରେ ଶୋଭାପାଉଛି, ଯାହାକୁ ସେଠାକାର ଲୋକେ ପଥର, ବାଉଁଶ କରଡ଼ି ବା ଗଜା ବୋଲି ଭାବନ୍ତି। କିନ୍ତୁ ତାହା ସମ୍ଭବତଃ ଏକ ଶିବଲିଙ୍ଗ।



ଭାରତରୁ ଚାଇନାକୁ ସଂଯୋଗ କରୁଥିବା ପୁରାତନ ବାଣିଜ୍ୟ ପଥଗୁଡ଼ିକ ସ୍ଥଳପଥରେ ଥିଲା। ଏସବୁ କେନ୍ଦ୍ର ଏସିଆ ଦେଇ ଯାଇଥିଲା। ପରେ ମୌସୁମୀ ପ୍ରବାହକୁ ଦେଖି ସମୁଦ୍ରପଥକୁ ବାଣିଜ୍ୟ ପାଇଁ ଅଗ୍ରାଧିକାର ଦିଆଯାଇଥିଲା।

ସର୍ବପୁରାତନ ରାମାୟଣ ପାଣ୍ଡୁଲିପିରେ ଚାଇନା ସମ୍ପର୍କରେ ସୂଚିତ କରାଯାଇ ନାହିଁ। କିନ୍ତୁ ପୁରାତନ ମହାଭାରତ ଗ୍ରନ୍ଥରେ ଏ ସମ୍ପର୍କରେ ଦର୍ଶାଯାଇଛି। ପ୍ରାୟ ଖ୍ରୀଷ୍ଟପୂର୍ବ ୨୦୦ ପାଖାପାଖିରେ କେନ୍ଦ୍ର ଏସିଆର ଜନଜାତି ଲୋକଙ୍କ ମାଧ୍ୟମରେ ଚାଇନା ପ୍ରଥମେ ପରୋକ୍ଷରେ ଏବଂ ପରେ ଖ୍ରୀଷ୍ଟାବ୍ଦ ୨୦୦ ବେଳକୁ ସିଧାସଳଖ ଭାରତ ସହ ସମ୍ପର୍କ ସ୍ଥାପନ କରିଥିଲା। ଏହା ହାନ୍ ବଂଶର ରାଜତ୍ୱ ସମୟ( ଖ୍ରୀଷ୍ଟପୂର୍ବ ୨୦୦-ଖ୍ରୀଷ୍ଟାବ୍ଦ ୨୦୦)ରେ ହୋଇଥିଲା ଏବଂ ସେତେବେଳେ ଚାଇନା ସଂଗଠିତ ହୋଇ ରହିଥିଲା। ସେହି ସମୟରେ ଭାରତକୁ ଶେନ୍ଦୁ(ସିନ୍ଧୁରୁ ଆସିଛି) ଏବଂ ଟିଆନ୍‌ଝୁ(ସ୍ୱର୍ଗର ବାଉଁଶ ଜଙ୍ଗଲ, ବୌଦ୍ଧଧର୍ମରେ ବେଣୁବନ) କୁହାଯାଉଥିଲା। ଲୋକେ ବୌଦ୍ଧଧର୍ମକୁ ଅଧିକ ଗ୍ରହଣ କରୁଥିଲେ, କାରଣ ଯେଉଁ ସମୟରେ ଚାଇନା ଗୃହଯୁଦ୍ଧରେ ଖଣ୍ଡବିଖଣ୍ଡିତ ହୋଇଯାଇଥିଲା, ସେହି ସମୟରେ ଏହା ପରିସ୍ଥିତିକୁ ଶାନ୍ତ କରିଥିଲା।

ଟାଙ୍ଗ ସାମ୍ରାଜ୍ୟ ସମୟ(ଖ୍ରୀଷ୍ଟାବ୍ଦ ୬୦୦ରୁ ୯୦୦)ରେ ଯେତେବେଳେ ଚାଇନାର ଏକତ୍ରୀକରଣ ହେଲା ସେତେବେଳେ ଭାରତରୁ ଚାଇନାର ଲୋକେ ବୌଦ୍ଧଗ୍ରନ୍ଥ ଓ ବୌଦ୍ଧଧର୍ମର ଅବଶେଷାଂଶ ନେବାକୁ ଅଧିକ ଆଗ୍ରହ ପ୍ରକାଶ କରିଥିଲେ। ସେହି ସମୟରେ ସଂସ୍କୃତରେ ରଚିତ ବୌଦ୍ଧଧର୍ମର ବିଚାର ବା ନୀତିବାଣୀକୁ ଚାଇନିଜ୍ ଭାଷାରେ ଅନୁବାଦ କରାଯାଇଥିଲା। ଏହା ଅତ୍ୟନ୍ତ ଜଟିଳ ପ୍ରକ୍ରିୟା ଥିଲା। ଉଭୟ ଉଚ୍ଚାରଣ ଓ ଲେଖାରେ ଭାଷା ତଥା ଶବ୍ଦାର୍ଥ ସଂଯୋଜନା ମୌଳିକ ରୂପେ ଭିନ୍ନ ଥିଲା। କିନ୍ତୁ ଟାଙ୍ଗ ଶାସନର ଶେଷବେଳକୁ ଚାଇନାର ଦାର୍ଶନିକ କନ୍‌ଫୁସିଆନଙ୍କ ବିଚାର ଉପରେ ବିଶ୍ୱାସ ରଖିଥିବା ସ୍ଥାନୀୟ ବିଦ୍ୱାନ୍‌ମାନେ ବୌଦ୍ଧଧର୍ମ ଏବଂ ଦେହାବଶେଷ ପୂଜନ ଭଳି ପରମ୍ପରାର ଶତ୍ରୁ ପାଲଟିଗଲେ।

ସଙ୍ଗ୍ ଶାସନ ସମୟ(୧୦୦୦-୧୩୦୦ ଶତାବ୍ଦୀ)ରେ ଚାଇନାକୁ ବୌଦ୍ଧଧର୍ମର କେନ୍ଦ୍ର ଭାବେ ଗଣାଯାଉଥିଲା। ଏହି ସମୟରେ ଭାରତରୁ ବୌଦ୍ଧଧର୍ମର ପ୍ରଭାବ ହ୍ରାସ ପାଇଥିଲା ଏବଂ ଅନେକେ ଚାଇନାକୁ ଚାଲିଯାଇଥିଲେ, ଯାହାକୁ ମୈତ୍ରେୟ ବୁଦ୍ଧ(ଭିବଷ୍ୟତର ବୁଦ୍ଧ), ମଞ୍ଜୁଶ୍ରୀ( ଜ୍ଞାନର ଦେବୀ ତଥା ଖଡ୍‌ଗଧାରୀ ବୋଧିସତ୍ତ୍ୱ), ଅମିତାଭ ବୁଦ୍ଧ(ପବିତ୍ର ଭୂମିର ମୁକ୍ତିଦାତା ବୁଦ୍ଧ)ଙ୍କ ଭୂମି ଭାବେ ଦେଖାଯାଉଥିଲା। ମଙ୍ଗୋଲୀୟ ସେନାର ଉତ୍‌ଥାନ ପରେ ଚାଇନାକୁ ଥିବା ପୁରାତନ ସ୍ଥଳପଥ ବିପଦପୂର୍ଣ୍ଣ ହୋଇଗଲା। ଏଣୁ ଚାଇନା ସହ ସମ୍ପର୍କ ରଖିବା ପାଇଁ ସ୍ଥଳପଥ ବଦଳରେ ସମୁଦ୍ରପଥକୁ ବଛାଯାଇଥିଲା। ଯେତେବେଳେ ତାମିଲାକାମର ଚୋଳ ରାଜତ୍ୱ ପ୍ରତିଷ୍ଠା ହେଲା, ସେତେବେଳେ ଇଣ୍ଡୋନେସିଆ ବାଟ ଦେଇ ଚାଇନାର ରାଜଦରବାର ସହ ଯୋଗାଯୋଗ ସ୍ଥାପନ କରାଯାଇଥିଲା।

ମୌସୁମୀ ବାୟୁ ପ୍ରବାହର ସାହାଯ୍ୟ ନେଇ ନାବଗୁଡ଼ିକ ଆରବରୁ ବାହାରି ଭାରତର ପଶ୍ଚିମ ଉପକୂଳରେ ପହଞ୍ଚିବା ପାଇଁ ପାଖାପାଖି ୩୦ ଦିନ ଲାଗିଯାଉଥିଲା। ଏହା ପରେ ନାବଗୁଡ଼ିକ ଭାରତର ପୂର୍ବ ଉପକୂଳରୁ ବାହାରି ମାଲାକା ଷ୍ଟ୍ରେଟରେ ପହଞ୍ଚିବାକୁ ଆଉ ୩୦ ଦିନ ଲାଗିଯାଉଥିଲା। ତା'ପରେ ଆଉ ୩୦ ଦିନରେ ଚାଇନାରେ ପହଞ୍ଚୁଥିଲା। ୧୦୦ ଦିନ କିମ୍ବା ପାଖାପାଖି ୩ରୁ ୪ ମାସ ମଧ୍ୟରେ ଜଣେ ଆରବରୁ ବାହାରି ସୁଦୂର ଚାଇନାରେ ପହଞ୍ଚିଯାଇ ପାରୁଥିଲା। ଏହା ଥିଲା ପ୍ରମୁଖ ବାଣିଜ୍ୟପଥ। ଯେତେବେଳେ ସ୍ଥଳପଥ ବନ୍ଦ ହୋଇଯାଇଥିଲା ସେତେବେଳେ ସମୁଦ୍ରପଥରେ ଆରବରୁ ଘୋଡ଼ା ଦକ୍ଷିଣ ଏସିଆ, ଦକ୍ଷିଣ ପୂର୍ବ ଏସିଆ ଏବଂ ଚାଇନାକୁ ଯାଉଥିଲେ। ଏହା ବଦଳରେ ଚାଇନା ରେଶମ, ରୁପା, ଚା ଓ ଚାଇନାମାଟି ରପ୍ତାନି କରୁଥିଲା। ଭାରତୀୟ କପା ବଦଳରେ ଦକ୍ଷିଣ ପୂର୍ବ ଏସିଆରୁ ସୁନା ଆସୁଥିଲା। ଏହାସହ ସମୁଦ୍ରପଥରେ ମସଲା ଓ ସୁଗନ୍ଧିତ ଗଛର ଦିଆନିଆ ଚାଲିଥିଲା। ଏହା ଥିଲା ଏକ ବ୍ୟାପକ ବାଣିଜ୍ୟିକ ଯୋଗାଯୋଗର ମାଧ୍ୟମ। ଭାରତରେ ସେତେବେଳେ ଏକ ଶକ୍ତିଶାଳୀ ବଣିକ ସଂଘ ଥିଲା ଏବଂ ଏହି ବାଣିଜ୍ୟର ଅଧିକାଂଶ ଭାଗକୁ ନିୟନ୍ତ୍ରଣ କରୁଥିଲା। ଏହି ବାଣିଜ୍ୟ ରାଷ୍ଟ୍ରକୂଟ ସାମ୍ରାଜ୍ୟକୁ ସମୃଦ୍ଧ କରିଥିଲା, ଯାହା ପାଖାପାଖି ୮୦୦ ଶତାବ୍ଦୀରେ କର୍ଣ୍ଣାଟକର ଅଧିକାଂଶ ଅଂଶରେ ଶାସନ କରୁଥିଲା। ଏହି ସମୟରେ ଭାରତରେ ଥିବା କେତେକ ବହୁ ପୁରାତନ ମନ୍ଦିର ଏବଂ ଦକ୍ଷିଣ ପୂର୍ବ ଚାଇନାରେ ଥିବା ଅନେକ ମନ୍ଦିରକୁ ଧନ ଯୋଗାଇ ଦିଆଯାଇଥିଲା।

-devduttofficial@gmail.com

# ଆଜିର ଆହ୍ୱାନ



ଇପ୍‌ସିତା ମହାନ୍ତି

ସ୍ୱାମୀ ବିବେକାନନ୍ଦ ପରାଧୀନ ଭାରତର ଯୁବଗୋଷ୍ଠୀଙ୍କୁ ସମ୍ବୋଧିତ କରିବା ଅବସରରେ କହିଥିଲେ, "ଉଠ, ଜାଗ୍ରତ ହୁଅ ଓ ଯେତେବେଳ ପର୍ଯ୍ୟନ୍ତ ଲକ୍ଷ୍ୟ ପ୍ରାପ୍ତ କରିନାହଁ ସେତେବେଳ ପର୍ଯ୍ୟନ୍ତ ଅଟକିବ ନାହିଁ, ବିଶ୍ରାମ ନେବ ନାହିଁ। ଯେଉଁ ବିଷୟରେ ଭାବୁଛ, ତାହାକୁ ନିଜ ବିଚାରଧାରା କରି ନିଅ। ତାହା ଉପରେ ସ୍ୱପ୍ନ ଦେଖ। ସେହି ବିଚାରଧାରାକୁ ନେଇ ଜୀବନଧାରଣ କର। ତୁମ ମନ, ପ୍ରାଣ, ମାଂସପେଶୀ ଓ ଶିରାପ୍ରଶିରା ସହ ତୁମ ଶରୀରର ପ୍ରତ୍ୟେକଟି କୋଷିକାରେ ସେହି ବିଚାରକୁ ଭରି ଦିଅ। ଦେଖିବ, ଏହା ତୁମକୁ ସଫଳତା ଆଣିଦେବ। ଏହା ହିଁ ହେଉଛି ସଫଳତାର ସୂତ୍ର। ସମସ୍ତ ଶକ୍ତି ଆମ ଶରୀରରେ ଅଛି। ଆମେ କିଛି ବି କରିପାରିବା। ହଁ, ସବୁକିଛି କରିପାରିବା ଆମେ। ତେଣୁ ନିଜ ଉପରେ ବିଶ୍ୱାସ ରଖ। ଭରସା ରଖ। କେହି ଦୁର୍ବଳ ନୁହଁ। ଯଦି ମନ ଓ ପ୍ରାଣ ମଧ୍ୟରେ ସଙ୍ଘର୍ଷ ଚାଲୁଥାଏ ; ତେବେ ଆମକୁ ତାହା କରିବା ଉଚିତ୍, ଯାହା ଆମ ହୃଦୟ କହୁଛି।" ସ୍ୱାମୀ ବିବେକାନନ୍ଦଙ୍କ ଏହି ବିଚାର ଅଗଣିତ ଭାରତୀୟ ଯୁବଗୋଷ୍ଠୀଙ୍କ ମନରେ ସ୍ୱାଭିମାନ ଓ ସ୍ୱତନ୍ତ୍ରତାର ବୀଜ ରୋପଣ କରିଥିଲା। ବିବେକାନନ୍ଦଙ୍କ ଜୀବନୀ ଅଧ୍ୟୟନ କରିବା ପରେ ଗାନ୍ଧୀଜୀ କହିଥିଲେ ; ସ୍ୱାମୀଜୀଙ୍କ ବିଚାରଧାରା ଦ୍ୱାରା ମୁଁ ଗଭୀର ମାତ୍ରାରେ ପ୍ରଭାବିତ। ଦେଶପ୍ରତି ସ୍ୱାମୀଜୀଙ୍କ ପ୍ରେମ ଓ ଭଲ ପାଇବା ହିଁ; ଭାରତ ପ୍ରତି ମୋର ଭଲପାଇବାକୁ ହଜାରେ ଗୁଣରେ ବଢ଼ାଇ ଦେଇଛି।

ସମ୍ପ୍ରତି ବେରୋଜଗାର, ମୁଦ୍ରାସ୍ଫୀତି ଭଳି ସ୍ଥିତିରେ ଭାରତୀୟ ଯୁବଗୋଷ୍ଠୀଙ୍କୁ ସ୍ୱାମୀଜୀଙ୍କ ବିଚାରଧାରାରୁ ଅନେକ ଉପକାର ମିଳିବ। ଯାହା ସେମାନଙ୍କୁ ପ୍ରତି ମୁହୂର୍ତ୍ତରେ ଅଭିପ୍ରେରିତ କରିବ। ଏକଦା ଯୁବଗୋଷ୍ଠୀଙ୍କ ଉଦ୍ଦେଶ୍ୟରେ ସ୍ୱାମୀଜୀ କହିଥିଲେ,"ଜୀବନରେ ସର୍ବଦା ଜୋଖିମ (ବିପଦ) ଉଠାଅ ; ବିଜୟୀ ହେଲେ ନେତୃତ୍ୱ ନେବ, ପରାଜିତ ହେଲେ ଲୋକଙ୍କୁ ମାର୍ଗ ଦର୍ଶନ କରିବ।" ନିଜ ବିଷୟରେ ଉଦାହରଣ ଦେଇ ସ୍ୱାମୀଜୀ ଥରେ କହିଥଲେ,"ମୋର ନିଜର ସହସ୍ର ଦୋଷ ଅବା ଖୁଣ ଥିବା ସତ୍ତ୍ୱେ ମୁଁ ନିଜକୁ ଯଦି ଭଲ ପାଇ ପାରୁଛି। ତେବେ କିଞ୍ଚିତ ଦୋଷ ପାଇଁ ମୁଁ ଅନ୍ୟକୁ କାହିଁକି ହତାଦର ଅବା ଘୃଣା କରିବି ?" ଅତୀତରେ ଭରତ ଥିଲା ବିଶ୍ୱଗୁରୁ। ଆଜି ଭାରତରେ ଆଧ୍ୟାତ୍ମିକ ଭ୍ରଷ୍ଟାଚାର ବ୍ୟାପି ଚାଲିଛି। ଏହି ସମସ୍ୟାର ପ୍ରତିକାର ବିଷୟରେ ସ୍ୱାମୀଜୀ ବହୁ ପୂର୍ବରୁ କହିଥିଲେ, 'ଜଣଙ୍କୁ କେହି ହେଲେ ଆଧ୍ୟାତ୍ମିକ ଭାବେ ଗଢ଼ିପାରିବ ନାହିଁ। କାରଣ ଆମ ନିଜର ସବୁଠାରୁ ବଡ଼ ଗୁରୁ ହେଉଛି ନିଜ ଅନ୍ତରାତ୍ମା'। ସ୍ୱାମୀଜୀଙ୍କ ଏହି ବିଚାରଧାରା ଅନେକ ପ୍ରାସଙ୍ଗିକତା ବହନ କରେ।

ସାରା ଦୁନିଆକୁ ଭାରତର ଶକ୍ତି ବିଷୟରେ ଅବଗତ କରାଇବା ଥିଲା ସ୍ୱାମୀଜୀଙ୍କର ସବୁଠାରୁ ବଡ଼ ଉପଲବ୍ଧି। ୧୮୯୩ ସେପ୍ଟେମ୍ବର ୧୧ରେ ଆମେରିକାର ଚିକାଗୋରେ ଅନୁଷ୍ଠିତ ବିଶ୍ୱ ଧର୍ମ ସମ୍ମିଳନୀରେ ଭାରତର ପ୍ରତିନିଧି କରି ସ୍ୱାମୀ ବିବେକାନନ୍ଦ ଏପରି ଓଜସ୍ୱୀ ଭାଷଣ ଦେଇଥିଲେ ; ଯାହା ଶୁଣି ସମଗ୍ର ଦୁନିଆ ସ୍ତବ୍ଧ ହୋଇଯାଇଥିଲା। ସ୍ୱାମୀଜୀଙ୍କ ଏହି ସମ୍ଭାଷଣ ପରେ ସାରା ଦୁନିଆର ବିଭିନ୍ନ ସ୍ଥାନରୁ ଭିନ୍ନଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବିଶିଷ୍ଟ ଲେଖକ ରାଜଗୋପାଳ ଚଟ୍ଟୋପାଧ୍ୟାୟ ନିଜ ପୁସ୍ତକ 'ସ୍ୱାମୀ ବିବେକାନନ୍ଦ ଇନ ଇଣ୍ଡିଆ : ଏ କରେକ୍ଟିଭ ବାୟୋଗ୍ରାଫି'ର ପୃଷ୍ଠା ସଂଖ୍ୟା ୧୫୦ରେ ଆମେରିକୀୟ ପତ୍ରିକା 'ଦ ନ୍ୟୁୟର୍କ କ୍ରିଟିକ'ର ଏକ ଟିପ୍ପଣୀ ବିଷୟରେ ଆଲୋକପାତ କରିଛନ୍ତି। ଏହି ପତ୍ରିକା ଲେଖିଥିଲା, ଅନେକ ଲୋକ ଭଲ ଭାଷଣ ଦେଲେ କିନ୍ତୁ ଜଣେ ହିନ୍ଦୁ ସାଧୁ ବିଶ୍ୱଧର୍ମ ସମ୍ମିଳନୀ ବିଷୟକୁ ଯେପରି ଢଙ୍ଗରେ ଲୋକଙ୍କ ସମ୍ମୁଖରେ ରଖିଲେ ; ସେପରି କେହି ରଖିପାରି ନ ଥିଲେ। ସେ ଜଣେ ବହୁତ ବଡ଼ ବକ୍ତା। ଆମ ପତ୍ରିକା ତାଙ୍କରି ସମ୍ପୂର୍ଣ୍ଣ ବକ୍ତବ୍ୟକୁ ଛାପୁ ଅଛି କିନ୍ତୁ ସେଠାରେ ଉପସ୍ଥିତ ଲୋକଙ୍କ ଉପରେ ଏହି ବକ୍ତବ୍ୟର ଯାହା ପ୍ରଭାବ ପଡ଼ିଥିଲା, ତାହାକୁ ପ୍ରକାଶ କରିବା ଆମ ପକ୍ଷେ ଅତ୍ୟନ୍ତ କଷ୍ଟସାଧ୍ୟ। ଦୁନିଆର ଦୃଷ୍ଟି କୋଣକୁ ବଦଳାଇ ଦେଇଥିବା ଏହି ମହାନ୍ ବ୍ୟକ୍ତିତ୍ୱଙ୍କୁ ଜନ୍ମ ଦେଇ ଭାରତମାତା ଯେତିକି ଗୌରବାନ୍ୱିତ, ଭାରତୀୟ ଭାବେ ଆମେ ସେତିକି ଗର୍ବିତ। ଆଜିର ଯୁବପିଢ଼ି ତାଙ୍କ ଆହ୍ୱାନକୁ ଗହଣ କରି ଦେଶକୁ ଗୌରବାନ୍ୱିତ କରନ୍ତୁ।

ବୈପାରୀଗୁଡ଼ା, କୋରାପୁଟ
ମୋ: ୬୩୭୦୬୭୯୪୦୫

## ଏଇ ଭାରତରେ

ପ୍ରାୟ ଅଧିକାଂଶ ସ୍କୁଲ୍‌ରେ ପିଲାଙ୍କ ଉପରେ ପାଠ ଚାପ ରହୁଥିବାବେଳେ ସେମାନେ ଅନ୍ୟ କିଛି ବିଷୟରେ ଭାବିବାକୁ ସମୟ ପାଉନାହାନ୍ତି। କମ୍ ସମୟ ଖେଳୁଛନ୍ତି ବା ସାଙ୍ଗସାଥୀଙ୍କ ସହ ମିଶିପାରୁଛନ୍ତି। ପରିବେଶ ସୁରକ୍ଷା ଉପରେ ସେମାନଙ୍କୁ କୌଶଳଗତ ତଥା ବ୍ୟବହାରିକ ଜ୍ଞାନ ପ୍ରାୟତଃ ଦିଆଯାଉନାହିଁ। କିନ୍ତୁ କୋଲ୍‌କାତା ନିକଟବର୍ତ୍ତୀ ଭାଙ୍ଗର ଅଞ୍ଚଳର ନାରାୟଣପୁର ହାଇସ୍କୁଲରେ ପିଲାମାନଙ୍କୁ ପାଠ ସହ ପରିବେଶ ସୁରକ୍ଷା ଉପରେ ଶିକ୍ଷା ଦିଆଯିବା ସହ ବର୍ଜ୍ୟର ପୁନଃ ବ୍ୟବହାର ସମ୍ପର୍କରେ ବ୍ୟବହାରିକ ଜ୍ଞାନ ପ୍ରଦାନ କରାଯାଉଛି। ଏହି ସ୍କୁଲ୍‌ଟି ଏକ ଗାଁରେ ରହିଛି। ଏଠାକାର ପ୍ରଧାନଶିକ୍ଷକ ଅଭିଜିତ୍ ଦାଶ୍‌ଗୁପ୍ତାଙ୍କ ଚେଷ୍ଟା ଯୋଗୁ ଏହା ସମ୍ଭବ ହୋଇପାରିଛି। ପିଲାମାନେ ସ୍କୁଲରେ ପଢ଼ିବା ସହ ପ୍ରତିଦିନ ବର୍ଜ୍ୟରୁ ବିଭିନ୍ନ ହସ୍ତକଳା ଓ ନାନା ଉପଯୋଗୀ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି। ସେମାନେ ଏଠାରେ କିଛି ନୂଆକରି ଗଢ଼ିବାର କୌଶଳ ପାଇପାରୁଛନ୍ତି। ଏହାଦ୍ୱାରା ପିଲାମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ମଧ୍ୟ ବଢ଼ୁଛି। ସ୍କୁଲ ପରିସରରେ ପ୍ଲାଷ୍ଟିକ୍ ବ୍ୟବହାର ପୂରା କମିଯାଇଛି। ପିଲାମାନେ ମଧ୍ୟ ପ୍ଲାଷ୍ଟିକ୍ ବ୍ୟବହାର କରୁନାହାନ୍ତି। ଏହାସହ ସେମାନେ ସାଙ୍ଗସାଥୀ ଓ ପଡ଼ୋଶୀଙ୍କୁ ଏପରି କରିବାକୁ କହୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୩୧ ଜୁଲାଇ ୧୯୭୬

- ଭାରତ ଝୋଟ କର୍ପୋରେଶନର ନୂଆ ଚେୟାରମ୍ୟାନ୍ ରୂପେ ପଶ୍ଚିମବଙ୍ଗର ପୂର୍ବତନ ମନ୍ତ୍ରୀ ସନ୍ତୋଷ କୁମାର ରାୟଙ୍କୁ ନିଯୁକ୍ତି ପ୍ରଦାନ।
- ଦଶଟି ନୂଆ ରାଷ୍ଟ୍ର ଓ ସଙ୍ଗଠନକୁ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ପୂର୍ଣ୍ଣାଙ୍ଗ ସଭ୍ୟ ରୂପେ ଗ୍ରହଣ କରାଯାଇଛି।
- ଇଟାଲୀର ଖ୍ରୀଷ୍ଟିଆନ ଡେମୋକ୍ରାଟ ଦଳର ନେତା ଗିଲିଓ ଆଣ୍ଡ୍ରିଓଟିଙ୍କ ପ୍ରଧାନମନ୍ତ୍ରୀତ୍ୱରେ ନୂଆ ସରକାର ଗଠନ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 7 | | |
| 1 | | | | 9 | 6 | | | |
| | 5 | | | | | 4 | | 9 |
| 6 | 8 | | | | | | | |
| | | | | | | 9 | | |
| | | | 4 | 8 | | | | 2 |
| | | | | | 5 | | 8 | |
| 2 | 6 | | 3 | | | | 5 | 4 |
| 8 | 4 | | 2 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 5 | 8 | 7 | 9 | 4 | 2 | 1 |
| 2 | 9 | 1 | 5 | 4 | 3 | 7 | 6 | 8 |
| 4 | 7 | 8 | 2 | 6 | 1 | 9 | 5 | 3 |
| 5 | 3 | 6 | 7 | 2 | 4 | 8 | 1 | 9 |
| 1 | 2 | 7 | 3 | 9 | 8 | 6 | 4 | 5 |
| 8 | 4 | 9 | 1 | 5 | 6 | 2 | 3 | 7 |
| 6 | 1 | 2 | 9 | 8 | 5 | 3 | 7 | 4 |
| 9 | 5 | 4 | 6 | 3 | 7 | 1 | 8 | 2 |
| 7 | 8 | 3 | 4 | 1 | 2 | 5 | 9 | 6 |

ଗତକାଲିର ଉତ୍ତର

# ବନ୍ଧୁର ପଥ ପରେ



ଅଞ୍ଜନ ଚାନ୍ଦ

ରାସ୍ତାର ଦୁଇ ପାର୍ଶ୍ୱରେ ଦୁଇଟି ଜମି। ବହୁଦିନରୁ ପଡ଼ିଆ ପଡ଼ିଛି। ଦିନେ ଜମିମାଲିକ ଜଣେ କୃଷକଙ୍କୁ ଗୋଟିଏ ପଡ଼ିଆ ବିକିଦେଲେ। କୃଷକ ପ୍ରଥମେ ଘାସ, ବଣ ବୁଦା ସଫାକରି ଜମି ଚାରିପଟେ ବାଡ଼ ଘେରିଦେଲେ। ରାସ୍ତା ସେପଟେ ପଡ଼ିଆ ପଡ଼ିଥିବା ଜମି ହସି ହସି କହିଲା- ଏବେ ତୁ ବନ୍ଦୀ ହୋଇଗଲୁ। ପରଦିନ କୃଷକ ଲଙ୍ଗଳ ଆଣି ଜମିକୁ ହଳ କଲେ। ପଡ଼ୋଶୀ ଜମି କହିଲା- କି କଦର୍ଯ୍ୟ ଅବସ୍ଥା। ତୋତେ ଦେଖି ମୋ ମନରେ ଦୁଃଖ ଆସୁଛି। କୃଷକର ଜମି କିଛି କହୁ ନ ଥାଏ। ସେ ନିଜେ ବି ଜାଣିପାରୁ ନ ଥାଏ ତା' ଜୀବନରେ କ'ଣ ସବୁ ଘଟିଯାଉଛି। ଆଗକୁ କ'ଣ ଘଟିବ?

କିଛିଦିନ ପରେ କୃଷକଙ୍କ ଯତ୍ନରେ ପଡ଼ିଆ ଜମିଟି ସବୁଜିମାରେ ପୂରିଗଲା। ଫୁଲ ଫୁଟିଲା। ଫଳ ଧରିଲା। ପକ୍ଷୀମାନେ ପତ୍ର ଗହଳରେ କଳକୂଜନ କଲେ। ରାସ୍ତାପାଖ ଗଛର ଛାଇରେ ବାଟୋଇମାନେ ବିଶ୍ରାମ ନେଲେ। କହିଲେ - ଆହା, କି ସୁନ୍ଦର ଦୃଶ୍ୟ। ଏଇଠି କିଛି ସମୟ ରହିଯିବାକୁ ମନ ହେଉଛି। ଜମିଟି ଭାବିଲା, ସତରେ ତା' ଭାଗ୍ୟରେ ବଡ଼ ପରିବର୍ତ୍ତନ ଆସିଛି। କୃଷକର ଯାଦୁକରି ସ୍ପର୍ଶରେ ତା'ର ଜୀବନ ଆଜି ଧନ୍ୟ ହୋଇଛି। ବସ୍ତୁ ହେଉ ବା ପ୍ରାଣୀ, ପ୍ରତିଟି ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ପଛରେ ଏମିତି କିଛି ଅନୁଶାସନ ଅବଶ୍ୟ ରହିଥାଏ। ଅନୁଶାସନର ବନ୍ଧୁର ପଥ ପାରିହେବା ପରେ ଯାଇ ଏକ ଦୁର୍ଲଭ ଜୀବନର ସୂତ୍ରପାତ ହୋଇଥାଏ। ଅନୁଶାସନ ହିଁ ଏକ ସାଧାରଣ ଜୀବନକୁ ଅସାଧାରଣ ଓ ସାର୍ବଜନୀନ କରିଦିଏ।

ଗୁରୁ ଶିଷ୍ୟ ସମ୍ପର୍କକୁ ନେଇ ଅନେକ ସ୍ମରଣୀୟ ଗଳ୍ପ ଆମର ପ୍ରାଚୀନ ଗ୍ରନ୍ଥ ଓ ପୁରାଣରେ ରହିଛି। ମହାଭାରତରେ ଗୁରୁ ଧୌମ୍ୟ ଓ ଶିଷ୍ୟ ଉପମନ୍ୟୁଙ୍କ ବିଷୟରେ ଯେଉଁ କଥାଟି ରହିଛି ତାହା ଆମକୁ ଦ୍ୱନ୍ଦ୍ୱ ଭିତରକୁ ଟାଣିନିଏ। ମନରେ ଅନେକ ପ୍ରଶ୍ନ ସୃଷ୍ଟିକରେ। ବିଦ୍ୟା ଅଧ୍ୟୟନ ପାଇଁ ଆସିଥିବା ଜଣେ ବାଳକକୁ ଗୁରୁ କାହିଁକି ଗାଈ ଜଗିବା ପାଇଁ ବଣକୁ ପଠାଇଲେ ? ଗାଈ ଜଗିବା ସହିତ ନିଜର ବୃତ୍ତି ପାଇଁ ସେ ଯେବେ ଭିକ୍ଷା କଲା ତା'ଠାରୁ ସବୁ ଭିକ୍ଷା ଅନ୍ନ ନେଇଗଲେ କାହିଁକି ? କେବଳ ସେତିକି ନୁହେଁ, ପରବର୍ତ୍ତୀ ସମୟରେ କ୍ଷୁଧା ନିବାରଣ ପାଇଁ ସେ ଯେଉଁ ସବୁ ଉପାୟ ଅବଲମ୍ବନ କଲା ଗୁରୁ କାହିଁକି ତାକୁ ସେସବୁଥିରୁ ବାରଣ କରିଥିଲେ ? ବିଚରା ବାଳକ ଶେଷରେ କିଛି ଖାଇବାକୁ ନ ପାଇ ଭୋକ ବିକଳରେ ଅରଖ ପତ୍ର ଖାଇ ଅନ୍ଧ ହୋଇଗଲା ଏବଂ ଆଶ୍ରମକୁ ଫେରିବା ରାସ୍ତାରେ ଗୋଟିଏ କୂଅ ଭିତରେ ପଡ଼ିଗଲା। ଜଣେ ବିଦ୍ୟାର୍ଥୀ ବାଳକ ପ୍ରତି ଗୁରୁ ଏତେ ନିଷ୍ଠୁର ହୋଇପାରିଲେ କିପରି ?

ଏସବୁ ପ୍ରଶ୍ନର ଉତ୍ତର ରହିଛି ବାଳକଟିର ନାମକରଣରେ। ଉପମନ୍ୟୁରେ ମନ୍ୟୁ ଶବ୍ଦର ଅର୍ଥ କ୍ରୋଧ। ଯେଉଁ ଲୋକ କ୍ରୋଧର ବଶବର୍ତ୍ତୀ ସେ ଉପମନ୍ୟୁ। ଅର୍ଥାତ୍ ଉପମନ୍ୟୁ ପିଲାଦିନରୁ କ୍ରୋଧୀ ଥିଲା। ଶିକ୍ଷାଦାନ ପୂର୍ବରୁ ଗୁରୁ ତାହାର ସେଇ କ୍ରୋଧଗୁଣକୁ ଶାନ୍ତ କରିବାକୁ ଚାହୁଁଥିଲେ। ସେଥିପାଇଁ ତାକୁ ଉପବାସରେ ରଖି ଅଧିକରୁ ଅଧିକ କ୍ରୁଦ୍ଧ କରିଥିଲେ। ସେ କହିଥିଲେ- ମୋତେ ନ ଦେଇ ତୁମେ କିଛି ଖାଇବ ନାହିଁ। କିନ୍ତୁ ଉପମନ୍ୟୁ ବାରମ୍ବାର ଗୁରୁଙ୍କ କଥାକୁ ଅମାନ୍ୟ କରି ଯାହା ପାଉଥିଲା ଖାଇ ଦେଉଥିଲା। ଶେଷରେ ଅରଖପତ୍ରର କୁପ୍ରଭାବରେ ଅନ୍ଧ ହୋଇ କୂଅରେ ପଡ଼ିଲା। ନିବିଡ଼ ଅରଣ୍ୟ ଭିତରେ ଏକୁଟିଆ ବାଳକ, ସେ ପୁଣି ଅନ୍ଧ, କୂଅରେ ପଡ଼ି ଉଠିବାକୁ ବାଟ ପାଉନାହିଁ। ସେତେବେଳେ ସେ ଦୁଃଖରେ ଭାଙ୍ଗିପଡ଼ିଛି। ଦୁଃଖ ଭିତରେ ଲୀନ ହୋଇଛି ତାହାର କ୍ରୋଧ। ମନ୍ୟୁ ଶବ୍ଦର ଅନ୍ୟ ଏକ ଅର୍ଥ ଶୋକ। ଅତ୍ୟନ୍ତ ଶୋକାକୁଳ ଅବସ୍ଥାରେ ବାଳକଟିର କ୍ରୋଧଗୁଣଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। କ୍ରୋଧୀ ଉପମନ୍ୟୁରୁ ସେ ଦୁଃଖୀ ଉପମନ୍ୟୁରେ ପରିଣତ ହୋଇଛି। ଠିକ୍ ସେଇ ସମୟରେ ଗୁରୁ ତା' ନିକଟରେ ଉପସ୍ଥିତ ହୋଇଛନ୍ତି। ସ୍ୱର୍ଗ ବୈଦ୍ୟ ଅଶ୍ୱିନୀ କୁମାର ଦୁହିଁଙ୍କୁ ପ୍ରାର୍ଥନା କରିବାକୁ ଉପଦେଶ ଦେଇଛନ୍ତି। ସେମାନେ ଆସି ଉପମନ୍ୟୁକୁ ପିଠାଟିଏ ଖାଇବାକୁ ଦେଇଛନ୍ତି। ଉପମନ୍ୟୁ କହିଛି - ଗୁରୁଙ୍କୁ ନ ଦେଇ ମୁଁ ଏହି ପିଠା ଖାଇବି ନାହିଁ। ଏବଂ ସେଇ ମୁହୂର୍ତ୍ତଠାରୁ ତାହାର ଭାଗ୍ୟ ବଦଳି ଯାଇଛି। ଚକ୍ଷୁଷ୍ମାନ ହେବା ସହିତ ସମସ୍ତ ବିଦ୍ୟା ଓ ଅଶେଷ କୁଶଳର ଅଧିକାରୀ ସେ ହୋଇପାରିଛି।



ଗଳ୍ପଟି ଏବେ ମଧ୍ୟ ଛାତ୍ରୀଛାତ୍ରଙ୍କ ପାଠ୍ୟ ପୁସ୍ତକରେ ପଢ଼ାଯାଉଛି । ଅଥଚ ଅବସୋସ ଯେ, ସେଥିରୁ ମିଳୁଥିବା ଶିକ୍ଷାଟିକୁ ବର୍ତ୍ତମାନ ସମୟର ଶିକ୍ଷଣ ପଦ୍ଧତି ଅଗ୍ରାହ୍ୟ କରି ଦେଇଛି। ଶିକ୍ଷାରେ ଅନୁଶାସନ ସମ୍ପର୍କରେ ସନ୍ଥ କବୀରଙ୍କ ସୁନ୍ଦର ଦୋହାଟିଏ ଅଛି - "ଗୁରୁ କୁହ୍ମାର ଶିଷ କୁଂଭ ହୈ, ଗଢ଼ି ଗଢ଼ି କାଢ଼େ ଖୋଟ। ଅନ୍ତର ହାଥ ସହାର ଦୈ, ବାହାର ବାହେ ଚୋଟ।" କୁମ୍ଭାର ଯେପରି କୁମ୍ଭ ଭିତରେ ହାତ ରଖି ତାହାକୁ ଶକ୍ତ କରିବାପାଇଁ ବାହାରେ ପ୍ରହାର କରେ ଗୁରୁ ସେହିପରି ଶିଷ୍ୟର ଦୁଷ୍ଟ ଗୁଣ ଉପରେ ପ୍ରହାରକରି ଜୀବନରେ ସନ୍ମାର୍ଗ ପ୍ରଦର୍ଶନ କରିଥାନ୍ତି। କାହିଁ କେଉଁ କାଳରୁ ପ୍ରଚଳିତ ଏହି ଅନୁଶାସନକୁ କତିପୟ ଶିକ୍ଷକଙ୍କ ନିଷ୍ଠୁର ଆଚରଣ କାରଣରୁ ଏବେ ସରକାର ଶିକ୍ଷା ଅନୁଷ୍ଠାନରେ ନିଷେଧ କରିଛନ୍ତି। ବିଦ୍ୟାଳୟର କାନ୍ଥ, ପାଚେରିରେ ଦଣ୍ଡ ମୁକ୍ତ ଅଞ୍ଚଳ, ଟୋଲ ଫ୍ରି ନମ୍ବର ଲେଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ପିଲାମାନେ ବିଦ୍ୟାଳୟ ପରିସରରେ ନିର୍ଭୟରେ ବିଚରଣ କରୁଛନ୍ତି ସତ, କିନ୍ତୁ ଶିକ୍ଷକମାନେ ସଙ୍କୁଚିତ ହୋଇଯାଇଛନ୍ତି। ଛାତ୍ରଙ୍କ ଭୁଲ୍ ଭ୍ରାନ୍ତିରେ ଟାଣ କରି କଥା ପଦେ କହିବାକୁ ମଧ୍ୟ ଭୟ କରୁଛନ୍ତି। କାଳେ କିଏ ମାନସିକ ନିର୍ଯାତନାର ଆଖ୍ୟା ଦେଇ ଉପର ସ୍ତରରେ ଅଭିଯୋଗ କରିଦେବ।

୨୦୦୨ରେ ଦେଶରେ ସର୍ବଶିକ୍ଷା ଲାଗୁ ହେବା ପରଠୁଁ ଶିକ୍ଷାକୁ ସହଜ ସୁଗମ କରିବାପାଇଁ ଅନେକ ଯୋଜନା ହୋଇଛି। ଏବଂ ସେବେଠାରୁ ପ୍ରାଥମିକ ଶିକ୍ଷାର ଗୁଣାତ୍ମକମାନ ହ୍ରାସ ହୋଇ ଚାଲିଛି। ୨୦୧୮ରୁ ପୁଣି ଆରମ୍ଭ ହୋଇଛି ସମଗ୍ର ଶିକ୍ଷା ଯୋଜନା। ଅଥଚ ଅଦ୍ୟାବଧି ସର୍ବେକ୍ଷଣ ବିବରଣୀରେ କୌଣସି ପରିବର୍ତ୍ତନ ଆସିନାହିଁ। ଶିକ୍ଷାଗ୍ରହଣ କାଳରେ ଅନୁଶାସନ ନ ଥିବାରୁ ପିଲାମାନଙ୍କ ଚରିତ୍ର ଗଠନ ଠିକ ହୋଇପାରୁନାହିଁ, ଏ ବିଷୟରେ କେହି ଚିନ୍ତା ବି କରୁନାହାନ୍ତି। ଫଳତଃ ଦିନକୁଦିନ ଏକ ଶୃଙ୍ଖଳାବିହୀନ, ସ୍ୱେଚ୍ଛାଚାରୀ ଛାତ୍ରସମାଜ ସର୍ବତ୍ର କାୟାବିସ୍ତାର କରିଚାଲିଛି। ନୂତନ ଜାତୀୟ ଶିକ୍ଷା ନୀତି ଲାଗୁ ହେବା ଅବସରରେ ଏ ବିଷୟରେ ବିତର୍କ ହେବା ଜରୁରୀ ମନେହୁଏ।

ବିକାଶନଗର,
ଅଙ୍ଗାରଗଡ଼ିଆ, ବାଲେଶ୍ୱର
ମୋ:୬୩୭୦୬୬୧୧୪୭

# ଚିରନ୍ତନୀ

ପଉଷ ପଥ ଉତ୍ତରା ହେ
ଉତ୍ତରୀୟ ତବ
ଉଡ଼ାଇ ଦେଲେ ଅଖିଳ ପ୍ରାଣେ
ଲଗାଅ ଅନୁଭବ
ଜଡ଼ର ଦେହେ ଜଗାଇ ନବ
ସ୍ପନ୍ଦନ ହେ ସ୍ପନ୍ଦନ
ପଉଷ-ଶେଷ ସନ୍ଧ୍ୟା ଘେନ
ବନ୍ଦନ !

-(ପଉଷ ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଅଠରନଳା ଅବହେଳିତ କାହିଁକି

ମହାଶୟ,

ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କୁ ଦର୍ଶନ ନିମନ୍ତେ ବହୁ ତୀର୍ଥଯାତ୍ରୀଙ୍କ ଗମନାଗମନ ପାଇଁ ପୁରୀର ପ୍ରବେଶପଥରେ କେଉଁ କାଳରୁ ଭାର୍ଗବୀର ଶାଖା ମୂଷାନଈ ଉପରେ ୧୮ ନଳା ବିଶିଷ୍ଟ ପୋଲ ନିର୍ମିତ ହୋଇଥିଲା। କାଳର ଅବକ୍ଷୟ ନୀତିରେ ଏବେ ନିରାପଦ ନ ଥିବାରୁ ସାମୟିକ ଭାବେ ଏହା ସନ୍ନିକଟ ଏକ ବୁଲାଣି ବାଟରେ ଯାନବାହନ ସବୁ ଲୋକମାନଙ୍କର ଯିବାଆସିବା ଚାଲିଛି । ଦିନକୁ ଦିନ ଦର୍ଶନାର୍ଥୀଙ୍କ ସଂଖ୍ୟା ଏବଂ ଯାନବାହନ ବୃଦ୍ଧି ପାଉଥିବାରୁ ଏହି କାମଚଳା ବ୍ୟବସ୍ଥା କେତେକାଳ ଚାଲୁ ରହିବ ତାହା ଜନସାଧାରଣଙ୍କୁ ଅଜଣା । ପ୍ରଶାସନର ମଧ୍ୟ ବିକଳ୍ପ ବ୍ୟବସ୍ଥା ନିମନ୍ତେ ଚିନ୍ତା ନାହିଁ ବୋଲି ଜଣାପଡୁଛି । 'କାମ ଚଳୁଛି ତ ଚଳୁ' ନୀତିରେ ବର୍ଷ ପରେ ବର୍ଷ ଅତିବାହିତ ହେଉଛି । ସେହିପରି ମୂଷା ନଦୀରେ ଜଳପ୍ରବାହ ରହିତ ଯୋଗୁ କଟକୀ ଦଳ ଭର୍ତ୍ତି ହୋଇ ମଶା ବଢିବାରେ ଲାଗିଛି। ଏହାର କେତେକାଂଶରେ ଜବରଦଖଲ ହୋଇ ନିର୍ମାଣ କାର୍ଯ୍ୟ ହେଉଛି ବୋଲି ଗଣମାଧ୍ୟମରେ ପ୍ରକାଶ ପାଉଛି । ଯଦି ଅଠରନଳା ଐତିହ୍ୟ ରୂପେ ସଂରକ୍ଷିତ ରହିବ ତେବେ ନୂତନ ପୋଲ ନିର୍ମାଣ ହେଉ ନାହିଁ କାହିଁକି ? ରାଜ୍ୟ ସରକାର ଏ ବିଷୟକୁ ଗୁରୁତ୍ୱର ସହିତ ବିଚାର କରି ପଦକ୍ଷେପ ନିଅନ୍ତୁ।

-ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସରକାର ଆପଣାଇବେ 'ସିଙ୍ଗଲ ସାଇନ୍ ଅନ୍'

## ଗୋଟିଏ କ୍ଲିକ୍‌ରେ ସବୁ ଆପ୍ଲିକେଶନକୁ ମିଳିବ ପ୍ରବେଶ

ଭୁବନେଶ୍ୱର,୩୦।୭ (ରବିନାରାୟଣ ଜେନା)

ପ୍ରଶାସନକୁ ଗତିଶୀଳ କରିବା ସହିତ ସ୍ୱଚ୍ଛତା ଓ ଉତ୍ତରଦାୟିତା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗୋଟିଏ ପରେ ଗୋଟିଏ ନୂଆ ତରିକା ଆପଣାଯାଉଛି। କେତେବେଳେ ମନ୍ତ୍ରୀଙ୍କ ଦାୟିତ୍ୱ ସଚିବଙ୍କୁ ହସ୍ତାନ୍ତର କରାଯାଉଛି ତ ଆଉ କେତେବେଳେ ଫାଇଲ ପ୍ରୋସେସିଂ ପ୍ରକ୍ରିୟା ୬ରୁ ୩ଟି ପର୍ଯ୍ୟାୟକୁ ହ୍ରାସ କରାଯାଉଛି। ଏହି ପରିପ୍ରେକ୍ଷୀରେ ସରକାରୀ ଅଧିକାରୀଙ୍କ ଦ୍ୱାରା ବ୍ୟବହାର କରାଯାଉଥିବା ଭିନ୍ନ ଭିନ୍ନ ଆପ୍ଲିକେଶନ ଲଗ୍‌ଇନ୍ ବ୍ୟବସ୍ଥାକୁ ସରଳୀକରଣ କରିବା, ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ଏବଂ ସାଇବର ଆଟାକ୍‌ରୁ ରାଜ୍ୟ ସରକାରଙ୍କ ବିଭିନ୍ନ ଡିଜିଟାଲ୍ ପ୍ଲାଟ୍‌ଫର୍ମକୁ ସୁରକ୍ଷିତ ରଖିବା ଲାଗି ସରକାରଙ୍କ ପକ୍ଷରୁ ଏକ ନୂତନ ନୀତି ଆପଣାଯିବାକୁ ରହିଛି। ଯେପରିକି ଗୋଟିଏ କ୍ଲିକ୍‌ରେ ସମସ୍ତ ଆପ୍ଲିକେଶନକୁ ପ୍ରବେଶ ହୋଇପାରିବ। ଏହାକୁ ନେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଡିଜିଟାଲ୍ ପ୍ଲାଟ୍‌ଫର୍ମ ଓସ୍ୱାସ୍ ମାଧ୍ୟମରେ ଏକକ ଲଗ୍‌ଇନ୍(ସିଙ୍ଗଲ ସାଇନ ଅନ୍-ଏସ୍‌ଏସ୍‌ଓ) ବ୍ୟବସ୍ଥା ପ୍ରଚଳନ କରାଯିବା ନେଇ ସବୁ ବିଭାଗ ମୁଖ୍ୟଙ୍କୁ ଅବଗତ କରାଇଛନ୍ତି।

ମୁଖ୍ୟ ସଚିବ ପ୍ରଦାନ କରିଥିବା ତାଙ୍କର ବ୍ୟକ୍ତିଗତ ନୋଟ୍‌ସିଟ୍‌ରେ ଦର୍ଶାଇଛନ୍ତି,




ଏସ୍‌ଏସ୍‌ଓ ବ୍ୟବସ୍ଥା ଅଗଷ୍ଟ ୩୧ ସୁଦ୍ଧା କାର୍ଯ୍ୟକାରୀ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ବର୍ତ୍ତମାନ ଓଡ଼ିଶା ସରକାରଙ୍କ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ବିଭିନ୍ନ ଡିଜିଟାଲ୍ ଆପ୍ଲିକେଶନରେ ପୃଥକ୍ ପୃଥକ୍ ଭାବେ ଲଗ୍‌ଇନ୍ କରିବାକୁ ପଡୁଛି, ଯାହା ଅନାବଶ୍ୟକ ବିଳମ୍ବ, ବ୍ୟବହାରକାରୀ ଅଭିଜ୍ଞତାରେ ଅସୁବିଧା ଏବଂ ପ୍ରଶାସନିକ ତତ୍ପରତା ଉପରେ ପ୍ରଭାବ ପକାଉଛି।

ଏହି ଆପ୍ଲିକେଶନଗୁଡ଼ିକ ମଧ୍ୟରେ ଏଚ୍‌ଆର୍‌ଏମ୍‌ଏସ୍, ଏଲ୍‌ଏମ୍‌ଏସ୍(ମକଦ୍ଦମା ପରିଚାଳନା), ଇ-ଡେସ୍‌ପାଚ୍, ନାଗରିକଙ୍କ ଅଭିଯୋଗ ଶୁଣାଣି ପୋର୍ଟାଲ, ନିଯୁକ୍ତି ପ୍ରକ୍ରିୟା, ଏମ୍‌ଡିଏମ୍‌ଏସ୍ ରହିଛି। ସଂପ୍ରତି ଜିଲା ପରିଦର୍ଶନ ମନିଟରିଂ ପୋର୍ଟାଲ, କର୍ମଚାରୀ ପରାମର୍ଶ ଯୋଜନା ପୋର୍ଟାଲ, ଗଣମାଧ୍ୟମରେ ପ୍ରକାଶିତ ଖବର, ଯାହା ଉପରେ ସରକାରଙ୍କ ପକ୍ଷରୁ ପଦକ୍ଷେପ ସମ୍ମିଶ୍ରଣ ଆପ୍ଲିକେଶନ ରହିବ।

ଏହି ଏକକ ଲଗ୍‌ଇନ୍(ଏସ୍‌ଏସ୍‌ଓ) ବ୍ୟବସ୍ଥା ଦ୍ୱାରା ଜଣେ ଅଧିକାରୀ ଗୋଟିଏଥର ଓସ୍ୱାସ୍‌ରେ ଲଗ୍‌ଇନ୍ କଲେ, ଉପରୋକ୍ତ ସମସ୍ତ ଆପ୍ଲିକେଶନରେ ସୁରକ୍ଷିତ ଓ ନୀରବଚ୍ଛିନ୍ନ ପ୍ରବେଶ ମିଳିପାରିବ। ଏହି ବ୍ୟବସ୍ଥା ଦ୍ୱାରା ଉଚ୍ଚସ୍ତରୀୟ ସୁରକ୍ଷା, ଅଡିଟ୍ ଏବଂ ଡାଟା ଗୋପନୀୟତା ନିୟମ ପାଳନ ହୋଇପାରିବ। ଏହାକୁ ତ୍ୱରାନ୍ୱିତ ଲାଗି ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗକୁ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏଥିଲାଗି ଏକ ଟାସ୍କଫୋର୍ସ ଗଠନ ହେବ, ଯେଉଁଥିରେ ସିଏମ୍‌ଜିଆଇ, ଏନ୍‌ଆଇସି ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗର ପ୍ରତିନିଧି ରହିବେ। ଏହି ଟାସ୍କଫୋର୍ସ ନିର୍ଦ୍ଦିଷ୍ଟ ସମୟସୀମା ସହିତ ଏକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବ। ଏହାପରେ ଟେକ୍ନିକାଲ ଡିଜାଇନ, ପାଇଲଟ ଟେଷ୍ଟିଂ ଏବଂ ପର୍ଯ୍ୟାୟକ୍ରମେ ପ୍ରଚଳନ ପାଇଁ ଏହି ଟାସ୍କଫୋର୍ସ କାର୍ଯ୍ୟ କରିବ। ଜୁଲାଇ ୩୧ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି ବିଭାଗକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

# ଲାଇଭ୍ ଭିଡିଓରେ ମହିଳା ଏମ୍ବିକେଙ୍କ ଆତ୍ମହତ୍ୟା ଉଦ୍ୟମ

## ୨ ଉପରିସ୍ଥ ଅଧିକାରୀଙ୍କ ନିର୍ଯାତନା ଅଭିଯୋଗ

କୋରାପୁଟ /ନାରାୟଣପାଟଣା, ୩୦।୭ (ଅମିତାଭ ବେହେରା/ ରାଜକିଶୋର ଜେନା)

କୋରାପୁଟ ଜିଲ୍ଲା ନାରାୟଣପାଟଣା ପଥରଦେଉଳ ସାହିରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ବ୍ଲକରେ କାର୍ଯ୍ୟରତ ମିଶନଶକ୍ତିର ମାଷ୍ଟର ବୁକ୍ କିପର (ଏମ୍ବିକେ) ଭବାନୀ ପ୍ରଧାନ ନ୍ୟାୟ ନ ପାଇ ବୁଧବାର ଏକ ବନ୍ଦ ଘରେ ଲାଇଭ୍ ଭିଡିଓ କରି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି, ତାହା ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ୬ ବର୍ଷ ଧରି ବ୍ଲକର ୨ ଉପରିସ୍ଥ ଅଧିକାରୀ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ ବୋଲି ସେ ଭିଡିଓରେ କହିଛନ୍ତି। ନାରାୟଣପାଟଣା ପୋଲିସ ପକ୍ଷରୁ ତଦନ୍ତ ଚଳାଇଛି। ଏନେଇ ଥାନା ଅଧିକାରୀ ପ୍ରମୋଦ କୁମାର ନାୟକଙ୍କୁ ପଚାରିବାରୁ ଏପରି ଭିଡିଓ ଭାଇରାଲ ପରେ ପୋଲିସ ପଥରଦେଉଳସାହିକୁ ଯାଇ ଭବାନୀଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ତାଙ୍କୁ ସ୍ଥାନୀୟ ମେଡିକାଲରେ ଚିକିତ୍ସା ପରେ କୋରାପୁଟ ମେଡିକାଲକୁ ପଠାଇଛି। ଭବାନୀ ଶ୍ୱାସଜନିତ ରୋଗରେ ପୀଡିତ ଅଛନ୍ତି। ବୁଧବାର ସକାଳେ ଭିଡିଓରେ ଶ୍ୱାସ ଔଷଧ ଖାଇ ଆତ୍ମହତ୍ୟା କରୁଛନ୍ତି ବୋଲି ଭାଇରାଲ କରିଥିଲେ। ନିର୍ଯାତନା ଅଭିଯୋଗ ସମ୍ପର୍କରେ ବ୍ଲକ କାର୍ଯ୍ୟାଳୟରେ ଥିବା ଅଧିକାରୀଙ୍କୁ ପୋଲିସ ପଚରାଉଚରା କରୁଛି। ଥାନାରେ କୌଣସି ମାମଲା ରୁଜୁ ହୋଇ ନାହିଁ, ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ନାୟକ କହିଛନ୍ତି।

# ଶିକ୍ଷକ ବଦଳି ଉପରେ ହାଇକୋର୍ଟଙ୍କ ଅନ୍ତରୀଣ ରହିତାଦେଶ

## ବିଧାୟକ, ଏମ୍ପିଙ୍କ ସୁପାରିସ୍ ପ୍ରସଙ୍ଗ

ଭୁବନେଶ୍ୱର/କଟକ,୩୦।୭ (ରବିନାରାୟଣ ଜେନା/କାର୍ତ୍ତିକ ସାହୁ)

ରାଜ୍ୟରେ ଶିକ୍ଷକ ବଦଳି ଲାଗି ବିଧାୟକ ଓ ଏମ୍ପିଙ୍କ ସୁପାରିସ୍ ପ୍ରସଙ୍ଗ ଏବେ ମୋଡ଼ ନେଇଛି। ଏ ସଂକ୍ରାନ୍ତୀୟ ଏକ ମାମଲାର ବିଚାରରେ ହାଇକୋର୍ଟଙ୍କ ପକ୍ଷରୁ ମଙ୍ଗଳବାର ଅନ୍ତରୀଣ ରହିତାଦେଶ ଜାରି କରାଯାଇଛି। ଏହାକୁ ନେଇ ଶିକ୍ଷକ, ସରକାର, ବିଧାୟକ ଏବଂ ଏମ୍ପିମାନେ ଏବେ ଚିନ୍ତାରେ ପଡ଼ିଛନ୍ତି।

ସୂଚନାଯୋଗ୍ୟ, ଚଳିତ ବର୍ଷ ମେ'୧୩ରେ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ବଦଳି ନିର୍ଦ୍ଦେଶନାମା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଏବଂ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଜାରି କରାଯାଇଥିଲା, ଯେଉଁଥିରେ ବିଧାୟକ ଏବଂ ଏମ୍ପିମାନେ ନିଜ ନିଜ ନିର୍ବାଚନମଣ୍ଡଳୀର ୧୫ଜଣ ଯୋଗ୍ୟ ଶିକ୍ଷକଙ୍କ ବଦଳି ପାଇଁ ସୁପାରିସ୍ କରିବା ଲାଗି ନିର୍ଦ୍ଦେଶ ରହିଥିଲା। ତେବେ ସରକାରଙ୍କ ଏପରି ନୀତି ଦ୍ୱାରା ଶିକ୍ଷକ ବଦଳି ବ୍ୟବସ୍ଥା ପ୍ରଭାବିତ ହୋଇଥିବା ନେଇ ଏକ ଅଭିଯୋଗର ଶୁଣାଣି କରି ବିଚାରପତି ଦୀକ୍ଷିତ କୃଷ୍ଣ ଶ୍ରୀପାଦ ମଙ୍ଗଳବାର ରାଜ୍ୟ ସରକାରଙ୍କୁ ଜବାବ ଦାଖଲ କରିବା ପାଇଁ ନୋଟିସ ଜାରି କରିଛନ୍ତି। ଏଥିସହ ଆବେଦନକାରୀ ଶିକ୍ଷକଙ୍କ ଉପରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ୪ ସପ୍ତାହ ପରେ ହେବାକୁ ଧାର୍ଯ୍ୟ ହୋଇଛି। ଉଲ୍ଲେଖଯୋଗ୍ୟ, କଳାହାଣ୍ଡି ଜିଲାର ଦୁଇ ଶିକ୍ଷକ ଆର୍. ତ୍ରିପାଠୀ ଓ ଅନ୍ୟ ଜଣଙ୍କ ପକ୍ଷରୁ ହାଇକୋର୍ଟରେ ଏହି ବଦଳି ପ୍ରସଙ୍ଗରେ ଆବେଦନ କରାଯାଇଛି।

# ଅପାରଗତା ଲୁଚାଇବାକୁ ଭାଜପା ଯୁବ, ମହିଳା ମୋର୍ଚ୍ଚାର ଅପଚେଷ୍ଟା: ବିଜେଡି

ଭୁବନେଶ୍ୱର, ୩୦।୭(ସୁନିତ୍ ମିଶ୍ର)

ଭାଜପାର ରାଜ୍ୟ ମହିଳା ଶାଖା ଦ୍ୱାରା ମଙ୍ଗଳବାର ରାଜରାସ୍ତାରେ କରାଯାଇଥିବା ପ୍ରତିବାଦ କାର୍ଯ୍ୟକ୍ରମ ଉପରେ ବୁଧବାର ବିଜେଡି କଡ଼ା ପ୍ରତିକ୍ରିୟା ଦେଇଛି। ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଇପ୍‌ସିତା ସାହୁ କହିଛନ୍ତି, ଭାଜପା ଯୁବ ଓ ମହିଳା ଶାଖାକୁ ରାଜରାସ୍ତାରେ ଦେଖି ସ୍ୱାଭାବିକ ଭାବେ ରାଜ୍ୟବାସୀଙ୍କ ମନରେ ପ୍ରଶ୍ନ ଆସିଛି, ସେମାନେ ରାଜ୍ୟ ସରକାରଙ୍କ ଉପରେ ଆସ୍ଥା ହରାଇଲେଣି ବୋଧହୁଏ। ରାଜ୍ୟରେ ଗତ ୧୩ ମାସର ଭାଜପା ଶାସନରେ ମହିଳା ଓ ଛାତ୍ରୀଙ୍କ ବିରୋଧରେ ଅପରାଧ ବୃଦ୍ଧି ଘଟିବା ଯୋଗୁ ରାଜ୍ୟବାସୀ ଅତିଷ୍ଠ ହୋଇପଡିଛନ୍ତି। ଭାଜପା ଯୁବ ଓ ମହିଳା ମୋର୍ଚ୍ଚା ଏହି ପ୍ରତିବାଦ କାର୍ଯ୍ୟକ୍ରମ ମାଧ୍ୟମରେ ବିରୋଧୀ ଦଳକୁ ଟାର୍ଗେଟ କରିବାକୁ ଅପଚେଷ୍ଟା କରୁଛନ୍ତି, କିନ୍ତୁ ଯେତେବେଳେ ଶାସକ ଦଳର କର୍ମକର୍ତ୍ତାମାନେ ବଳାତ୍କାର ଅଭିଯୋଗରେ ଜେଲ ଯାଉଛନ୍ତି, ସେତେବେଳେ ସେମାନେ ମୁହଁ ଚୁପ୍ ରଖୁଛନ୍ତି କାହିଁକି ବୋଲି ସାହୁ ପ୍ରଶ୍ନ କରିଛନ୍ତି। ସାଢ଼େ ୪କୋଟି ଓଡ଼ିଆଙ୍କ ନେତା ନବୀନ ପଟ୍ଟନାୟକଙ୍କ ବୟସକୁ ନେଇ ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା ଯେଉଁ ମନ୍ତବ୍ୟ ଦେଇଛନ୍ତି, ତାକୁ ଆମେ ଦୃଢ଼ ନିନ୍ଦାକରୁଛୁ। ଯେଉଁ ଦଳର ସଭାପତିଙ୍କୁ ୨୦୦୮ରେ ଓଡ଼ିଶା ନିବାସରେ ଗୋଟିଏ ରୁମ୍‌ରେ ତାଲା ପକାଇ ଅଟକାଯାଇଥିଲା, ସେହି ଦଳର ଯୁବ ସଭାପତି ନବୀନବାବୁଙ୍କୁ ପ୍ରଶ୍ନ ପଚାରିବା କେତେଦୂର ଯୁକ୍ତିଯୁକ୍ତ। ଭାଜପା ଯୁବମୋର୍ଚ୍ଚାର ସଭାପତି ଶିଷ୍ଟାଚାର ଓ ଶାଳୀନତା ଭୁଲି ମନ୍ତବ୍ୟ ଦେଇ ଅନ୍ୟ ଛାତ୍ର ସଙ୍ଗଠନକୁ କ୍ୟାମ୍ପସ ଯିବାରେ ବାରଣ କରିବା ବେଳେ ଭୁଲି ଯାଉଛନ୍ତି ରାଜ୍ୟର ସର୍ବାଧିକ କଲେଜ କ୍ୟାମ୍ପସର ନିର୍ବାଚିତ କର୍ମକର୍ତ୍ତା ବିଜୁ ଛାତ୍ର ଜନତା ଦଳ ସହ ସଂପୃକ୍ତ। ଭାଜପା ସରକାର ଛାତ୍ରୀ ଓ ମହିଳାଙ୍କୁ ସୁରକ୍ଷା ଦେବାରେ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ଏହି ବିଫଳତାକୁ ଲୁଚାଇବାକୁ ମଙ୍ଗଳବାର ଭାଜପା ମହିଳା ଓ ଯୁବମୋର୍ଚ୍ଚା ନେତା ରାଜରାସ୍ତାକୁ ଓହ୍ଲାଇବା ଦୁର୍ଭାଗ୍ୟଜନକ ବୋଲି ଇପ୍‌ସିତା କହିଛନ୍ତି।

# ଜଗନ୍ନାଥଙ୍କୁ ନେଇ ରାଜ୍ୟ ସରକାର ଖେଳ ଖେଳୁଛନ୍ତି: କଂଗ୍ରେସ

ଭୁବନେଶ୍ୱର,୩୦।୭ (ରବିନାରାୟଣ ଜେନା)

ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଆଙ୍କ ଆରାଧ୍ୟ ଦେବତା। ମାତ୍ର ରାଜ୍ୟ ସରକାର ଜଗନ୍ନାଥଙ୍କୁ ନେଇ ଯେଉଁ ଖେଳ ଖେଳୁଛନ୍ତି ତାହା ସମସ୍ତ ଜଗନ୍ନାଥପ୍ରେମୀଙ୍କୁ ବ୍ୟଥିତ କରୁଛି ବୋଲି ପିସିସି ମୁଖପାତ୍ର ଲଲାଟେନ୍ଦୁ ଦାସ କ୍ଷୋଭର ସହ କହିଛନ୍ତି। ବୁଧବାର ରାଜ୍ୟ କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ହିନ୍ଦୁ ଓ ହିନ୍ଦୁତ୍ୱକୁ ନେଇ ଦେଶରେ ହୀନ ରାଜନୀତି ଚାଲିଥିବାବେଳେ ଏଥିରୁ ମହାପ୍ରଭୁ ଜଗନ୍ନାଥ ବି ବାଦ୍ ପଡୁନାହାନ୍ତି। ୫୦୦, ୧୦୦ ଟଙ୍କାରେ ଭିଆଇପି ଦର୍ଶନ ନାଁରେ ବର୍ଷକୁ ୧୮୦୦ କୋଟି ଅର୍ଥ ବେଆଇନ ଭାବେ ଆଦାୟ କରାଯାଉଛି, ଯାହାର ତଦନ୍ତ ହେବା ଆବଶ୍ୟକ।

ଲଲାଟେନ୍ଦୁ କହିଛନ୍ତି, ଶ୍ରୀମନ୍ଦିରର ମରାମତି ଓ ତଦାରଖ ଦାୟିତ୍ୱ ଏଏସ୍‌ଆଇକୁ ଦିଆଯାଇଛି। ହେଲେ ନୋ ଫଟୋଗ୍ରାଫି ଜୋନ୍‌ରେ ଶ୍ରୀମନ୍ଦିର ଫଟୋ କିପରି ଭାଇରାଲ ହେଉଛି ଏବଂ ଏଥିପାଇଁ ଫୌଜଦାରି ମକଦ୍ଦମା ରୁଜୁ ହୋଇନାହିଁ କାହିଁକି? ସେହିପରି ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରକୁ ବ୍ୟବହାର କରି ଡୋର୍‌ମ୍ୟାଟ୍(ପାପୋଛ) ଅଲ୍ଲୀ ଏକ୍ସପ୍ରେସ୍ ନାମକ ସଂସ୍ଥା ଅନ୍‌ଲାଇନରେ ବିକ୍ରି କରୁଛି। ଏହା ଘୋର ନିନ୍ଦନୀୟ ଘଟଣା। ଏପରି ଆଇନବିରୋଧୀ କାର୍ଯ୍ୟ ବାରମ୍ବାର ହେବାର କାରଣ ହେଉଛି ସରକାରଙ୍କ ନିଷ୍କ୍ରିୟତା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହୁଛନ୍ତି ଟ୍ରମ୍ପଙ୍କ ଡାକରା ଛାଡ଼ି ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଚାଲିଆସିଛନ୍ତି, ହେଲେ ପୁରୀ ସାଂସଦ କହୁଛନ୍ତି ଜଗନ୍ନାଥ ମୋଦିଙ୍କ ଭକ୍ତ। ଗତବର୍ଷ ରଥଯାତ୍ରାରେ ବଡ଼ଠାକୁର ଚାରମାଳରୁ ପଡ଼ିଯିବା ଘଟଣାର ତଦନ୍ତ ରିପୋର୍ଟ ବର୍ଷେ ହେଲା କିନ୍ତୁ ପ୍ରକାଶ ପାଇଲାନାହିଁ। ଚଳିତବର୍ଷ ରଥଯାତ୍ରାରେ ଦଳାଚକଟା ଘଟଣାଠାରୁ ଆରମ୍ଭକରି ଏଆଇ କ୍ୟାମେରା ପର୍ଯ୍ୟନ୍ତ ବହୁ ଘଟଣା ଘଟିଗଲାଣି। ହେଲେ ରାଜ୍ୟ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ଖବରଦାତା ସମ୍ମିଳନୀରେ ମୁଖପାତ୍ର ଜୟଶ୍ରୀ ପାତ୍ର, ଡ. ଦେବାଶିଷ ଭୂୟାଁ ଓ ଅଶୋକ ସ୍ୱାଇଁ ଉପସ୍ଥିତ ଥିଲେ।

# ନାରୀ ନିର୍ଯାତନା ବନ୍ଦ ନ ହେବା ଯାଏ ଜାରି ରହିବ ଆନ୍ଦୋଳନ




ଭୁବନେଶ୍ୱରରେ ମହିଳା କଂଗ୍ରେସ ପକ୍ଷରୁ ବୁଧବାର ବିକ୍ଷୋଭ ଶୋଭାଯାତ୍ରା।

## ମହିଳା କଂଗ୍ରେସର ବିଶାଳ ବିକ୍ଷୋଭ

ଭୁବନେଶ୍ୱର, ୩୦।୭(ରବିନାରାୟଣ ଜେନା)

ରାଜ୍ୟରେ ନାରୀ ନିର୍ଯାତନା ଯେପର୍ଯ୍ୟନ୍ତ ବନ୍ଦ ନ ହୋଇଛି ସେପର୍ଯ୍ୟନ୍ତ ମହିଳା କଂଗ୍ରେସ ପକ୍ଷରୁ ଆନ୍ଦୋଳନ ଜାରି ରହିବ ବୋଲି ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି କହିଛନ୍ତି। ବୁଧବାର ମୀନାକ୍ଷୀଙ୍କ ନେତୃତ୍ୱରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ମହିଳା କଂଗ୍ରେସର ଏକ ସମାବେଶ ମାଷ୍ଟରକ୍ୟାଣ୍ଟିନ ଛକଦେଇ ଜନପଥରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲା। ବର୍ଷାକୁ ଖାତିର ନ କରି ପୋଲିସ ବାରିକେଡ୍ ଭାଙ୍ଗି ଅଗ୍ରସର ହେଉଥିବାବେଳେ ମହିଳା କଂଗ୍ରେସ ସଭାନେତ୍ରୀ ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କୁ ଆଇନଶୃଙ୍ଖଳା ଦୃଷ୍ଟିରୁ ପୋଲିସ ଅବରୋଧ କରିଥିଲା। ଏହି ସମୟରେ ପୋଲିସ ଓ ମହିଳା କଂଗ୍ରେସ କର୍ମକର୍ତ୍ତାଙ୍କ ମଧ୍ୟରେ ପ୍ରଥମେ ବଚସା ଓ ପରେ ଧସ୍ତାଧସ୍ତି ପର୍ଯ୍ୟନ୍ତ କଥା ଯାଇଥିଲା। ପରେ ପୋଲିସ ଆଇନଶୃଙ୍ଖଳା ରକ୍ଷାକରିବାକୁ ଯାଇ ମୀନାକ୍ଷୀଙ୍କ ସହିତ ଅନ୍ୟ କର୍ମକର୍ତ୍ତାଙ୍କୁ ଗିରଫ କରିଥିଲା। ଏହି ଅବସରରେ ମୀନାକ୍ଷୀ କହିଛନ୍ତି, ଭାଜପା ମହିଳା ନେତ୍ରୀମାନେ କଂଗ୍ରେସକୁ ବଳାତ୍କାରୀ ଦଳ ବୋଲି କହୁଛନ୍ତି। ସେମାନେ ପ୍ରଥମେ ଜାଣିରଖିବା ଉଚିତ, ତାଙ୍କ ଦଳ ସଭାପତିଙ୍କ କାରନାମା କ'ଣ ? ସେ ପୁଣି କହିଥିଲେ, ଛାତ୍ର କଂଗ୍ରେସ ସଭାପତିଙ୍କ ନାମରେ ଅଭିଯୋଗ ପରେ ଦଳ ପକ୍ଷରୁ ତାଙ୍କୁ ତୁରନ୍ତ ନିଲମ୍ବନ କରାଯାଇଛି। ତାଙ୍କର ଦୋଷ ଏପର୍ଯ୍ୟନ୍ତ ପ୍ରମାଣିତ ହୋଇନାହିଁ। ମାତ୍ର ଭାଜପା ରାଜ୍ୟ ସଭାପତିଙ୍କ ଇତିହାସ ଦିଲ୍ଲୀର ଓଡ଼ିଶା ନିବାସରୁ ଆରମ୍ଭକରି ସୋର ନିର୍ବାଚନମଣ୍ଡଳୀରେ ଦିବ୍ୟାଙ୍ଗଙ୍କୁ ନିର୍ଯାତନା ଘଟଣା ପର୍ଯ୍ୟନ୍ତ ଲମ୍ବିଛି। ତେଣୁ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଭାଜପା ରାଜ୍ୟ କାର୍ଯ୍ୟାଳୟ ଓ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ବିକ୍ଷୋଭ କରାଯିବା ଉଚିତ। ଏହାସହ ଦଳର ସଭାପତିଙ୍କ କୁଶପୁତ୍ତଳିକା ପୋଡ଼ାହେବା ଜରୁରୀ। ତା'ହେଲେ ଜଣାପଡ଼ିବ ଯେ, ଭାଜପାର ମହିଳାଙ୍କ ପ୍ରତି ମର୍ଯ୍ୟାଦା ଆଉ ସମ୍ମାନ କେତେ ଅଛି ବୋଲି ମୀନାକ୍ଷୀ କହିଛନ୍ତି। ଏହି ବିକ୍ଷୋଭ ବେଳେ ମହିଳା କଂଗ୍ରେସ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି ସମାବେଶରେ ମହିଳା କଂଗ୍ରେସ ଏବଂ ପ୍ରଦେଶ କଂଗ୍ରେସର ବରିଷ୍ଠ ନେତୃବର୍ଗ ସାମିଲ ଥିଲେ।

# ପୁରୀ-ରାଉରକେଲା-ପୁରୀ ବନ୍ଦେଭାରତ ଏକ୍ସପ୍ରେସ୍‌ରେ ଅଧିକ କୋଚ୍ ସଂଯୋଗ

ଭୁବନେଶ୍ୱର,୩୦।୭ (ଅନୁରାଧା ମହାରଣା)

ପୁରୀ ଏବଂ ରାଉରକେଲା ମଧ୍ୟରେ ଚଳାଚଳ କରୁଥିବା ୨୦୮୩୬/୨୦୮୩୫ ପୁରୀ-ରାଉରକେଲା-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସରେ ୫୦% କୋଚ୍ ବୃଦ୍ଧି କରାଯାଇଛି। ଯାତ୍ରୀ ଚାହିଦାକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ୮ କୋଚ୍ ଥିବା ଏହି ଟ୍ରେନ୍‌ଟି ଅଗଷ୍ଟ ୭ରୁ ୧୬ କୋଚ୍ ସହିତ ଚଳାଚଳ କରିବ। ୮ଟି ଏସି ଚେୟାର କାର୍ କୋଚ୍ ଯୋଡାଯିବ। ଅପ୍‌ଗ୍ରେଡ ରେକ କମ୍ପୋଜିଶନରେ ଏବେ ୧୨ଟି ଏସି ଚେୟାର କାର୍ କୋଚ, ୨ଟି ଏକଜିକ୍ୟୁଟିଭ



ଚେୟାର କାର୍ କୋଚ, ୨ଟି କ୍ରିଞ୍ଚ ଏବଂ ଏସି ଚେୟାର କାର୍ କୋଚ ରହିବ। ଟ୍ରେନ ନମ୍ବର ୨୦୮୩୬ (ପୁରୀ-ରାଉରକେଲା) ୧୧୨.୭୬% ଚାହିଦା ରେକର୍ଡ କରିଛି ଏବଂ ଟ୍ରେନ ନମ୍ବର ୨୦୮୩୫ (ରାଉରକେଲା-ପୁରୀ)ର ୧୨୭.୬୪% ଚାହିଦା ରହିଛି।

# ଲାଓସ୍‌ରୁ ୪ ଓଡ଼ିଆଙ୍କୁ ଉଦ୍ଧାର ଲାଗି ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

## ବୈଦେଶିକ ମନ୍ତ୍ରଣାଳୟ ନିର୍ଦ୍ଦେଶକଙ୍କୁ ଶ୍ରମ ଆୟୁକ୍ତଙ୍କ ପତ୍ର

ଭୁବନେଶ୍ୱର,୩୦।୭(ରବିନାରାୟଣ ଜେନା)

ଦକ୍ଷିଣ ଏସିଆର ଲାଓସ୍‌ରେ ଫସିଥିବା କେନ୍ଦ୍ରାପଡ଼ାର ୪ ଓଡ଼ିଆ ଶ୍ରମିକଙ୍କୁ ଉଦ୍ଧାର ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଶ୍ରମ ବିଭାଗ ପକ୍ଷରୁ ବୁଧବାର ନୂଆଦିଲ୍ଲୀସ୍ଥିତ ବୈଦେଶିକ ମନ୍ତ୍ରଣାଳୟ ନିର୍ଦ୍ଦେଶକଙ୍କୁ ପତ୍ର ଲେଖି ତୁରନ୍ତ ଶ୍ରମିକମାନଙ୍କୁ ସୁରକ୍ଷିତ ଫେରାଇ ଆଣିବା ଲାଗି ଅନୁରୋଧ କରାଯାଇଛି। ବୁଧବାର ଶ୍ରମମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆଙ୍କ ଅନୁମୋଦନକ୍ରମେ ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ ବୈଦେଶିକ ମନ୍ତ୍ରଣାଳୟ ନିର୍ଦ୍ଦେଶକଙ୍କୁ ପ୍ରଦାନ କରିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, କେନ୍ଦ୍ରାପଡ଼ା ଜିଲାର ୪ ଜଣ ଦାଦନ ଶ୍ରମିକ କାମ ଅନ୍ୱେଷଣରେ ଯାଇ ଲାଓସ୍‌ରେ ଫସି ରହିଛନ୍ତି। ସେଠାରେ ତାଙ୍କୁ କମ୍ପାନୀ କର୍ତ୍ତୃପକ୍ଷ ନିର୍ଯାତନା ଦେଉଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଚଳିତ ବର୍ଷ ମାର୍ଚ୍ଚରେ ଜଣେ ଏଜେଣ୍ଟଙ୍କ ଜରିଆରେ କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ବଡ଼ାଙ୍କର ସନାତନ ବାରିକଙ୍କ ପୁଅ ସତ୍ୟରଞ୍ଜନ, ମେଘୁ ପ୍ରଧାନଙ୍କ ପୁଅ ଗଦାଧର ଏବଂ ଆଳି ବ୍ଲକ ବାଳକାଟୀର ଗୋବର୍ଦ୍ଧନ ସାମଲଙ୍କ ପୁଅ ସୁମନ ଏବଂ ଅନନ୍ତ ଚରଣ ନାୟକଙ୍କ ପୁଅ ଲକ୍ଷ୍ମୀଧର କାମଧନ୍ଦା ପାଇଁ ଯାଇଥିଲେ। ଲାଓସ୍‌ର ସୟେସ୍ଥା ଜିଲା ଅନ୍ତର୍ଗତ ହନ୍‌ସନ ଗ୍ରାମରେ ଥିବା ଏକ କାଠ ପ୍ରକ୍ରିୟାକରଣ କମ୍ପାନୀରେ କାମ ଯୋଗାଇଦେବେ ବୋଲି କହି ଏଜେଣ୍ଟ ଜଣକ ସେମାନଙ୍କୁ ଏଠାରୁ ନେଇଯାଇଥିଲେ। ମାତ୍ର ଅନୁସନ୍ଧାନରୁ ଜଣାଯାଇଛି ଯେ, ଶ୍ରମିକମାନଙ୍କ 'ଭିସା' ଅନୁମତି ଗତ ଏପ୍ରିଲ ୫ରେ ଶେଷହୋଇଯାଇଛି। ଶ୍ରମିକମାନେ ଏବେ ସେଠାରେ ବିନା ବୈଧ ଅନୁମତି ତଥା କାଗଜପତ୍ରରେ ରହିଛନ୍ତି। ଏହାର ଫାଇଦା ଏବେ ସମ୍ପୃକ୍ତ କମ୍ପାନୀ ମାଲିକ ଉଠାଉଛନ୍ତି। ଶ୍ରମିକମାନଙ୍କୁ ବିନା ଦରମାରେ ଖଟାଇବା ସହ ବିଭିନ୍ନ ପ୍ରକାର ନିର୍ଯାତନା ଦେଉଛନ୍ତି। ଏ ସମ୍ପର୍କରେ ଜାଣି ସେମାନଙ୍କ ପରିବାର ସଦସ୍ୟ ନିରୁପାୟ ହୋଇ ସରକାରଙ୍କୁ ଗୁହାରି କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ୪ ଶ୍ରମିକଙ୍କୁ କିଭଳି ସୁରକ୍ଷିତ ଭାବେ ସେଠାରୁ ଉଦ୍ଧାରକରି ଅଣାଯାଇପାରିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ଆୟୁକ୍ତ ତ୍ରିପାଠୀ ବୈଦେଶିକ ମନ୍ତ୍ରଣାଳୟ ନିର୍ଦ୍ଦେଶକଙ୍କୁ ଅନୁରୋଧ କରିଛନ୍ତି।

**MAA MANIKESHWARI UNIVERSITY**
MANIKYA VIHAR, BHAWANIPATNA, KALAHANDI, ODISHA - 766001
**WALK IN INTERVIEW**
No.2943 Date : 29.07.2025
A Walk-in-Interview will be conducted for temporary posts of Contractual Assistant Professor / Faculty in the Self Financing disciplines of BCA / BBA / Computer Science / B.Ed. (English/ Odia) on 7th August 2025 at 10.00 A.M. Eligible candidates may appear for the interview with all original testimonials and a set of photocopies. For eligibility criteria and other details, please visit https://kalahandiuniversity.ac.in/.
No TA/DA will be provided for attending the interview.
Sd./- REGISTRAR

**PARADIP PORT AUTHORITY**
No.CE/PRD/ACCTS-14/25/295, dtd. 25.07.2025
**e-TENDER CALL NOTICE**
Name of the work : Construction of Compound Wall, drain adjacent to PMR and along RRS-I&II Railway Tracks at MCHP area (Balance work).
Estimated Cost : Rs.2,83,44,700.94.
Last Date & time of submission : 16.08.2025 up to 17:00 Hrs.
Refer our website for details : eprocure.gov.in/eprocure/app
Executive Engineer, PRD, PPA
PPA/PR/31/2025-2026, dt.30/07/2025

ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ଦ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ୍‌ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE),
IICA Building, 7th Floor,
Plot P- 6, 7, 8, Sector-5,
IMT Manesar,
Gurgaon, Haryana - 122050
Email: roc.cpace@mca.gov.in

ସତ୍ୟମେବ ଜୟତେ

ଫର୍ମ ନଂ. ଏସ୍‌ଟିକେ-୬
**ସର୍ବସାଧାରଣ ବିଜ୍ଞପ୍ତି**
[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]

ସର୍ବସାଧାରଣ ନୋଟିସ: ଆର୍‌ଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୫-୨୬/୯୦୫ ତାରିଖ:- ୨୨।୦୭।୨୦୨୫
ସନ୍ଦର୍ଭ: କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୨)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏବି୪୨୩୭୫୭୨ | ୟୁ୧୪୨୯୧ଓଆର୍୧୯୮୯ପିଏଲ୍‌ସି୦୦୨୧୫୬ | ଜିଇଏମ୍ କର୍ପୋରେଶନ୍ ଅଫ୍ ଓଡ଼ିଶା ଲିମିଟେଡ୍ |
| ୨ | ଏବି୪୬୯୪୬୦୯ | ୟୁ୨୨୩୦୦ଓଆର୍୨୦୨୨ପିଟିସି୦୩୯୦୫୭ | ମା' ଦୁର୍ଗା ମିଡିଆ ପ୍ରାଇଭେଟ୍ ଲିମିଟେଡ୍ |

୨. ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲକରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍‌ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏ'ର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ-ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନଙ୍କ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି।
୩. ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି।
୪. କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି।
ରୌନକ ଅଗ୍ରୱାଲ, ସହକାରୀ ନିବନ୍ଧକ
ଦ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର
CBC 07123/11/0320/2526

Repco Home Finance
**ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍**
ଭୁବନେଶ୍ୱର ଶାଖା: ଏନ୍‌ବି ଟାୱାର୍ସ, ପ୍ଲଟ୍ ନଂ. ୪୬୭/୨୨୬୦, ରାଜଧାନୀ ଗ୍ୟାସ୍ ନିକଟ, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୨
**ଇ - ନିଲାମ ବିକ୍ରୟ ବିଜ୍ଞପ୍ତି**
ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ରେପକୋ ହୋମ୍ ଫାଇନାନ୍ସ ଲିଃକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ
ଯେହେତୁ, ନିମ୍ନଲିଖିତ ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାମାନେ ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍‌ର ଭୁବନେଶ୍ୱର ଶାଖାରୁ ଟଙ୍କା ଧାର କରିଥିଲେ ଏବଂ ସେମାନଙ୍କର ଦେୟତାର ବିବରଣୀ ତଳେ ଦର୍ଶାଯାଇଛି। ଯେହେତୁ, କମ୍ପାନୀ ସରଫାଏସି ଅଧିନିୟମ ଅଧୀନରେ ନୋଟିସ ଜାରି କରିଥିଲା ଏବଂ ପ୍ରାଧିକୃତ ଅଧିକାରୀ ବନ୍ଧକ ସମ୍ପତ୍ତିଗୁଡ଼ିକର ଦଖଲ ଗ୍ରହଣ କରିଛନ୍ତି ଏବଂ ନିମ୍ନଦର୍ଶିତ ତାରିଖରେ ନୋଟିସ ଜାରି କରିଛନ୍ତି ଏବଂ ବର୍ତ୍ତମାନ କମ୍ପାନୀ ସମ୍ପତ୍ତିଗୁଡ଼ିକୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ଧାରା ୮ ଓ ୯ ଅଧୀନରେ "ଯେପରି ଅଛି ଯେଉଁଠି ଅଛି ସ୍ଥିତିରେ" ଏବଂ "ଯେମିତି ଅଛି ଯାହା ଅଛି ସ୍ଥିତିରେ" ବିକ୍ରୟ କରିବା ଲାଗି ନିଷ୍ପତ୍ତି ନେଇଛି।
**ଇ-ନିଲାମର ତାରିଖ ଓ ସମୟ: ୦୩.୦୯.୨୦୨୫, ପୂର୍ବାହ୍ନ ୧୧.୦୦ - ମଧ୍ୟାହ୍ନ ୧୨.୦୦ ଘଟିକା**
(୫ ମିନିଟର ଅସୀମିତ ସ୍ୱତଃସ୍ଫୂର୍ତ୍ତ ସମୟବୃଦ୍ଧି ସହିତ)
**ଇ-ଟେଣ୍ଡର ଦାଖଲ କରାଯିବାର ଶେଷ ତାରିଖ ଓ ସମୟ: ୦୨.୦୯.୨୦୨୫, ଅପରାହ୍ନ ୪.୦୦ ଘଟିକା**

କ୍ର.ସଂ. ୧: ଋଣଗ୍ରହୀତା: ଶ୍ରୀ ଉଦୟ ମହାନ୍ତି, ପିତା: ହୃଷିକେଶ ମହାନ୍ତି, ସହ-ଋଣଗ୍ରହୀତା: ଶ୍ରୀ ହୃଷିକେଶ ମହାନ୍ତି, ପିତା: ଶ୍ରୀ ନନ୍ଦ କିଶୋର ମହାନ୍ତି; ଡିମାଣ୍ଡ ନୋଟିସ ତାରିଖ: ୨୪.୦୧.୨୦୨୩; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. ୧୬୮୧୮୭୦୦୦୦୭୧୪) ହେଉଛି ତା୨୩.୦୧.୨୦୨୩ରିଖ ସୁଦ୍ଧା ₹୧୦,୭୨,୩୩୮/- ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: ୨୬.୦୫.୨୦୨୩; ବର୍ତ୍ତମାନର ବକେୟା ଅର୍ଥରାଶି: ତା୦୮.୦୭.୨୦୨୫ରିଖ ସୁଦ୍ଧା ₹୧୨,୩୮,୨୩୪/-।
ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: କଟକ, ତହସିଲ: କଟକ, ମୌଜା: କଖଡ଼ିଠାରେ ଅବସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, ରେକର୍ଡ ଅଫ୍ ରାଇଟ୍ ନଂ.: ୪୯୪/୪୭୨, ପ୍ଲଟ୍ ନଂ.: ୧୮୫୬/୨୨୮୫, ରକବା: ଏ.୦.୦୭୦ ଡିସିମିଲ। ଚଉହଦୀ: ଉତ୍ତର: ପ୍ଲଟ୍ ନଂ. ୧୮୫୬, ଗଜେନ୍ଦ୍ର ମହାନ୍ତି, ଦକ୍ଷିଣ: ପ୍ଲଟ୍ ନଂ. ୧୮୫୬, ଘନ ମହାନ୍ତି, ପୂର୍ବ: ରାସ୍ତା, ପଶ୍ଚିମ: ଦନେଇ ସାହୁ ଓ ଅନ୍ୟମାନେ।

| ସଂରକ୍ଷିତ ମୂଲ୍ୟ | ₹୩୮,୨୦,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୩,୮୨,୦୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

କ୍ର.ସଂ. ୨: ଋଣଗ୍ରହୀତା: ଶ୍ରୀ ଚନ୍ଦ୍ରଭାନୁ ସେଠୀ, ପିତା: ବଂଶୀଧର ସେଠୀ, ସହ-ଋଣଗ୍ରହୀତା: ଶ୍ରୀମତୀ ନିର୍ମଳ ରଣା, ସ୍ୱାମୀ: ଚନ୍ଦ୍ରଭାନୁ ସେଠୀ; ଡିମାଣ୍ଡ ନୋଟିସ ତାରିଖ: ୧୨.୧୨.୨୦୨୨; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. ୧୬୮୧୮୭୦୦୦୦୮୫୨) ହେଉଛି ତା୦୯.୧୨.୨୦୨୨ରିଖ ସୁଦ୍ଧା ₹୧୨,୦୯,୨୦୬/- ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: ୨୬.୦୫.୨୦୨୩; ବର୍ତ୍ତମାନର ବକେୟା ଅର୍ଥରାଶି: ତା୦୮.୦୭.୨୦୨୫ରିଖ ସୁଦ୍ଧା ₹୧୫,୯୯,୪୧୭/-।
ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: କେନ୍ଦ୍ରାପଡ଼ା, ତହସିଲ: କେନ୍ଦ୍ରାପଡ଼ା, ମୌଜା: ବଡ଼ମଙ୍ଗରାଜପୁରଠାରେ ଅବସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, ରେକର୍ଡ ଅଫ୍ ରାଇଟ୍ ନଂ.: ୧୫୮/୩୯, ପ୍ଲଟ୍ ନଂ.: ୪୫୩, ରକବା: ଏ.୦.୩୯୫ ଡିସିମିଲ, ଜମିର ସ୍ଥିତି: ହୋମ୍‌ଷ୍ଟିଡ୍ ଯାହାର ଚଉହଦୀ ହେଉଛି: ଉତ୍ତର: ବାବାଜୀ ଦାସ, ଦକ୍ଷିଣ: କେନାଲ ଓ ରାସ୍ତା, ପୂର୍ବ: କୁଳମଣି ଦାସ, ପଶ୍ଚିମ: ଅଚ୍ୟୁତାନନ୍ଦ ଦାସ।

[illegible]

ସମ୍ପତ୍ତିର ବର୍ଣ୍ଣନା: ଖାତା ନଂ.: ୧୨୦୫/୫୦୬, ପ୍ଲଟ୍ ନଂ. ୩୩୪/୩୫୮୨ ଏବଂ ୩୩୧/୩୫୮୧ ସମ୍ବଳିତ, ମୌଜା: ବିଶିନାବର, ୟୁନିଟ୍ ନଂ.: ୩୩, ବାରିକ ସାହି, ଶଙ୍କରପୁର, ତହସିଲ: କଟକ ସଦର, ଜିଲ୍ଲା: କଟକଠାରେ ଅବସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ; ଚଉହଦୀ:- ପୂର୍ବ: ପ୍ଲଟ୍ ନଂ.୩୩୩, ପଶ୍ଚିମ: ପ୍ଲଟ୍ ନଂ.୩୩୦, ଉତ୍ତର: ପ୍ଲଟ୍ ନଂ.: ୩୩୨, ଦକ୍ଷିଣ: ରାସ୍ତା। ମାପ ରକବା ଏ.୦.୦୧୨.୫ କଡି (ପ୍ଲଟ୍ ନଂ.୩୩୪/୩୫୮୨) ଏବଂ ମାପ ରକବା ଏ.୦.୦୦୫ ଡିସିମିଲ (ପ୍ଲଟ୍ ନଂ. ୩୩୧/୩୫୮୧)। ସମୁଦାୟ ମାପ ରକବା: ଏ.୦.୦୧୭.୫ କଡି।

| ସଂରକ୍ଷିତ ମୂଲ୍ୟ | ₹୩୬,୫୮,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୩,୬୫,୮୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

କ୍ର.ସଂ. ୭: ଋଣଗ୍ରହୀତା: ଶ୍ରୀ ଗୋବିନ୍ଦ ଚନ୍ଦ୍ର ବେହେରା, ପିତା: ଶ୍ରୀ ଅନାଦି ବେହେରା, ସହ-ଋଣଗ୍ରହୀତା: ଶ୍ରୀ ଚିତ୍ତରଞ୍ଜନ ବେହେରା, ପିତା: ଶ୍ରୀ ଅନାଦି ବେହେରା ଏବଂ ଗ୍ୟାରେଣ୍ଟିଦାତା: ଶ୍ରୀ କାଳନ୍ଦୀ ବେହେରା, ପିତା: ବନମାଳୀ ବେହେରା; ଡିମାଣ୍ଡ ନୋଟିସ ତାରିଖ: ୦୫.୦୩.୨୦୨୨; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. ୧୬୮୧୮୭୦୦୦୦୭୪୦) ହେଉଛି ତା୦୪.୦୩.୨୦୨୨ରିଖ ସୁଦ୍ଧା ₹୧୩,୦୯,୯୭୫/- ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: ୦୯.୦୧.୨୦୨୩; ବର୍ତ୍ତମାନର ବକେୟା ଅର୍ଥରାଶି: ତା୧୫.୦୭.୨୦୨୫ରିଖ ସୁଦ୍ଧା ₹୧୬,୫୯,୨୯୭/-।
ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: ଖୋର୍ଦ୍ଧା, ତହସିଲ: ବାଲିଅନ୍ତା, ମୌଜା: ପୁରାଣପ୍ରଧାନଠାରେ ଅବସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ; ଆର୍‌ଓଆର୍ ନଂ.: ୪୪୮/୬୬, ପ୍ଲଟ୍ ନଂ.: ୪୭୫/୧୦୬୮, ରକବା: ଏ.୦.୦୮୦ ଡିସିମିଲ ସହିତ ଏବଂ ଆର୍‌ଓଆର୍ ନଂ.୪୪୧/୯, ପ୍ଲଟ୍ ନଂ.: ୪୭୫/୧୦୫୦, ରକବା: ଏ.୦.୦୪୦ ଡିସିମିଲ ସହିତ, ସ୍ଥାନ: ପୁରାଣ ପ୍ରଧାନ, ସିସିଲୋ, ବାଲିଅନ୍ତା, ଖୋର୍ଦ୍ଧା - ୭୫୨୧୦୦। ଚଉହଦୀ: ପୂର୍ବ: ରାସ୍ତା, ପଶ୍ଚିମ: କେନାଲ/ଖାଲି ଜମି, ଉତ୍ତର: ମାଲିକ, ଦକ୍ଷିଣ: ଜଟା ତାଲୁଆ। ସମୁଦାୟ ମାପ ରକବା: ଏ.୦୧୨୦ ଡିସିମିଲ, ପ୍ଲଟର କିସମ ହେଉଛି ହୋମଷ୍ଟିଡ୍ (ଘରବାରି)।

| ସଂରକ୍ଷିତ ମୂଲ୍ୟ | ₹୫୦,୨୧,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୫,୦୨,୧୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

କ୍ର.ସଂ. ୮: ଋଣଗ୍ରହୀତା: ଶ୍ରୀ ଉପେନ୍ଦ୍ର ବେହୁରା, ପିତା: ଶ୍ରୀ ବାସୁଦେବ ବେହୁରା, ସହ-ଋଣଗ୍ରହୀତା: ୧. ଶ୍ରୀ ନଗେନ୍ଦ୍ର ବେହୁରା, ପିତା: ଶ୍ରୀ ବାସୁଦେବ ବେହୁରା, ୨. ଶ୍ରୀମତୀ ପ୍ରିୟଙ୍କା ବେହୁରା, ସ୍ୱାମୀ: ଶ୍ରୀ ଉପେନ୍ଦ୍ର ବେହୁରା, ଏବଂ ଗ୍ୟାରେଣ୍ଟିଦାତା: ଶ୍ରୀ ଜୀତେନ୍ଦ୍ର କୁମାର ଦାସ, ପିତା: ଶ୍ରୀ ଶ୍ୟାମ ଦାସ; ଡିମାଣ୍ଡ ନୋଟିସ ତାରିଖ: ୨୯.୦୯.୨୦୨୦; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. ୧୬୮୧୮୭୦୦୦୦୭୦୨) ହେଉଛି ତା୨୮.୦୯.୨୦୨୦ରିଖ ସୁଦ୍ଧା ₹୧୦,୭୫,୪୭୪/- ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: ୦୯.୦୧.୨୦୨୩; ବର୍ତ୍ତମାନର ବକେୟା ଅର୍ଥରାଶି: ତା୧୪.୦୭.୨୦୨୫ରିଖ ସୁଦ୍ଧା ₹୧୫,୮୯,୪୦୫/-।
ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: କଟକ, ତହସିଲ: ସାଲେପୁର, ମୌଜା: ଲେଖନପୁରଠାରେ ଅବସ୍ଥିତ ଜମି ଓ କୋଠାର ସମସ୍ତ ଭାଗ ଓ ଅଂଶବିଶେଷ, ରେକର୍ଡ ଅଫ୍ ରାଇଟ୍ ନଂ.୧୧୨, ପ୍ଲଟ୍ ନଂ.୧୭୧୮, ରକବା: ଏ.୦.୦୨୬ ଡିସିମିଲ, ଜମିର କିସମ: ହୋମ୍‌ଷ୍ଟିଡ୍ ଏବଂ ଚଉହଦୀ ନିମ୍ନ ଅନୁଯାୟୀ: ଉତ୍ତର: ଆକୁଳାନନ୍ଦ ବେହୁରା, ଦକ୍ଷିଣ: ରାସ୍ତା: ପୂର୍ବ: କ୍ରେତା, ପଶ୍ଚିମ: କେନାଲ।

| ସଂରକ୍ଷିତ ମୂଲ୍ୟ | ₹୧୭,୭୩,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୧,୭୭,୩୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୧୦,୦୦୦/- |
|---|---|---|---|---|---|

ଇ-ନିଲାମ ପଦ୍ଧତି ପାଇଁ, ଦୟାକରି ମେସର୍ସ ସି୧ ଇଣ୍ଡିଆ ପ୍ରା. ଲିଃ, ଶ୍ରୀ ପ୍ରଭାକରନ - ୭୪୧୮୨୮୧୭୦୯ଙ୍କ ସହ ଯୋଗାଯୋଗ କରନ୍ତୁ।
ସମ୍ପତ୍ତିର ନିରୀକ୍ଷଣ ପାଇଁ ଆଗ୍ରହୀ ବିଡରମାନେ ଶାଖା ମୁଖ୍ୟ, ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍‌ର ଭୁବନେଶ୍ୱର ଶାଖାଙ୍କ ସହ ସମସ୍ତ କାର୍ଯ୍ୟଦିବସରେ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଯୋଗାଯୋଗ କରିପାରନ୍ତି। ଯୋଗାଯୋଗ ନଂ. ୦୬୭୪-୨୩୬୦୧୬୬ ଏବଂ ୯୪୩୭୪୯୬୯୯୮
ତାରିଖ: ୧୮.୦୭.୨୦୨୫ ପ୍ରାଧିକୃତ ଅଧିକାରୀ, ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍

# ଓଡ଼ିଶା ସରକାର
# ତହସିଲ କାର୍ଯ୍ୟାଳୟ, ଖଇରପୁଟ

## ଘୋଷଣା

**File No.978/XVII-5/2025** **Dated 18.06.2025**

No. XXVII-11: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-ଡାବୁଗୁଡା, ଥାନା-ମୁଦୁଲିପଡା, ତହସିଲ-ଖଇରପୁଟ, ଜିଲ୍ଲା- ମାଲକାନଗିରିରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୪୨୯/୨୦୨୩, ତା.୧୬.୦୬.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ଡାବୁଗୁଡା, ଥାନା-ମୁଦୁଲିପଡା, ଜିଲ୍ଲା- ମାଲକାନଗିରି ନିମନ୍ତେ, ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

### ତଫସିଲ-କ
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

**ଜିଲ୍ଲା-ମାଲକାନଗିରି** **ତହସିଲ-ଖଇରପୁଟ**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟର ମୋଟ ରକବା (ଏକର) | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏକର) | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗୌଡପୁଟ | ଗୌଡପୁଟ | ୧ | ୩୩୫ | ଧାନ-୧ | ୦.୮୨୩ | ୦.୦୧୩ | ଅର୍ଜୁନ ଗୌଡ, ପି-ହରି ଗୌଡ, ଜା-ଗୌଡ, ବାସ-କଦମଗୁଡା ପଡା-ରାଉଳିଗୁଡା |
| ଗୌଡପୁଟ | ଗୌଡପୁଟ | ୪ | ୨୫୮<br>୩୧୬ | ଡାଙ୍ଗର-୨<br>ଧାନ-୨ | ୧.୬୮୮<br>୦.୪୪୫ | ୦.୩୨୨<br>୦.୪୪୫ | ଗୁରୁ ଅନ୍ତାଳ, ପି-ଡମ ଅନ୍ତାଳ, ଜା-ଗୌଡ ବାସ-ନିଜଗାଁ, ପଡା-କମଳାପଦର |
| ଗୌଡପୁଟ | ଗୌଡପୁଟ | ୫ | ୨୮୭ | ଧାନ-୧ | ୦.୬୩ | ୦.୦୬୫ | ଗୋପୀ ଗୌଡ, ପି-ରଘୁ ଗୌଡ, ଜା-ଗୌଡ, ବାସ-କଦମଗୁଡା ପଡା- ରାଉଳିଗୁଡା |
| ଗୌଡପୁଟ | ଗୌଡପୁଟ | ୧୦ | ୨୪୭ | ଧାନ-୨ | ୦.୫୬୩ | ୦.୨୫୧ | ଜଗନ୍ନାଥ ଗୋଲରି, ପି-ସାନୁ ଗୋଲରି, ଜା-ଗୌଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୧୫ | ୨୪୪ | ଧାନ-୧ | ୦.୮୯୭ | ୦.୦୬୧ | ଡମ୍ବରୁ ପୂଜାରୀ, ପି-ଶମ୍ବରା ପୂଜାରୀ, ଜା-ଗୌଡ, ବାସ-ନିଜଗାଁ, ପଡା-କମଳାପଦର |
| ଗୌଡପୁଟ | ଗୌଡପୁଟ | ୧୬ | ୩୧୮ | ଧାନ-୧ | ୦.୬୧ | ୦.୫୨୬ | ଡମ୍ବରୁ ଅନ୍ତାଳ, ପି-ନରସିଂହ ଅନ୍ତାଳ, ଜା-ଗୌଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୨୪ | ୩୨୮ | ଧାନ-୧ | ୨.୫୯୫୦ | ୦.୫୬୭ | ପଦ୍ମା ନାୟକ, ସ୍ୱା-ସନ୍ୟାସୀ ନାୟକ, ଜା-ଗୌଡ, ବାସ-ନିଜଗାଁ, ପଡା-କମଳାପଦର |
| ଗୌଡପୁଟ | ଗୌଡପୁଟ | ୨୫ | ୨୮୦<br>୩୧୪ | ଧାନ-୨<br>ଡଙ୍ଗର-୧ | ୧.୭୫୪<br>୦.୭୨୪ | ୦.୯୬୦<br>୦.୦୩୬ | ପରଦେଶୀ ନାୟକ, ପି-ସନିଆ ନାୟକ,ଜା-ଗୌଡ, ବାସ-ନିଜଗାଁ, ପଡା-କମଳାପଦର |
| ଗୌଡପୁଟ | ଗୌଡପୁଟ | ୩୫ | ୩୩୨ | ଧାନ-୧ | ୦.୮୮୫ | ୦.୮୮୫ | ବୁଦୁ ଗୌଡ, ପି-ଗୁରୁ ଗୌଡ, ଜା-ଗୌଡ ବାସ-କଦମଗୁଡା ପଡା-ରାଉଳିଗୁଡା |
| ଗୌଡପୁଟ | ଗୌଡପୁଟ | ୪୯ | ୨୮୩<br>୨୯୭ | ଡଙ୍ଗର-୨<br>ଧାନ-୩ | ୧.୩୧<br>୧.୧୬୧ | ୦.୯୭୭<br>୦.୯୬୨ | ରାମ ଚନ୍ଦ୍ର ପୂଜାରୀ, ପି- ନରସିଂହ ପୂଜାରୀ, ଜା- ଗୌଡ, ବାସ-ନିଜଗାଁ, ପଡା-କମଳାପଦର |
| ଗୌଡପୁଟ | ଗୌଡପୁଟ | ୫୧ | ୨୯୮ | ଧାନ-୧ | ୦.୯୮୮ | ୦.୧୯୫ | ଲକ୍ଷ୍ମଣ କିଲ, ପି-ବୁଦୁରା କିଲ, ଜା-ଗୌଡ ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୫୬ | ୩୮୧ | ଧାନ-୧ | ୦.୮୫୩ | ୦.୭୩୮ | ସଦନ ଗୌଡ, ପି-ଗୁରୁ ଗୌଡ, ଜା-ଗୌଡ ବାସ-କଦମଗୁଡା, ପଡା-ରାଉଳିଗୁଡା |
| ଗୌଡପୁଟ | ଗୌଡପୁଟ | ୫୭ | ୩୫୪<br>୩୭୮<br>୩୫୦ | ଧାନ-୨<br>ଡଙ୍ଗର-୨<br>ଡଙ୍ଗର-୨ | ୦.୬୪୨<br>୨.୩୯୭<br>୦.୪୨୭ | ୦.୪୧୫<br>୧.୦୯୫<br>୦.୦୦୪ | ସନିଆ ଆଲଙ୍ଗ, ପି-ସମରା ଆଲଙ୍ଗ, ଜା-ଗୌଡ ବାସ-କଦମଗୁଡା ପଡା-ରାଉଳିଗୁଡା |
| ଗୌଡପୁଟ | ଗୌଡପୁଟ | ୫୮ | ୨୮୬ | ଧାନ-୨ | ୦.୩୪୬ | ୦.୨୧୦ | ସଦା ଗୌଡ, ପି-ଗୁରୁ ଗୌଡ, ବା-ଗୌଡ ବାସ-କଦମଗୁଡା ପଡା-ରାଉଳିଗୁଡା |
| ଗୌଡପୁଟ | ଗୌଡପୁଟ | ୫୯ | ୨୮୯<br>୩୦୨<br>୩୦୩ | ଡଙ୍ଗର-୨<br>ଧାନ-୧<br>ଧାନ-୩ | ୧.୨୦୬<br>୧.୪୫୧<br>୦.୪୦୮ | ୦.୩୫୦<br>୧.୦୪୭<br>୦.୪୦୮ | ସନାଦର ପୂଜାରୀ, ପି-ସନୁ ପୂଜାରୀ, ଜା-ଗୌଡ, ବାସ- ନିଜଗାଁ, ପଡା-କମଳାପଦର |
| ଗୌଡପୁଟ | ଗୌଡପୁଟ | ୬୬ | ୩୨୯ | ଧାନ-୧ | ୧.୦୬୩ | ୧.୦୬୩ | ସନ୍ୟାସୀ ଅନ୍ତାଳ, ପି-ସମରା ଅନ୍ତାଳ, ଜା-ଗୌଡ, ବାସ- ନିଜଗାଁ, ପଡା-କମଳାପଦର |
| ଗୌଡପୁଟ | ଗୌଡପୁଟ | ୬୭ | ୨୫୬ | ଧାନ-୧ | ୩.୦୬୪ | ୦.୫୪୦ | ସନିଆ ପାଙ୍ଗି, ପି-ସମରା ପାଙ୍ଗି, ଜା-ଗୌଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/ ୯୦ | ୨୫୮/ ୪୯୩<br>୨୫୯ | ଘରବାରି<br>ଡଙ୍ଗର-୨ | ୧.୧୮୫<br>୧.୦୦୧ | ୦.୭୦୦<br>୦.୫୯୨ | ଏ.ଗୋବିନ୍ଦ ରାଓ, ପି-ଉ. ଆପ୍ପା ରାଓ, ଜା-କୁମୁଟି, ବାସ- ଗୋବିନ୍ଦପାଲି |
| ଗୌଡପୁଟ | ଗୌଡପୁଟ | ୭୧ | ୩୩୦ | ଧାନ-୧ | ୧.୩୧୬ | ୧.୨୬୨ | ସମରା ପାଙ୍ଗି, ପି-ରଘୁ ପାଙ୍ଗି ଜା-ଗୌଡ ବାସ-ନିଜଗାଁ ପଡା- କମଳାପଦର |
| ଗୌଡପୁଟ | ଗୌଡପୁଟ | ୮୪/ ୮୯ | ୩୩୦/ ୪୯୨ | ଧାନ-୧ | ୦.୩୫୧ | ୦.୩୫୧ | ସନିଆ ଗଉଡ, ପି-ଅର୍ଜୁନ ଗଉଡ, ଜା-ଗଉଡ ବାସ-ରାଉଳିଗୁଡା |
| ଗୌଡପୁଟ | ଗୌଡପୁଟ | ୭୭ | ୩୫୩<br>୩୮୦<br>୩୮୨<br>୩୮୩ | ଧାନ-୨<br>ଧାନ-୩<br>ଧାନ-୨<br>ଧାନ-୩ | ୦.୪୨୭<br>୦.୨୦୫<br>୦.୮୫୭<br>୦.୫୪୪ | ୦.୪୨୭<br>୦.୦୪୪<br>୦.୨୦୭<br>୦.୦୬୩ | ଶୁକୁରି ଗୌଡୁଣି, ସ୍ୱା-ସୁକୁ ଗୌଡ ଜା-ଗୌଡ ବାସ- କଦନଗୁଡା ପଡା-ରାଉଳିଗୁଡା |
| ଗୌଡପୁଟ | ଗୌଡପୁଟ | ୮୨ | ୩୩୯ | ଧାନ-୧ | ୧.୫୩୨ | ୦.୪୦୫ | ହର ଆଲଙ୍ଗ ପି-ଅର୍ଜୁନ ଆଲଙ୍ଗ ଜା-ଗଉଡ ବା-କଦମଗୁଡା ପଡା-ରାଉଳିଗୁଡା |
| ଗୌଡପୁଟ | ଗୌଡପୁଟ | ୮୪/୪ | ୩୧୯ | ଧାନ-୧ | ୧.୭୭୯ | ୦.୫୬୨ | ଦୈତାରୀ ଖରା ପି-ଦେବା ଖରା ଜା-ଗଉଡ ବାସ-ବଡଡୁରାଲ |
| ଗୌଡପୁଟ | ଗୌଡପୁଟ | ୨୫ | ୩୦୫ | ଡଙ୍ଗର-୧ | ୦.୬୧୦ | ୦.୨୪୭ | ପରଦେଶୀ ନାୟକ, ପି-ସନିଆ ନାୟକ, ଜା-ଗୌଡ, ବାସ-ନିଜଗାଁ,ପଡା-କମଳାପଦର |
| ଗୌଡପୁଟ | ଗୌଡପୁଟ | ୮୪/୮୭ | ୩୩୧/ ୪୯୦ | ଧାନ-୧ | ୦.୭୧୨ | ୦.୭୧୨ | ରାଧିକା ପୂଜାରୀ, ସ୍ୱା-ରାମଚନ୍ଦ୍ର ପୂଜାରୀ, ଜା-ଗୌଡ, ବାସ-କମଳାପଦର |
| ଗୌଡପୁଟ | ଗୌଡପୁଟ | ୮୪/୮୮ | ୩୩୧/ ୪୯୧ | ଧାନ-୧ | ୦.୬୭୨ | ୦.୬୭୨ | ଉର୍ଦ୍ଧବ ଗଉଡ, ପି-ହରି ଗଉଡ ଜା-ଗୌଡ, ବାସ-ରାଉଳିଗୁଡା |
| ଗୌଡପୁଟ | ଗୌଡପୁଟ | ୨୯ | ୨୭୨ | ଧାନ-୧ | ୨.୪୭୮ | ୦.୦୨୦ | ବଳରାମ ଗୌଡ ପି-ଲଛୁ ଗୌଡ ଜା-ଗୌଡ ବାସ-କଦନଗୁଡା ପଡା-ରାଉଳିଗୁଡା |
| ଗୌଡପୁଟ | ଗୌଡପୁଟ | ୭୦ | ୩୫୧ | ଡଙ୍ଗର-୨ | ୦.୪୨୦ | ୦.୦୧୦ | ସନୁ ଗୌଡ ପି-ସୋମନାଥ ଗୌଡ, ଜା-ଗୌଡ ବାସ-କଦନଗୁଡା ପଡା-ରାଉଳିଗୁଡା |
| ଗୌଡପୁଟ | ଗୌଡପୁଟ | ୧୭ | ୩୭୩ | ଧାନ-୨ | ୨.୪୮୩ | ୦.୦୧୫ | ଧୋବୁଲୁ ଗୌଡ ପି-ଗୁରୁ ଗୌଡ ଜା-ଗୌଡ ବାସ-କଦନଗୁଡା ପଡା-ରାଉଳିଗୁଡା |
| ଗୌଡପୁଟ | ଗୌଡପୁଟ | ୫୭ | ୩୭୭ | ଘରବାରି | ୦.୦୬୨ | ୦.୦୨୦ | ସନିଆ ଆଲଙ୍ଗ ପି-ସମରା ଆଲଙ୍ଗ ଜା-ଗୌଡ ବାସ-କଦନଗୁଡା ପଡା-ରାଉଳିଗୁଡା |
| ଗୌଡପୁଟ | ଗୌଡପୁଟ | ୮୪/୨୯ | ୨୬୩/ ୪୪୦ | ଘରବାରି | ୦.୦୪୦ | ୦.୦୧୦ | ରଘୁନାଥ ଗଲରି ପି-ସୁନାଧର ଗଲରି, ସାବିତ୍ରୀ ଗଲରି, ସ୍ୱା-ରଘୁନାଥ ଗଲରି ଜା-ଗଉଡ ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୩୦ | ୨୬୩/ ୪୪୧ | ଘରବାରି | ୦.୦୪୦ | ୦.୦୧୫ | ଡମୁ ହନ୍ତାଳ ପି-ଶ୍ୟାମ ହନ୍ତାଳ ସମାରି ହନ୍ତାଳ ସ୍ୱା-ଡମୁ ହନ୍ତାଳ ଜା-ଗଉଡ ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୩୧ | ୨୬୩/ ୪୪୨ | ଘରବାରି | ୦.୦୪୦ | ୦.୦୨୦ | ସନ୍ୟାସି ଗୋଲରି, ପି-ସମ୍ଭୁ ଗୋଲରି, ସମାରି ଗୋଲରି, ସ୍ୱା-ସନ୍ୟାସୀ ଗୋଲରି,ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୩୨ | ୨୬୩/ ୪୪୩ | ଘରବାରି | ୦.୦୪୦ | ୦.୦୩୦ | ବଳରାମ ଗୋଲରି, ପି-ବୁଦୁ ଗୋଲରି, ରଇଲା ଗୋଲରି, ସ୍ୱା- ବଳରାମ ଗୋଲରି ଜା-ଗଉଡ ବା-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୩୩ | ୨୬୩/ ୪୪୪ | ଘରବାରି | ୦.୦୪୦ | ୦.୦୩୦ | ବୁଦୁରା ଗୋଲରି ପି-ମଧୁ ଗୋଲରି, ଦଇମତି ଗୋଲରି,ସ୍ୱା-ବୁଦୁରା ଗୋଲରି ଜା-ଗଉଡ ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୩୪ | ୨୬୩/ ୪୪୫ | ଘରବାରି | ୦.୦୪୦ | ୦.୦୪୦ | ଗୁରୁ ବଗଡାତି ପି-ରାମଚନ୍ଦ୍ର ବଗଡାତି ଲକ୍ଷ୍ମୀ ବଗଡାତି, ସ୍ୱା-ଗୁରୁ ବଗଡାତି, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୩୫ | ୨୬୩/ ୪୪୬ | ଘରବାରି | ୦.୦୪୦ | ୦.୦୪୦ | ଚନ୍ଦ୍ରମା ଆଲଙ୍ଗ, ପି-ହରି ଆଲଙ୍ଗ, ଜା-ଗଉଡ,ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୩୬ | ୨୬୩/ ୪୪୭ | ଘରବାରି | ୦.୦୪୦ | ୦.୦୪୦ | ମଙ୍ଗରାଜ ପାଙ୍ଗି ପି-ସନିଆ ପାଙ୍ଗି, ଜା-ଗଉଡ ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୩୭ | ୨୬୩/ ୪୪୮ | ଘରବାରି | ୦.୦୪୦ | ୦.୦୪୦ | ରଘୁନାଥ ହନ୍ତାଳ, ପି-ନରସିଂହ ହନ୍ତାଳ, ନବୀନା ହନ୍ତାଳ, ସ୍ୱା-ରଘୁନାଥ ହନ୍ତାଳ, ଜା-ଗଉଡ,ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୩୮ | ୨୬୩/ ୪୪୯ | ଘରବାରି | ୦.୦୪୦ | ୦.୦୪୦ | ଡମ୍ବରୁ ହନ୍ତାଳ,ପି-ନରସିଂହ ହନ୍ତାଳ, ମୁନିମା ହନ୍ତାଳ, ସ୍ୱା-ଡମ୍ବରୁ ହନ୍ତାଳ, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୩୯ | ୨୬୩/ ୪୫୦ | ଘରବାରି | ୦.୦୪୦ | ୦.୦୪୦ | ଦେବ ଗଉଡ, ପି-ସୁକୁରା ଗଉଡ, ସାମରି ଗଉଡ, ସ୍ୱା-ଦେବ ଗଉଡ, ଜା-ଗଉଡ,ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୪୦ | ୨୬୩/ ୪୫୧ | ଘରବାରି | ୦.୦୪୦ | ୦.୦୪୦ | ସୁଦର୍ଶନ ଗଉଡ, ପି-ସୁନାଧର, ସନାଦେଇ ଗଉଡ, ସ୍ୱା-ସୁଦର୍ଶନ ଗଉଡ, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୪୧ | ୨୬୩/ ୪୫୨ | ଘରବାରି | ୦.୦୪୦ | ୦.୦୪୦ | ଲକ୍ଷ୍ମଣ ଗୋଲରି, ପି-ସନ୍ୟାସୀ ଗୋଲରି ଚନ୍ଦ୍ରମା ଗୋଲରି,ସ୍ୱା-ଲକ୍ଷ୍ମଣ ଗୋଲରି ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୪୨ | ୨୬୩/ ୪୫୩ | ଘରବାରି | ୦.୦୪୦ | ୦.୦୩୦ | ମୁକୁନ୍ଦ ଆଲଙ୍ଗ,ପି-ଆଦୁ ଆଲଙ୍ଗ, ଯମୁନା ଆଲଙ୍ଗ,ସ୍ୱା-ମୁକୁନ୍ଦ ଆଲଙ୍ଗ, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୪୩ | ୨୬୩/ ୪୫୪ | ଘରବାରି | ୦.୦୪୦ | ୦.୦୩୦ | ବଳରାମ ଗୋଲରି, ପି-ମଧୁ ଗୋଲରି, ସାମାରି ଗୋଲରି, ସ୍ୱା-ବଳରାମ ଗୋଲରି,ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୪୪ | ୨୬୩/ ୪୫୫ | ଘରବାରି | ୦.୦୪୦ | ୦.୦୩୦ | ସନା ପୂଜାରୀ, ପି-ଲକ୍ଷ୍ମଣ ପୂଜାରୀ, ଲକ୍ଷ୍ମୀ ପୂଜାରୀ, ସ୍ୱା-ସନା ପୂଜାରୀ, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୪୫ | ୨୬୩/ ୪୫୬ | ଘରବାରି | ୦.୦୪୦ | ୦.୦୨୦ | ମୁକୁନ୍ଦ ଗଲରି, ପି-ଗୁରୁ ଗଲରି, ବିମଳା ଗଲରି, ସ୍ୱା-ମୁକୁନ୍ଦ ଗଲରି, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୪୬ | ୨୬୩/ ୪୫୭ | ଘରବାରି | ୦.୦୪୦ | ୦.୦୨୦ | ଗୋପୀ ପୂଜାରୀ ପି-ଲକ୍ଷ୍ମଣ ପୂଜାରୀ, ବାଲା ପୂଜାରୀ, ସ୍ୱା-ଗୋପୀ ପୂଜାରୀ, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୪୭ | ୨୬୩/ ୪୫୮ | ଘରବାରି | ୦.୦୪୦ | ୦.୦୨୦ | ଲାଛୁ ପୂଜାରୀ, ପି-ଲକ୍ଷ୍ମଣ ପୂଜାରୀ, ଡାଲିମା ପୂଜାରୀ, ସ୍ୱା-ଲାଛୁ ପୂଜାରୀ, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୪୮ | ୨୬୩/ ୪୫୯ | ଘରବାରି | ୦.୦୪୦ | ୦.୦୧୦ | ଜଗନ୍ନାଥ ଗୋଲରି, ପି-ସନୁ ଗୋଲରି, ସୁବର୍ଣ୍ଣ ଗୋଲରି,ସ୍ୱା-ଜଗନ୍ନାଥ ଗୋଲରି ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୪୯ | ୨୬୩/ ୪୬୦ | ଘରବାରି | ୦.୦୪୦ | ୦.୦୧୦ | ମଙ୍ଗରାଜ ପୂଜାରୀ,ପି-ଲଖଣ ପୂଜାରୀ, ସୁନାଦେଇ ପୂଜାରୀ ସ୍ୱା-ମଙ୍ଗରାଜ ପୂଜାରୀ, ଜା-ଗଉଡ ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୫୦ | ୨୬୩/ ୪୬୧ | ଘରବାରି | ୦.୦୪୦ | ୦.୦୧୦ | ସୁନାଧର ପାଙ୍ଗି ପି-ସନିଆ ପାଙ୍ଗି, ପାର୍ବତୀ ପାଙ୍ଗି, ସ୍ୱା-ସୁନାଧର ପାଙ୍ଗି, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୫୧ | ୨୬୩/ ୪୬୨ | ଘରବାରି | ୦.୦୪୦ | ୦.୦୧୦ | ସନିଆ ଖିଲ, ପି-ହରି ଖିଲ, ସୁକୁରୀ ଖିଲ, ସ୍ୱା-ସନିଆ ଖିଲ,ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୫୨ | ୨୬୩/ ୪୬୩ | ଘରବାରି | ୦.୦୪୦ | ୦.୦୧୦ | ଚନ୍ଦ୍ର ଗୋଲରି, ପି-ବଳରାମ ଗୋଲରି, ସୁବର୍ଣ୍ଣ ଗୋଲରି, ସ୍ୱା-ଚନ୍ଦ୍ର ଗୋଲରି, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୫୩ | ୨୬୩/ ୪୬୪ | ଘରବାରି | ୦.୦୪୦ | ୦.୦୧୦ | ଡମୁ ଗୋଲରି, ପି-ମଧୁ ଗୋଲରି, ହୀରାମଣି ଗୋଲରି, ସ୍ୱା-ଡମୁ ଗୋଲରି ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୫୪ | ୨୬୩/ ୪୬୫ | ଘରବାରି | ୦.୦୪୦ | ୦.୦୧୦ | ସୋମନାଥ ହନ୍ତାଳ, ପି-ଜଗବନ୍ଧୁ ହନ୍ତାଳ, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୫୫ | ୨୬୩/ ୪୬୬ | ଘରବାରି | ୦.୦୪୦ | ୦.୦୧୦ | ଲଖଣ ପାଙ୍ଗି, ପି-ସନିଆ, ଜମୁନା ପାଙ୍ଗି, ସ୍ୱା-ଲଖଣ ପାଙ୍ଗି,ଜା-ଗଉଡ,ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୫୬ | ୨୬୩/ ୪୬୭ | ଘରବାରି | ୦.୦୪୦ | ୦.୦୪୦ | ଚନ୍ଦ୍ରମା ଆଲଙ୍ଗ, ପି- ରାମ ଆଲଙ୍ଗ, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୫୭ | ୨୬୩/ ୪୬୮ | ଘରବାରି | ୦.୦୪୦ | ୦.୦୪୦ | ମୁକୁନ୍ଦ ଗୋଲରି, ପି-ମଧୁ ଗୋଲରି, ସୁକୁରୀ ଗୋଲରି, ସ୍ୱା-ମୁକୁନ୍ଦ ଗୋଲରି, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୫୮ | ୨୬୩/ ୪୬୯ | ଘରବାରି | ୦.୦୪୦ | ୦.୦୪୦ | ଗୁଡୁ ବଗାଡିଅତ, ପି- ରାମଚନ୍ଦ୍ର ବଗାଡିଅତ, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୫୯ | ୨୬୩/ ୪୭୦ | ଘରବାରି | ୦.୦୪୦ | ୦.୦୪୦ | ଲଇଖନ ହନ୍ତାଳ, ପି-ଡମ୍ବରୁ ହନ୍ତାଳ, ନଇନା ହନ୍ତାଳ, ସ୍ୱା-ଲଇଖନ ହନ୍ତାଳ, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୬୦ | ୨୬୩/ ୪୭୧ | ଘରବାରି | ୦.୦୪୦ | ୦.୦୪୦ | ରାମଚନ୍ଦ୍ର ହନ୍ତାଳ, ପି-ଡମୁ ହନ୍ତାଳ, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୬୧ | ୨୬୩/ ୪୭୨ | ଘରବାରି | ୦.୦୪୦ | ୦.୦୪୦ | ଭଗତ ହନ୍ତାଳ, ପି ଜଗବନ୍ଧୁ ହନ୍ତାଳ, ସମ୍ଧାରୀ ହନ୍ତାଳ, ପି-ଜଗବନ୍ଧୁ ହନ୍ତାଳ, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୬୨ | ୨୬୩/ ୪୭୩ | ଘରବାରି | ୦.୦୪୦ | ୦.୦୪୦ | ମଙ୍ଗଲୁ ଖରା, ପି-ବାଲିଆ ଖରା, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୬୪ | ୨୬୩/ ୪୭୫ | ଘରବାରି | ୦.୦୪୦ | ୦.୦୪୦ | ଦୟା ଗଲୋରୀ, ପି ଗୁରୁ ଗଲୋରୀ, ସମାରୀ ଗଲୋରୀ, ସ୍ୱା-ଦୟା ଗଲୋରୀ, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୬୫ | ୨୬୩/ ୪୭୬ | ଘରବାରି | ୦.୦୪୦ | ୦.୦୪୦ | ରଘୁ ହନ୍ତାଳ, ପି ନରସିଂହ ହନ୍ତାଳ, ସନି ହନ୍ତାଳ, ସ୍ୱା-ରଘୁ ହନ୍ତାଳ, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୬୬ | ୨୬୩/ ୪୭୭ | ଘରବାରି | ୦.୦୪୦ | ୦.୦୪୦ | ମୁକ୍ତା ପୂଜାରୀ, ସ୍ୱା-ମଙ୍ଗଳା ପୂଜାରୀ, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୬୭ | ୨୬୩/ ୪୭୮ | ଘରବାରି | ୦.୦୪୦ | ୦.୦୨୦ | ହରି ଗଉଡ, ପି- ଗୁରୁ ଗଉଡ, ଜା-ଗଉଡ, ବାସ-ନିଜଗାଁ |
| ଗୌଡପୁଟ | ଗୌଡପୁଟ | ୮୪/୬୮ | ୨୬୩/ ୪୭୯ | ଘରବାରି | ୦.୦୪୦ | ୦.୦୨୦ | ଅର୍ଜୁନ ପୂଜାରୀ, ପି-ଡମୁ ପୂଜାରୀ, ଜା-ଗଉଡ, ବାସ-ନିଜଗାଁ, ପଡା- କମଳାପଦର |
| ଗୌଡପୁଟ | ଗୌଡପୁଟ | ୮୪/୬୯ | ୨୬୩/ ୪୮୦ | ଘରବାରି | ୦.୦୪୦ | ୦.୦୧୦ | ହରି ହନ୍ତାଳ, ପି ଗୁରୁ ହନ୍ତାଳ, ଜା-ଗଉଡ, ବାସ-ନିଜଗାଁ, ପଡା- କମଳାପଦର |
| ଗୌଡପୁଟ | ଗୌଡପୁଟ | ୮୪/୭୦ | ୨୬୩/ ୪୮୧ | ଘରବାରି | ୦.୦୪୦ | ୦.୦୧୦ | ସୁନାଧର ହନ୍ତାଳ, ପି ଲାକୁ ହନ୍ତାଳ, ଜା-ଗଉଡ, ବାସ-ନିଜଗାଁ, ପଡା-କମଳାପଦର |

### ତଫସିଲ-ଖ
### (ପୁନର୍ବାସ ନିମିତ ଚିହ୍ନଟ ଭୂମି ଅନୁସୂଚୀ)

**ଜିଲ୍ଲା-ମାଲକାନଗିରି** **ତହସିଲ-ଖଇରପୁଟ**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟର ମୋଟ ରକବା (ଏକର) | ପୁନର୍ବାସ ନିମିତ ଚିହ୍ନଟ ଜମିର ରକବା (ଏକର) | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ:ଅଧିସୂଚନା ପ୍ରକାଶିତ ହେବାର ୩୦ ଦିନଠାରୁ ଛଅ ମାସ ମଧ୍ୟରେ ।

ଉକ୍ତ ଜମିରେ ସ୍ୱାର୍ଥ ଥିବା ବ୍ୟକ୍ତିବିଶେଷ ନିଜେ କିମ୍ବା ନିଜର ପ୍ରତିନିଧି କିମ୍ବା ଓକିଲଙ୍କ ଜରିଆରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରିଠାରେ ତା.୧୧.୦୭.୨୦୨୫ ରିଖ ଦିବା ୧୧.୦୦ ଘଣ୍ଟିକା ସମୟରେ ଉପସ୍ଥିତ ହୋଇ ଜିଲ୍ଲାପାଳଙ୍କ ନିକଟରେ ନିଜର ସ୍ୱାର୍ଥ ସାବ୍ୟସ୍ତ କରିପାରିବେ ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./-**
**ଜିଲ୍ଲାପାଳ, ମାଲକାନଗିରି**

OIPR-24382/14/0011/2526

## ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ: କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୧୪୪ (୧୪୩.୯୧) ପଏଣ୍ଟ ବୃଦ୍ଧି ଘଟି ୮୧,୪୮୧ (୮୧,୪୮୧.୮୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ ରେ ମଧ୍ୟ ୩୪ (୩୩.୯୫) ପଏଣ୍ଟ ବଢ଼ି ୨୪,୮୫୫ (୨୪,୮୫୫.୦୫) ଅଙ୍କରେ କାରବାର ଶେଷ ହୋଇଥିଲା।

# ଏମିରେଟ୍ସ ଏନ୍‌ବିଡି ସହ ଜୟଆଲୁକ୍କାସ୍‌ର ବୁଝାମଣା

ନୂଆଦିଲ୍ଲୀ,୩୦।୭ (ଅଭୟ ଦାଶ)



ଚୁକ୍ତିନାମା ଅବସରରେ ଜୟଆଲୁକ୍କାସ ଏବଂ ଏମିରେଟ୍ସ ଏନବିଡିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ତଥା ବୈଶ୍ୱିକ ଗହଣା ବ୍ରାଣ୍ଡ ଜୟଆଲୁକ୍କାସ୍ ଏବଂ ଏମିରେଟ୍ସ ଏନ୍‌ବିଡି ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ମେନାଟ୍ ଅଞ୍ଚଳର ଅଗ୍ରଣୀ ବ୍ୟାଙ୍କିଙ୍ଗ୍ ଗୋଷ୍ଠୀ ଏମିରେଟ୍ସ ଏନ୍‌ବିଡି ମାଧ୍ୟମରେ ବିଶ୍ୱର ଅନ୍ୟତମ ସର୍ବବୃହତ୍ ଅଳଙ୍କାର ଖୁଚୁରା ବ୍ୟବସାୟୀ ଜୟଆଲୁକ୍କାସ୍ ଏକ ଐତିହାସିକ ୫୦୦ ନିୟୁତ ଏଇଡିର ଗୁରୁତ୍ୱପୂର୍ଣ୍ଣ ପୁଞ୍ଜି ଗ୍ରହଣ ସୁବିଧା ବ୍ୟବସ୍ଥା ସମ୍ପର୍କରେ ଘୋଷଣା କରିଛି। ଏହି ଚୁକ୍ତିପତ୍ର ୟୁକେ, ୟୁଏସ୍ଏ, କାନାଡା ଏବଂ ଅଷ୍ଟ୍ରେଲିଆ ସମେତ ୟୁଏଇ ଭଳି ପ୍ରମୁଖ ଅନ୍ତର୍ଜାତୀୟ ବଜାରରେ ଜୟଆଲୁକ୍କାସ୍‌ର ଦୀର୍ଘକାଳୀନ ସମ୍ପ୍ରସାରଣ ଯୋଜନାକୁ ସମର୍ଥନ କରିଥାଏ।

ଜୟଆଲୁକ୍କାସ୍‌କୁ ପୁଞ୍ଜି ଗ୍ରହଣ ପାଇଁ ସୁଗମତା ଏବଂ ନମନୀୟତା ପ୍ରଦାନ କରିବା ସହ ସୁଚିନ୍ତିତ ଢଙ୍ଗରେ ପ୍ରସ୍ତୁତ ଏହି ପୂର୍ବ ଆଲୋଚିତ ଚୁକ୍ତି ବେଶ୍ ସହାୟକ ହେବ। ବିଶ୍ୱରେ ଖୁଚୁରା ବିକ୍ରୟର ଅଭିବୃଦ୍ଧି ପାଇଁ ଏହି ଖୁଚୁରା ବ୍ୟବସାୟୀଙ୍କ ଅଗ୍ରଣୀ ଆଭିମୁଖ୍ୟକୁ ଉଜ୍ଜ୍ୱଳ କରିଥାଏ ଏବଂ ଏମିରେଟ୍ସ ଏନ୍‌ବିଡି ସହିତ ତାଙ୍କର ଦୀର୍ଘକାଳୀନ ସମ୍ପର୍କକୁ ଗୁରୁତ୍ୱାରୋପ କରିଛି। ଏହି ସୁବିଧା ଏକ ଘୂର୍ଣ୍ଣନଶୀଳ ଆଧାରରେ କାର୍ଯ୍ୟକ୍ଷମ ମୂଳଧନ ପ୍ରଦାନ କରିଥାଏ, ଯାହା ଜୟଆଲୁକ୍କାସ୍‌କୁ ଆବଶ୍ୟକତା ଅନୁଯାୟୀ ପାଣ୍ଠି ଗ୍ରହଣ ଏବଂ ପରିଶୋଧ କରିବାକୁ ସକ୍ଷମ କରିଥାଏ, ଯାହା ଦ୍ୱାରା ମୂଲ୍ୟ-ଦକ୍ଷତା ଏବଂ କାର୍ଯ୍ୟକ୍ଷମ ନିୟନ୍ତ୍ରଣ ବୃଦ୍ଧି କରିଥାଏ।

ଯେହେତୁ ଜୟଆଲୁକ୍କାସ୍ ସାରା ବିଶ୍ୱରେ ଏହାର ପାଦଚିହ୍ନକୁ ମଜଭୁତ କରିବାର ଉପକ୍ରମ ଜାରି ରଖିଛି। ଏହି ୫୦୦ନିୟୁତ ଏଇଡି ସୁବିଧା ଶୀର୍ଷ ବାଣିଜ୍ୟ ଅବଧି ଏବଂ ଯୋଗାଣକାରୀ ପ୍ରତିଶ୍ରୁତିକୁ ସମର୍ଥନ କରିବା ପାଇଁ ଇନ୍‌ଭେଣ୍ଟରି ଆର୍ଥିକ ଏବଂ ଆଦାନପ୍ରଦାନର ସୁବିଧା ପାଇଁ ସମୟାନୁସାରେ ପ୍ରବେଶ ସୁନିଶ୍ଚିତ କରିଛି। ଏହି ଚୁକ୍ତି ଏମିରେଟ୍ସ ଏନ୍‌ବିଡିର ଉନ୍ନତ ଡିଜିଟାଲ୍ ଏବଂ ବାଣିଜ୍ୟ ପ୍ଲାଟ୍‌ଫର୍ମ ସହ ସମ୍ପୂର୍ଣ୍ଣ ଭାବେ ସମନ୍ୱିତ ରହିଛି, ଯାହା ଜୟଆଲୁକ୍କାସର ଆର୍ଥିକ କାର୍ଯ୍ୟଗୁଡ଼ିକରେ ପ୍ରକୃତ-ସମୟ ଦୃଶ୍ୟମାନତା ଏବଂ ସୁବିଧା ପ୍ରଦାନ କରିଥାଏ।

ଏହି ଚୁକ୍ତିପତ୍ର ଜୟଆଲୁକ୍କାସ୍ ଏବଂ ଏମିରେଟ୍ସ ଏନ୍‌ବିଡି ମଧ୍ୟରେ ବିଶ୍ୱାସ ଏବଂ ରଣନୈତିକ ସମନ୍ୱୟର ଗଭୀରତାକୁ ମଧ୍ୟ ସୂଚିତ କରିଥାଏ। ବିଶେଷକରି ଏହା ଜୁଏଲର୍ସର ଶୃଙ୍ଖଳିତ ଏବଂ ଭବିଷ୍ୟତ ଦୃଷ୍ଟିକୋଣ ସମନ୍ୱିତ ବ୍ୟବସାୟ ମଡେଲକୁ ପ୍ରତିଫଳିତ ଏବଂ ସଂଗଠିତ ଅଳଙ୍କାର ଖୁଚୁରା କ୍ଷେତ୍ରରେ ଏକ ବିଶ୍ୱଶକ୍ତି ଭାବେ ଏହାର ସ୍ଥିତିକୁ ଆହୁରି ସଶକ୍ତ କରିଥାଏ।

ଏ ସମ୍ପର୍କରେ ଜୟଆଲୁକ୍କାସ୍ ଗ୍ରୁପ୍‌ର ଅଧ୍ୟକ୍ଷ ଜୟ ଆଲୁକ୍କାସ କହିଛନ୍ତି, ଏହି ସୁବିଧା ଜୟଆଲୁକ୍କାସ୍‌କୁ ୟୁକେ, ଆମେରିକା, କାନାଡା ଏବଂ ଅଷ୍ଟ୍ରେଲିଆ ଭଳି ପ୍ରମୁଖ ଅନ୍ତର୍ଜାତୀୟ ବଜାରରେ ବିସ୍ତାର କରିବା ପାଇଁ ସହଯୋଗ ପ୍ରଦାନ କରିବ। ଏପରିକି ଆମର ଯାତ୍ରାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଚିହ୍ନିତ କରିଥାଏ। ଏମିରେଟ୍ସ ଏନ୍‌ବିଡି ଏକ ବିଶ୍ୱସ୍ତ ଅଂଶୀଦାର ଭାବେ ଆମ ସହ ସାମିଲ ହୋଇଛି, ଯିଏ ଆମର ବିଶ୍ୱବ୍ୟାପୀ ଖୁଚୁରା ବିକ୍ରୟ ରଣନୀତି ପଛରେ ଥିବା ପରିମାଣ, ମହତ୍ୱାକାଂକ୍ଷା ଏବଂ ଶୃଙ୍ଖଳାକୁ ବୁଝେ। ଏପରିକି ନମନୀୟତା ଏବଂ ଦୂରଦୃଷ୍ଟି ସହ ସଂରଚିତ ଏହି ଚୁକ୍ତି ଅଳଙ୍କାର ଶିଳ୍ପରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିବ। ଏକ ସଂଗଠିତ ଖୁଚୁରା ବିକ୍ରୟ ପ୍ରତି ଆମର ଅଗ୍ରଣୀ ଆଭିମୁଖ୍ୟକୁ ଏହା ପ୍ରତିଫଳିତ କରିଛି। ଆମର ଦୃଷ୍ଟିକୋଣରେ ସେମାନଙ୍କର ନିରନ୍ତର ସମର୍ଥନ ଏବଂ ବିଶ୍ୱାସ ପାଇଁ ମୁଁ ଏମିରେଟ୍ସ ଏନବିଡିଦଳକୁ ଧନ୍ୟବାଦ ଜଣାଉଛି।

ସେହିଭଳି ଏମିରେଟ୍ସ ଏନ୍‌ବିଡିର ହୋଲସେଲ ବ୍ୟାଙ୍କିଙ୍ଗ୍‌ର ଗୋଷ୍ଠୀ ମୁଖ୍ୟ ଅହମଦ ଅଲ କାସିମ କହିଛନ୍ତି, ଜୟଆଲୁକ୍କାସ୍ ପାଇଁ ଏହି କାର୍ଯ୍ୟକାରୀ ମୂଳଧନ ସୁବିଧାର ବ୍ୟବସ୍ଥା ଏମିରେଟ୍ସ ଏନ୍‌ବିଡିର ସଫଳତା ଏବଂ ଆମର ବିସ୍ତୃତ ଏବଂ ବିବିଧ ଗ୍ରାହକଙ୍କ ଇକୋସିଷ୍ଟମର ଆବଶ୍ୟକତା ପୂରଣ କରୁଥିବା କ୍ଷେତ୍ର-ନିର୍ଦ୍ଦିଷ୍ଟ କାରବାର ବିକଶିତ କରିବାର କ୍ଷମତାକୁ ଦର୍ଶାଉଛି।

ଜୟଆଲୁକ୍କାସ୍‌ର ରଣନୈତିକ ଆବଶ୍ୟକତା ପୂରଣ କରିବା ପାଇଁ ଡିଜାଇନ୍ କରାଯାଇଥିବା ଏହି ଚୁକ୍ତିରେ ଏମିରେଟ୍ସ ଏନ୍‌ବିଡି କିପରି ପୂର୍ବ ଆଲୋଚିତ, ଡିଜିଟାଲ-ଫାଷ୍ଟ ଏବଂ କଷ୍ଟମାଇଜ୍ କ୍ରେଡିଟ୍ ସମାଧାନ ପ୍ରଦାନ କରିପାରିବ। ଯାହା ଅଗ୍ରଣୀ କମ୍ପାନୀଗୁଡ଼ିକୁ ସଶକ୍ତ କରିଥାଏ ଏବଂ ସେମାନଙ୍କର ଏବଂ ୟୁଏଇର ଆର୍ଥିକ ଅଭିବୃଦ୍ଧିକୁ ସମର୍ଥନ କରିଥାଏ।

# ଫର୍ଚ୍ୟୁନ୍ ଗ୍ଲୋବାଲ ୫୦୦ ତାଲିକାରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍

- ଶ୍ରେଷ୍ଠ ୧୦୦ ମଧ୍ୟରେ ଏଲ୍ଆଇସି
- ଶ୍ରେଷ୍ଠ ୫୦୦ ମଧ୍ୟରେ ୯ ଭାରତୀୟ କମ୍ପାନୀ




ମୁମ୍ବାଇ,୩୦।୭

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍ଆଇଏଲ୍)କୁ ନିକଟରେ ଆଉ ଏକ ଐତିହାସିକ ସଫଳତା ମିଳିଛି। ଏପରିକି ୨୦୨୫ ଫର୍ଚ୍ୟୁନ୍ ଗ୍ଲୋବାଲ ୫୦୦ ତାଲିକାରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ୮୮ତମ ସ୍ଥାନରେ ରହିଛି। ଏହି ତାଲିକାରେ ମୋଟ ୯ ଭାରତୀୟ କମ୍ପାନୀ ସ୍ଥାନ ପାଇଛନ୍ତି। ସେହିଭଳି ଏହି ତାଲିକାରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ସର୍ବୋଚ୍ଚ ଭାରତୀୟ କମ୍ପାନୀ ଭାବେ ସ୍ଥାନ ହାସଲ କରିଛି। କ୍ରମାଗତ ୨୨ ବର୍ଷ ଧରି ଏହି ତାଲିକାରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ସ୍ଥାନ ହାସଲ ସହ ଅଭିବୃଦ୍ଧି ଓ ତାଲିକାରେ ସ୍ଥାନ ପରିବର୍ତ୍ତନ କରିଆସୁଛି।

ସେହିପରି ରିଲାଏନ୍ସ ଲଗାତର ୨୨ ବର୍ଷ ଧରି ପ୍ରତିଷ୍ଠିତ ଫର୍ଚ୍ୟୁନ୍ ଗ୍ଲୋବାଲ ୫୦୦ ତାଲିକାରେ ନିଜର ସ୍ଥାନ ବଜାୟ ରଖିଛି। ଏପରିକି କୌଣସି ଘରୋଇ କ୍ଷେତ୍ରର ଭାରତୀୟ କମ୍ପାନୀ ଏତେ ଦୀର୍ଘ ସମୟ ପର୍ଯ୍ୟନ୍ତ ଏହି ତାଲିକାରେ ରହିପାରିନାହିଁ। ଯଦିଓ ଗତ ବର୍ଷ କମ୍ପାନୀର ର୍ୟାଙ୍କିଙ୍ଗ୍ ୮୬ ରହିଥିଲା କିନ୍ତୁ ଏହା ୨୦୨୧ ଠାରୁ ୬୭ ସ୍ଥାନ ଉପରକୁ ଉଠିଛି, ଯେତେବେଳେ ଏହା ୧୫୫ ତମ ସ୍ଥାନରେ ରହିଥିଲା। ଉଲ୍ଲେଖଯୋଗ୍ୟ, ଫର୍ଚ୍ୟୁନ୍ ଗ୍ଲୋବାଲ ୫୦୦ ତାଲିକା କମ୍ପାନୀର ମୋଟ ରାଜସ୍ୱ ଆଧାରରେ ସ୍ଥିର ସହ ଏହି ତାଲିକାରେ ସେହି କମ୍ପାନୀଗୁଡ଼ିକୁ ସ୍ଥାନ ଦିଆଯାଇଛି। ଏହି ତାଲିକାରେ ମୋଟ ୯ ଭାରତୀୟ କମ୍ପାନୀ ସାମିଲ ଥିଲାବେଳେ ସେଥିମଧ୍ୟରୁ ୫ଟି ସରକାରୀ କ୍ଷେତ୍ରର ଉଦ୍ୟୋଗ ଏବଂ ୪ଟି ଘରୋଇ କ୍ଷେତ୍ରର ଉଦ୍ୟୋଗ ଅନ୍ତର୍ଭୁକ୍ତ ରହିଛନ୍ତି। ବିଶେଷକରି ଏହି ତାଲିକାରେ ରିଲାଏନ୍ସ ୮୮ ତମ ସ୍ଥାନ ଅଧିକାର କରିଥିବାବେଳେ ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି) ୯୫ ତମ ସ୍ଥାନରେ ରହିଛି। ସେହିଭଳି ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ ୧୨୭ତମ ସ୍ଥାନ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ୧୬୩ ତମ ସ୍ଥାନ, ଓଏନ୍‌ଜିସି ୧୮୧ତମ ସ୍ଥାନ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ୨୫୮ତମ ସ୍ଥାନ, ଟାଟା ମୋଟର୍ସ ୨୮୩ତମ ସ୍ଥାନ, ବିପିସିଏଲ୍ ୨୮୫ତମ ସ୍ଥାନ ଏବଂ ଆଇସିଆଇସିଆଇ ବ୍ୟାଙ୍କ ୪୬୪ ତମ ସ୍ଥାନରେ ରହିଛନ୍ତି। ସୂଚନାଯୋଗ୍ୟ, ୨୦୨୪-୨୫ ଆର୍ଥିକ ବର୍ଷରେ ଆର୍ଆଇଏଲ୍ ୧,୦୭୧,୧୭୪ କୋଟି ଟଙ୍କାର ରେକର୍ଡ ସମନ୍ୱିତ ମୋଟ ରାଜସ୍ୱ ରେକର୍ଡ କରିଥିଲା, ଯାହା ପୂର୍ବ ବର୍ଷ ତୁଳନାରେ ୭.୧% ବୃଦ୍ଧି ପାଇଥିଲା। ରିଲାଏନ୍ସ ଗ୍ରୁପ୍‌ର ସମସ୍ତ ବ୍ୟବସାୟ ଯଥା ତୈଳରୁ ରସାୟନ, ତୈଳ ଏବଂ ଗ୍ୟାସ୍, ରିଟେଲ ଏବଂ ଡିଜିଟାଲ ସେବା ଆଦି କ୍ଷେତ୍ରରେ ଜବରଦସ୍ତ ଅଭିବୃଦ୍ଧି ରେକର୍ଡ କରିଥିଲା।

ଅପରପକ୍ଷରେ ଫର୍ଚ୍ୟୁନ୍ ଗ୍ଲୋବାଲ ୫୦୦ ତାଲିକାରେ ୱାଲ୍‌ମାର୍ଟ (୧ମ), ଆମାଜନ (୨ୟ) ଏବଂ ଷ୍ଟେଟ୍ ଗ୍ରୀଡ୍ ଶ୍ରେଷ୍ଠ ୩ୟ ସ୍ଥାନରେ ରହିଛନ୍ତି।

## DISTRICT PROJECT OFFICE, SAMAGRA SHIKSHA, DHENKANAL

Phone & Fax : 95-6762-223175/227082, E-mail : dpcdhenkssa@opepa.nic.in

No. : 1316/dtd : 30.07.2025

### NOTICE INVITING TENDER (NIT)

Sealed tenders are invited from the reputed & credible manufactures/ suppliers supply of "Equipment's, TLMS and Furniture" for 09 No's Saksham Resource Centre at PM SHRI Schools of Dhenkanal District in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Procurement of different equipment's TLMs & Furniture for SRC | Rs.1000/- | Rs.70000/- | 18.08.2025 at 2.00 P.M. | 19.08.2025 at 11.30 A.M. |

The detailed BID document is available in the website www.dhenkanal.odisha.gov.in & www.osepa.odisha.gov.in. Interested and eligible manufacturers/ Suppliers may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above website. Hence potential bidders are requested to be in continuous touch with the above website.

The Tender Inviting Authority (TIA) reserves the right to accept / reject any full or part / all BID/cancel the entire selection process at any stage without assigning any reason thereof.

By orders of Collector-cum-Chairperson
Sd./- DEO-cum-DPC,
Samagra Shiksha, Dhenkanal

# ବିଏନ୍‌ଆଇ ଧଉଳି ଚାପ୍ଟରର ଶୁଭାରମ୍ଭ

ଭୁବନେଶ୍ୱର,୩୦।୭

ବିଜ୍‌ନେସ ନେଟ୍‌ୱାର୍କ ଇଣ୍ଟରନ୍ୟାଶନାଲ (ବିଏନ୍‌ଆଇ)ର ନୂତନ ଚାପ୍ଟର 'ବିଏନ୍‌ଆଇ ଧଉଳି ଗ୍ରେଟର ଓଡିଶା ଚାପ୍ଟର'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଏହା ଚାପ୍ଟରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ସିଏସ୍ ସୁନିତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଶୁଭାରମ୍ଭ ହୋଇଯାଇଛି। ଏହି ଶୁଭାରମ୍ଭ ସମାରୋହ ଉତ୍ସବରେ ଚାପ୍ଟରର କ୍ଷେତ୍ର ନିର୍ଦ୍ଦେଶକ କେ.ସଞ୍ଜୀବ ପାତ୍ରଙ୍କ ସମେତ ଜିଲା ନିର୍ଦ୍ଦେଶକ ବିମଳ ସାମଲ, ପ୍ରଦୀପ ଅଗ୍ରୱାଲ, ନମ୍ରତା ସାମଲ ଏବଂ ଧଉଳି ଚାପ୍ଟରର ସଭାପତି ଜିତୁ ଶତପଥୀ, ଉପସଭାପତି ଅଭିଜିତ ମହାନ୍ତି, ସମ୍ପାଦକ ତଥା କୋଷାଧ୍ୟକ୍ଷ ବିବେକାନନ୍ଦ ମାଝୀ ଏବଂ ଏଲ୍‌ଭିଏଚ୍ ନିବେଦିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନବରଙ୍ଗପୁର
### (ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)
### ବିଜ୍ଞାପନ

ପତ୍ର ସଂଖ୍ୟା: ୩୬୪ ତାରିଖ: ୩୦।୦୭।୨୦୨୫



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଗତ ତା୨୧।୦୫।୨୦୨୫ରିଖ ଦିନ ଡାବୁଗାଁ ଥାନା ଅନ୍ତର୍ଗତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଏକ ପରିତ୍ୟକ୍ତ ଶିଶୁ କନ୍ୟା ଉଦ୍ଧାର ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ନବରଙ୍ଗପୁରଠାରେ ଚିକିତ୍ସା କରାଯାଇଥିଲା। ବର୍ତ୍ତମାନ ଉକ୍ତ ଶିଶୁ କନ୍ୟାଟିକୁ ଜିଲ୍ଲା ଶିଶୁ ମଙ୍ଗଳ କମିଟି, ନବରଙ୍ଗପୁରଙ୍କ ନିର୍ଦ୍ଦେଶକ୍ରମେ ନବରଙ୍ଗପୁରଠାରେ ଥିବା ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ତା'ର ଯତ୍ନ ଓ ସୁରକ୍ଷା ନିମନ୍ତେ ଥଇଥାନ କରାଯାଇଅଛି। ଉକ୍ତ ଶିଶୁ କନ୍ୟାର ଯଦି ନିଜସ୍ୱ ପିତାମାତା ବା ରକ୍ତ ସମ୍ପର୍କୀୟ ଦାବିଦାର ଥାଆନ୍ତି ତେବେ ଉପଯୁକ୍ତ ପ୍ରମାଣ ସହ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ନିମ୍ନ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି ଏହି ସମୟସୀମା ମଧ୍ୟରେ ଉକ୍ତ ଶିଶୁ କନ୍ୟାର ନିଜସ୍ୱ ପିତାମାତା ବା ରକ୍ତ ସମ୍ପର୍କୀୟ ଦାବିଦାର ନ ମିଳନ୍ତି, ତା'ହେଲେ ଉକ୍ତ ଶିଶୁକୁ କିଶୋର ନ୍ୟାୟ (ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା) ଆଇନ୍ ୨୦୧୫, ୨୦୨୧ ଏବଂ ପୋଷ୍ୟ ସନ୍ତାନ ଗ୍ରହଣ ଅଧିନିୟମ ୨୦୧୭, ୨୦୨୨ ଅନୁଯାୟୀ ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ଯୋଗ୍ୟ ବିବେଚିତ କରାଯିବ।

**ଯୋଗାଯୋଗ ଠିକଣା:**

- ଅଧ୍ୟକ୍ଷ, ଜିଲ୍ଲା ଶିଶୁ ମଙ୍ଗଳ କମିଟି, ନବରଙ୍ଗପୁର - ୮୭୬୩୧୦୫୩୫୦/ ୭୯୭୮୦୫୦୦୧୬।
- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନବରଙ୍ଗପୁର - ୮୮୯୫୧୮୬୪୦୩/୭୯୭୮୫୩୩୮୩୮।

ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ନବରଙ୍ଗପୁର

## वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर

### लापता: आवश्यक सूचना



**गुमशुदा पुरूष बलदेव सिंह, उम्र–70 वर्ष ।**

सर्व साधारण को सूचित किया जाता है कि आवेदक कमलजीत सिंह के द्वारा अपने **पिता–बलदेव सिंह, उम्र–70 वर्ष की गुमशुदगी** के संबंध में टेल्को थाना में लिखित आवेदन दिया गया है। आवेदन में इनके द्वारा बताया गया है कि **गुमशुदा बलदेव सिंह, उम्र–70 वर्ष, पिता–स्व0 जागीर सिंह, पता–जेम्को आजाद बस्ती, थाना–टेल्को, जिला–पूर्वी सिंहभूम, जमशेदपुर** जो दिनांक–03.07.2025 को सुबह समय–करीब 06:30 बजे घर से बिना बताये निकले हैं अभी तक वापस नहीं लौटे हैं। गुमशुदा मानसिक तनाव में रहते हैं।

आवेदक एवं इनके परिवारवालों ने अपने स्तर से काफी खोजबीन किया परन्तु कुछ पता नहीं चल सका। **गुमशुदा पुरूष का हुलिया निम्न प्रकार है:–उम्र–70 वर्ष, कद–करीब 05 फीट 05 इंच, रंग–सांवला, सफेद रंग का लम्बा मूँछ दाढ़ी, पहनावा–सफेद रंग का कुर्ता पैजामा, चप्पल और सिर पर पगड़ी।**

अत: आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

**वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006**
**पुलिस अधीक्षक (नगर), पूर्वी सिंहभूम, जमशेदपुर : 9471190203**
**पुलिस उपाधीक्षक, (नगर) : 9431706483**
**थाना प्रभारी, टेल्को : 9431706510**

वरीय पुलिस अधीक्षक,
पूर्वी सिंहभूम, जमशेदपुर

PR 358555 (Police)25-26*D

## ଓଡ଼ିଶା ସରକାର
## ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି
### ଘୋଷଣା

**File No.4243/2025** **Date:17.06.2025**

No. XXVII-9: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ବଡ୍ରିଆତାଲ**, ଥାନା-**ମାଲକାନଗିରି**, ତହସିଲ-**ମାଲକାନଗିରି**, **ଜିଲ୍ଲା- ମାଲକାନଗିରିରେ** ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୭୩/୨୦୨୩, ତା.୧୬.୦୬.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ବଡ୍ରିଆତାଲ**, ଥାନା-**ମାଲକାନଗିରି**, ତହସିଲ-**ମାଲକାନଗିରି**, **ଜିଲ୍ଲା- ମାଲକାନଗିରିର** ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ମଧ୍ୟ ଜିଲ୍ଲା ୱେବସାଇଟ www.malkangiri.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳସଂଯୋଗୀକରଣ ପ୍ରକଳ୍ପ ତଥା ତହସିଲଦାର ମାଲକାନଗିରିଙ୍କ ତହସିଲ କାର୍ଯ୍ୟାଳୟ, ମାଲକାନଗିରି କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା-ମାଲକାନଗିରି** **ତହସିଲ-ମାଲକାନଗିରି**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବଡ୍ରିଆତାଲ | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁ ଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା । | | | | | |

**ଭୂମି ଅନୁସୂଚୀ**

**ମୌଜା-ବଡ୍ରିଆତାଲ, ଥାନା-ମାଲକାନଗିରି ନଂ-୭୪, ତହସିଲ-ମାଲକାନଗିରି, ଜିଲ୍ଲା-ମାଲକାନଗିରି**

**ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ**

| ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ରୟତଙ୍କ ନାମ |
|---|---|---|---|---|---|
| ୭ | ୨୨୭ | ୮.୩୦୨ | ୦.୮୯୦ | ଡଙ୍ଗର-୨ | ଜଗା କୁଡାମି, ପି:ଇଡିମା କୁଡାମି, ଜା:କୋୟା, ବା:ନିଜଗାଁ |
| | ୧୮୮ | ୦.୫୫୮ | ୦.୦୨୬ | ଡଙ୍ଗର-୨ | |
| | ୧୮୬ | ୧.୩୬୪ | ୦.୯୮୩ | ଧାନ-୩ | |
| ୧୩ | ୨୨୩ | ୦.୬୮୦ | ୦.୧୬୪ | ଡଙ୍ଗର-୨ | ଦେବା କୁଡାମି, ମେଣ୍ଡା କୁଡାମି, ପି:ଗାଙ୍ଗା କୁଡାମି, ଜା:କୋୟା, ବା:ନିଜଗାଁ |
| | ୬୪ | ୦.୪୦୮ | ୦.୦୦୨ | ଡଙ୍ଗର-୨ | |
| ୧୯ | ୨୨୯ | ୧.୫୧୨ | ୦.୬୧୮ | ଡଙ୍ଗର-୨ | ଭିମା କାରତାମି, ପି:ମୁଡା କାରତାମି, ଜା:କୋୟା, ବା:ନିଜଗାଁ |
| | ୨୩୧ | ୦.୨୨୭ | ୦.୦୦୫ | ଧାନ-୩ | |
| ୬୮ | ୨୨୪/୮ | ୧.୦୮୭ | ୦.୧୩୮ | ଜଙ୍ଗଲ | ଗଙ୍ଗା କୁରାମି, ପି:ଦେବା କୁରାମି, ଗାଙ୍ଗି କୁରାମି, ସ୍ୱା:ଗଙ୍ଗା କୁରାମି, ଜା:କୋୟା, ବା:ବଡ୍ରିଆତାଲ |
| ୧୦୧ | ୧୮୭/୩ | ୦.୯୩୯ | ୦.୧୩୩ | ଜଙ୍ଗଲ | ଲଛମା କୁରାମି, ପି:ଜଗା କୁରାମି, ବୁଦ୍ରୀ କୁରାମି, ସ୍ୱା:ଲଛମା କୁରାମି, ଜା:କୋୟା, ବା:ବଡ୍ରିଆତାଲ |
| ୩୨ | ୧୮୭/୧ | ୨.୩୭୧ | ୦.୦୯୬ | ଜଙ୍ଗଲ | ଜଙ୍ଗଲ |
| ୭୧ | ୧୮୫/୧ | ୧.୫୦୭ | ୧.୦୫୦ | ଜଙ୍ଗଲ | ଆଡମା କୁରାମି, ପି:ଜଗା କୁରାମି, ଜା:କୋୟା, ବା:ବଡ୍ରିଆତାଲ |
| | ମୋଟ | ୧୮.୯୫୫ | ୪.୧୦୫ | | |

**ତଫସିଲ-ଖ**
**(ପୁନର୍ବାସ ନିମନ୍ତେ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା-ମାଲକାନଗିରି** **ତହସିଲ-ମାଲକାନଗିରି**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ଅଧିସୂଚନା ପ୍ରକାଶିତ ହେବାର ୩୦ ଦିନ ଠାରୁ ଛଅ ମାସ ମଧ୍ୟରେ ।

ଉକ୍ତ ଜମିରେ ସ୍ୱାର୍ଥ ଥିବା ବ୍ୟକ୍ତି ବିଶେଷ ନିଜେ କିମ୍ବା ନିଜର ପ୍ରତିନିଧି କିମ୍ବା ଓକିଲ ଜରିଆରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି ଠାରେ ତା.୨୦.୦୭.୨୦୨୫ ରିଖ ଦିବା ୧୧.୦୦ ଘଟିକା ସମୟରେ ଉପସ୍ଥିତ ହୋଇ ଜିଲ୍ଲାପାଳଙ୍କ ନିକଟରେ ନିଜର ସ୍ୱାର୍ଥ ସାବ୍ୟସ୍ତ କରିପାରିବେ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ମାଲକାନଗିରି

OIPR-24382/14/0013/2526

## ଓଡ଼ିଶା ସରକାର
## ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି
### ଘୋଷଣା

**File No.1362/2025** **Date:14.5.2025**

No. XXVII-7: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ବହୁ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ଧଉଡ଼ାଗୁଡା**, ଥାନା-**ମାଥିଲି**, ତହସିଲ-**ମାଥିଲି**, **ଜିଲ୍ଲା- ମାଲକାନଗିରିରେ** ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୪୦୯/୨୦୨୩, ତା.୧୬.୦୬.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ଧଉଡ଼ାଗୁଡା**, ଥାନା-**ମାଥିଲି**, ତହସିଲ-**ମାଥିଲି**, **ଜିଲ୍ଲା- ମାଲକାନଗିରିର** ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ମଧ୍ୟ ଜିଲ୍ଲା ୱେବସାଇଟ www.malkangiri.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳସଂଯୋଗୀକରଣ ପ୍ରକଳ୍ପ ତଥା ତହସିଲଦାର ମାଥିଲିଙ୍କ ତହସିଲ କାର୍ଯ୍ୟାଳୟ, ମାଥିଲି କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା-ମାଲକାନଗିରି** **ତହସିଲ-ମାଥିଲି**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଧଉଡ଼ାଗୁଡା | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁ ଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା । | | | | | |

**ଭୂମି ଅନୁସୂଚୀ**

**ମୌଜା:ଧଉଡ଼ାଗୁଡା, ଥାନା-ମାଥିଲି ନଂ-୭୦, ତହସିଲ-ମାଥିଲି, ଜିଲ୍ଲା-ମାଲକାନଗିରି**

**ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ**

| ଖାତା ନଂ. | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|
| ୫ | ୮୫ | ୧.୮୮୦ | ୦.୬୫୧୧ | ଧାନ ଦୁଇ | ଗୁରୁ ପରଜା ବୁଧୁ ପରଜା, ପି-ଜଗବନ୍ଧୁ ପରଜା, ଜା-ପରଜା, ବା-ନିଜଗାଁ |
| ୧୨ | ୪ | ୬.୪୨୫ | ୦.୦୦୩୧ | ଡଙ୍ଗର ଦୁଇ | ଘେନୁଆ ପରଜା ରଘୁ ପରଜା ଗୋପି ପରଜା, ପି-ରୁଢା ପରଜା, ଜା-ପରଜା, ବା-ନିଜଗାଁ |
| ୯୧/୫୦ | ୭ | ୦.୯୧୯ | ୦.୩୬୫୬ | ଧାନ ଦୁଇ | ଦଇମତି ଖିଲ, ସ୍ୱା-ସନୁ ଖିଲ, ଜା-ଡମ୍ବ, ବା-ନିଜଗାଁ |
| ୯୧/୩୯ | ୧୨/୫୩୫ | ୦.୦୩୯୫ | ୦.୦୨୯୬ | ଘରବାରି | ସନୁ ଖିଲ, ପି-ସନ୍ୟା ଖିଲ, ଦଇମତୀ ଖିଲ, ସ୍ୱା-ସନୁ ଖିଲ, ଜା-ଡମ୍ବ, ବା-ଧଉଡାଗୁଡା |
| ୯୧/୪୦ | ୧୨/୫୩୬ | ୦.୦୩୯୫ | ୦.୦୦୯୮ | ଘରବାରି | ଲଛମନ ପରଜା, ପି-ସନ୍ୟା ପରଜା, ଜମୁନା ପରଜା, ସ୍ୱା-ଲଛମନ ପରଜା |
| | ମୋଟ | ୯.୩୦୩ | ୧.୦୪୯ | | |

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା-ମାଲକାନଗିରି** **ତହସିଲ-ମାଥିଲି**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ଅଧିସୂଚନା ପ୍ରକାଶିତ ହେବାର ୩୦ ଦିନ ଠାରୁ ଛଅ ମାସ ମଧ୍ୟରେ ।

ଉକ୍ତ ଜମିରେ ସ୍ୱାର୍ଥ ଥିବା ବ୍ୟକ୍ତି ବିଶେଷ ନିଜେ କିମ୍ବା ନିଜର ପ୍ରତିନିଧି କିମ୍ବା ଓକିଲ ଜରିଆରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି ଠାରେ ତା.୦୧.୦୭.୨୦୨୫ ରିଖ ଦିବା ୧୧.୦୦ ଘଟିକା ସମୟରେ ଉପସ୍ଥିତ ହୋଇ ଜିଲ୍ଲାପାଳଙ୍କ ନିକଟରେ ନିଜର ସ୍ୱାର୍ଥ ସାବ୍ୟସ୍ତ କରିପାରିବେ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ମାଲକାନଗିରି

OIPR-24382/14/0014/2526

**ଶ୍ରୀମନ୍ଦିର: ନୂଆ ଟେକ୍ନୋଲୋଜିରେ ହେବ ଯାଞ୍ଚ**

ପୁରୀ,(ଅଜିତ୍ କୁମାର ମହାନ୍ତି): ଶ୍ରୀମନ୍ଦିର ଚାରିଦ୍ୱାରରେ ସୁରକ୍ଷା ବୃଦ୍ଧି ପାଇଁ ନୂଆ ଟେକ୍ନୋଲୋଜିରେ ଯାଞ୍ଚ କରାଯିବ ବୋଲି ପ୍ରସ୍ତାବ ଦିଆଯାଇଛି। ସ୍ପାଏ କ୍ୟାମେରା ଜବତ ଘଟଣାରେ ଏସ୍‌ପି ପିନାକ ମିଶ୍ର କହିଛନ୍ତି, ଶ୍ରୀମନ୍ଦିରକୁ ମୋବାଇଲ ଓ କ୍ୟାମେରା ନେବା ସହ ଭିତର ଫଟୋ ଉତ୍ତୋଳନ ଉପରେ କଟକଣା ରହିଛି। ଏବେ ନୂଆ ତରିକାରେ ସ୍ପାଏ କ୍ୟାମେରା ଶ୍ରୀମନ୍ଦିରକୁ ପ୍ରବେଶ କରୁଥିବାରୁ ତାହା ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ସ୍ପାଏ କ୍ୟାମେରା ଧରିବା ପାଇଁ ପୋଲିସ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

# ହୋହଲ୍ଲା ଭିତରେ ଚାଲିଲା ଆଲୋଚନା

## ବିଏମ୍‌ସି ମାସିକିଆ କର୍ପୋରେଶନ ବୈଠକ

ଭୁବନେଶ୍ୱର,୩୦।୭ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଚଳିତ ମାସିକ ବୈଠକରେ ହାଇଡ୍ରାମା ଦେଖିବାକୁ ମିଳିଛି। ବିଏମ୍‌ସି ଭିତରେ କର୍ପୋରେଶନ ବୈଠକ ଚାଲିଥିବାବେଳେ ବାହାରେ ୱାର୍ଡ ନମ୍ବର ୨୯ କର୍ପୋରେଟର ଜୀବନ ରାଉତଙ୍କ ସମର୍ଥକମାନେ ଧାରଣା ଦେବା ସହ ମେୟର ସୁଲୋଚନା ଦାସ ପାତର ଅନ୍ତର କରିଥିବା ନେଇ ଅଭିଯୋଗ କରିଥିଲେ। ଏହାରି ଭିତରେ ବୈଠକରେ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା। ଏହି କ୍ରମରେ ଲୋକମାନଙ୍କୁ ଦୁଆର ମୁହଁରେ ସେବା ଯୋଗାଇ ଦେବା ପାଇଁ ବିଏମ୍‌ସି ପକ୍ଷରୁ ପ୍ରତି ୱାର୍ଡରେ ୱାର୍ଡ ଅଫିସ କାର୍ଯ୍ୟ ଚାଲିଛି। ଆଉ ୨୧ଟି ୱାର୍ଡରେ ଅର୍ଥ ଅଭାବରୁ ଏପର୍ଯ୍ୟନ୍ତ କାର୍ଯ୍ୟ ହୋଇ ନାହିଁ। ସେଥିପାଇଁ ସରକାରୀ ସହାୟତା ଯୋଗାଇଦେବାକୁ ମେୟରଙ୍କ ଅନୁରୋଧ କ୍ରମେ ବିଧାୟକ ବାବୁ ସିଂ ପ୍ରତିଶ୍ରୁତି ଦେଇଛନ୍ତି। ଏ ସମ୍ପର୍କରେ ବିଧାୟକ ମୁଖ୍ୟ ଶାସନ ସଚିବ ଓ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବେ। ବିଏମ୍‌ସିର ଉନ୍ନତି ପାଇଁ ଅର୍ଥର କୌଣସି ଅଭାବ ହେବ ନାହିଁ। ଯେଉଁ ବିଲ୍‌ଡରମାନେ ଆପାର୍ଟମେଣ୍ଟ କରୁଛନ୍ତି କିନ୍ତୁ ରାସ୍ତା ଛାଡୁ ନାହାନ୍ତି, ସେମାନେ ବିଏମ୍‌ସି ନାମରେ ରାସ୍ତା ପଞ୍ଜୀକରଣ କରିବାକୁ ବାଧ୍ୟତାମୂଳକ କରାଯିବ ବୋଲି ବିଧାୟକ ବାବୁ ସିଂ କହିଛନ୍ତି।

ସେହିପରି ସାନିଟାରି ଇନ୍ସପେକ୍ଟରଙ୍କ ବଦଳିକୁ ନେଇ ଗୃହରେ ଆଲୋଚନା ହୋଇଥିଲା। ବର୍ତ୍ତମାନ ଏହି ବଦଳିକୁ ସ୍ଥଗିତ ରଖିବା ପାଇଁ କର୍ପୋରେଟରମାନେ ଦାବି କରିଥିଲେ। ତେବେ ଏ ସମ୍ପର୍କରେ ତର୍ଜମା କରିବା ପରେ ପଦକ୍ଷେପ ନିଆଯିବ ବୋଲି କମିଶନର ଚଞ୍ଚଳ ରାଣା କହିଛନ୍ତି। ପ୍ରତି ୱାର୍ଡ ଅଫିସରେ ଜଣେ ଲେଖାଏ ଆଟେଣ୍ଡାଣ୍ଟ ନିଯୁକ୍ତି ପାଇଁ ଆସିଥିବା ପ୍ରସ୍ତାବକୁ ଗୃହରେ ଆଲୋଚନା କରାଯାଇଛି। ବିଏମ୍‌ସି ଅଞ୍ଚଳରେ ହୋର୍ଡିଂ ତଥା ପ୍ରଚାର ପ୍ରସାର ପାଇଁ ନେଇଥିବା ୨୫ଟି ଘରୋଇ ଓ ୪ଟି ସରକାରୀ ସଂସ୍ଥା ଉପରେ ଥିବା ବକେୟା ଅର୍ଥ ଆଦାୟ ଉପରେ ଆଲୋଚନା ହୋଇଥିଲା। ଏଣିକି ବିଏମ୍‌ସିରେ ସେସମସ୍ତ ସ୍ଥାବରଅସ୍ଥାବର ସମ୍ପତ୍ତି ତାଲିକା ପ୍ରସ୍ତୁତ କରାଯିବ। ଏହା ଭବିଷ୍ୟତ ପାଇଁ ମାର୍ଗଦର୍ଶିକା ହୋଇ ରହିବ। ଏଥିସହ ସମସ୍ତ ସାନିଟାରି ଇନ୍ସପେକ୍ଟର, ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର ୟୁନିଫର୍ମ ପିନ୍ଧିବା ସହିତ କର୍ମଚାରୀମାନେ ଆଇକାର୍ଡ ବା ପରିଚୟ ପତ୍ର ପିନ୍ଧିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚଳିତ ବର୍ଷ ବିଭିନ୍ନ ୱାର୍ଡରେ ଥିବା ପଡ଼ିଆ ଜମିରେ ବୃକ୍ଷରୋପଣ ସହ ୨୦ଟି ମିଆୱାକି ଜଙ୍ଗଲ ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରହିଛି ବୋଲି ବୈଠକରେ ସୂଚନା ଦିଆଯାଇଛି। ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, ଅତିରିକ୍ତ କମିଶନର ରତ୍ନାକର ସାହୁ, ସସ୍ମିତା ସାହୁ ଓ କୈଳାସ ଚନ୍ଦ୍ର ଦାସଙ୍କ ସମେତ ସମସ୍ତ କର୍ପୋରେଟର ଉପସ୍ଥିତ ଥିଲେ।

## ବିଏମ୍‌ସି ଉପରେ ସ୍ମାର୍ଟ ସିଟିର ୧୦କୋଟି ବକେୟା

### ଅଢ଼େଇ ବର୍ଷର ବିଦ୍ୟୁତ୍ ବିଲ୍, ମେଣ୍ଟେନାନ୍ସ ଭଡ଼ା ଦିଆହୋଇନି

ଭୁବନେଶ୍ୱର,୩୦।୭ (ବନ୍ଦନା ସେଠୀ): ଭଡ଼ା ଦେଇପାରୁନି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)। ଅଢ଼େଇ ବର୍ଷରୁ ଊର୍ଦ୍ଧ୍ୱ ହେବ ବିଦ୍ୟୁତ୍ ବିଲ୍ ଓ ମେଣ୍ଟେନାନ୍ସ ଭଡ଼ା ଦିଆଯାଇ ନ ଥିବାବେଳେ ଏହି ବାବଦକୁ ବିଏମ୍‌ସି ଉପରେ ସ୍ମାର୍ଟ ସିଟିର ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବକେୟା ପଡ଼ି ରହିଛି। ଏହି ପ୍ରସଙ୍ଗକୁ ନେଇ ବୁଧବାର ବିଏମ୍‌ସି ମାସିକିଆ କର୍ପୋରେଶନ ବୈଠକରେ ସରଗରମ ଆଲୋଚନା ହୋଇଛି। ଭୁବନେଶ୍ୱର ସ୍ମାର୍ଟସିଟି କର୍ତ୍ତୃପକ୍ଷ ଆଇସିଓଏମ୍‌ସି କୋଠାର ମେଣ୍ଟେନାନ୍ସ କାମ ବୁଝୁଥିବାବେଳେ କୋଠାରେ ବହୁ ସମସ୍ୟା ଦେଖିବାକୁ ମିଳୁଛି। ଅଧିକାଂଶ ସମୟରେ ଶୌଚାଳୟ ସଫା ହେଉ ନ ଥିବାବେଳେ ଲିଫ୍ଟ ଅଚଳ ପଡ଼ିଛି। ଯଦି ଦାୟିତ୍ୱ ତୁଲାଇ ନ ପାରିବ ତେବେ ଦାୟିତ୍ୱ ହସ୍ତାନ୍ତର କର ବୋଲି ବୈଠକରେ ମେୟର କହିଥିଲେ। ଏହାର ଉତ୍ତରରେ ସ୍ମାର୍ଟସିଟି କର୍ତ୍ତୃପକ୍ଷ ବିଏମ୍‌ସି ଅଢ଼େଇ ବର୍ଷ ହେବ ମେଣ୍ଟେନାନ୍ସ ଓ ଭଡ଼ା ବାବଦକୁ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବାକି ପକାଇଥିବା କହିଥିଲେ। ବଡ଼ କଥା ହେଲା ଅଢ଼େଇ ବର୍ଷ ମଧ୍ୟରେ ବିଏମ୍‌ସି ଭଡ଼ା ବାବଦକୁ ଟଙ୍କାଟେ ଦେଇ ନ ଥିବାବେଳେ ଗତ ଏପ୍ରିଲ ମାସରେ ମାତ୍ର କୋଟିଏ ଟଙ୍କା ସ୍ମାର୍ଟସିଟିକୁ ପ୍ରଦାନ କରିଛି। ଭଡ଼ା ଓ ମେଣ୍ଟେନାନ୍ସ ବାବଦକୁ ଥିବା ବାକି ୧୦କୋଟି ଟଙ୍କା ବିଏମ୍‌ସି ପର୍ଯ୍ୟାୟକ୍ରମେ ସ୍ମାର୍ଟ ସିଟିକୁ ପ୍ରଦାନ କରିବ। ତେଣୁ ମେଣ୍ଟେନାନ୍ସ କାମ ଭଲରେ କରିବାକୁ ମେୟର ଆଲୋଚନା ଶେଷରେ କହିଥିଲେ। ଏହାସହ ବନ୍ଦ ପଡ଼ିଥିବା ଲିଫ୍ଟ ସଜାଡ଼ିବାକୁ ମଧ କହିଥିଲେ।

## ମେୟରଙ୍କ କ୍ଷମାପ୍ରାର୍ଥନା ଦାବିକଲେ ୱାର୍ଡବାସୀ



ବିଏମ୍‌ସି ମୁଖ୍ୟାଳୟ ସମ୍ମୁଖରେ କର୍ପୋରେଟର ଜୀବନ ରାଉତଙ୍କ ସମର୍ଥକମାନେ ଧାରଣା ଦେବା ସହ ନାରାବାଜି ଦେଉଛନ୍ତି।

### ୨୯ ନଂ. କର୍ପୋରେଟର ଜୀବନଙ୍କ ସମର୍ଥନରେ ଧାରଣା

ଭୁବନେଶ୍ୱର,୩୦।୭ (ବନ୍ଦନା ସେଠୀ)

ବିଏମ୍‌ସିର କର୍ପୋରେଶନ ବୈଠକ ବୁଧବାର ବସିଥିଲା। ବିଏମ୍‌ସିର ଏକାମ୍ର ହଲ୍‌ରେ ବୈଠକ ଆରମ୍ଭ ହେବା କ୍ଷଣି ବିରୋଧୀ ଭାଜପା କର୍ପୋରେଟରମାନେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ମାଡ଼ ଘଟଣାରେ ୨୯ନମ୍ବର କର୍ପୋରେଟର ଜୀବନ ରାଉତଙ୍କ ଦୋଷ କ'ଣ ଥିଲା ଏବଂ ତାଙ୍କୁ କାହିଁକି ଗିରଫ କରାଗଲା ବୋଲି ପ୍ରଶ୍ନ କରିଥିଲେ। ଏପରି କି ଏହି ଘଟଣାରେ ମେୟର କାହିଁକି ହସ୍ତକ୍ଷେପ କଲେ ନାହିଁ ବୋଲି ପ୍ରଶ୍ନ କରିଥିଲେ। ତେବେ ଏହି ପ୍ରଶ୍ନର ଉତ୍ତର ଦେବା ଲାଗି ଏହା ଠିକ୍ ସ୍ଥାନ ନୁହେଁ ବୋଲି ମେୟର କହିଥିଲେ, ଯାହାକୁ ନେଇ କିଛି ସମୟ ବୈଠକରେ ଉତ୍ତେଜନା ଦେଖା ଦେଇଥିଲା। ସେହିପରି ଏହି ପ୍ରସଙ୍ଗରେ ଏକାମ୍ର ହଲ୍ ବାହାରେ କର୍ପୋରେଟର ଜୀବନଙ୍କ ବହୁ ସମର୍ଥକ ଧାରଣା ଦେଇଥିଲେ। ସମର୍ଥକଙ୍କ ମତରେ, ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ମାଡ଼ ଘଟଣାରେ କର୍ପୋରେଟର ଜୀବନଙ୍କୁ ଫସାଇ ଦିଆଯାଇଛି। ଜୀବନ ଅତିରିକ୍ତ କମିଶନରଙ୍କୁ ମାଡ଼ ମାରି ନ ଥିଲେ କିମ୍ବା ସେ ଭାଇରାଲ ହୋଇଥିବା ଭିଡିଓରେ ବି ନ ଥିଲେ। ଏହାସତ୍ତ୍ୱେ ତାଙ୍କୁ ଉକ୍ତ ଆକ୍ରମଣ ଘଟଣାର ଅଭିଯୁକ୍ତ ସଜାଯାଇ ଜେଲ ପଠାଯାଇଥିଲା। ଏହା ପୂର୍ବରୁ ଅନ୍ୟ ଏକ ଘଟଣାରେ ଅବସରପ୍ରାପ୍ତ ସେନା ଅଧିକାରୀଙ୍କୁ ଜଣେ ବିଜେଡି କର୍ପୋରେଟର ଓ ସମର୍ଥକ ମାଡ଼ ମାରିଥିଲେ। ଏହି ଘଟଣାକୁ ମେୟର ନିଜେ ସମାଧାନ କରିଥିଲେ। ବିଜେଡି କର୍ପୋରେଟର ବୋଲି ମେୟର ଘଟଣାକୁ ଚପାଇ ଦେଲେ କିନ୍ତୁ ଜୀବନ ରାଉତ ଭାଜପା କର୍ପୋରେଟର ବୋଲି ଜେଲ ପଠାଇଲେ। ତେଣୁ ମେୟର କ୍ଷମା ମାଗନ୍ତୁ ବୋଲି ଜୀବନଙ୍କ ସମର୍ଥକମାନେ ଦାବି କରିଥିଲେ। ୱାର୍ଡବାସୀଙ୍କ ପ୍ରତିବାଦ ଲାଗି ବୁଧବାର ଦିନ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବିଏମ୍‌ସିରେ କାମ ଠପ୍ ହୋଇଯାଇଥିଲା। ଲୋକ ନିଜ ସମସ୍ୟା ନେଇ ବିଏମ୍‌ସି ଆସିଥିବାବେଳେ ଗେଟ୍ ବାହାରେ ଛିଡ଼ା ହୋଇ ରହିଥିଲେ। ମେୟରଙ୍କ ବିରୋଧରେ ନାରାବାଜି ସହ ୩ଘଣ୍ଟା ଧରି ଆନ୍ଦୋଳନ ଚାଲିଥିଲା। ଏହି ଘଟଣା ସମ୍ପର୍କରେ ଜାଣିବା ପରେ ଭାଜପା ନେତା ଜଗନ୍ନାଥ ପ୍ରଧାନ ବିଏମ୍‌ସି ମୁଖ୍ୟାଳୟକୁ ଆସିଥିଲେ। ଏହାପରେ ଭାଜପା କର୍ପୋରେଟରମାନେ ବାହାରକୁ ଆସି ଆଲୋଚନା କରିଥିଲେ। ଜଗନ୍ନାଥ ମେୟରଙ୍କ ସହ ଫୋନ ଯୋଗେ ଆଲୋଚନା କରିଥିଲେ। ପରେ ଜୀବନଙ୍କ ସହ ମେୟର ଓ ଅନ୍ୟମାନେ ଆଲୋଚନା କରିବେ ବୋଲି ମେୟର ପ୍ରତିଶ୍ରୁତି ଦେବାପରେ ସ୍ଥିତି ଶାନ୍ତ ପଡ଼ିଥିଲା।

## ଆଗ୍ରାଭେଟ ଇଥାନ ଅଏଲ କମ୍ପାନୀରେ ଚଢାଉ

ବାରଙ୍ଗ,୩୦।୭(ଲିଙ୍ଗରାଜ ରାଉତ): ମୁଣ୍ଡଳୀ ନିକଟସ୍ଥ ନୂଆସାହିଠାରେ ଥିବା ଘରୋଇ ଇଥାନଅଏଲ ଆଗ୍ରାଭେଟ କମ୍ପାନୀରେ ବୁଧବାର କଟକ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଛି। ଅବକାରୀ ବିଭାଗ ଅଧୀକ୍ଷକଙ୍କ ନିର୍ଦ୍ଦେଶରେ ୧୫ଜଣିଆ ଟିମ୍ କମ୍ପାନୀରେ ଇଥାନ ଅଏଲ ବିକ୍ରି, ପ୍ରସ୍ତୁତି ସହ ଯୋଗାଣ ଏବଂ ବେଆଇନ କାରବାର ନେଇ ଛାନଭିନ କରିଥିଲା। ଦୀର୍ଘ ସମୟ ଧରି ଚଢାଉ ପରେ ପ୍ଲାଣ୍ଟ ଭିତର ଲିକ୍ୟୁଡ୍ ସାମ୍ପୁଲ ସଂଗ୍ରହ କରି ପରୀକ୍ଷାଗାରକୁ ପଠାଯାଇଛି। ତେବେ ଏହା ଏକ ରୁଟିନ ଚେକ୍ ଅପ୍ ଥିଲା ବୋଲି କଟକ ଅବକାରୀ ଥାନା ଆଇଆଇସି କମଲ ଲୋଚନ ପାଇକରାୟ କହିଛନ୍ତି।

## ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ

ବାଲିପାଟଣା ୩୦।୭(ଅଭିମନ୍ୟୁ ନାୟକ): ବାଲିପାଟଣା ଥାନା ଅନ୍ତର୍ଗତ ଧାନହରା ଗ୍ରାମର ଯୁବକ ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ କରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ସନ୍ତୋଷ ମଲ୍ଲିକ (୨୬)ଙ୍କ ନାମରେ ଏକ ମାମଲା (ନମ୍ବର ୩୫୧/୨୫)ରୁଜୁ କରି ତଦନ୍ତ ଚଳାଇଛି। ଦିବ୍ୟାଙ୍ଗ ଯୁବତୀଜଣକ ଗତ ୨୭ରେ କୁଶଭଦ୍ରା ନଦୀ ପଠାରେ ଛେଳି ଚରାଉଥିଲେ। ଯୁବତିଙ୍କୁ ଏକୁଟିଆ ଦେଖି ସନ୍ତୋଷ ପାଟିରେ ଗାମୁଛା ମାଡି ଟେକିନେଇ ବଳାତ୍କାର ଉଦ୍ୟମ କରିଥିଲେ। ସେହି ସମୟରେ ଝିଅର ଜଣେ ସମ୍ପର୍କୀୟ ପହଞ୍ଚିବାରୁ ସନ୍ତୋଷ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ। ଘଟଣାକୁ ଚାରିଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇନାହିଁ। ଯୁବତୀ ଜଣକ ମାନସିକ ସ୍ତରରେ ଦୁର୍ବଳ ଥିବାରୁ ତାଙ୍କ ବୟାନ ଠିକ ଭାବେ ଦେଉନାହାନ୍ତି। ତେଣୁ ତାର ଡାକ୍ତରୀ ମାଇନା କରିବା ପାଇଁ ଦିବ୍ୟାଙ୍ଗଙ୍କ ମା' ଗୀତା ବିଶ୍ୱାଳ ଦାବି କରିଛନ୍ତି।

## ଓଡ଼ିଆ ଆଲବମ୍ ଅଭିନେତ୍ରୀଙ୍କୁ ଧମକ

ଭୁବନେଶ୍ୱର, ୩୦।୭ (ସତ୍ୟଜିତ୍ ରାଉତ)– ଓଡ଼ିଆ ଆଲବମ୍ ଅଭିନେତ୍ରୀ ପ୍ରିୟଦର୍ଶିନୀ ଜେନାଙ୍କୁ ଧମକ ଦିଆଯାଉଥିବା ନେଇ ମଞ୍ଚେଶ୍ୱର ଥାନାରେ ବୁଧବାର ଅଭିଯୋଗ ହୋଇଛି। ଜଣେ ଯୁବତୀ ତାଙ୍କୁ ବାରମ୍ବାର କଲ୍ କରି ହଇରାଣ କରିବା ସହ ଧମକ ଦେଉଛନ୍ତି। ଏପରି କି ତାଙ୍କ ପୁରୁଷବନ୍ଧୁଙ୍କୁ ପ୍ରିୟଦର୍ଶିନୀ ଛଡ଼ାଇନେଇଥିବା ଆରୋପ ଲଗାଉଛନ୍ତି। ମଙ୍ଗଳବାର ରାତିରେ ପ୍ରିୟଦର୍ଶିନୀଙ୍କୁ ସମ୍ପୃକ୍ତ ଯୁବତୀ କଲ୍ କରି ନାନା କଥା କହିବା ସହ ଧମକ ଦେଇଥିଲେ। ଘରକୁ ଆସି ଗାଡ଼ି ଭାଙ୍ଗିଦେବା ସହ ବହୁ କଥା କହି ଧମକ ଦେଉଥିଲେ। ଏହିପରି ଭାବେ ଯୁବତୀ ଜଣକ ବିଭିନ୍ନ ନମ୍ବରରୁ କଲ୍ କରି ତାଙ୍କୁ ହଇରାଣ କରୁଥିବା ପ୍ରିୟଦର୍ଶିନୀ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୋଲିସ ଘଟଣାରେ ତଦନ୍ତ ଜାରି ରଖିଛି।



ଭଞ୍ଜକଳା ମଣ୍ଡପରେ ବୁଧବାର ନୃତ୍ୟାୟନା ଟ୍ରଷ୍ଟର ୭ମ ବାର୍ଷିକ ଉତ୍ସବରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ନୂଆଗାଁ, ପାଣ୍ଡରାରେ ଜବରଦଖଲ ଉଚ୍ଛେଦ

ଭୁବନେଶ୍ୱର,୩୦।୭ (ଅନୁରାଧା ମହାରଣା)

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ପକ୍ଷରୁ ରାଜଧାନୀର ଦୁଇଟି ସ୍ଥାନରେ ଜବରଦଖଲ ଉଚ୍ଛେଦ କରାଯାଇଛି। ଲିଙ୍ଗିପୁର ପେଟ୍ରୋଲ ପମ୍ପଠାରୁ ନୂଆଗାଁ ପେଟ୍ରୋଲ ପମ୍ପ ମଧ୍ୟରେ ରାସ୍ତା ଦୁଇପାର୍ଶ୍ୱରେ ଜବରଦଖଲରେ ଥିବା ଏକାଧିକ ଦୋକାନକୁ ଭାଙ୍ଗି ଦିଆଯାଇଛି। ନୂଆଗାଁ ମ୍ୟୁନିସିପାଲିଟି ରାସ୍ତା, ଶିଶୁପାଳଗଡ଼ ଇନ୍ଦିରା କଲୋନୀ ରାସ୍ତା ଓ ନାଳ ନିର୍ମାଣ ଏବଂ ମରାମତି ପାଇଁ ଏହି ଜବରଦଖଲ ହୋଇଥିବା ବିଡିଏ ପକ୍ଷରୁ ସୂଚନା ଦିଆଯାଇଛି। ଉଚ୍ଛେଦ ସମୟରେ ୬ଟି ସିମେଣ୍ଟ ପିଣ୍ଡି, ଗୋଟିଏ ବିଲ୍ଡିଂ, ୬ଟି ଦୋକାନ ଘର ଏବଂ ୧୮ଟି ଟିଣ ଘରକୁ ଭାଙ୍ଗି ଦିଆଯାଇଛି। ସେହିଭଳି ପାଣ୍ଡରା ଜବରଦଖଲ ଉଚ୍ଛେଦରେ ୮ ଘରକୁ ଭାଙ୍ଗି ଦିଆଯାଇଛି। ଜବରଦଖଲ ହୋଇଥିବା ୨.୬ ଏକର ମଧ୍ୟରୁ ୨.୩ ଏକର ଜବରଦଖଲ ମୁକ୍ତ କରାଯାଇଛି। ଉଚ୍ଛେଦ ସ୍ଥାନରେ 'ସରକାରଙ୍କ ସମ୍ପତ୍ତି' ଲେଖା ଥିବା ୫ଟି ବୋର୍ଡ ଲଗାଯାଇଛି। ଉଚ୍ଛେଦରେ ବିଡିଏ ଏନ୍‌ଫୋର୍ସମେଣ୍ଟ ଅଫିସର ଦେବରାଜ ସେଠୀ ଏବଂ ଶୁଭ୍ରାଂଶୁ ଶେଖର ମହାନ୍ତି ଉପସ୍ଥିତ ଥିଲେ।

## ସାପ କାମୁଡ଼ିଥିବା ଶିଶୁର ଜୀବନ ବଞ୍ଚାଇଲା ହାଇଟେକ୍ ହସ୍ପିଟାଲ

ଭୁବନେଶ୍ୱର,୩୦।୭(ଅନୁରାଧା ମହାରଣା)

ସାପ କାମୁଡ଼ାରେ ଗୁରୁତର ହୋଇଥିବା ଗଞ୍ଜାମ ଜିଲାର ଜଣେ ୩ବର୍ଷର ଶିଶୁଙ୍କ ଜୀବନ ବଞ୍ଚାଇଛନ୍ତି ଭୁବନେଶ୍ୱର ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ଡାକ୍ତରମାନେ। ଶିଶୁଟି ରାତିରେ ଶୋଇଥିବା ସମୟରେ ଏକ ବିଷଧର ସର୍ପ ଦଂଶନ କରିଥିଲା। ମାଆବାପା ତୁରନ୍ତ ଗଞ୍ଜାମ ସରକାରୀ ହସ୍ପିଟାଲକୁ ନେଇଥିଲେ। ଉନ୍ନତ ଚିକିତ୍ସା ଲାଗି ଶିଶୁଟିକୁ ତୁରନ୍ତ କଟକ କିମ୍ବା ଭୁବନେଶ୍ୱର ନେଇଯିବା ପାଇଁ ମେଡିକାଲ ଅଫିସର ପରାମର୍ଶ ଦେଇଥିଲେ। ପରେ ଶିଶୁଟିକୁ ପରିବାର ଲୋକେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏଠାରେ ଆବଶ୍ୟକ ଚିକିତ୍ସା ପରେ ଶିଶୁଟି ସମ୍ପୂର୍ଣ୍ଣ ସୁସ୍ଥ ଥିବା ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ରବୀନ୍ଦ୍ରନାଥ ବେହେରା କହିଛନ୍ତି। ଶିଶୁଟିର ବାପା ପବିତ୍ର ନାୟକ ଓ ମାଆ ରଶ୍ମିତା ନାୟକ ନିଜ ପିଲାର ପୁନର୍ଜନ୍ମ ପାଇଁ ଚିକିତ୍ସା କରିଥିବା ଡା. ଜାନକୀ ବଲ୍ଲଭ ପ୍ରଧାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ସାପ କାମୁଡା ସମୟରେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ନହୋଇ ତୁରନ୍ତ ଦକ୍ଷ ଚିକିତ୍ସକଙ୍କ ଦ୍ୱାରା ପରାମର୍ଶ ଓ ଚିକିତ୍ସା କରାଇଲେ ମୃତ୍ୟୁମୁଖରୁ ବଞ୍ଚିପାରିବ ବୋଲି ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ କହିଛନ୍ତି।



## କୁଆଖାଇରେ ଭାସିଗଲେ ଯୁବକ

ଭୁବନେଶ୍ୱର,୩୦।୭(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର କୁଆଖାଇ ନଦୀରେ ବୁଧବାର ପୁଣି ଏକ ଅଘଟଣ ଘଟିଛି। ଦଶାହକାର୍ଯ୍ୟରେ ଯୋଗ ଦେଇ ନଦୀରେ ଗାଧୋଉଥିବାବେଳେ ଜଣେ ଯୁବକ ଭାସିଯାଇଛନ୍ତି। ଯୁବକ ଜଣକ ହେଲେ ବାଣୀବିହାର ଆଖଣ୍ଡଳମଣି ବସ୍ତିର ସୋମନାଥ ଦାସ। ବସ୍ତିର ବିଜୟ ନାମକ ଜଣେ ବ୍ୟକ୍ତିଙ୍କ ମା'ଙ୍କ ଦଶାହକାର୍ଯ୍ୟ ପାଇଁ କୁଆଖାଇ ନଦୀ ହାଇଟେକ୍ ହସ୍ପିଟାଲ ରୋଡ ନିକଟ ତୁଠକୁ ସମ୍ପର୍କୀୟ ଓ ପଡ଼ୋଶୀମାନେ ଆସିଥିଲେ। ସେମାନେ ଗୋଧାଉଥିବାବେଳେ ଦୁଇଜଣ ଭାସି ଯାଇଥିଲେ। ମଧ୍ୟାହ୍ନ ୧୨ଟାରୁ ୧୨ଟା ୩୦ ମଧ୍ୟରେ ଏହି ଅଘଟଣ ଘଟିଥିଲା। ଜଣଙ୍କୁ ପରିବାର ଲୋକ ଓ ପଡ଼ୋଶୀମାନେ ଉଦ୍ଧାର କରି ବଞ୍ଚାଇଥିଲେ। ହେଲେ ସୋମନାଥଙ୍କୁ ଲୋକମାନେ ଉଦ୍ଧାର କରିପାରି ନ ଥିଲେ। ଖବରପାଇ ମଞ୍ଚେଶ୍ୱର ଓ ପାହାଳ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନଦୀରେ ଖୋଜାଖୋଜି କରିଥିଲା। ସନ୍ଧ୍ୟା ଯାଏ ଖୋଜାଖୋଜି ଚାଲିଥିବାବେଳେ ସୋମନାଥଙ୍କ ପତ୍ତା ମିଳି ନ ଥିଲା। ତେବେ ରାତି ହୋଇଯିବାରୁ ଉଦ୍ଧାର କାର୍ଯ୍ୟକୁ ସ୍ଥଗିତ ରଖାଯାଇଛି। ଗୁରୁବାର ପୁଣି ଉଦ୍ଧାର କାର୍ଯ୍ୟ ଜାରି ରହିବ ବୋଲି ଅଗ୍ନିଶମ ବାହିନୀ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, କୁଆଖାଇ ନଦୀର ବରିମୁଣ୍ଡ ନିକଟରେ ଶନିବାର ଜଣେ ଛାତ୍ର ଗାଧୋଉଥିବାବେଳେ ଭାସିଯାଇ ପ୍ରାଣ ହରାଇଥିଲେ।

## ପାହାଳରେ ନୂଆ ଟାଟା ହାରିଅର୍ ଇଭିର ବଜାର ପ୍ରବେଶ




ଟାଟା ହାରିଅର୍ ଇଭିର ବଜାର ପ୍ରବେଶ ଅବସରରେ ଉପସ୍ଥିତ ଅତିଥି।

ଫୁଲନଖରା,୩୦।୭(ସତ୍ୟ ରଞ୍ଜନ ଦାସମହାପାତ୍ର)

ପାହାଳସ୍ଥିତ ଶ୍ରୀକ୍ଷେତ୍ର ଅଟୋମୋଟିଭ୍‌ସ ପ୍ରାଇଭେଟ ଲିମିଟେଡ ଶୋରୁମ ପରିସରରେ ଟାଟା ହାରିଅର ଇଭିର ଉନ୍ମୋଚନ ହୋଇଛି। ଏହାକୁ ଶ୍ରୀକ୍ଷେତ୍ର ଅଟୋମୋଟିଭସ ପ୍ରାଇଭେଟ ଲିମିଟେଡ୍ ଡିଲର ପ୍ରିନ୍ସିପାଲ ଅବିନାଶ ସାମଲ ଉନ୍ମୋଚନ କରିଥିଲେ। ଏହି ବିଳାସପୂର୍ଣ୍ଣ ଏସ୍‌ୟୁଭିର ଆକର୍ଷଣୀୟ ଡିଜାଇନ, ଅତ୍ୟାଧୁନିକ ଟେକ୍ନୋଲୋଜି ଏବଂ ଭାରତୀୟ ଗ୍ରାହକଙ୍କୁ ସନ୍ତୁଷ୍ଟ କଲା ଭଳି ଆଧୁନିକ ଷ୍ଟାଇଲ ଓ ସମସ୍ତ ସୁବିଧା ସହ ବଜାରରେ ପ୍ରବେଶ କରିଛି। ଏହି ମଡେଲ ଲଞ୍ଚ ସହିତ ଟାଟା ମୋଟର୍ସ ଓ ଶ୍ରୀକ୍ଷେତ୍ର ଅଟୋମୋଟିଭ୍‌ସ ପୂର୍ବ ଭାରତରେ ନିଜର ଉପସ୍ଥିତିକୁ ମଜଭୁତ କରିଛି। ନୂଆ ଟାଟା ହାରିଅର ଇଭି ସଂସ୍ଥା ଏବଂ ସ୍ଥାୟୀ ଯାନ ଚଳାଚଳର ଭବିଷ୍ୟତକୁ ପ୍ରତିନିଧି କରେ। ଏଥିରେ ଥିବା ଉନ୍ନତ ବୈଶିଷ୍ଟ୍ୟ, ଶକ୍ତିଶାଳୀ ପ୍ରଦର୍ଶନ ଓ ପରିବେଶ ପ୍ରଦୂଷଣ ମୁକ୍ତ କରି ବଜାରରେ ଏକ ନୂଆ ବିକଳ୍ପ ଭାବେ ସବୁବର୍ଗର ଗ୍ରାହକଙ୍କୁ ଆକୃଷ୍ଟ କରିବ ବୋଲି ଶ୍ରୀକ୍ଷେତ୍ର ଅଟୋମୋଟିଭ୍‌ସ ଡିଲର ପ୍ରିନ୍ସିପାଲ ଅବିନାଶ ସାମଲ ପ୍ରକାଶ କରିଛନ୍ତି। ଏହି ଗାଡ଼ିକୁ ଗ୍ରାହକମାନେ ଶୋ'ରୁମ ପରିଦର୍ଶନ କରି ବୁକିଂ କରିପାରିବେ ଏବଂ ଟେଷ୍ଟ ଡ୍ରାଇଭ ନେଇପାରିବେ। ଏହି କାର୍ଯ୍ୟକ୍ରମରେ ଅଟୋମୋଟିଭସ ପ୍ରାଇଭେଟ ଲିମିଟେଡର ସିଇଓ ରଞ୍ଜିତ ଦାଶ, ଟିଏସ୍‌ଏମ୍ ଅଭିଷେକ ଚକ୍ରବର୍ତ୍ତୀ, ରାହୁଲ ତ୍ରିପାଠୀଙ୍କ ସହିତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ପାରୁଲ ପଟୱାରୀ ହେଲେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ନିର୍ଦ୍ଦେଶିକା

ଭୁବନେଶ୍ୱର, ୩୦।୭(ସୌମ୍ୟରଞ୍ଜନ ରାଉତ)

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ନୂଆ ନିର୍ଦ୍ଦେଶିକା ହେଲେ ପାରୁଲ ପଟୱାରୀ। ବୁଧବାର ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ବିଭାଗର ଅତିରିକ୍ତ ଶାସନ ସଚିବ ସୋନିଆ ବେହେରା ପୁଷ୍ପଗୁଚ୍ଛ ପ୍ରଦାନପୂର୍ବକ ତାଙ୍କୁ ସ୍ୱାଗତ ଜଣାଇଥିବାବେଳେ ଜୟଶ୍ରୀ ତ୍ରିପାଠୀ, ବିତ୍ତ ପରାମର୍ଶଦାତା ତଥା ସ୍ୱତନ୍ତ୍ର ସଚିବ, ଅତିରିକ୍ତ ଶାସନ ସଚିବ ଭାସ୍କର ରଇତୋ, ଦୀପକ ରାଉତରାୟଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଦାୟିତ୍ୱ ଗ୍ରହଣ କରିବା ପରେ ପଟୱାରୀ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଭେଟି ବିଭାଗର କାର୍ଯ୍ୟକ୍ରମ ବିଷୟରେ ପଚାରି ବୁଝିବା ସହିତ ଦାୟିତ୍ୱର ସହ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ, ଏହା ପୂର୍ବରୁ ପଟୱାରୀ ରାୟଗଡ଼ା ଜିଲାପାଳ ଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ ସେ ରାୟଗଡ଼ା ଜିଲାବାସୀଙ୍କ ମଙ୍ଗଳ ପାଇଁ ବହୁ ଉନ୍ନତିମୂଳକ କାର୍ଯ୍ୟସବୁ କରିଛନ୍ତି। ଜଣେ ଦକ୍ଷ ପ୍ରଶାସିକା ଭାବେ ସେ ରାୟଗଡ଼ାରେ ବେଶ୍ ପରିଚିତ ଥିଲେ।



## ଖବରଦାତାଙ୍କ ସମସ୍ୟାର ସମାଧାନ ହେବ

ଭୁବନେଶ୍ୱର, ୩୦।୭
(ସୌମ୍ୟରଞ୍ଜନ ରାଉତ)

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ବୁଧବାର ଲୋକସେବା ଭବନରେ ରାଜ୍ୟର ବରିଷ୍ଠ ଖବରଦାତାମାନଙ୍କ ସହ ସେମାନଙ୍କର ବିଭିନ୍ନ ସମସ୍ୟା ଓ ସମାଧାନ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଅବସରରେ ଆହୁଜା କହିଛନ୍ତି, ଗଣତାନ୍ତ୍ରିକ ରାଷ୍ଟ୍ରରେ ମୁଦ୍ରିତ, ବୈଦ୍ୟୁତିକ ଓ ସାମାଜିକ ଗଣମାଧ୍ୟମଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ଓଡ଼ିଶାରେ ଖବରଦାତାଙ୍କ କଲ୍ୟାଣ ପାଇଁ ଯେଉଁ ଦାବି ଉପସ୍ଥାପନ କରାଯାଇଛି, ସେ ସମ୍ପର୍କରେ ଅଧିକ ବିଚାରବିମର୍ଶପୂର୍ବକ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟ ଶାସନ ସଚିବ ପ୍ରତିଶ୍ରୁତି ଦେଇଛନ୍ତି। ବୈଠକରେ ଖବରଦାତାଙ୍କ ସୁରକ୍ଷା ଆଇନ ପ୍ରଣୟନ କରାଯିବା, ବରିଷ୍ଠ ଖବରଦାତାଙ୍କ ନିମନ୍ତେ ପେନ୍‌ସନ ବ୍ୟବସ୍ଥା, ସାମ୍ବାଦିକଙ୍କୁ ଅଧିସ୍ୱୀକୃତି ପ୍ରଦାନ କରାଯିବା, ସାମ୍ବାଦିକ କଲ୍ୟାଣ ପାଣ୍ଠିରେ ରହିଥିବା ବ୍ୟବସ୍ଥା ଅନୁସାରେ ଖବରଦାତା ଓ ସେମାନଙ୍କ ପରିବାରଙ୍କୁ ପ୍ରଦାନ କରାଯାଉଥିବା ସୁବିଧା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଲୋକସେବା ଭବନକୁ ପ୍ରବେଶ ପାଇଁ ଖବରଦାତାମାନଙ୍କୁ ପରିଚୟପତ୍ର ପ୍ରଦାନ କିପରି ଶୀଘ୍ର ଓ ସରଳୀକରଣ ହୋଇପାରିବ, ସେନେଇ ବିଭାଗକୁ ପରାମର୍ଶ ଦିଆଯାଇଥିଲା। ସରକାରଙ୍କ ପ୍ରଚାର ପ୍ରସାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସମାନୁପାତିକ ହାରରେ ପ୍ରକାଶ ପାଉଥିବା ବିଭିନ୍ନ ଦୈନିକ ଓ ସାପ୍ତାହିକ ସମ୍ବାଦପତ୍ରଗୁଡ଼ିକୁ ବିଜ୍ଞାପନ ପ୍ରଦାନ କରାଯିବା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ସ୍ୱାସ୍ଥ୍ୟବୀମାରେ ରହିଥିବା ବିଭିନ୍ନ ସୁବିଧା, ସହାୟତା ଓ ପ୍ରକ୍ରିୟା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଅବଗତ କରାଯିବା ପାଇଁ ସଂପୃକ୍ତ ବୀମା କମ୍ପାନୀର ତୃତୀୟ ପକ୍ଷ ସଂସ୍ଥା(ଟିପିଏ) ସହିତ ଏକ ବୈଠକ ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ଶିଳ୍ପ, ସୂଚନା ଓ ଲୋକସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ବିଭାଗର ନିର୍ଦ୍ଦେଶକ(ବୈଷୟିକ) ଗୁର୍‌ବୀର ସିଂଙ୍କ ଉପସ୍ଥିତିରେ ବରିଷ୍ଠ ସାମ୍ବାଦିକ ଭାଗବତ ତ୍ରିପାଠୀ, ସନତ୍ ମିଶ୍ର, ପୀତବାସ ମିଶ୍ର ଓ ପ୍ରଦ୍ୟୁମ୍ନ କୁମାର ମହାନ୍ତି ପ୍ରମୁଖ ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା କରିଥିଲେ।




ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସହ ସାମ୍ବାଦିକମାନେ ଆଲୋଚନା କରୁଛନ୍ତି।

# ସଫେଇହେଉନି ରେଳଷ୍ଟେଶନ ଶୌଚାଳୟ

## ଯାତ୍ରୀଙ୍କୁ ଘାରିଛି ସଂକ୍ରମଣ ଭୟ


ଷ୍ଟେଶନ ପରିସରରେ ଥିବା ଶୌଚାଳୟର କବାଟ ଭାଙ୍ଗିଯାଇଛି।

ନିରାକାରପୁର,୩୦।୭ (ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ରେଳଷ୍ଟେଶନ ପରିସରରେ ଥିବା ଶୌଚାଳୟ ଅପରିଷ୍କାର ହୋଇପଡ଼ିଛି। ଦୀର୍ଘଦିନ ହେଲା ଶୌଚାଳୟ ସଫେଇ କରାଯାଉନାହିଁ। ଦୈନିକ ଶହଶହ ରେଳଯାତ୍ରୀ ଉକ୍ତ ଶୌଚାଳୟ ବ୍ୟବହାର କରୁଥିଲେ ମଧ୍ୟ ସଫେଇ ପ୍ରତି ଧ୍ୟାନ ଦିଆଯାଉ ନ ଥିବାରୁ ଦୁର୍ଗନ୍ଧରେ ନାକ ଫାଟିପଡୁଛି। ସେହିପରି ଯାତ୍ରୀଙ୍କୁ ରୋଗ ସଂକ୍ରମଣ ଭୟ ଘାରିଛି। ଅନେକ ଯାତ୍ରୀ ଏହି ଶୌଚାଳୟକୁ ବ୍ୟବହାର ନ କରି ବାହାରେ ପରିସ୍ରା ଓ ମଳତ୍ୟାଗ କରୁଥିବା ଜଣାପଡ଼ିଛି। ବିଶେଷକରି ମହିଳା, ଭିନ୍ନକ୍ଷମମାନେ ହଇରାଣ ହେଉଛନ୍ତି। ଶୌଚାଳୟରେ ଲାଗିଥିବା ଫ୍ଲାସ୍‌ଗୁଡ଼ିକ ଭାଙ୍ଗିଯାଇଛି। ପ୍ୟାନ୍‌ଗୁଡ଼ିକରେ ମଇଳା ଲାଗିରହି ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଶୌଚାଳୟ କବାଟ ଭାଙ୍ଗିଯାଇଥିବାରୁ ମହିଳା ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ବାରମ୍ବାର ଷ୍ଟେଶନ ମାଷ୍ଟରଙ୍କୁ ଯାତ୍ରୀମାନେ ଅଭିଯୋଗ ଜଣାଇବା ସତ୍ତ୍ୱେ ପଦକ୍ଷେପ ନିଆଯାଉନାହିଁ। ନିରାକାରପୁର ଏକ ପ୍ରମୁଖ ରେଳ ଷ୍ଟେଶନ। ଏହି ଷ୍ଟେଶନରେ ବିଶାଖା, ପ୍ରଶାନ୍ତି ଏକ୍ସପ୍ରେସ୍, ଇଣ୍ଟରସିଟି ହୀରାଖଣ୍ଡ, ଇଷ୍ଟକୋଷ୍ଟ, ରାଜ୍ୟରାଣୀ, ତିରୁପତି ଆଦି ଦ୍ରୁତଗାମୀ ଟ୍ରେନ ସହ ଦୈନିକ ଯାତାୟାତ କରୁଥିବା ସମସ୍ତ ପାସେଞ୍ଜର ଟ୍ରେନ୍ ରହଣି କରିଥାଏ। ତେଣୁ ଏଠାରୁ ଲୋକେ ଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦ ଆଦି ବିଭିନ୍ନ ସ୍ଥାନକୁ ଏହି ଷ୍ଟେଶନ ଦେଇ ଟ୍ରେନ୍‌ରେ ଯାତାୟାତ କରିଥାନ୍ତି। ଖୋର୍ଦ୍ଧା, ରଣପୁର, ସତ୍ୟବାଦୀ, ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ରେଳଯାତ୍ରୀ ଏହି ଷ୍ଟେଶନ ଉପରେ ନିର୍ଭର କରିଥାନ୍ତି। ମାସିକ ଟିକେଟଧାରୀଙ୍କ ସମେତ ରିଜର୍ଭେସନ ବାବଦ ଟିକେଟଧାରୀଙ୍କଠାରୁ ପ୍ରାୟ ୧୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ରାଜସ୍ୱ ଆଦାୟ ହେଉଛି। ଯେଉଁ ଅନୁସାରେ ଏଠାରୁ ରାଜସ୍ୱ ଆଦାୟ ହେଉଛି, ସେହି ଅନୁସାରେ ଯାତ୍ରୀଙ୍କୁ ମୌଳିକ ସୁବିଧା ଯୋଗାଇ ଦିଆଯାଇପାରୁନାହିଁ। ଫଳରେ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଅନୁରୂପଭାବରେ ଭିନ୍ନକ୍ଷମଙ୍କ ନିମନ୍ତେ ବ୍ୟବହୃତ ଶୌଚାଳୟ ଅନେକ ସମୟ ତାଲା ଖୁଲୁଥିବାରୁ ସେମାନେ ମଧ୍ୟ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା କେତେକ ଯାତ୍ରୀ ଅଭିଯୋଗ କରିଛନ୍ତି। ତେଣୁ ଯାତ୍ରୀଙ୍କ ବହୁଳ ଆବଶ୍ୟକତା ଦୃଷ୍ଟିରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି। ଏନେଇ ନିରାକାରପୁର ଷ୍ଟେଶନ ପରିଚାଳକ ସର୍ବେଶ୍ୱର ସ୍ୱାଇଁ କହିଛନ୍ତି, ଆମେ ସମସ୍ୟା ସମ୍ପର୍କରେ ବାରମ୍ବାର ଆଇଡବ୍ଲ୍ୟୁ ଏବଂ ଅନ୍ୟ ଅଧିକାରୀଙ୍କୁ ଅଭିଯୋଗ କରିଛୁ, ସେମାନେ ମଧ୍ୟ ଦେଖି ଯାଇଛନ୍ତି। ପଦକ୍ଷେପ ପାଇଁ ପ୍ରତିଶ୍ରୁତି ମିଳିଛି। ତଥାପି ପୁନର୍ବାର ଅଧିକାରୀମାନଙ୍କୁ ଜଣାଇବୁ।

## ଗଞ୍ଜେଇ ଜବତ, ବେପାରୀ ଗିରଫ

ଯାଁଲା,୩୦।୭(ବୁଲା ବାରିକ)

ତମାଣ୍ଡୋ ଥାନା ଅଧୀନ କଳିଙ୍ଗ ବିହାର ଅଞ୍ଚଳରୁ ଜଣେ ଗଞ୍ଜେଇ ବ୍ୟବସାୟୀଙ୍କୁ ପୋଲିସ ଗିରଫ କରିବା ସହ ତାଙ୍କଠାରୁ ୧.୧୦୦ କିଲୋଗ୍ରାମ ଗଞ୍ଜେଇ ଜବତ କରିଛି। ସମ୍ପୃକ୍ତ ଗିରଫ ଅଭିଯୁକ୍ତ ଶଙ୍କର୍ଷଣ ପାଇକରାୟଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଥାନାର ଏସ୍.ଆଇ ଉମାକାନ୍ତ ସାହୁଙ୍କ ରିପୋର୍ଟ ଆଧାରରେ ଏକ ମାମଲା ରୁଜୁ କରାଯାଇଛି। ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ୯ଟା ୧୦ରେ ତମାଣ୍ଡୋ ଥାନାଧିକାରୀ କଳିଙ୍ଗ ବିହାରର ଏକ ମଲ ପଛପାର୍ଶ୍ୱରେ ଜଣେ ବ୍ୟକ୍ତି ଏକ ଜରି ବ୍ୟାଗରେ ଚୋରା ଗଞ୍ଜେଇ ନେଇ ବିକ୍ରି କରିବାକୁ ଅପେକ୍ଷା କରିଥିବା ସୂଚନା ପାଇଥିଲେ। ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶଙ୍କର୍ଷଣଙ୍କୁ ତଲାସି କରି ଗଞ୍ଜେଇ ପାଇଥିଲା। ଫଳରେ ତାଙ୍କୁ ଗିରଫ କରାଯାଇଥିଲା। ସେ ଗତ ଦୁଇମାସ ଧରି ଏପରି ଚୋରା ଦ୍ରବ୍ୟ ବ୍ୟବସାୟ କରିଆସୁଥିବା ନେଇ ଶଙ୍କର୍ଷଣ ପୋଲିସକୁ ଜେରାବେଳେ ସ୍ୱୀକାର କରିଛନ୍ତି।

## ନୂତନ ବିଚାର ଷ୍ଟାର୍ଟଅପ୍ କର୍ମଶାଳା



କର୍ମଶାଳାରେ ଯୋଗଦେଇଥିବା ଅତିଥି।

କୃଷ୍ଣପ୍ରସାଦ,୩୦।୭(କୈଳାଶ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍‌ର ପଞ୍ଚାୟତ ସ୍ନାତକ ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟ ସାତପଡ଼ା ପରିସରରେ ବୁଧବାର ନୂତନ ବିଚାର ଓ ଷ୍ଟାର୍ଟଅପ୍ କର୍ମଶାଳା ଅଧ୍ୟକ୍ଷ ଡ. ପ୍ରକାଶ କୁମାର ଜେନାଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ଆଇଏସ୍‌ଆର୍‌ଡି ଅଧିକାରୀ କେଳୁଚରଣ ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଝିଅମାନେ ଖାଦ୍ୟ ପ୍ରସ୍ତୁତ ସହ ଛତୁଚାଷ, ମାଛଚାଷ ଆଦି କରି ସ୍ୱାବଲମ୍ବୀ ହୋଇପାରିବେ ଏବଂ ନିଜର ଓ ପରିବାର ପ୍ରତିପୋଷଣରେ ସହାୟକ ହୋଇପାରିବେ ବୋଲି କହିଥିଲେ। ସଂକ୍ରମଣ ରୋଗରୁ ସମାଜ ଓ ନିଜ ଗାଁ କୁ କିପରି ରକ୍ଷା କରିପାରିବେ ସେ ବିଷୟରେ ମଧ୍ୟ ସଚେତନତା କରାଯାଇଥିଲା। ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦଳେଇ, ପବିତ୍ର ମୋହନ ଦାସ, ଦେବଦତ୍ତ ମିଶ୍ର, ଓଁ ପ୍ରକାଶ ହରିଚନ୍ଦନ, ଅଧ୍ୟାପିକା ପଦ୍ମିନୀ ପ୍ରଧାନ, ରୋଜାଲିନ ଜେନା, ଅନ୍ୱେଷା ଜେନାଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପକ ପ୍ରସନ୍ନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା କାର୍ଯ୍ୟକ୍ରମ ରହିଛି ବୋଲି ଅଧ୍ୟକ୍ଷ କହିଥିଲେ।

## ଗଣେଶପୂଜା ପଲ୍ଲୀ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ନିରାକାରପୁର, ୩୦।୭(ମାନସ ଚନ୍ଦ୍ର ପଟ୍ଟନାୟକ)

ଜଙ୍କିଆ ପଞ୍ଚାୟତର ବାସନ୍ତୀ ପଡ଼ିଆରେ ପ୍ରତିବର୍ଷ ପରି ଚଳିତବର୍ଷ ଓଁ ଶ୍ରୀ ଯୁବ ପରିଷଦ ପକ୍ଷରୁ ଗଣେଶ ପୂଜା ସହିତ ପଲ୍ଲୀ ଉତ୍ସବ ପାଳନ ହେବ। ଏହା କିଭଳି ଶାନ୍ତିଶୃଙ୍ଖଳା ସହିତ ସରସ ସୁନ୍ଦର ହୋଇପାରିବ ସେଥିପାଇଁ ଓଁ ଶ୍ରୀ ଗ୍ରୁପ କକ୍ଷରେ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠାନର ସଭାପତି କୃଷ୍ଣଚନ୍ଦ୍ର ନରେନ୍ଦ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଯୋଜକ ବିଶ୍ୱଭୂଷଣ ଛୋଟରାୟ, ସୁରେନ୍ଦ୍ରନାଥ ଜେନା, କେଦାରଶ୍ୱର ବଳବନ୍ତରାୟ, ଦିଲୀପ ଶ୍ରୀଚନ୍ଦନ, ଚିନ୍ତାମଣି ବେହେରା, ଲୋକନାଥ ସାମନ୍ତରାୟ, ପ୍ରଶାନ୍ତ ଗଜେନ୍ଦ୍ର, ଆଲୋକ ଶ୍ରୀଚନ୍ଦନ, ସାଗର କହଳସିଂ, ଉମାକାନ୍ତ ସାମନ୍ତରାୟ ଏବଂ ଓଁ ଶ୍ରୀ ଗ୍ରୁପ ଯୁବ ପରିଷଦର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।


ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବୁଧବାର ଜିଲାପାଳ ଅମ୍ରିତ ଋତୁରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜସ୍ୱ ସମୀକ୍ଷା ବୈଠକରେ ବିଭାଗୀୟ ଅଧିକାରୀମାନେ। (ଫଟୋ- ପ୍ରଭାତ ପାଣିଗ୍ରାହୀ)

## କାର୍-ବାଇକ୍ ମୁହାଁମୁହିଁ ଧକ୍କା: ୩ ଗୁରୁତର

### ଗହୀର ବିଲକୁ ଖସିପଡ଼ି ପୋଲରେ ପିଟିହୋଇଗଲା କାର୍

ବାଘମାରୀ/ ବେଗୁନିଆ, ୩୦।୭ (ମିହିର ରଞ୍ଜନ ମହାପାତ୍ର/ ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା-ବଲାଙ୍ଗୀର ୫୭ନମ୍ବର ଜାତୀୟ ରାଜପଥର ବାଘମାରୀ-ବେଗୁନିଆ ମଧ୍ୟରେ ଥିବା ଇଟା ଫ୍ୟାକ୍ଟ୍ରି ନିକଟରେ ବୁଧବାର ଏକ କାର୍ ଏବଂ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ଘଟିଛି। ଏଥିରେ କାର୍ ଚାଳକ ଏବଂ ୨ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଗୁରୁତରମାନଙ୍କୁ ପ୍ରଥମେ ଖୋର୍ଦ୍ଧା ଓ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ମଧ୍ୟାହ୍ନ ପ୍ରାୟ ସାଢେ ୧୨ଟାରେ ବୋଲଗଡ଼ ଅଞ୍ଚଳର ନାରାୟଣ ଚୌଧୁରୀ ଏକ କାର୍ (ଓଡି ୦୫ଏୟୁ ୯୨୮୮)ରେ ଖୋର୍ଦ୍ଧା ଅଭିମୁଖେ ଯାଉଥିଲେ। ଏହି ସମୟରେ ବିପରୀତ ଦିଗ ଖୋର୍ଦ୍ଧା ପାର୍ଶ୍ୱରୁ କଟକ ଜଗତପୁର ବୟାଳିଶ ମୌଜା ଅଞ୍ଚଳର ୨ଜଣ ଯୁବକ ଏକ ବାଇକ୍ (ଓଡି ୦୫ଜେଡ ୭୮୨୨) ଯୋଗେ ବେଗୁନିଆ ଅଭିମୁଖେ ଆସୁଥିଲେ। ବେଗୁନିଆ- ବାଘମାରୀ ମଝିରେ ଥିବା ଏକ ଇଟାଫ୍ୟାକ୍ଟ୍ରି ନିକଟରେ ଉଭୟ ଗାଡ଼ି ମଧ୍ୟରେ ସାମ୍ନାସାମ୍ନି ଧକ୍କା ହୋଇଥିଲା। କାର୍‌ଟି ଭାରସାମ୍ୟ ହରାଇ ଗହୀର ବିଲ ଭିତରକୁ ଖସିପଡ଼ି ନିର୍ମାଣାଧୀନ ପୋଲରେ ପିଟିହୋଇଯାଇଥିଲା। ଫଳରେ କାର୍ ସମ୍ମୁଖ ପାର୍ଶ୍ୱ ଚୂର୍‌ମାର ହୋଇଥିବାବେଳେ ଚାଳକ ନାରାୟଣ ଗୁରୁତର ହୋଇଥିଲେ। ବାଇକ୍‌ଟି ଭାଙ୍ଗିରୁଜି ଯିବାସହ ଆରୋହୀ ୨ଜଣ ଗୁରୁତର ଆହତ ହୋଇ ଛିଟିକି ପଡ଼ିଥିଲେ। ସେମାନଙ୍କ ପରିଚୟ ମିଳିପାରିନାହିଁ। ଖବର ପାଇ ଘଟଣାସ୍ଥଳରେ ବାଘମାରୀ ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ଆହତମାନଙ୍କୁ ଉଦ୍ଧାରକରି ୧୦୮ ଆମ୍ବୁଲାନ୍ସରେ ଖୋର୍ଦ୍ଧା ହସ୍ପିଟାଲକୁ ପଠାଇଥିଲା। ପରେ ସେମାନଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତକରି ତଦନ୍ତ ଜାରି ରଖିଛି ବୋଲି ଥାନା ଅଧିକାରୀ ଶମ୍ଭୁନାଥ ନାୟକ କହିଛନ୍ତି। ଅନ୍ୟପଟେ ବେଗୁନିଆ-ବାଘମାରୀ ମଧ୍ୟରେ ନିର୍ଦ୍ଦିଷ୍ଟ କେତୋଟି ସ୍ଥାନରେ ଦୈନିକ ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି। ହେଲେ ଜାତୀୟ ରାଜପଥ ବିଭାଗ ଯାତ୍ରୀଙ୍କ ପାଇଁ କୌଣସି ସୂଚନା ଦେଉନାହିଁ କି ବ୍ଲାକ୍‌ସ୍ପଟ୍ ଘୋଷଣା କରୁନାହିଁ ବୋଲି ସାଧାରଣରେ ଅଭିଯୋଗ ହେଉଛି। ବିଭାଗ ତୁରନ୍ତ ବ୍ଲାକ୍‌ସ୍ପଟ୍ ଚିହ୍ନଟକରି ସୂଚନାଫଳକ ଲଗାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଏମ୍‌ଜିକେ ଦାବିରେ ଆଜିଠୁ ଆନ୍ଦୋଳନ

ଜଟଣୀ,୩୦।୭(ରବୀନ୍ଦ୍ରନାଥ ମହାକୁଡ଼)

ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସ ଏବଂ ସର୍ବଭାରତୀୟ ରନିଙ୍ଗ ଷ୍ଟାଫ ଆସୋସିଏଶନ ମିଳିତ ଭାବେ ଗୁରୁବାରଠାରୁ ସର୍ବନିମ୍ନ ନିଶ୍ଚିତ କିଲୋମିଟର (ଏମ୍‌ଜିକେ) ଦାବି ନେଇ ରାସ୍ତାକୁ ଓହ୍ଲାଇବେ। ଏନେଇ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଶ୍ରମିକ କଂଗ୍ରେସର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ମଣ୍ଡଳ ସଂଯୋଜକ ସୁନୀଲ ଭଞ୍ଜ, ସହସଂଯୋଜକ ନିରଞ୍ଜନ ମିଶ୍ର, ରନିଙ୍ଗ ଆସୋସିଏଶନର ସଭାପତି ପ୍ରଫୁଲ୍ଲ କୁମାର ଦାସ ସମେତ ବହୁ ନେତୃବୃନ୍ଦ ବୈଠକରେ ଯୋଗଦେଇଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ପୂର୍ବତଟ ରେଳପଥ ଅଧୀନ ତିନୋଟି ଡିଭିଜନରେ ଅବସ୍ଥିତ କ୍ରିୟୁ କଣ୍ଟ୍ରୋଲ ଅଫିସ ଯଥା- ଖୋର୍ଦ୍ଧାରୋଡ, ଯଖପୁରା, ତାଳଚେର, ପାରାଦ୍ୱୀପ, ସମ୍ବଲପୁର, ଟିଟିଲାଗଡ, ବିଜୟନଗରମ ଓ ବିଶାଖାପାଟଣାଠାରେ ଏହି ଆନ୍ଦୋଳନ ଚାଲିବ ବୋଲି ମିଡିଆ ପ୍ରଭାରୀ ଏଲ୍.ଡି. ମହାନ୍ତି ସୂଚନା ଦେଇଛନ୍ତି।

## ମା' ଭଗବତୀଙ୍କ ବାର୍ଷିକ ସାହିଯାତ୍ରା ଉଦ୍‌ଯାପିତ


ମା' ଭଗବତୀଙ୍କୁ ଶୋଭାଯାତ୍ରାରେ ସାହି ପରିକ୍ରମା କରାଯାଉଛି।

ଜଟଣୀ,୩୦।୭(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନମ୍ବର ୧୫ ଜଟଣୀଗାଁ (ହାଟବଜାର) ଏବଂ ଗୋପୀନାଥପୁର ଗ୍ରାମର ଗ୍ରାମଦେବୀ ମା'ଭଗବତୀଙ୍କ ବାର୍ଷିକ ସାହିଯାତ୍ରା ପୂଜା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଗତ ୨୧ ତାରିଖ ମଧ୍ୟରାତ୍ରିରୁ ସାହିଯାତ୍ରା ଆରମ୍ଭ ହୋଇଥିଲା। ପ୍ରଥମ ଦିବସରେ ଲୋକୋ କଲୋନିସ୍ଥ ମା' ଭଗବତୀଙ୍କ ପୀଠରୁ ବାଜାବାଣ, ଘଣ୍ଟଘଣ୍ଟା ଫେରି ତୁରୀରେ ମନ୍ତ୍ରପାଠ ସହ ପୂଜାର୍ଚ୍ଚନା କରି ମା'ଙ୍କୁ ୭ଦିନର ସାହି (ମଣ୍ଡପଯାତ୍ର) ପାଇଁ ଆବାହନକରି ଅସ୍ଥାୟୀ ମଣ୍ଡପକୁ ଅଣାଯାଇଥିଲା। ମଙ୍ଗଳବାର ମା' ସପ୍ତଦିବସୀୟ ସାହିଯାତ୍ରା ସମାପ୍ତକରି ସ୍ୱମନ୍ଦିରକୁ ଫେରିଛନ୍ତି। ଆନନ୍ଦ ଉଲ୍ଲାସ ଓ ପବିତ୍ର ବାତାବରଣରେ ହଜାର ହଜାର ଭକ୍ତ ମା' ଭଗବତୀଙ୍କୁ ବାଜା, ବାଣ, ରୋଶଣି, ପାରମ୍ପରିକ ବାଦ୍ୟ ନୃତ୍ୟରେ ମେଲାଣି ଦେଇଥିଲେ। ୭ ଦିନ ମା' ମଣ୍ଡପରେ ପୂଜା ପାଇବା ସହ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ମା'ଙ୍କ ଘଟ ଉକ୍ତ ଅଞ୍ଚଳର ସମସ୍ତ ସାହି ଓ ବସ୍ତି ପରିକ୍ରମା କରିଥିଲା। ପ୍ରତିଦିନ ସକାଳ ଧୂପ, ଆଳତି, ମଧ୍ୟାହ୍ନ ଧୂପ ପରେ ପ୍ରସାଦ ସେବନ ଏବଂ ସନ୍ଧ୍ୟା ଆଳତି ଓ ରାତ୍ରି ଧୂପ ପରେ ବିଶ୍ରାମ ନୀତି ହୋଇଥିଲା। ଯାତ୍ରାକୁ ଶାନ୍ତିଶୃଙ୍ଖଳାରେ ସାରିବା ପାଇଁ ପୋଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଥିବାବେଳେ ପୂଜା ପରିଚାଳନା କମିଟିର ସଦସ୍ୟମାନେ ସହଯୋଗ କରିଥିଲେ। ପ୍ରତି ସନ୍ଧ୍ୟାରେ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ମାତାପିତା-ଶିକ୍ଷକ ସଂଘ ବୈଠକ

ଟାଙ୍ଗୀ,୩୦।୭(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷର ଦ୍ୱିତୀୟ ମାତାପିତା-ଶିକ୍ଷକ ସଂଘ ବୈଠକ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲଳିତ ନାରାୟଣ ମହାପାତ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ଉପସଭାନେତ୍ରୀ ସୋନାଲି ମଣ୍ଡଳ ଅଧ୍ୟକ୍ଷତା କରିଥିଲେ। ସୁନ୍ଦରପୁର ସରପଞ୍ଚ ସୁଜିତ ହାଲ୍‌ଦାର, ସୁକାନ୍ତ ରାଉତରାୟ, ଅଙ୍ଗନୱାଡ଼ି କର୍ମୀ ଭାରତୀ ଦେଈ, ଆଲୁମିନି ସଭାନେତ୍ରୀ ରାଜେଶ୍ୱରୀ ହାଲଦାର, ଶିକ୍ଷକ ବାଇଧର ବେହେରା ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ। ବୈଠକରେ ଆସ ସ୍କୁଲ ଯିବା ଅଭିଯାନ, ଛାତ୍ରୀଛାତ୍ରଙ୍କ ସୁରକ୍ଷା, ନିରାପଦ ପରିବେଶ, ମା'ଙ୍କ ନାମରେ ଗଛଟିଏ, କିଶୋରୀ ଛାତ୍ରୀଙ୍କ ପାଇଁ ବ୍ୟବସ୍ଥା, ସ୍ୱଚ୍ଛତା ପକ୍ଷ ପାଳନ, ସୁରଭି, ପୋଷାକ ବିତରଣ, ମାନ ନିର୍ଦ୍ଧାରଣ, ମାତାପିତାଙ୍କ ଭୂମିକା, ଭିନ୍ନକ୍ଷମ ପିଲାଙ୍କ ପାଇଁ ସରକାରୀ ସୁବିଧା ସୁଯୋଗ ଇତ୍ୟାଦି ବିଷୟରେ ଆଲୋଚନା କରାଯାଇ ଅଭିଭାବକମାନଙ୍କଠାରୁ ଗଠନମୂଳକ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଶିକ୍ଷୟିତ୍ରୀ ମନୋରମା ସାହୁ ପରିଚୟ ପ୍ରଦାନ ଏବଂ ରୁପାଲି ପାତ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସ୍ୱାଗତିକା ରାଜ ଧନ୍ୟବାଦ ଦେଇଥିଲେ। ବୈଠକରେ ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟାସଦସ୍ୟମାନେ ଉପସ୍ଥିତ ଥିଲେ।



ମାତାପିତା-ଶିକ୍ଷକ ସଂଘ ବୈଠକରେ ମଞ୍ଚାସୀନ ଅତିଥି।

## ସମବାୟ ଦିବସ ପାଳନ ଅବସରରେ ଚାରା ରୋପଣ

ବେଗୁନିଆ,୩୦।୭(ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧିନରେ ଥିବା ବେଗୁନିଆ ଶାଖା ପକ୍ଷରୁ ଅନ୍ତର୍ଜାତୀୟ ସମବାୟ ଦିବସ ପାଳନ ଅବସରରେ ବୁଧବାର ନାବାର୍ଡ ସହଯୋଗରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ଜିଲା କେନ୍ଦ୍ର ସେବା ସମବାୟ ବ୍ୟାଙ୍କର ସଭାପତି ଅଭିଷେକ ସିଂହସାମନ୍ତ ମୁଖ୍ୟ ଅତିଥି, ପରିଚାଳନା କମିଟି ସଦସ୍ୟ ପ୍ରଦୀପ କୁମାର ବାରିକ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସାରଥି ଶତପଥି, ଏଜିଏମ୍ ସନ୍ଦୀପ ପଟ୍ଟନାୟକ ଏବଂ ୧୩ଟି ସେବା ସମବାୟ ସମିତିର ସଭାପତି ଯୋଗଦେଇ ଚାରାରୋପଣ କରିଥିଲେ। କାର୍ଯ୍ୟ+କ୍ରମକୁ ନାବାର୍ଡର ଜିଲା ଉନ୍ନୟନ ପରିଚାଳିକା ତୃପ୍ତି ତାପସୀ ପରିଚାଳନା କରିଥିଲେ। ପ୍ରାରମ୍ଭରେ କେନ୍ଦ୍ର ସେବା ସମବାୟ ସମିତି ପକ୍ଷରୁ ଆର୍ଥିକ ସାକ୍ଷରତା ସଚେତନ କାର୍ଯ୍ୟକ୍ରମ ହୋଇଥିଲା।

## ଅଭିଭାବକ-ଶିକ୍ଷକ ସମ୍ମିଳନୀ


ସମ୍ମିଳନୀରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅଭିଭାବକମାନେ।

ବାଣପୁର,୩୦।୭(ଦିଲୀପ କୁମାର ସ୍ୱାଇଁ)

ସମଗ୍ର ଶିକ୍ଷା ଅଭିଯାନ ନିର୍ଦ୍ଦେଶାନୁସାରେ ବୁଧବାର ଗମ୍ଭାରୀମୁଣ୍ଡା ପତିତପାବନ ସରକାରୀ ହାଇସ୍କୁଲରେ ଅଭିଭାବକ-ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ସଚଳା ଗୁରୁ ଅଧ୍ୟକ୍ଷତା କରିଥିଲେ। ଛାତ୍ରୀଛାତ୍ରଙ୍କ ପିତାମାତା, ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ବିଦ୍ୟାଳୟ ଶିକ୍ଷା ପରିଚାଳନା କମିଟିର ସଦସ୍ୟାସଦସ୍ୟମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ କୁମାର ହୋତା, ଶିକ୍ଷକ ତ୍ରିନାଥ ହୋତା, ଦିଲୀପ କୁମାର ସ୍ୱାଇଁ, ଉପେନ୍ଦ୍ର କୁମାର ମଲ୍ଲିକ, ଦିବାକର ମୁଦୁଲି, ବିଶ୍ୱରଂଜିତା ପ୍ରଧାନ, ଜୟଶ୍ରୀ ପ୍ରଧାନ, ଅଶାନ୍ତି ମହାରଣା, ଐଶର୍ଯ୍ୟା ମିଶ୍ର, ଜ୍ୟୋତିପ୍ରଭା ସାହୁ, କାଦମ୍ବିନୀ ଦେବୀ, ପ୍ରଜ୍ଞାଶ୍ରୀ ମହାରଣା, ବିଦ୍ୟୁତପ୍ରଭା ସେଠୀ, ବବିତା ପାତ୍ର, ସଞ୍ଜୟ ଗୁରୁ, ବିଶ୍ୱଜିତ ବରାଳ, କୁମାର ଆଭାମୟ ରଥ, ପ୍ରଶାନ୍ତ କୁମାର ଜେନା, ମନୋଜ କୁମାର ହୋତା, ମୋନିକା ମହାରଣା ଯୋଗଦେଇ ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ବିକାଶ ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଆଲୋକପାତ କରିଥିଲେ।

## ଚାରାରୋପଣ ସହ ସଚେତନତା କାର୍ଯ୍ୟକ୍ରମ

କୃଷ୍ଣପ୍ରସାଦ,୩୦।୭(କୈଳାଶ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ରସକୁଦି ଆଶ୍ରମ ବିଦ୍ୟାଳୟ ପରିସରରେ ଗ୍ରୀନ ପାରିକୁଦ ଏବଂ ପାରିକୁଦ ବନ ବିଭାଗ ମିଳିତ ଆନୁକୂଲ୍ୟରେ ଚାରାରୋପଣ ସହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରୀନ୍ ପାରିକୁଦର ବରିଷ୍ଠ ସଦସ୍ୟା ଅମିତା ତରେଇଙ୍କ ନେତୃତ୍ୱରେ ବଡ଼ଅଁଳ ସରପଞ୍ଚ ବୀଣାପାଣି ପ୍ରଧାନ ଚାରାରୋପଣ କରି କାର୍ଯ୍ୟକ୍ରମ ଉଦଘାଟନ କରିବା ସହ ପରିବେଶ ପାଇଁ ଗଛ ଲଗାଇବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସମସ୍ତେ ନିଜ ମା'ଙ୍କ ନାମରେ ଗଛ ଲଗେଇବା ସକାଶେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ କରିଥିବାରୁ ଛାତ୍ରୀଛାତ୍ରମାନେ ଚାରାରୋପଣ କରିବାକୁ ପ୍ରଧାନ ଅନୁରୋଧ କରିଥିଲେ। ବିଦ୍ୟାଳୟ ପରିସରରେ ଅଁଳା,ବେଲ, ଆମ୍ବ,ଡାଳିମ୍ବ ଭଳି ବିଭିନ୍ନ କିସମର ଶତାଧିକ ଚାରା ରୋପଣ କରାଯାଇଥିଲା। ପ୍ରଧାନଶିକ୍ଷକ କିଶୁନ ହେମ୍ବ୍ରମ, ପୂର୍ବତନ ସରପଞ୍ଚ କୁମାର ସିଂହ ଓ ରମେଶ ଚନ୍ଦ୍ର ସିଂହସାମନ୍ତ, ସାମାଜିକ କର୍ମୀ ବିଷ୍ଣୁଚରଣ ବେହେରା, ପ୍ରଶାନ୍ତ ନନ୍ଦ, ସଂଗଠନର ମୀନାରାଣୀ ସାହୁ, ପ୍ରଭାତୀ ପାହାଣ, ଦୁଃଶାସନ ତରେଇ, ନକୁଳ ସୁନ୍ଦରା, ବନରକ୍ଷୀ ତ୍ରିଲୋଚନ ମହାରଣା, ସୁରକ୍ଷା କର୍ମୀ ଲଲାଟ ସ୍ୱାଇଁ, ଜୟନ୍ତ କୁମାର ଜେନା, ପବିତ୍ର କୁମାର ସେଠୀ, ସାଧୁ ଚରଣ ସାହୁ, ସୁରଥ ଜେନା ପ୍ରମୁଖ ଚାରା ରୋପଣର ଉପକାରିତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନତା ବାର୍ତ୍ତା ବାଣ୍ଟିଥିଲେ।


ରସକୁଦି ଆଶ୍ରମ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଉଛି।

## ଖବରଦାତାଙ୍କ ସୁରକ୍ଷା, ପେନ୍‌ସନ, ସ୍ୱାସ୍ଥ୍ୟବୀମା ରାଶି ବୃଦ୍ଧି ଦାବି

### ୟୁଜେଏ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଖୋର୍ଦ୍ଧା,୩୦।୭(ପ୍ରଭାତ ପାଣିଗ୍ରାହୀ)

ଉତ୍କଳ ସାମ୍ବାଦିକ ସଂଘ (ୟୁଜେଏ) ଖୋର୍ଦ୍ଧା ଜିଲା ପକ୍ଷରୁ ଖବରଦାତାଙ୍କ ସୁରକ୍ଷା, ସ୍ୱାସ୍ଥ୍ୟବୀମା, ପେନ୍‌ସନ ପ୍ରଭୃତି ପ୍ରସଙ୍ଗ ନେଇ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନା ଚଳିତ ବର୍ଷ ୨୦୨୫-୨୬ ନବୀକରଣ ହେବ। ଏହି ଯୋଜନାରେ ଖବରଦାତାମାନଙ୍କ ମାତା ପିତା ଏବଂ ୨୫ବର୍ଷରୁ ଉର୍ଦ୍ଧ୍ୱ ସନ୍ତାନଙ୍କୁ ଅନ୍ତର୍ଭୁକ୍ତ କରାଯାଉ। ସ୍ୱାସ୍ଥ୍ୟବୀମା ରାଶିକୁ ୫ଲକ୍ଷରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି ଦାବି କରାଯାଇଛି। ଆୟୁଷ୍ମାନ ଭାରତ ଯୋଜନାରେ ଅନ୍ତର୍ଭୁକ୍ତ ଖବରଦାତାଙ୍କୁ ବାଦ୍ ନିଷ୍ପତ୍ତର ତର୍ଜମା କରାଯାଇ ଉଭୟ ଯୋଜନା ଆୟୁଷ୍ମାନ ଭାରତ ଏବଂ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ସୁବିଧା ଉପଲବ୍ଧ କରାଯାଉ। ଅନ୍ୟପକ୍ଷରେ ଦେଶର ୧୮ଟି ରାଜ୍ୟରେ କାର୍ଯ୍ୟରତ ଖବରଦାତାମାନଙ୍କୁ ମାସିକ ଅନ୍ୟୂନ ୧୫ହଜାର ଟଙ୍କା ପେନ୍‌ସନ ଦିଆଯାଉଛି। ତଦନୁସାରେ ଓଡ଼ିଶାରେ ମଧ୍ୟ ଏହାକୁ ଲାଗୁ କରିବା ସହ ବୃତ୍ତିଗତ ସୁରକ୍ଷା ଦୃଷ୍ଟିରୁ ଖବରଦାତା ସୁରକ୍ଷା ଆଇନ ପ୍ରଣୟନ କରାଯିବାକୁ ଦାବିରେ ଉଲ୍ଲେଖ ରହିଛି। ୨୦୨୪ରେ ନୂତନ ସରକାର ଗଠନ ହେବା ପରେ ସରକାର ତୁରନ୍ତ ଖବରଦାତାମାନଙ୍କ ସ୍ୱାସ୍ଥ୍ୟବୀମା ରାଶି ନବୀକରଣକରି ଖବରଦାତାଙ୍କ ପ୍ରତି ସମ୍ବେଦନଶୀଳତା ପ୍ରକାଶ କରିଥିଲେ। ୟୁଜେଏ ପକ୍ଷରୁ ଉପରୋକ୍ତ ଦାବି ପ୍ରତି ସରକାର ଗୁରୁତ୍ୱ ଦେବାକୁ ନିବେଦନ କରିଛନ୍ତି। ସଂଘ ଜିଲା ଉପ ସଭାପତି ପ୍ରଦୀପ ପ୍ରଧାନଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ଅଜିତ କୁମାର ସାହୁ, କୋଷାଧ୍ୟକ୍ଷ ପ୍ରଭାତ କୁମାର ପାଣିଗ୍ରାହୀ, ସଭ୍ୟ ଦେବପ୍ରସାଦ ଦାଶ, ସରୋଜ ନାୟକ, ଶିବ ପ୍ରସାଦ ଷଡ଼ଙ୍ଗୀ ପ୍ରମୁଖ ଦାବିପତ୍ର ଦେଇଥିଲେ। ଏଥିସହ ସେମାନେ ନୂତନ ଜିଲାପାଳ ଅମ୍ରିତ୍ ଋତୁରାଜଙ୍କୁ ଫୁଲତୋଡ଼ା ଦେଇ ଶୁଭେଚ୍ଛା ଜଣାଇଥିଲେ।


ୟୁଜେଏ ଖୋର୍ଦ୍ଧା ଜିଲା ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ବରିଷ୍ଠ କଂଗ୍ରେସ କର୍ମୀଙ୍କ ହୃଦ୍‌ଘାତରେ ମୃତ୍ୟୁ

ସାଲେପୁର,(ଅରବିନ୍ଦ ଭୂୟାଁ): ସାଲେପୁର ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତା ତଥା ଶିଶୁଆ ପଞ୍ଚାୟତ କଂଗ୍ରେସ ସଭାପତିଙ୍କର ହୃଦ୍‌ଘାତରେ ବୁଧବାର ମୃତ୍ୟୁ ହୋଇଛି। ସାଲେପୁର ବ୍ଲକ ଶିଶୁଆ ପଞ୍ଚାୟତର ସପନପୁର ଗ୍ରାମର ବରିଷ୍ଠ କଂଗ୍ରେସ ନେତା ପ୍ରଫୁଲ୍ଲ କୁମାର ଦାଶ(୭୨) ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ସମ୍ପନ୍ନ ହୋଇଥିବାବେଳେ ପୁତ୍ର ଆଶୁତୋଷ ମୁଖାଗ୍ନି ଦେଇଥିଲେ।

# ପୂର୍ବତନ କମିଶନରଙ୍କ କାର୍ଯ୍ୟକଳାପକୁ ନେଇ ହୋହଲ୍ଲା

କଟକ,୩୦।୭(କାର୍ତ୍ତିକ ସାହୁ)

କଟକ ମହାନଗର ନିଗମ (ସିଏମ୍‌ସି)ର କାଉନ୍‌ସିଲ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ କମିଶନର ଅନାମ ଚରଣ ପାତ୍ରଙ୍କ କାର୍ଯ୍ୟକଳାପକୁ ନେଇ ବୈଠକରେ କଂଗ୍ରେସ ଓ ଭାଜପା କର୍ପୋରେଟରମାନେ ତୁମ୍ବିତୋଫାନ କରିଛନ୍ତି। ପୂର୍ବତନ କମିଶନର ମନଇଚ୍ଛା କାମ କରିବା ସହ ବିନା ଟେଣ୍ଡରରେ ୧୦୦ କୋଟିରୁ ଅଧିକ ଟଙ୍କାର କାର୍ଯ୍ୟାଦେଶ ଦେଇଛନ୍ତି। ଅଧିକାଂଶ କାର୍ଯ୍ୟ ଅଧାପନ୍ତରିଆ ଓ ନିମ୍ନମାନର ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରି ଅନେକ କର୍ପୋରେଟର ବୈଠକରେ ହୋହଲ୍ଲା କରିଥିଲେ। ସିଏମ୍‌ସିରେ ଚାଲିଥିଲା ଅଫିସର ରାଜ। ବଛାବଛା ଠିକାଦାର ଓ ଏଜେନ୍ସିରାତାରାତି ମାଲାମାଲ ହେଉଥିଲେ। ଚାକିରି ଜୀବନର ଶେଷ ମିନିଟ ପର୍ଯ୍ୟନ୍ତ କ୍ଷମତାର ଦୁରୁପଯୋଗ କରି ବ୍ୟାପକ ଦୁର୍ନୀତି କରିଛନ୍ତି ବୋଲି ଅଭିଯୋଗ ଉଠିଥିଲା। ତେବେ ସିଏମ୍‌ସି କମିଶନର ଏହା ଉପରେ ଟିକିନିଖି ତଦନ୍ତ କରିବେ, ସବୁ ଫାଇଲର ତଦନ୍ତ କରିବା ପରେ ଆବଶ୍ୟକ ପଡ଼ିଲେ ସରକାରଙ୍କ ବିଭିନ୍ନ ତଦନ୍ତ ଏଜେନ୍ସିରୁ ସହଯୋଗ ନେବା ପାଇଁ ମେୟର ପ୍ରସ୍ତାବ ଦେବା ପରେ କର୍ପୋରେଟରମାନେ ଶାନ୍ତ ପଡ଼ିଥିଲେ।



ସିଏମ୍‌ସି କାଉନ୍‌ସିଲ ବୈଠକରେ କର୍ପୋରେଟରମାନେ ହୋହଲ୍ଲା କରୁଛନ୍ତି।

ସିଏମ୍‌ସି ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ବିଜୁ ଭବନସ୍ଥିତ ବିଶ୍ୱନାଥ ରଥ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ସହରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ୧୮ ନଂ. ୱାର୍ଡ଼ରେ କାମ ହେଉ ନ ଥିବା ଅଭିଯୋଗ ଆଣି କର୍ପୋରେଟର ମହମ୍ମଦ ଇଫ୍‌ତେଖର ଆଲମ ବୈଠକ ମଝିରେ ଧାରଣାରେ ବସିଥିଲେ। ବିଭାଗୀୟ ଯନ୍ତ୍ରୀଙ୍କ ସହ ଆଲୋଚନା କରି ରାସ୍ତା, ପରିମଳ ବ୍ୟବସ୍ଥା ଓ ପଡ଼ି ରହିଥିବା ଅନ୍ୟାନ୍ୟ କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ପ୍ରତିଶ୍ରୁତି ମିଳିବା ପରେ ସେ ଧାରଣାରୁ ଓହରିଥିଲେ। ଗେଲ ଇଣ୍ଡିଆ କର୍ମଚାରୀ ଜନପ୍ରତିନିଧିଙ୍କୁ ବିଭିନ୍ନ ସମୟରେ ଦୁର୍ବ୍ୟବହାର କରୁଥିବା ୯ ନଂ. ୱାର୍ଡ଼ କର୍ପୋରେଟର ବିକାଶ ବେହେରା ଅଭିଯୋଗ ଉଠାଇଥିଲେ। ଗେଲ ଇଣ୍ଡିଆ ସହରର ବିଭିନ୍ନ ସ୍ଥାନରେ ଗ୍ୟାସ ପାଇପ ଲାଇନ ବିଛା କାର୍ଯ୍ୟ ଜାରି ରଖିଛି। ମହାନଗର ନିଗମ ସହ ସମନ୍ୱୟ ରଖି କାର୍ଯ୍ୟ କରୁନାହାନ୍ତି। ଫଳରେ ନୂଆ ରାସ୍ତାକୁ ମନଇଚ୍ଛା ଖୋଲି ଦେଉଛନ୍ତି। ପରେ ଏହାର ଠିକ ଭାବେ ମରାମତି ନ କରି ଛାଡ଼ି ଚାଲି ଯାଉଛନ୍ତି। ଜନସାଧାରଣ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଏହାକୁ ନେଇ ଗେଲ ଇଣ୍ଡିଆ ଯନ୍ତ୍ରୀଙ୍କୁ ମେୟର ତାଗିଦ କରିବା ସହ ଯଦି ଗେଲ ଇଣ୍ଡିଆ ଯେଉଁଠି ରାସ୍ତା ଖୋଳା କାମ ସରିବା ପରେ ପୂର୍ବରୁ ଯେପରି ରାସ୍ତା ଥିବା ସେପରି କରିବାକୁ ମେୟର ନିର୍ଦ୍ଦେଶ ଦେଇଥିଲେ।

### ସିଏମ୍‌ସି କାଉନ୍‌ସିଲ ବୈଠକ
### ରାସ୍ତାଘାଟ, ପରିମଳ, ସ୍ୱଚ୍ଛତା ଉପରେ ଗୁରୁତ୍ୱ

ସେହିପରି ଆଗକୁ ପାର୍ବଣ ଆସୁଥିବା ବେଳେ ସହରରେ ରାସ୍ତାଘାଟ, ପରିମଳ, ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବାକୁ ମେୟର ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ସ୍ୱଚ୍ଛସାଥୀମାନେ ସଫେଇ, ପରିମଳ ଉପରେ କାର୍ଯ୍ୟ କରିଥାନ୍ତି। ମାତ୍ର ସେମାନଙ୍କୁ ମାସିକ ୪ ହଜାର ଟଙ୍କା ବେତନ ମିଳୁଥିଲା। ସେମାନଙ୍କ ବେତନ ବୃଦ୍ଧି ନେଇ କର୍ପୋରେଟର ଗଗନ ଓଝାଙ୍କ ସମେତ ଅନ୍ୟ କର୍ପୋରେଟରମାନେ ପ୍ରସଙ୍ଗ ଉଠାଇଥିଲେ। କମିଶନରଙ୍କ ସହ ଆଲୋଚନା କରିବା ପରେ ଅଗଷ୍ଟ ୩୦ରୁ ୨ ହଜାର ଟଙ୍କା ବେତନ ବୃଦ୍ଧି କରାଯାଇ ଲାଗୁ କରାଯିବ। ସ୍ୱଚ୍ଛସାଥୀମାନେ ସେପ୍ଟେମ୍ବରରୁ ବର୍ଦ୍ଧିତ ୬୦୦୦ ଟଙ୍କା ବେତନ ପାଇବେ ବୋଲି ମେୟର ସ୍ପଷ୍ଟ କରିଥିଲେ। ଏଥିସହ ଆହୁରି ଅନେକ ପ୍ରସଙ୍ଗକୁ ନେଇ ସିଏମ୍‌ସି କାଉନ୍‌ସିଲ ବୈଠକ ସରଗରମ ହୋଇଥିଲା।

# ବିରୋଧ ପରେ ବନ୍ଦହେଲା ଗ୍ରାମସଭା



ଗ୍ରାମର ଜଣେ ମହିଳାଙ୍କ ଉପସ୍ଥିତିରେ ଚାଲୁଥିବା ଗ୍ରାମସଭା।

ମଙ୍ଗୁଳି–ଜଗତପୁର,୩୦।୭(ମାନସ ସାମଲ)

ଟାଙ୍ଗୀ– ଚୌଦ୍ୱାର ବ୍ଲକ ଅଧୀନ ମହିଷାଲଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ବ୍ଲକ ପ୍ରଶାସନ ନିର୍ଦ୍ଦେଶ ଅନୁଯାୟୀ ସରପଞ୍ଚ କଲ୍ୟାଣୀ ରାଉତ ବୁଧବାର ଏକ ଗ୍ରାମସଭା ଆୟୋଜନ କରିଥିଲେ। ପଞ୍ଚାୟତସ୍ତରୀୟ ସହକାରୀ ବିକାଶ ଅଧିକାରୀଙ୍କ ଉପସ୍ଥିତିରେ ସରପଞ୍ଚଙ୍କ ସ୍ୱାମୀ, ସମିତିସଭ୍ୟଙ୍କ ସମେତ ମାତ୍ର ଗ୍ରାମର ଜଣେ ମହିଳାଙ୍କୁ ନେଇ ଗ୍ରାମସଭା ଚାଲିଥିଲା। ଏହି ଖବର ପ୍ରଘଟ ହେବା ପରେ ସ୍ଥାନୀୟ ଭାଜପା ଯୁବ ନେତା ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ୧୦ ଉର୍ଦ୍ଧ୍ୱ ଭାଜପା କର୍ମୀ ପହଞ୍ଚି ୬ଟି ଗ୍ରାମରେ କୌଣସି ସୂଚନା ନ ଦେଇ କାହିଁକି ଗ୍ରାମସଭା କରୁଛ ବୋଲି ପଞ୍ଚାୟତସ୍ତରୀୟ ସହକାରୀ ବିକାଶ ଅଧିକାରୀ ଓ ସରପଞ୍ଚଙ୍କୁ ପଚାରିଥିଲେ। ସେମାନେ କୌଣସି ସନ୍ତୋଷଜନକ ଉତ୍ତର ନ ରଖି ଗ୍ରାମସଭାରୁ ଛାଡି ଚାଲି ଯିବାକୁ ଚେଷ୍ଟା କରିଥିଲେ। ଏ ସଂକ୍ରାନ୍ତରେ ଭାଜପା ଯୁବ ନେତା ବେହେରା ଅତିରିକ୍ତ ବିଡିଓଙ୍କୁ ଫୋନ ଯୋଗେ ଜଣାଇଥିଲେ। ଅତିରିକ୍ତ ବିଡିଓ ପହଞ୍ଚି ଗ୍ରାମ ସଭା ବନ୍ଦ ରଖିବା ସହ ଉଭୟଙ୍କୁ ତାଗିଦ କରିଥିଲେ। ଏ ନେଇ ଅତିରିକ୍ତ ବିଡିଓ ଶାସତ ଜେନାଙ୍କୁ ପଚାରିବାରୁ ବ୍ଲକ ସଂଯୋଜକଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ ଅନ୍ୟ ଏକ ଦିନ ସ୍ଥିର କରିବା ସହ ୬ଟି ଗ୍ରାମରେ ନୋଟିସ ଦେବା ପରେ ଗ୍ରାମସଭା କରାଯିବ ବୋଲି କହିଥିଲେ। ବିରୋଧ ସମୟରେ ସ୍ଥାନୀୟ ଭାଜପା କର୍ମୀ ସୁକାନ୍ତ ସ୍ୱାଇଁ, ନେଲସନ ରାଉତ, ପବିତ୍ର ରାଉତ, ଦୀପକ ପ୍ରଧାନ, ପଦନ ପ୍ରଧାନ, ସୌମ୍ୟ ରଞ୍ଜନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି

ସାଲେପୁର,୩୦।୭( ଅରବିନ୍ଦ ଭୂୟାଁ)

ସାଲେପୁର ଥାନା ଅନ୍ତର୍ଗତ ମାଛୁଆତି ଗ୍ରାମରେ ବୁଧବାର ଅପରାହ୍ନରେ ଘରେ କେହି ନ ଥିବା ସୁଯୋଗରେ ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା ରୁପା ଗହଣା ସହ ନଗଦ ଟଙ୍କା ଦୁର୍ବୃତ୍ତମାନେ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ମଧୁସ୍ମିତା ପଣ୍ଡା ଓ ସ୍ୱାମୀ ଅଜୟ କୁମାର ମଲ୍ଲିକ ଅପରାହ୍ନ ୪ଟାରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସନ୍ଧ୍ୟା ୭ଟାରେ ଘରକୁ ଫେରି ଦେଖିଥିଲେ ଦୁର୍ବୃତ୍ତମାନେ ଗ୍ରୀଲ ଭାଙ୍ଗି ଭିତରେ ପଶିଛନ୍ତି। ଗଡ୍‌ରେଜ ଭାଙ୍ଗି ସେଥିରେ ଥିବା ସୁନା ଚେନ ୪ଟା, ଲକେଟ ୧ଟା, ମଙ୍ଗଳସୂତ୍ର ୧ଟା, ମୁଦି ୧ଟା, କାନଫୁଲ ୧ହଳ, ନାକଫୁଲ ୪ଟା, ରୁପା ଗହଣା ସହ ନଗଦ ୩୦ ହଜାର ଟଙ୍କା ଚୋରି ହୋଇଛି। ଏ ନେଇ ଥାନାରେ ମଧୁସ୍ମିତା ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତିକରି ସାଇଣ୍ଟିଫିକ ଟିମ୍ ସହ ତଦନ୍ତ ଚଳାଇଛି।

### ବେଙ୍ଗାଲୁରୁରେ ଓଡ଼ିଆ ଶ୍ରମିକଙ୍କ ହୃଦ୍‌ଘାତରେ ମୃତ୍ୟୁ

ଟିଗିରିଆ,୩୦।୭(ଜାଫର ଖାଁ)

ଟିଗିରିଆ ଥାନା ଅନ୍ତର୍ଗତ ଜେମାଦେଇପୁର ଗ୍ରାମ ଗୋଡିସାହିର ଜଣେ ଶ୍ରମିକଙ୍କ ବେଙ୍ଗାଲୁରୁରେ ହୃଦ୍‌ଘାତରେ ମଙ୍ଗଳବାର ମୃତ୍ୟୁ ଘଟିଥିବା ପରିବାର ଲୋକ କହିଛନ୍ତି। ଗୋଡିସାହିର ମନୋଜ କୁମାର ବେହେରା (୩୪) ବେଙ୍ଗାଲୁରୁ ସିଟିରେ ଏକ ଘରୋଇ କମ୍ପାନୀରେ ବର୍ଷେ ହେବ କାମ କରୁଥିଲେ। ମଙ୍ଗଳବାର ଅପରାହ୍ନରେ ସେ ତାଙ୍କ ମା' ମଞ୍ଜୁଲତାଙ୍କ ସହ କଥା ହେବାବେଳେ ଛାତିରେ କଷ୍ଟ ହେଉଛି ବୋଲି କହି ନିକଟସ୍ଥ ଡାକ୍ତରଖାନାକୁ ଯାଇଥିଲେ। ପରୀକ୍ଷା ପରେ ହୃଦ୍‌ଘାତ ହୋଇଥିବା ଡାକ୍ତର କହି ତାଙ୍କୁ ଅପରେଶନ ପାଇଁ ଅସ୍ତ୍ରୋପଚାର ଗୃହକୁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା ଗୁରୁବାର ଗାଁରେ ତାଙ୍କ ମୃତଦେହ ପହଞ୍ଚିବ ବୋଲି ଜଣାପଡିଛି।

### ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ, ଜଣେ ଗୁରୁତର

ବାଙ୍କୀ, ୩୦।୭(ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ଥାନା ଅନ୍ତର୍ଗତ ରତାଗଡ଼ ଗୋବିନ୍ଦପୁର ପଞ୍ଚାୟତସ୍ଥିତ ସହଗାଁ ଗୋପାଳପୁର ଗାଁରେ ମଙ୍ଗଳବାର ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣରେ ସିଦ୍ଧେଶ୍ୱର ରାଉତ (୪୦) ଗୁରୁତର ହୋଇଛନ୍ତି। ସେ ସନ୍ଧ୍ୟା ସାଢ଼େ ୭ଟାରେ ଘରକୁ ଫେରୁଥିଲେ। ଏହି ସମୟରେ ପୂର୍ବରୁ ଛକି ରହିଥିବା ଗାଁର ଈଶ୍ୱର ଚନ୍ଦ୍ର ଜେନା ଓ ରଞ୍ଜିତ ଜେନା ତାଙ୍କୁ ଅଟକାଇଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ସେମାନେ ମାରଣାସ୍ତ୍ରରେ ସିଦ୍ଧେଶ୍ୱରଙ୍କୁ ଆକ୍ରମଣ କରିଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ଲାଗି ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏ ନେଇ ସିଦ୍ଧେଶ୍ୱର ବୁଧବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଛି ବୋଲି ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ କହିଛନ୍ତି।

# ଉଚ୍ଚସ୍ତରୀୟ ଟିମ୍‌ର ତଦନ୍ତ ଆରମ୍ଭ



ଉଚ୍ଚସ୍ତରୀୟ ତଦନ୍ତକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି।

ମଙ୍ଗୁଳି–ଜଗତପୁର/ଚୌଦ୍ୱାର,୩୦।୭ (ମାନସ ସାମଲ/ଆଶୁତୋଷ ଦାସ)

ଧରିତ୍ରୀ ପ୍ରଭାବ

### ଗୋଟିଏ କାମକୁ ଦୁଇଟି ବିଲ୍‌ରେ ଲକ୍ଷାଧିକ ଟଙ୍କା ହଡ଼ପ ପ୍ରସଙ୍ଗ

ଚୌଦ୍ୱାର ପୌରପାଳିକା ଅଧୀନ ୯ନଂ. ୱାର୍ଡ ଗନ୍ଧିଛକସ୍ଥିତ ବିଜୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସରେ ପାର୍କିଂ ଜୋନ ପାଇଁ ସମତୁଲ ପାଇଁ ମୁକ୍ତା ଯୋଜନାରେ କାଗଜ କଲମରେ କାମ କରାଯାଇଥିବା ଦର୍ଶାଯାଇ ୧୦ ଲକ୍ଷ ଟଙ୍କା ହଡପ କରାଯାଇଛି। ଏ ସମ୍ପର୍କରେ ସୂଚନା ଅଧିକାର କର୍ମୀ ମନୋଜ ସାହୁ ଅଭିଯୋଗ କରିଥିଲେ। ଏ ନେଇ ଧରିତ୍ରୀରେ ଗତ ଜୁନ ୬ ତାରିଖ 'ଗୋଟିଏ କାମକୁ ଦୁଇଟି ବିଲରେ ଲକ୍ଷାଧିକ ଟଙ୍କା ହଡ଼ପ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହି ପରିପେକ୍ଷୀରେ ବୁଧବାର ତୁଡ଼ାର ଏକ ଉଚ୍ଚସ୍ତରୀୟ ତଦନ୍ତକାରୀ ଟିମ ଗାନ୍ଧିଛକସ୍ଥିତ ବିଜୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସରେ ପାର୍କିଂ ଜୋନରେ ପେଭର ବ୍ଲକ ତଦନ୍ତ କରି ଫେରିଛନ୍ତି। ନିମ୍ନମାନର କାମ ହୋଇଥିବା ସନ୍ଦେହ କରି ସୂଚନା ଅଧିକାର କର୍ମୀ ମନୋଜ ଉକ୍ତ କାମର ସମସ୍ତ ତଥ୍ୟ ଆର୍‌ଟିଆଇ ମାଧ୍ୟମରେ ମାଗିଥିଲେ। ଅପରପକ୍ଷେ ଆସିଥିବା ତଦନ୍ତକାରୀ ଟିମ କାର୍ଯ୍ୟାଦେଶ ସୂଚନା ଫଳକ ନ ପାଇ ନିରାଶ ହୋଇଥିଲେ। ଏ ସଂକ୍ରାନ୍ତରେ ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ରଙ୍କୁ ପଚାରିବାରୁ ପ୍ରଥମ ଦିନରେ କେବଳ କାମର ମେଜରମେଣ୍ଟ ମପାଯାଇଛି। କାମର ମାନ ମପାଯିବା ପରେ ଯାଇ ନିଷ୍କର୍ଷ ପହଞ୍ଚି ହେବ। ଯଦି ଟିକେ ବି କାର୍ଯ୍ୟ ଦୁର୍ନୀତି ହୋଇଥିବା ଜଣାପଡେ ତାହେଲେ ଭିଜିଲାନ୍ସକୁ ଦିଆଯିବ ବୋଲି କହିଛନ୍ତି।

### ମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ କର୍ପୋରେଟର

କଟକ,୩୦।୭(ଶିଳ୍ପା ପ୍ରିୟଦର୍ଶିନୀ)

ସିଏମ୍‌ସି ୱାର୍ଡ ନଂ–୨୬ର କର୍ପୋରେଟର ଗଗନ ଓଝା ମଙ୍ଗଳବାର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ଭେଟି କର୍ପୋରେଟରଙ୍କ ମାସିକ ଦରମା ବୃଦ୍ଧି କରିବାକୁ ଦାବି କରିଛନ୍ତି। ଦାବିପତ୍ରରେ ଓଡ଼ିଶାରେ ସମସ୍ତ ଏମ୍‌ଏଲଏ, ଜିଲା ପରିଷଦ, ସରପଞ୍ଚ ଓ ନୋମିନିମାନଙ୍କ ମାସିକ ଦରମା ଧାର୍ଯ୍ୟ ଥିବା ସମୟରେ ସମସ୍ତ କର୍ପୋରେସନର କର୍ପୋରେଟରଙ୍କ କୌଣସି ଦରମା ଧାର୍ଯ୍ୟ ରଖାଯାଇ ନାହିଁ। କେବଳ ମାସରେ ଗୋଟିଏ ଥର ଅନୁଷ୍ଠିତ ହେଉଥିବା ସାଧାରଣ ଅଧିବେଶନରେ ୨ ହଜାର ଟଙ୍କା ମିଳିଥାଏ। ଏପରିକି କୌଣସି କାରଣରୁ ଯଦିଓ ଅଧିବେଶନ ନ ହୁଏ ତେବେ ସେହି ଟଙ୍କା ମଧ୍ୟ ମିଳେ ନାହିଁ। ତେବେ ରାଜ୍ୟ ସରକାର ସମସ୍ତସ୍ଥିତିକୁ ଅନୁଧ୍ୟାନ କରି କର୍ପୋରେଟରଙ୍କ ଦରମା ସର୍ବନିମ୍ନ ମାସକୁ ୧୫ ହଜାର ଟଙ୍କା କରିବା ସହିତ ମାସକୁ ଦୁଇଟି ଅଧିବେଶନ କରିବାକୁ ସମସ୍ତ ମହାନଗର ନିଗମକୁ ପରାମର୍ଶ ଦେଲେ ସହରାଞ୍ଚଳରେ ଥିବା ମୌଳିକ ସମସ୍ୟାର ସମାଧାନ ଅଧିକାଂଶରେ ହୋଇ ପାରନ୍ତା ବୋଲି ଉଲ୍ଲେଖ କରାଯାଇଛି। ଦାବିପତ୍ର ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଗ୍ରହଣ କରିବା ସହ ଏହି ଦିଗରେ ଗୁରୁତ୍ୱ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା କର୍ପୋରେଟର ଓଝା ସୂଚନା ଦେଇଛନ୍ତି।

# ଶିକ୍ଷକ ବଦଳିକୁ ନେଇ ଅଭିଭାବକଙ୍କ ଧାରଣା



ଅଭିଭାବକମାନେ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

ଟିଗିରିଆ,୩୦।୭(ଜାଫର ଖାଁ)

### ବିଷ୍ଣୁପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ଟିଗିରିଆ ବ୍ଲକ ଅନ୍ତର୍ଗତ ହାଟମାଳ ପଞ୍ଚାୟତସ୍ଥିତ ବିଷ୍ଣୁପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ସମସ୍ୟା ଦେଖାଦେଇଛି। ଏଥିସହ ଗତ ସପ୍ତାହରେ ବିଦ୍ୟାଳୟର ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇ ତାଙ୍କ ସ୍ଥାନରେ ଜଣେ ରୋଗଗ୍ରସ୍ତ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏହାର ପ୍ରତିବାଦରେ ବୁଧବାର ଅଭିଭାବକମାନେ ବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। କେତେଜଣ ଅଭିଭାବକ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଏ ସମ୍ପର୍କରେ ବିଇଓଙ୍କୁ ଅବଗତ କରାଇଥିଲେ। ପରେ ମାସେ ମଧ୍ୟରେ ବିଦ୍ୟାଳୟକୁ ଆଉ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି ବିଇଓ ପ୍ରତିଶ୍ରୁତି ଦେବାରେ ଅଭିଭାବକମାନେ ଧାରଣା ପ୍ରତ୍ୟାହୃତ କରିଛନ୍ତି।

ବିଷ୍ଣୁପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ସହ ଶିଶୁବାଟିକା ପର୍ଯ୍ୟନ୍ତ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଏହି ୮ଟି ଶ୍ରେଣୀର ୧୦୩ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବାକୁ ପ୍ରଧାନଶିକ୍ଷକଙ୍କୁ ମିଶାଇ ମାତ୍ର ୫ ଜଣ ଶିକ୍ଷକ ରହିଛନ୍ତି। ପ୍ରଧାନଶିକ୍ଷକ ସର୍ବଦା ବିଦ୍ୟାଳୟର କାଗଜପତ୍ର ସହ ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି। ଏଥିସହ ପ୍ରତ୍ୟହ ବିଦ୍ୟାଳୟର ଜଣେ ଶିକ୍ଷକ ମଧ୍ୟାହ୍ନଭୋଜନ ଦାୟିତ୍ୱରେ ରହୁଛନ୍ତି। ମାତ୍ର ୩ ଜଣ ଶିକ୍ଷକରେ ୮ ଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ପାଠ କିଭଳି ପଢ଼ାଯିବ ତାକୁ ନେଇ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ରହିଥିଲା। ଶିକ୍ଷକ ଅଭାବରୁ ଚଳିତ ଶିକ୍ଷାବର୍ଷରେ ଅନେକ ଅଭିଭାବକ ନିଜ ପିଲାଙ୍କ ସାର୍ଟିଫିକେଟ ନେଇ ଅନ୍ୟତ୍ର ପଢ଼ାଇବା ଉଚିତ ମଣିଥିଲେ। ଏଭଳିସ୍ଥିତିରେ ଗତ ସପ୍ତାହରେ ବିଦ୍ୟାଳୟର ଜଣେ ଶିକ୍ଷକଙ୍କୁ ବିଇଓ ଅନ୍ୟତ୍ର ବଦଳି କରିଥିଲେ। ତାଙ୍କ ସ୍ଥାନରେ ଜଣେ ଶିକ୍ଷୟିତ୍ରୀ ଯିଏକି କିଡ୍‌ନୀ ରୋଗରେ ଆକ୍ରାନ୍ତ, ତାଙ୍କୁ ଏଠାରେ ନିଯୁକ୍ତି ଦିଆଯାଇଛି। ଶିକ୍ଷୟିତ୍ରୀ ବିଦ୍ୟାଳୟରେ ଶନିବାର ଯୋଗଦେଇ ଛୁଟିରେ ରହିଛନ୍ତି। ଫଳରେ ବିଦ୍ୟାଳୟର ପାଠ ପଢା ବିପର୍ଯ୍ୟସ୍ତ ହୋଇପଡିଛି। ଯାହାକୁ ନେଇ ସ୍ଥାନୀୟ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତେଣୁ ଯଥାଶୀଘ୍ର ବଦଳି ହୋଇଥିବା ଶିକ୍ଷକଙ୍କ ସହ ଅଧିକ ଶିକ୍ଷୟିତ୍ରୀଶିକ୍ଷକ ବିଦ୍ୟାଳୟରେ ନିଯୁକ୍ତି ଦେବାକୁ ଅଭିଭାବକ ଓ ଶିକ୍ଷା କମିଟି ସଭାପତି ରୋହିତ କୁମାର ସ୍ୱାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଅମର କୁମାର ମହାରଣାଙ୍କୁ ପଚାରିବାରେ ନୂଆ କରି ଦାୟିତ୍ୱ ନେଇଛି। କିଛିଦିନ ମଧ୍ୟରେ ଉକ୍ତ ବିଦ୍ୟାଳୟର ଶିକ୍ଷକ ସମସ୍ୟା ସମାଧାନ ହୋଇଯିବ ବୋଲି ସେ କହିଛନ୍ତି।

### ବିରିବାଟିଠାରେ ହମ୍ପ୍‌ସ ନିର୍ମାଣ ନ ହେଲେ ରାସ୍ତାରୋକୋ

କଟକ ସଦର,୩୦।୭(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ ବିରିବାଟି ଚାରି ଛକରେ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟି ଧନଜୀବନ କ୍ଷତି ଘଟୁଛି। ବିରିବାଟି ଚାରିଛକଠାରେ ଦୁର୍ଘଟଣା ଘଟି ଇତିମଧ୍ୟରେ ୭ଜଣଙ୍କ ମୃତ୍ୟୁ ଘଟିଲାଣି। ତେଣୁ ହମ୍ପ୍‌ସ ନିର୍ମାଣ କରା ନ ଗଲେ ଆଗାମୀ ଦିନରେ ବିରିବାଟିଠାରେ ରାସ୍ତାରୋକୋ କରାଯିବ। ଏ ନେଇ ବୁଧବାର ପରମହଂସ ସରପଞ୍ଚ ତ୍ରିଲୋଚନ ପାତ୍ର କଟକସ୍ଥିତ ପୂର୍ତ୍ତ ଡିଭିଜନ ନଂ. ୧ର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରର କପି କଟକ ଡିସିପିଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। ସୂଚନା ଯେ, ଫେବୃଆରୀରୁ ନୂଆ ବଜାର–ବିରିବାଟି ମଧ୍ୟରେ ତାଳଦଣ୍ଡା କେନାଲ ଦକ୍ଷିଣ ପାର୍ଶ୍ୱ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ୧ମାସ ତଳେ ଉକ୍ତ ରାସ୍ତାର ଡିହସାହି ନିକଟରେ ହମ୍ପସ ନିର୍ମାଣ କରାଯାଇଛି। କିନ୍ତୁ ବିରିବାଟି ଛକରେ ନ କରିବା ପ୍ରତିବାଦରେ ରାସ୍ତା ରୋକୋ କରାଯିବ ବୋଲି ସରପଞ୍ଚ ପାତ୍ର ସୂଚନା ଦେଇଛନ୍ତି।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଶିବିରରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ଅନ୍ୟମାନେ।

ବାଙ୍କୀ,୩୦।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ–ଡମପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୨ଜଣଙ୍କୁ ଟ୍ରାଇସାଇକେଲ ଓ ହୁଇଲଚେୟାର ପ୍ରଦାନ କରାଯାଇଛି। ଏଥିସହ ୭ଜଣଙ୍କୁ ବସ ପାସ ପ୍ରଦାନ କରାଯାଇଛି। ଶିବିରକୁ ମୁଖ୍ୟଅତିଥି ଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ, ବିଡିଓ ଅଂଶୁମାନ ଦାସ, ଜିଲା ପରିଷଦ ସଦସ୍ୟ ଆଶିଷ କୁମାର ସାହୁ, ସାଂସଦଙ୍କ ପ୍ରତିନିଧି ସରୋଜ କୁମାର ମତଗଜ ସିଂହ, ସମିତି ସଭ୍ୟ ଭାଗୀରଥି ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଭିନ୍ନକ୍ଷମମାନେ ନାମ ପଞ୍ଜୀକରଣ କରାଇ ଡାକ୍ତରଙ୍କ ନିକଟରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଶିବିରରେ ମୋଟ ୩୭୫ଜଣ ନାମ ପଞ୍ଜୀକରଣ କରିଥିଲେ। ଶ୍ରବଣ ବାଧିତରେ ୪୫ଜଣଙ୍କୁ ବିଭିନ୍ନ ଉପକରଣ ପ୍ରଦାନ କରାଯାଇଛି। ଶିବିରକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କୁମାର ବେହେରା ପରିଚାଳନା କରିଥିଲେ।

# ଦାନ୍ତ ଲଗାଇବାକୁ ମଗାଯାଉଛି ଟଙ୍କା

କଟକ,୩୦।୭(ଶିଳ୍ପା ପ୍ରିୟଦର୍ଶିନୀ)

### ଏସ୍‌ସିବି ଦନ୍ତ ଚିକିତ୍ସାଳୟ
### ଦାନ୍ତ ପିଛା ୧ ହଜାରରୁ ୩ ହଜାର ଟଙ୍କା

ଏସ୍‌ସିବି ଦନ୍ତ ଚିକିତ୍ସାଳୟ ଓ ମହାବିଦ୍ୟାଳୟରେ ଦାନ୍ତ ଲଗାଇବାକୁ ଡାକ୍ତର ଟଙ୍କା ମାଗିଛନ୍ତି। ୧୦୦ କି ୨୦୦ ନୁହେଁ, ବରଂ ଦାନ୍ତ ଲଗାଇବାକୁ ୧୦୦୦, ୨୬୦୦ ନଚେତ୍ ୨୯୦୦ ଟଙ୍କା ଖର୍ଚ୍ଚ କରିବାକୁହେବ ବୋଲିଜଣେ ଶିଶୁ ରୋଗୀଙ୍କ ଅଭିଭାବକଙ୍କୁ କହିଥିବା ଘଟଣା ବୁଧବାର ସାମ୍ନାକୁ ଆସିଛି। ଏଭଳି ଘଟଣା ସାମ୍ନାକୁ ଆସିବା ପରେ ଏହାକୁ ଚପାଇ ଦେବାକୁ ମେଡିକାଲ କର୍ତ୍ତୃପକ୍ଷ ଉଦ୍ୟମ କରିଛନ୍ତି।

ଘଟଣାକ୍ରମେ, କେନ୍ଦୁଝର ଅଞ୍ଚଳର ପ୍ରଫୁଲ୍ଲ କୁମାର ସେଠୀ ତାଙ୍କ ୧୪ବର୍ଷର ପୁଅ ଶିବାନନ୍ଦଙ୍କ ଦାନ୍ତ ଭାଙ୍ଗି ଯାଇଥିବାରୁ ଡାକ୍ତରଙ୍କୁ ଦେଖାଇବାକୁ କଟକ ଏସ୍‌ସିବିର ଦନ୍ତ ଚିକିତ୍ସାଳୟ ଓ ମହାବିଦ୍ୟାଳୟକୁ ଆସିଥିଲେ। ବିଭାଗର ଜଣେ ଡାକ୍ତର ଶିବାନନ୍ଦଙ୍କୁ ଦେଖିବା ପରେ ସ୍ଥାୟୀ ଦାନ୍ତ ୧୮ବର୍ଷ ପରେ ଲଗାଯିବ ଏବଂ ଏବେ ଅସ୍ଥାୟୀ (ଟେମ୍ପରାରି) ଦାନ୍ତ ଯାହାକି କୌଣସି ସମୟରେ କାଢ଼ିକି ଲଗାଇ ପାରିବ ବୋଲି ପରାମର୍ଶ ଦେଇ ଦାନ୍ତର ମାପ ଦେବାକୁ କହିଥିଲେ। ମାପ ଦେବା ପରେ ସେଠାରେ ଉପସ୍ଥିତ ଥିବା କର୍ମଚାରୀ ଶିବାନନ୍ଦଙ୍କ କେସ୍ ସାଙ୍ଘାତିକ ଥିବା କହି ଅପେକ୍ଷା କରିବାକୁ କହିଥିଲେ। ପୁଅର ଏଭଳି ସ୍ଥିତି ଶୁଣି ପ୍ରଫୁଲ୍ଲଙ୍କ ମନରେ ଭୟ ସୃଷ୍ଟି ହୋଇଥିଲା। ହେଲେ ବହୁ ସମୟ ଅପେକ୍ଷା ପରେ ଯେତେବେଳେ ରୋଗୀ ସଂଖ୍ୟା କମିଲା, ଠିକ୍ ସେତିକି ବେଳେ ଡାକ୍ତର ଜଣକ ଏକ କକ୍ଷକୁ ପ୍ରଫୁଲ୍ଲଙ୍କୁ ଡାକି ୧୦୦୦, ୨୬୦୦ ଓ ୨୯୦୦ କେଉଁ ଦାମର ଦାନ୍ତ ଲଗାଇବେ ବୋଲି ପଚାରିଥିଲେ। ଟଙ୍କା କଥା ଶୁଣିବା ପରେ ଡାକ୍ତରଙ୍କୁ ପ୍ରଫୁଲ୍ଲ ମାଗଣା ଚିକିତ୍ସା ସମ୍ପର୍କରେ ପଚାରିବାରୁ ଡାକ୍ତର କହିଥିଲେ ଦାନ୍ତ ଏବେ ମେଡିକାଲରେ ଉପଲବ୍ଧ ନାହିଁ, ସେଥିପାଇଁ ଏବେ ଟଙ୍କା ଦେଇ କିଣି ନେଇ ଲଗାଇବାକୁ ହେବ। ହେଲେ ପ୍ରଫୁଲ୍ଲ ପରିବାର ଲୋକଙ୍କ ସହ ଆଲୋଚନା କରି ଜଣାଇବି ବୋଲି କହିବାରୁ ଡାକ୍ତର ଜଣକ ନିଜ ନମ୍ବର ଦେଇ ଯୋଗାଯୋଗ କରିବାକୁ କହିଥିଲେ। ଟଙ୍କା ମାଗିବା ଘଟଣା ନେଇ ପ୍ରଫୁଲ୍ଲ ସମ୍ପର୍କୀୟଙ୍କ ସମେତ ସେଠାରେ ଥିବା ଅନ୍ୟ ଡାକ୍ତର କର୍ମଚାରୀଙ୍କୁ ପଚାରିବା ସହ ସାମାଜିକ ଅନୁଷ୍ଠାନ ସୁଭାଷ ସଙ୍ଗଠନର ସମ୍ପାଦକ ସୁରେଶ ମହାନ୍ତଙ୍କୁ ଏ ବିଷୟରେ ଜଣାଇଥିଲେ। ଏସ୍‌ସିବିରେ ଟଙ୍କା ଖର୍ଚ୍ଚ କରିବାକୁ ପଡିନ ନାହିଁ ବୋଲି ସମସ୍ତେ କହିଥିଲେ। ପ୍ରଫୁଲ୍ଲ ପୁନର୍ବାର ସମ୍ପୃକ୍ତ ଡାକ୍ତରଙ୍କ କକ୍ଷକୁ ଯାଇଥିବାବେଳେ ଡାକ୍ତର ଜଣକ ଅନୁପସ୍ଥିତ ଥିଲେ। ଏହି ଘଟଣା ସମ୍ପର୍କରେ ସେଠାରେ ଥିବା ଅନ୍ୟ ଡାକ୍ତରଙ୍କୁ ପ୍ରଫୁଲ୍ଲ କହିବାରୁ ଘଟଣା କର୍ତ୍ତୃପକ୍ଷଙ୍କ ନିକଟରେ ପହଞ୍ଚିଥିଲା। ଏ ନେଇ ପ୍ରଫୁଲ୍ଲ କହିଛନ୍ତି, ଏସ୍‌ସିବିରେ ଟଙ୍କା ଖର୍ଚ୍ଚ କରିବାକୁ ପଡି ନ ଥାଏ ବୋଲି ଜାଣିଥିଲି ଏବଂ ସେଥିପାଇଁ ଡାକ୍ତର ଟଙ୍କା ଖର୍ଚ୍ଚ ହେବା କଥା କହିବାରୁ ଓଲଟା ପ୍ରଶ୍ନ କରିଥିଲି। ଘଟଣା ବିଷୟରେ ଅନ୍ୟ ଡାକ୍ତର ଓ କର୍ତ୍ତୃପକ୍ଷ ଜାଣିବା ପରେ କୌଣସି ଟଙ୍କା ଦେବାକୁ ହେବ ନାହିଁ ବୋଲି କହିଛନ୍ତି ଏବଂ ଦାନ୍ତ ମାପ ଦେବା ସହ ଯେବେ ମେଡିକାଲରୁ ଫୋନ ଯିବ ସେବେ ଦାନ୍ତ ଲଗାଇବାକୁ ଆସିବାକୁ କହିଛନ୍ତି। ଘଟଣା ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷ କାହାକୁ କିଛି ପ୍ରକାଶ କରିବାକୁ ମନା କରିଥିବା ସେଠୀ କହିଛନ୍ତି। ଏହି ଘଟଣାରେ ଦନ୍ତ ଚିକିତ୍ସାଳୟ ଓ ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର ଡା. ରତ୍ନାରେଣୁ ବଳିଆରସିଂଙ୍କୁ ପଚାରିବାରୁ କହିଛନ୍ତି ଯେ, ଘଟଣା ସମ୍ପର୍କରେ ଅଗବତ ହେବା ପରେ ପଚରାଉଚରା କରାଯାଇଛି। ଏହାସହ ଆଜି ପିଲାଟିର ଦାନ୍ତର ମାପ ନିଆଯାଇଛି ଏବଂ ଆଗାମୀ ୧୫ ଦିନ ମଧ୍ୟରେ ଦାନ୍ତ ଲଗାଯିବ ବୋଲି ସେ କହିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୦।୭।୨୦୨୫

| | |
|---|---|
| ୩,୩୧,୫୮୬ ଟଙ୍କା | |
| ସୁନା | ୨୦୦ ମିଲିଗ୍ରାମ୍ |
| ରୁପା | ୬୮.୯୦୦ ଗ୍ରାମ୍ |

# ନୂଆ ଟେକ୍ନୋଲୋଜିରେ ହେବ ଯାଞ୍ଚ

ପୁରୀ ୩୦।୭(ଅଜିତ୍ କୁମାର ମହାନ୍ତି)

■ ଶ୍ରୀମନ୍ଦିର ଚାରିଦ୍ୱାରରେ ସୁରକ୍ଷା ବୃଦ୍ଧି ପାଇଁ ପ୍ରସ୍ତାବ
■ ସ୍ପାଏ କ୍ୟାମେରା ଧରିବାକୁ ଦିଆଯାଉଛି ପ୍ରଶିକ୍ଷଣ

ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତ ପୁରୀକୁ ଛୁଟି ଆସୁଛନ୍ତି। ଭକ୍ତମାନେ ଅଜାଣତରେ ହେଉ କି ଜାଣତରେ ହେଉ ଶ୍ରୀମନ୍ଦିର ମଧ୍ୟକୁ ମୋବାଇଲ, କ୍ୟାମେରା ଭଳି ଜିନିଷ ନେଇଯାଉଥିବା ଦେଖିବାକୁ ମିଳୁଛି। ଏପରିକି ଶ୍ରୀମନ୍ଦିର ବାହାରେ ଓ ଭିତରେ ପୋଲିସ ମୁତୟନ କରାଯାଉଥିଲେ ମଧ୍ୟ ସୁରକ୍ଷା କବଚକୁ ଭେଦକରି ଶ୍ରୀମନ୍ଦିର ଭିତର ଫଟୋ ଓ ଭିଡିଓ ଭାଇରାଲ୍ କରୁଛନ୍ତି। ପ୍ରତିବର୍ଷ ଭକ୍ତଙ୍କ ସଂଖ୍ୟା ବୃଦ୍ଧି ହେବା ସହ ଆଧୁନିକ ଜ୍ଞାନକୌଶଳ ମଧ୍ୟ ବୃଦ୍ଧିପାଉଛି। ଫଳରେ ଅନେକ ସମୟରେ ଆଧୁନିକ ଜ୍ଞାନକୌଶଳର ଅପବ୍ୟବହାର କରାଯାଇ ଶ୍ରୀମନ୍ଦିର ଭିତରର ଫଟୋ ଓ ଭିଡିଓ ଭାଇରାଲ୍ ହେଉଛି। ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ସେହି ପୁରାତନ ଢାଞ୍ଚାରେ ରହିଆସିଛି। ତେଣୁ ଶ୍ରୀମନ୍ଦିର ଚାରିଦ୍ୱାରରେ ସୁରକ୍ଷା ବୃଦ୍ଧି ପାଇଁ ନୂଆ ଟେକ୍ନୋଲୋଜିରେ ଯାଞ୍ଚ କରାଯିବ ବୋଲି ପ୍ରସ୍ତାବ ଦିଆଯାଇଛି।

ଶ୍ରୀମନ୍ଦିର ଭିତର ଫଟୋ ଓ ଭିଡିଓ ଭାଇରାଲ୍ ସହିତ ସ୍ପାଏ କ୍ୟାମେରା ଜବତ ଘଟଣାରେ ଏସ୍‌ପି ପିନାକ ମିଶ୍ର କହିଛନ୍ତି, ଶ୍ରୀମନ୍ଦିରକୁ ମୋବାଇଲ୍ ଓ କ୍ୟାମେରା ନେବା ଉପରେ କଟକଣା ରହିଛି। ଏପରିକି ଶ୍ରୀମନ୍ଦିର ଭିତର ଫଟୋ ଉତ୍ତୋଳନ ଉପରେ ମଧ୍ୟ ବାରଣ କରାଯାଇଛି। ଶ୍ରୀମନ୍ଦିରର ସୁରକ୍ଷା ଆମ ପାଇଁ ସବୁଠାରୁ ବଡ଼ଦାୟିତ୍ୱ। ଶ୍ରୀମନ୍ଦିରର ସୁରକ୍ଷା ପାଇଁ ଶ୍ରୀମନ୍ଦିର ସ୍ୱତନ୍ତ୍ର ସୁରକ୍ଷା ବାହିନୀ, ଜିଲା ପୋଲିସ, ସିଂହଦ୍ୱାର ଥାନା ସମ୍ପୂର୍ଣ୍ଣ ଆଲର୍ଟ ରହିଛି। ଏବେ ନୂଆ ନୂଆ ତରିକାରେ ସ୍ପାଏ କ୍ୟାମେରା ଶ୍ରୀମନ୍ଦିରକୁ ପ୍ରବେଶ କରୁଥିବାରୁ ତାହା ପୋଲିସ ପାଇଁ ବଡ଼ଚାଲେଞ୍ଜ ସୃଷ୍ଟି କରିଛି। ସ୍ପାଏ କ୍ୟାମେରା ଧରିବା ପାଇଁ ପୋଲିସ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଶ୍ରୀମନ୍ଦିର ଚାରି ଦ୍ୱାରରେ ସୁରକ୍ଷା ବୃଦ୍ଧି ପାଇଁ ପ୍ରସ୍ତାବ ରହିଛି। ଚାରି ଦ୍ୱାରରେ ଲଗେଜ ସ୍କାନିଂ ମେଶିନ, ଆଣ୍ଟି ଡ୍ରୋନ୍ ସିଷ୍ଟମ ଲଗାଇବା ନେଇ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି।

ସୂଚନାଯୋଗ୍ୟ, ଶ୍ରୀମନ୍ଦିର ସୁରକ୍ଷା ବଳୟ ଭେଦକରି ଜଣେ ଯୁବକ ସ୍ପାଏ କ୍ୟାମେରା ନେଇ ଯାଇଥିବା ଜଣାପଡ଼ିଥିଲା। ଯୁବକ ଜଣଙ୍କ ନିଜ ଚଷମାରେ ଲେନ୍ସ ଲଗାଇ ଭିତର ଭିଜୁଆଲ ଉତ୍ତୋଳନ କରୁଥିଲେ। ଚଷମାରେ ଲାଗିଥିବା ଲେନ୍ସରୁ ଫୋଟୋ ଭିଡିଓ ଗୁଡ଼ିକ ସିଧାସଳଖ ମୋବାଇଲ୍‌କୁ ଟ୍ରାନ୍ସଫର ହେଉଥିଲା ବୋଲି ଅଭିଯୋଗ ହୋଇଥିଲା। ଯୁବକଙ୍କ ଉପରେ ସନ୍ଦେହ ହେବାରୁ ପୋଲିସ ଯୁବକଙ୍କୁ ବେହେରଣ ଦ୍ୱାର ନିକଟରୁ ଧରିଥିଲା। ଶ୍ରୀମନ୍ଦିର ଭିତରୁ ଚଷମାରେ ଲାଗିଥିବା ସ୍ପାଏ କ୍ୟାମେରା ଜବତ ଘଟଣାରେ ଅଟକ ଥିବା ଯୁବକଙ୍କୁ ପୋଲିସ ଛାଡ଼ି ଦେଇଥିବା ଜଣାପଡ଼ିଛି। ସ୍ପାଏ କ୍ୟାମେରା ଦ୍ୱାରା କୌଣସି ଫଟୋ ଏବଂ ଭିଡିଓ ରେକର୍ଡ ହୋଇ ନ ଥିବା ପୋଲିସ ତଦନ୍ତ କରି ଜାଣିବା ପରେ ଯୁବକଙ୍କୁ ତାଗିଦା କରି ଛାଡ଼ିଦେବା ସହ ଅଭିଭାବକଙ୍କୁ ଅବଗତ କରାଯାଇଛି ବୋଲି ଏସ୍‌ପି କହିଛନ୍ତି। ସେପଟେ ପୁରୀ ସମୁଦ୍ର କୂଳରେ ମହିଳାଙ୍କ ସୁରକ୍ଷା ପାଇଁ ଆଗାମୀ ଦିନରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ଏଦିଗରେ ପୋଲିସ ନଜର ରଖିଛି।

# ରାଷ୍ଟ୍ରପତି ଭବନରେ ପୁରୀ ପଟ୍ଟଚିତ୍ର ଶିଳ୍ପୀ ସମ୍ମାନିତ



ରାଷ୍ଟ୍ରପତିଙ୍କ ସହ ସମ୍ମାନିତ ପଟ୍ଟଚିତ୍ର ଶିଳ୍ପୀ।

ପୁରୀ,୩୦।୭(ଅଜିତ୍ କୁମାର ମହାନ୍ତି)

ଚଳିତମାସ ୧୪ରୁ ୨୪ ତାରିଖ ଯାଏ ଦିଲ୍ଲୀ ରାଷ୍ଟ୍ରପତି ଭବନରେ ୧୧ ଦିନିଆ କଳା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଶିଳ୍ପୀଗ୍ରାମ ଦାଣ୍ଡସାହିର ବିଭୁ ମହାରଣା, ବିଜୟ କୁମାର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ମହାରଣା, ଲିଙ୍ଗରାଜ ମହାରଣା, ଭାସ୍କର ମହାରଣା, ରମେଶ ଚନ୍ଦ୍ର ମହାରଣା, ପ୍ରହ୍ଲାଦ ମହାପାତ୍ର, ପ୍ରଶାନ୍ତ ଦାସ ଏବଂ କଟକ ଆଠଗଡର ରବିନାରାୟଣ ମହାପାତ୍ର ଯୋଗ ଦେଇଥିଲେ। ଏହି କଳା ଶିବିର ଉଦ୍‌ଯାପନୀ ଉତ୍ସବରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଟ୍ଟଚିତ୍ର ଶିଳ୍ପୀମାନଙ୍କୁ ସମ୍ମାନିତ କରି ଉତ୍ସାହିତ କରିଥିଲେ।

## ଭାର୍ଗବୀ ନଦୀକୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ
## ୪ ଯୁବକ ଉଦ୍ଧାର କଲେ

ବଳଙ୍ଗା,୩୦।୭(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଭାର୍ଗବୀ ସେତୁ ଉପରୁ ନଦୀକୁ ଡେଇଁ ଜଣେ ମହିଳା ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ୪ ଯୁବକ ତାଙ୍କୁ ଉଦ୍ଧାର କରିଛନ୍ତି। ତେବେ ଆତ୍ମହତ୍ୟା ଉଦ୍ୟମର କାରଣ ଜଣାପଡ଼ି ନାହିଁ। ସୂଚନାଯୋଗ୍ୟ, ଉଚ୍ଛୁପୁର ପଞ୍ଚାୟତ ଅଧୀନ ନରୁଡ଼ା ଗ୍ରାମର ସନାତନ ଜେନାଙ୍କ ସ୍ତ୍ରୀ ନମିତା ଜେନା(୩୫) ବୁଧବାର କୌଣସି କାରଣକୁ ନେଇ ନିଜଘରଠାରୁ ୩ କି.ମି. ବଳଙ୍ଗାଠାରେ ଥିବା ଭାର୍ଗବୀ ନଦୀ ସେତୁ ଉପରୁ ନଦୀ ମଧ୍ୟକୁ ଡେଇଁ ପଡ଼ି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ଉପସ୍ଥିତ ଥିବାରୁ ସେମାନଙ୍କ ମଧ୍ୟରୁ କେତେଜଣ ଯୁବକ ନଦୀ ମଧ୍ୟକୁ ଡେଇଁ ନିଜ ଜୀବନକୁ ବାଜି ଲଗାଇ ଉକ୍ତ ମହିଳାଙ୍କୁ ପୁରୁଣା ବଳଙ୍ଗା ଗାଁ ମୁଣ୍ଡରେ ଉଦ୍ଧାର କରିଥିଲେ। ଖବରପାଇ ବଳଙ୍ଗା ପୋଲିସ ପହଞ୍ଚି ମହିଳାଙ୍କୁ ଗାଡ଼ିରେ ନେଇ ମଙ୍ଗଳପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ପରେ ପୋଲିସ ତଦନ୍ତ ଜାରି ରଖିଛି।



ବାର୍ଷିକ ଉତ୍ସବରେ କୃତୀ କ୍ରୀଡ଼ାବିତ୍‌ଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଉଛି।

## ଦି ସ୍କୁଲ ଅଫ୍ ଟାଏକୋଣ୍ଡୋର ପଞ୍ଚମ ବାର୍ଷିକୋତ୍ସବ

ପୁରୀ,୩୦।୭(ଅଜିତ୍ କୁମାର ମହାନ୍ତି)

ଦି ସ୍କୁଲ ଅଫ୍ ଟାଏକୋଣ୍ଡୋ ପକ୍ଷରୁ ପୁରୀର ଦୋଳମଣ୍ଡପ ସାହି ସ୍ଥିତ ଅମିନ ଜାଗା କ୍ରୀଡ଼ା ପ୍ରାଙ୍ଗଣରେ ବେଲ୍ଟ, ପ୍ରଶଂସାପତ୍ର ଓ ପଦକ ବିତରଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରୀ ଟାଉନ୍ ଥାନାର ଇନ୍ସପେକ୍ଟର୍ ଇନଚାର୍ଜ ଗୋକୁଳ ରଞ୍ଜନ ଦାସ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ।

ଅତିଥିମାନଙ୍କ ମଧ୍ୟରେ ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ, ଦି ସ୍କୁଲ ଅଫ୍ ଟାଏକୋଣ୍ଡୋର ସଭାପତି ଅଜୟ କୁମାର ସାହୁ, ବିଶିଷ୍ଟ ବ୍ୟବସାୟୀ ହରିବନ୍ଧୁ ସାହୁ, ଅମିନ ଜାଗାର ସଭାପତି ସୋମନାଥ ପଣ୍ଡା, ସମ୍ପାଦକ ଜମ୍ବେଶ୍ୱର ପୂଜାପଣ୍ଡା ଓ କୋଷାଧ୍ୟକ୍ଷ ବାବନ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡ଼ା ଦ୍ୱାରା ଆମେ ସୁସ୍ଥ ରହିପାରିବା ଓ ଆଜିର ସମୟରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣର ଉପଯୋଗୀତା ବିଷୟରେ ଅତିଥିମାନେ କହିଥିଲେ। ଦ୍ୱିତୀୟ ଡାନ ବ୍ଲାକ ବେଲ୍ଟ ପ୍ରାପ୍ତ ଦେବାଶିଷ ସାହୁ ଓ ପ୍ରଥମ ଡାନ ବ୍ଲାକବେଲ୍ଟପ୍ରାପ୍ତ ଅମ୍ରିତା ସାହୁଙ୍କ ସମେତ ବିଭିନ୍ନ ପ୍ରତିଯୋଗିତାର ଅଂଶଗ୍ରହଣ କରିଥିବା ୫୫ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ମୁଖ୍ୟ କୋଚ ତଥା ସମ୍ପାଦକ ଅଭିଜିତ୍ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ ବିନୋଦ ସେନାପତି ମଞ୍ଚ ପରିଚାଳନା କରିଥିଲେ।

## ମେସ୍ ମାଲିକାଣୀ-ଅନ୍ତେବାସୀ ଛାତ୍ରୀ ମାର୍‌ପିଟ

ପୁରୀ,୩୦।୭(ଅଜିତ୍ କୁମାର ମହାନ୍ତି)

**ଛାତ୍ରୀ ଆଣିଲେ ସଙ୍ଗିନ ଅଭିଯୋଗ**

ପୁରୀ ଟାଉନ ଥାନା ଅଞ୍ଚଳରେ ଥିବା ଏକ ମେସ୍‌ରେ ବୁଧବାର ମାଲିକାଣୀ ଏବଂ ଜଣେ ଅନ୍ତେବାସୀ ଛାତ୍ରୀଙ୍କ ମଧ୍ୟରେ ମାର୍‌ପିଟ୍ ଘଟିଛି। ଏଥିରେ ଛାତ୍ରୀଜଣକ ଆହତ ହୋଇଛନ୍ତି। ଖବର ପାଇ ପିସିଆର୍ ଭ୍ୟାନ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଛାତ୍ରୀଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛି। ମାଲିକାଣୀଙ୍କର ଏକ ପାର୍ଲର ରହିଛି ଏବଂ ସେ ସେକ୍ସ ର୍‌ୟାକେଟ ଚଳାଉଥିବା ଛାତ୍ରୀ ଜଣକ ସଙ୍ଗିନ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ଉଭୟ ମେସ୍ ମାଲିକାଣୀ ଓ ଅନ୍ତେବାସୀ ଛାତ୍ରୀ ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ମେସ୍‌ରେ ୮ ଜଣ ଛାତ୍ରୀ ରହୁଛନ୍ତି। ମାର୍‌ପିଟ୍‌ରେ ଆହତ ହୋଇଥିବା କଟକ ଅଞ୍ଚଳର ଛାତ୍ରୀଜଣକ ଗତ ୧୦ ତାରିଖଠାରୁ ସେଠାରେ ରହୁଥିଲେ। ତେବେ ମେସ୍ ମାଲିକାଣୀ ତାଙ୍କ ପାର୍ଲରରେ ସେକ୍ସ ର୍‌ୟାକେଟ ଚଳାଉଥିବା ଛାତ୍ରୀଜଣକ ସନ୍ଦେହ କରିଥିଲେ। ଏପରିକି ତାଙ୍କୁ ସେକ୍ସ କାରବାରରେ ସଂଶ୍ଳିଷ୍ଟ କରାଇବା ପାଇଁ ମାଲିକାଣୀ ଉଦ୍ୟମ କରିଥିଲେ। ସେ ଅରାଜି ହେବାରୁ ତାଙ୍କୁ ରାତିରେ ମାର୍‌ପିଟ୍ କରି ମେସ୍‌ରୁ ବାହାର କରିଦେବାକୁ ମାଲିକାଣୀ ଚେଷ୍ଟା କରିଥିଲେ ବୋଲି ସମ୍ପୃକ୍ତା ଛାତ୍ରୀ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ କେନ୍ଦ୍ର କରି ବୁଧବାର ଉଭୟଙ୍କ ମଧ୍ୟରେ ମାରପିଟ ହୋଇଥିଲା ବୋଲି ପୋଲିସ କହିଛି।

## ଗୁଣ୍ଡିଚାମନ୍ଦିର ସମ୍ମୁଖରେ ଭାଜପା ପକ୍ଷରୁ ବିକ୍ଷୋଭ

ପୁରୀ,୩୦।୭(ଅଜିତ୍ କୁମାର ମହାନ୍ତି)

ପୁରୀ ଗୁଣ୍ଡିଚାମନ୍ଦିର ସମ୍ମୁଖରେ ଭାଜପା ପକ୍ଷରୁ ମହିଳା ନିର୍ଯାତନାକାରୀ ଅମରେଶ ଜେନା ଓ ଉଦିତ ପ୍ରଧାନଙ୍କୁ ଧିକ୍କାର କରି ବୁଧବାର ରାହୁଲ ଗାନ୍ଧୀ, ନବୀନ ପଟ୍ଟନାୟକ ଏବଂ ଭକ୍ତ ଦାସଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଜିଲା ସଭାପତି ଡ. ଦେବେନ୍ଦ୍ର ନାଥ ତରେଇଙ୍କ ନେତୃତ୍ୱରେ ପୁରୀ ଜିଲାର ଶତାଧିକ କର୍ମୀ ଯୋଗଦେଇ କଂଗ୍ରେସ ଏବଂ ବିଜେଡି ସରକାର ବିରୋଧରେ ନାରାବାଜି କରିବା ସହିତ ବିଜେଡି ସରକାର ସମୟରେ ଘଟିଥିବା ନାରୀ ନିର୍ଯାତନା ବିଷୟରେ ଗଣମାଧ୍ୟମକୁ ଜଣାଇଥିଲେ। ଏଥିରେ ଭାଜପାର ଜିଲା ସାଧାରଣ ସମ୍ପାଦକ ଉମାକାନ୍ତ ନାୟକ, ଦେବ ପ୍ରସାଦ ସ୍ୱାଇଁ, ଯୁବ ସଭାପତି ଜୟନ୍ତ କୁମାର ଦାଶ, ରବି ଦାସ, ଚିତ ବିଶ୍ୱାଳ, ସୋମନାଥ ଦାସ, ମଣ୍ଡଳ ସଭାପତି ବିରଞ୍ଚି ନାରାୟଣ ମିଶ୍ର, ଅଜୟ ଦାସ, ଦୁର୍ଗା ପ୍ରସାଦ ପରିଡ଼ା, ରାଜ କିଶୋର ପଣ୍ଡା, ମନୋରଞ୍ଜନ ପ୍ରଧାନ, ମହିଳା ମୋର୍ଚ୍ଚାର ରଞ୍ଜିତା ପାଢ଼ୀ ଏବଂ ସୌମ୍ୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କଂଗ୍ରେସ ପକ୍ଷରୁ ମୋବାଇଲ ଆପ୍ ଉନ୍ମୋଚିତ

## ସତ୍ୟବାଦୀ ଅଞ୍ଚଳର ସମସ୍ୟା ସମାଧାନ ପାଇଁ ଉଦ୍ୟମ

ସାକ୍ଷୀଗୋପାଳ,୩୦।୭(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ ଭରତ ରାଉତ)

ସତ୍ୟବାଦୀ ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ସମସ୍ୟା ସମାଧାନ ପାଇଁ କଂଗ୍ରେସ ପକ୍ଷରୁ ଏକ ନୂଆ ପ୍ରୟାସ ଆରମ୍ଭ ହୋଇଛି। ସ୍ଥାନୀୟ ସତ୍ୟବାଦୀ ମଣ୍ଡପ ସଭାଗୃହରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ମନୋଜ ରଥ ମୋବାଇଲ ଆପ୍‌କୁ ଉନ୍ମୋଚନ କରିଥିଲେ। ଅଞ୍ଚଳବାସୀଙ୍କ ବିଭିନ୍ନ ସମସ୍ୟା ସହ ଜଡ଼ିତ ରହିବା ଜନପ୍ରତିନିଧିମାନଙ୍କର କର୍ତ୍ତବ୍ୟ ବୋଲି ରଥ କହିଥିଲେ। ଏହି ଅଭିଯୋଗ ଶୁଣାଣି ମୋବାଇଲ ଆପ୍ ଓ ସ୍କାନର ପ୍ରତି ଗାଁରେ ପହଞ୍ଚାଇବା ସଙ୍ଗେସଙ୍ଗେ ସଂଗୃହୀତ ସମସ୍ୟା ସମ୍ପର୍କରେ ପ୍ରଶାସନ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣକରି ସମାଧାନ କରିବାରେ ଏହି ଉଦ୍ୟମ ସହାୟକ ହୋଇପାରିବ ବୋଲି ରଥ ଆଶା ପ୍ରକାଶ କରିଛନ୍ତି। ଆପ୍‌କୁ କିଭଳି ସାଧାରଣ ଲୋକେ ବ୍ୟବହାର କରିବେ ସେନେଇ ଡେମୋ ପ୍ରଦର୍ଶନ କରାଯାଇଥିଲା। ଏହି ଆପ୍‌ର ସ୍କାନ୍‌କୁ ଗୁଗଲ ଲେନ୍ସରେ ସ୍କାନ୍‌କରି ଆପ୍‌ରେ ଅଭିଯୋଗକାରୀ ସମସ୍ୟାର ବିବରଣୀ ଦାଖଲ କରିପାରିବେ। ଦଳମତ ନିର୍ବିଶେଷରେ ସବୁ ବର୍ଗର ଲୋକେ ନିଜସ୍ୱ କିମ୍ବା ଅଞ୍ଚଳର ସମୂହ ସମସ୍ୟା ସମ୍ପର୍କରେ ଅଭିଯୋଗ କରିପାରିବେ। କଂଗ୍ରେସ ନେତା ଧନେଶ୍ୱର ବରାଳ, କାଳୁ ପାଣି, ପବିତ୍ର ସୁବୁଦ୍ଧି, ରଞ୍ଜିତ ପଲେଇ, ପବିତ୍ର ସ୍ୱାଇଁ, ବାଦଲ ପ୍ରସାଦ ପାତ୍ର, ପ୍ରଭାତ ପୁରୀ ପ୍ରମୁଖ ରଥଙ୍କ ଏହି ଜନକଲ୍ୟାଣ ସୁବିଧା ସମ୍ପର୍କରେ ସଚେତନତା ସୃଷ୍ଟିକରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ସତ୍ୟବାଦୀ ଓ କଣାସ ବ୍ଲକ୍‌ର ବହୁ କଂଗ୍ରେସ ନେତା, କର୍ମୀ ଉପସ୍ଥିତ ଥିଲେ।



ପୁସ୍ତକ ଲୋକାର୍ପଣ କରାଯାଉଛି।

## ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଟିମ୍ ଗଠନ

ଗୋପ,୩୦।୭(ଭାରତୀ ଭୂଷଣ ଉପାଧ୍ୟାୟ)

■ ଗୋପ ଥାନାରୁ ଅଭିଯୁକ୍ତ ଖସିଯିବା ଘଟଣାକୁ ୨୪ ଘଣ୍ଟା ପୂରିଲା
■ ଖୁବଶୀଘ୍ର ନିଆଯିବ ଦୃଢ଼ କାର୍ଯ୍ୟାନୁଷ୍ଠାନ: ଏସ୍‌ପି

ପୁରୀ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଥିବା ବଜାରଗୁଡ଼ିକରେ କ୍ୟାବିନ ଭାଙ୍ଗି ଲୁଟ୍‌ପାଟ କରୁଥିବା ୨ ଅଭିଯୁକ୍ତଙ୍କୁ ଗୋପ ପୋଲିସ ଗିରଫ କରିଥିଲା। ୨ ଅଭିଯୁକ୍ତ ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ମଣିନାଗେଶ୍ୱର ବସ୍ତିର କ୍ରିଷ୍ଟା ସାହୁ (୧୮) ଓ ଚାରିଛକ ଥାନା ଅନ୍ତର୍ଗତ ଅଳକୁଣ୍ଡ ଗ୍ରାମର ସୂର୍ଯ୍ୟକାନ୍ତ ମହାନ୍ତି (୨୫) ଗତ ୨୯ ତାରିଖରେ ସ୍କାଇଲାଇଟ୍ ଭାଙ୍ଗି ଖସି ଯାଇଥିଲେ। ଦୀର୍ଘ ୩୬ ଘଣ୍ଟା ପରେ ମଧ୍ୟ ପୋଲିସ ଗିରଫ କରିବାରେ ସଫଳ ହୋଇପାରି ନାହିଁ। ଅଭିଯୁକ୍ତ ଚମ୍ପଟ ମାରିବା ଘଟଣାରେ ଗୋପ ଥାନାରେ ମାମଲା ନଂ. ୨୩୮/୨୫ରେ ରୁଜୁ ହୋଇଥିବା ବେଳେ ଏସ୍‌ପିଙ୍କ ନିର୍ଦ୍ଦେଶରେ ୨ଟି ସ୍ୱତନ୍ତ୍ର ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି ବୋଲି ତଦନ୍ତକାରୀ ଅଧିକାରୀ ବୁଲୁ ସେଠୀ କହିଛନ୍ତି। ଅଭିଯୁକ୍ତ ଖସିଯିବା ଘଟଣାରେ ଜିଲାର ଏସ୍‌ପି ପିନାକ ମିଶ୍ରଙ୍କୁ ପଚାରିବାରେ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି। ପ୍ରକାଶ ଯେ, ପୁରୀ ଜିଲାର ନିମାପଡ଼ା, ଚାରିଛକ, ବଳଙ୍ଗା, ପିପିଲି, ଗୋପ ଥାନା ଅଞ୍ଚଳରେ ଦିନକୁ ଦିନ ବିଭିନ୍ନ ସ୍ଥାନରୁ ଚୋରି ହେବା ସହିତ ବିଭିନ୍ନ ବଜାରଗୁଡ଼ିକରେ ଥିବା କ୍ୟାବିନ ଭାଙ୍ଗି ଚୋରି ହେଉଥିବା ଭଳି ଅଭିଯୋଗ ଆସିଥିଲା। ଗୋପ ଥାନା ଅନ୍ତର୍ଗତ ପାଣିଛତ୍ର ନିକଟରେ ଦୋକାନ କରିଥିବା ମନୋଜ ଦାସଙ୍କ ଦୋକାନରୁ ଚୋରି ଅଭିଯୋଗ ହୋଇଥିଲା। ପୋଲିସ ଥାନା ମୋକଦ୍ଦମା ନମ୍ବର ୨୩୧/୨୫ ରୁଜୁ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଗୋଟିଏ ବାଇକ ଜବତ କରି ଥାନାକୁ ଆଣିଥିଲେ। ୨୯ ତାରିଖ ସନ୍ଧ୍ୟାରେ ପୋଲିସ ଥାନାରେ ନିଜର କାର୍ଯ୍ୟରେ ବ୍ୟସ୍ତ ଥିବା ବେଳେ ଏହି ଅଭିଯୁକ୍ତମାନେ ଏପଟେ ଖସି ଯାଇଥିଲେ।

# ଭାରତୀୟ ଯୋଗ ସଂସ୍ଥାନର ସଂସ୍ଥାପକ ପ୍ରକାଶ ଲାଲ୍ ଜୀଙ୍କ ୧୬ତମ ସ୍ମୃତି ଦିବସ

ପୁରୀ,୩୦।୭(ଅଜିତ୍ କୁମାର ମହାନ୍ତି)

କଣ୍ଡପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବୁଧବାର ଭାରତୀୟ ଯୋଗ ସଂସ୍ଥାନ, ଗୁଣ୍ଡିଚାବିହାର କ୍ଷେତ୍ର ପୁରୀ ଦ୍ୱାରା ସଂସ୍ଥାପକ ଶ୍ରୀଧେୟ ପ୍ରକାଶ ଲାଲ ଜୀଙ୍କ ୧୬ତମ ପୁଣ୍ୟତିଥିକୁ ସ୍ମୃତି ଦିବସ ରୂପେ ପାଳନ କରାଯାଇଛି। ପୁରୀ ଯୋଗକ୍ଷେତ୍ରର ସମସ୍ତ ୬ କେନ୍ଦ୍ରର ୮୦ରୁ ଉର୍ଦ୍ଧ୍ୱ ସାଧକ, ସାଧିକା ଉପସ୍ଥିତ ଥିଲା। ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ଦୀପ ପ୍ରଜ୍ୱଳନ, ଗାୟତ୍ରୀ ମନ୍ତ୍ର, ସରସ୍ୱତୀ ବନ୍ଦନା ସହିତ ଯୋଗାଭ୍ୟାସ, ପ୍ରାଣାୟମ ଓ ଧ୍ୟାନ କରାଯାଇଥିଲା। କ୍ଷେତ୍ର ଉପଦେଷ୍ଟା ବିବିରାମ ସ୍ୱାଇଁ ସଂସ୍ଥା ଏବଂ କ୍ଷେତ୍ର ବିଷୟରେ ସୂଚନା ପ୍ରଦାନ କରିଥିଲେ। କ୍ଷେତ୍ର ମନ୍ତ୍ରୀ ସଦାଶିବ ଦାଶ, ମା' ମଙ୍ଗଳା ମନ୍ଦିର ସର୍ବୋଦୟନଗର କେନ୍ଦ୍ର ପ୍ରମୁଖ ପ୍ରଦୀପ୍ତ କୁମାର ମହାନ୍ତି, ଆଖଣ୍ଡଳମଣି ପାର୍କ କେନ୍ଦ୍ର ପ୍ରମୁଖ ପଞ୍ଚାନନ ବେହେରା ଓ ଆଖଣ୍ଡଳମଣି ପାର୍କ କେନ୍ଦ୍ର ବରିଷ୍ଠ ଶିକ୍ଷକ ଅନନ୍ତ ମଲ୍ଲିକ ଜୀ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଉମାକାନ୍ତ ମଲ୍ଲିକ ଓ ଗ୍ରୁପଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ମଞ୍ଚ ସଞ୍ଚାଳନ କେନ୍ଦ୍ର ସଂଗଠନ ମନ୍ତ୍ରୀ ନିରଞ୍ଜନ ରାଉତଙ୍କ ଦ୍ୱାରା କରାଯାଇଥିଲା। ଶେଷରେ ଦେବଦତ୍ତ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। ସୁକାନ୍ତ ସ୍ୱାଇଁ, ସାଧକ ତ୍ରିଲୋଚନ ସାହୁ, ସାଧକ ସୁଶାନ୍ତ ମହାପାତ୍ର ଓ ସଞ୍ଜୟ ପ୍ରଧାନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଜଳିଆପଡ଼ା ଗ୍ରାମ୍ୟ ବିବାଦର ଆପୋସ ସମାଧାନ

କଣାସ,୩୦।୭(ବିଭୂତି ଭୂଷଣ ତ୍ରିପାଠୀ)

ଜଳିଆପଡ଼ା ଗ୍ରାମରେ ଏକ ପୋଖରୀ ପୋତାକୁ ନେଇ ବିବାଦ ଲାଗିରହିଥିବା ବିବାଦ ଆପୋସ ବୁଝାମଣାରେ ସମାଧାନ ହୋଇଛି। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ମା ମଙ୍ଗଳାଙ୍କ ପୀଠକୁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଭକ୍ତ ଆସୁଥିବାବେଳେ ଗ୍ରାମବାସୀ ଚଳିବା ପାଇଁ ରାସ୍ତା ଓ ପୋଖରୀ ନ ଥିବାକୁ ନେଇ ବିବାଦ ଲାଗିରହିଥିଲା। ବୁଧବାର ତହସିଲଦାର ହିମାଂଶୁ ଶେଖର ଗିରିଙ୍କ ଅଧ୍ୟକ୍ଷତାରେ ତହସିଲ ଅଫିସ୍ ସଭାଗୃହରେ ବୈଠକ ବସିଥିଲା। ଏଥିରେ କଣାସ ଥାନା ଭାରପ୍ରାପ୍ତ ଅଧିକାରୀ ଦେବୀପ୍ରସାଦ ଲେଙ୍କା, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ, ସାମାଜିକ କର୍ମୀ ହାଡିବନ୍ଧୁ ପାଢ଼ୀ, ଶ୍ରୀକାନ୍ତ ପଟ୍ଟଯୋଷୀ, ହରିବନ୍ଧୁ ଭୋଳ, କାହ୍ନୁ ଜୟସିଂହ, ଜଳିଆପଡା ମା' ମଙ୍ଗଳାଙ୍କ କାଳିସୀ ସୁରେନ୍ଦ୍ର ପଣ୍ଡା, ଜଳିଆପଡା ୱାର୍ଡ ସଭ୍ୟ ଶ୍ୟାମସୁନ୍ଦର ମହାରଣା, ଖବରଦାତା ବିଭୂତି ଭୂଷଣ ତ୍ରିପାଠୀ, ସଂଜୟ କୁମାର ଭୋଳ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ଉଭୟ ପକ୍ଷଙ୍କ ବୟାନ ଶୁଣିବା ପରେ ଗ୍ରାମ ଓ ମା'ମଙ୍ଗଳାଙ୍କ ପୀଠର ଉନ୍ନତି ହେବ ସେଥିପାଇଁ ଆଲୋଚନା କରାଯାଇଥିଲା।

## ଶିଶୁକନ୍ୟା, ମହିଳାଙ୍କ ସୁରକ୍ଷା ଉପରେ ଗୁରୁତ୍ୱ




ସମାରୋହରେ ମଞ୍ଚାସୀନ ଅତିଥି ବୃନ୍ଦ।

ନିମାପଡ଼ା,୩୦।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ୍ ସମନ୍ୱିତ ଶିଶୁବିକାଶ ବିଭାଗ ପକ୍ଷରୁ 'ବେଟିବଚାଓ ବେଟିବଢ଼ାଓ' ସମ୍ପର୍କିତ ଏକାଭିମୁଖୀ କାର୍ଯ୍ୟକ୍ରମ ମଙ୍ଗଳବାର ପଞ୍ଚାୟତ ସମିତି ସଭାକକ୍ଷରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ, ଡ. ବିଜୟିନୀ ସାହୁ, ଏନ୍‌ଏସି ଏମ୍‌ପିଙ୍କ ପ୍ରତିନିଧି ମୀନଳତା ମହାନ୍ତି, ବ୍ଲକ କୃଷି ଅଧିକାରୀ ପ୍ରିୟବ୍ରତ ପୃଷ୍ଟି, ଉଦ୍ୟାନ ଅଧିକାରୀ ଶୁଭଶ୍ରୀ କର, ବ୍ଲକ ଶିଶୁବିକାଶ ପ୍ରକଳ୍ପ ଅଧିକାରୀ ମାଧବୀ ମହାପାତ୍ର, ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିହିତାର ସମ୍ପାଦକ ଭକ୍ତବିହାରୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

ବ୍ଲକ୍ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମହିଳା ଓ ଶିଶୁଙ୍କ ସୁରକ୍ଷା ନିମନ୍ତେ ମିଳିତ ସହଯୋଗ ଏକାନ୍ତ ଆବଶ୍ୟକ। ଝିଅଟିଏ ଜନ୍ମହେଲେ ତା' ନାମରେ ୫ଟି ଗଛ ଲଗାଇବା, କନ୍ୟାଭ୍ରୁଣ ହତ୍ୟା, ନାରୀଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ସାମାଜିକ ବାଧାକୁ ଦୃଢ଼ଭାବେ ପ୍ରତିହତ କରିବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟତଃ ଶିଶୁକନ୍ୟାଙ୍କ ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ। ଶିଶୁମାନେ ସୁରକ୍ଷିତ ହେଲେ ଦେଶ ହସିବ ବୋଲି ଅତିଥିମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଶିଶୁ ବିଭାଗର ସମସ୍ତ ପରିଦର୍ଶିକା, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ୧୭ଟି ସେକ୍ଟରର ୧୭ଜଣ ୱାର୍ଡସଭ୍ୟା ଯୋଗଦେଇଥିଲେ।

# ସମବାୟ ମାଧ୍ୟମରେ ସମାଜକୁ ସୁଦୃଢ଼ କରାଯାଇପାରିବ

ପୁରୀ,୩୦।୭(ଅଜିତ୍ କୁମାର ମହାନ୍ତି)




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ଆନ୍ତର୍ଜାତିକ ସମବାୟ ବର୍ଷ ପାଳିତ**

ସଶକ୍ତ ସମବାୟ, ସୁଦୃଢ଼ ସମାଜ ଓ ସମୃଦ୍ଧ ଜୀବନର ବାର୍ତ୍ତା ନେଇ ବୁଧବାର ପୂର୍ବାହ୍ନରେ ସଂସ୍କୃତି ଭବନରେ ଆନ୍ତର୍ଜାତିକ ସମବାୟ ବର୍ଷ କାର୍ଯ୍ୟକ୍ରମ ଜିଲା କୋଅପରେଟିଭ ସୋସାଇଟିର ରେଜିଷ୍ଟ୍ରାର ସୁନିତା ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସର ବିଷୟ 'ସମବାୟ ସଂସ୍ଥାଗୁଡ଼ିକ ମଧ୍ୟରେ ସହଯୋଗ' ରହିଛି। ଅପରପକ୍ଷରେ ମତ୍ସ୍ୟ ସମବାୟ ସମିତି, ଦୁଗ୍ଧ ସମବାୟ ସମିତି ଓ କୃଷି ସମବାୟ ସମିତି ସମ୍ପର୍କରେ ଆଲୋଚନା କରାଯାଇଥିଲା।

ରେଜିଷ୍ଟ୍ରାର ପତି ସମସ୍ତଙ୍କୁ ସ୍ୱାଗତ କରିବା ସହ ସମବାୟର ଭୂମିକା ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ସମବାୟ ମାଧ୍ୟମରେ ସମାଜକୁ ସୁଦୃଢ଼ ଓ ଆର୍ଥିକ ସମୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ ରହିଛି। ବର୍ତ୍ତମାନ ସମବାୟ ଏକ ଜନଆନ୍ଦୋଳନରେ ପରିଣତ ହୋଇ ଆର୍ଥିକ ଅଭିବୃଦ୍ଧିରେ ସହାୟକ ସହ ପରିବାର ମୁହଁରେ ହସ ଫୁଟାଇଛି ବୋଲି କହିଥିଲେ। ସମବାୟ ଏକ ଆନ୍ଦୋଳନ ଓ ବିବିଧ ସହଯୋଗ ସମିତି ମାଧ୍ୟମରେ ଏହାକୁ ଋଦ୍ଧିମନ୍ତ କରାଯାଇଛି। ବର୍ତ୍ତମାନ ଅନେକ ସୁଯୋଗ ସରକାରଙ୍କ ମାଧ୍ୟମରେ ଉପଲବ୍ଧ ହୋଇଛି, ଏହାର ସୁବିଧା ନେବାକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଆହ୍ୱାନ ଦେବା ସହ ଅନୁରୋଧ କରିଥିଲେ। ପୁରୀ ଦୁଗ୍ଧ ସମବାୟ ୟୁନିୟନ୍ ସଭାପତି ଦିଲୀପ କୁମାର ଦାସ ଗୋପାଳନ ଓ ଦୁଗ୍ଧ ସମବାୟ ସମିତି ମାଧ୍ୟମରେ ଏହାକୁ ଆଗକୁ ନେବାକୁ ଥିବା ବ୍ୟବସ୍ଥା, ସରକାରୀ ସୁବିଧା, ସବ୍‌ସିଡି ଇତ୍ୟାଦି ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ପୂର୍ବତନ ଆଇନ ଅଧିକାରୀ ବିରଜା ଶଙ୍କର ଶତପଥୀ, ସହକାରୀ ମତ୍ସ୍ୟ ଅଧିକାରୀ ରମେଶ ଚନ୍ଦ୍ର ରାଉଳ, ଏଆର୍‌ସିଏସ୍ ସନାତନ ବେହେରା ପ୍ରମୁଖ ଯୋଗଦେଇ ସମବାୟ ସହଯୋଗ, ସମନ୍ୱୟ ଓ ସହଭାଗିତାର ବନ୍ଧନ ବିଷୟରେ ଆଲୋଚନା କରିଥିଲେ। ଏହା ମାଧ୍ୟମରେ ଆମ ଅର୍ଥନୀତି କିପରି ମଜଭୁତ ହୋଇପାରିବ ବୋଲି ସେମାନେ ସୂଚନା ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଭଲ କାମ କରିଥିବା ସମବାୟ ସମିତିଗୁଡ଼ିକୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଘୋଷକ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିଲେ।

# ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ଦକ୍ଷତା ହିଁ ଆମର ଶକ୍ତି: ପ୍ରଭାତୀ



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଅନ୍ୟମାନଙ୍କ ଉପସ୍ଥିତିରେ ବୁଝାମଣାପତ୍ର ସ୍ୱାକ୍ଷର କରାଯାଉଛି।

## ୧ରୁ 'ଆସ ଯିବା ଅଙ୍ଗନୱାଡ଼ି ଅଭିଯାନ'

■ଅଙ୍ଗନୱାଡ଼ି ଭିତ୍ତିଭୂମି ବିକାଶ ପାଇଁ 'ଆୱେସମ' ଆପ୍ ଲୋକାର୍ପିତ

■ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଏନ୍‌ଆଇପିସିସିଡି ମଧ୍ୟରେ ବୁଝାମଣାପତ୍ର ସାକ୍ଷରିତ

ଭୁବନେଶ୍ୱର,୩୦।୭(ସୁଚିସ୍ମିତା ସାହୁ)

ତୃଣମୂଳସ୍ତରରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ(ସିଡିପିଓ)ଙ୍କ ଦକ୍ଷତା ହିଁ ଆମର ଶକ୍ତି। ୨୦୩୬ରେ ଓଡିଶାକୁ ଏକ ଅପପୁଷ୍ଟି ମୁକ୍ତ ରାଜ୍ୟରେ ପରିଣତ କରିବା ହେଉଛି ଆମର ଲକ୍ଷ୍ୟ। ଏହି ଲକ୍ଷ୍ୟ ପୂରଣ ଦିଗରେ ସିଡିପିଓଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ବୁଧବାର ଲୋକସେବା ଭବନରେ ଅନୁଷ୍ଠିତ ସିଡିପିଓଙ୍କ ଦକ୍ଷତା ବିକାଶ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଭାତୀ ସିଡିପିଓଙ୍କୁ ସୁଭଦ୍ରା ସଫଳତାର ଶ୍ରେୟ ଦେବା ସହ ରାଜ୍ୟରେ ମହିଳା ନେତୃତ୍ୱାଧୀନ ବିକାଶକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ଅଙ୍ଗନୱାଡ଼ି କେନ୍ଦ୍ରକୁ ଡିଜିଟାଲି ସଶକ୍ତ କରିବା ଉଦ୍ଦେଶ୍ୟରେ ଏହାର ଭିତ୍ତିଭୂମିକୁ ସୁଦୃଢ କରିବା ସହ ନିର୍ମାଣ କାର୍ଯ୍ୟକୁ ତଦାରଖ କରିବା ପାଇଁ ସ୍ୱତନ୍ତ୍ର ଆପ୍ ''ଆୱେସମ୍' (ଅଙ୍ଗନୱାଡ଼ି ୱେଲ୍‌ଫେୟାର ଆଣ୍ଡ୍ ସର୍ଭିସ ଓଭରସାଇଟ୍ ମନିଟରିଂ ଏଭିୟୋୟାର)କୁ ଲୋକାର୍ପଣ କରିଥିଲେ। ସେହିପରି ଅଙ୍ଗନୱାଡ଼ି ପରିସରର ସ୍ୱଚ୍ଛତା ଓ ପରିଷ୍କାର ପରିଚ୍ଛନ୍ନତାକୁ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଛନ୍ତି। ଆସନ୍ତା ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅଗଷ୍ଟ ୧ରୁ ୧୫ ପର୍ଯ୍ୟନ୍ତ ହେବାକୁ ଥିବା 'ଆସ ଯିବା ଅଙ୍ଗନୱାଡି' ଅଭିଯାନର ଶୁଭାରମ୍ଭ କରିଥିଲେ। ଏହି ଅଭିଯାନରେ ରାଜ୍ୟବାସୀ ଅଙ୍ଗନୱାଡି କେନ୍ଦ୍ରକୁ ପରିଦର୍ଶନ କରି ଅଙ୍ଗନୱାଡିର ଭିତ୍ତିଭୂମି, ସ୍ୱଚ୍ଛତା ଓ କାର୍ଯ୍ୟଶୈଳୀ ଉପରେ ନିଜ ମତାମତ ରଖିବେ। ସେହି ମତାମତ ଆଧାରରେ ଅଙ୍ଗନୱାଡ଼ି କାର୍ଯ୍ୟାନ୍ୱୟନ ନିର୍ଦ୍ଧାରଣ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ କହିଛନ୍ତି।

ପରେ ଉପମୁଖ୍ୟମନ୍ତ୍ରୀଙ୍କ ସହ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମାଙ୍କ ଉପସ୍ଥିତିରେ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ ପବ୍ଲିକ କୋ-ଅପରେଶନ ଆଣ୍ଡ ଚାଇଲ୍ଡ ଡେଭଲପ୍‌ମେଣ୍ଟ (ଏନ୍‌ଆଇପିସିସିଡି) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ବୁଝାମଣାପତ୍ର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଏବଂ କର୍ମଚାରୀଙ୍କ ନିୟମିତ ତାଲିମ, ଦକ୍ଷତା ଓ ଜ୍ଞାନ ବୃଦ୍ଧି କରିବାରେ ସହାୟକ ହେବ ବୋଲି ଏନ୍‌ଆଇପିସିସିଡିର ଅତିରିକ୍ତ ନିର୍ଦ୍ଦେଶକ ସଂଘମିତ୍ରା ବାରିକ କହିଛନ୍ତି। ପ୍ରଥମ ଅଧିବେଶନରେ ବିତ୍ତ ପରାମର୍ଶଦାତା ଓ ସ୍ୱତନ୍ତ୍ର ସଚିବ ଏଲୋରା ମହାନ୍ତି ସିଡିପିଓଙ୍କ ଭୂମିକା, ଡିଡିଓ ଦାୟିତ୍ୱ ଓ ପ୍ରତିଷ୍ଠାନର କାର୍ଯ୍ୟଶୈଳୀ ସମ୍ପର୍କରେ କହିଥିଲେ। ଦ୍ୱିତୀୟ ଅଧିବେଶନରେ ଇତିଶ୍ରୀ ଦାସ ପେନସନ ରୁଲ, ଲିଭ୍ ରୁଲ, ପରଫର୍ମାନ୍ସ ଆପ୍ରାଇଜାଲ ରିପୋର୍ଟ (ପାର), ଟିଏ ରୁଲ୍ ଓ ଅନ୍ୟାନ୍ୟ ପ୍ରଶାସନିକ କାର୍ଯ୍ୟଶୈଳୀ ବିଷୟରେ ବିବରଣୀ ରଖିଥିଲେ। ତୃତୀୟ ଅଧିବେଶନରେ ଅତିରିକ୍ତ ସଚିବ ଜ୍ୟୋତିଶଙ୍କର ମହାପାତ୍ର ପୋଶ ଆଇନ ସମ୍ବନ୍ଧରେ କହିଥିଲେ। ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀଙ୍କ ସହ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।



## ହରିଶ୍ ଗଙ୍ଗାନୀ, ମନୋଜ ପଟ୍ଟନାୟକଙ୍କୁ 'ଗୁରୁ ଦକ୍ଷିଣା' ସମ୍ମାନ

ଭୁବନେଶ୍ୱର, ୩୦।୭ (ସୌମ୍ୟରଞ୍ଜନ ରାଉତ)

କଳାଶ୍ରମ ପକ୍ଷରୁ ବୁଧବାର ରବୀନ୍ଦ୍ର ମଣ୍ଡପରେ ଗୁରୁ ଦକ୍ଷିଣା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂଆଦିଲୀର କଥକ ନୃତ୍ୟ ଗୁରୁ ହରିଶ୍ ଗଙ୍ଗାନୀ ଓ ନାଟ୍ୟ ନିର୍ଦ୍ଦେଶକ ମନୋଜ ପଟ୍ଟନାୟକଙ୍କୁ 'ଗୁରୁ ଦକ୍ଷିଣା' ସମ୍ମାନ ଏବଂ ଗୁରୁ ରମେଶ ଚନ୍ଦ୍ର ଜେନାଙ୍କୁ 'ସୃଜନଶୀଳ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପରେ ନୃତ୍ୟାମ୍ରା ନୃତ୍ୟାନୁଷ୍ଠାନ ପକ୍ଷରୁ ଓଡ଼ିଶୀ ଏବଂ କଳାଶ୍ରମର ଗୁରୁ ବିଜୟ ଦାସ ଓ ଗୁରୁ ନିତ୍ୟାନନ୍ଦ ପ୍ରିୟସଖା ନୃତ୍ୟ ପରିବେଷଣ କରିଥିଲେ। ନୂଆଦିଲ୍ଲୀର ଶିଳ୍ପୀମାନେ କଥକ ପରିବେଷଣ କରିଥିଲେ। ଶେଷରେ ମନନ ନାଟ୍ୟ ସଂସ୍ଥା ପକ୍ଷରୁ ନାଟକ 'ରାତି ବାରଟା ପରେ' ମଞ୍ଚସ୍ଥ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥିଭାବରେ ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଓଡ଼ିଶୀ ନୃତ୍ୟାଙ୍ଗନା ଅରୁଣା ମହାନ୍ତି, ସଙ୍ଗୀତ ଗୁରୁ ଲକ୍ଷ୍ମୀକାନ୍ତ ପାଲିତ୍, ଏମ୍‌ଜିଏମ୍ ମିନେରାଲ୍ସ ଲିଃ ନିର୍ଦ୍ଦେଶିକା ସୀମା ମହାନ୍ତି ଓ ଗୁରୁ ବିମ୍ବାଧର ଦାସ ପ୍ରମୁଖ ଯୋଗଦେଇଥିଲେ।

## ୨ରେ ଡାକ କାରବାର ବନ୍ଦ ରହିବ

ଭୁବନେଶ୍ୱର,୩୦।୭ (ଅନୁରାଧା ମହାରଣା)

ଡାକ ବିଭାଗ ପକ୍ଷରୁ ଆଡ୍‌ଭାନ୍ସଡ୍ ପୋଷ୍ଟାଲ ଟେକ୍ନୋଲୋଜି (ଏପିଟି) ଆପ୍ଲିକେଶନ ପ୍ରଚଳନ ଘୋଷଣା କରାଯାଇଛି। ଅଗଷ୍ଟ ୪ରୁ ଓଡ଼ିଶା ପରିମଣ୍ଡଳର ସମସ୍ତ ଡାକଘରେ କାର୍ଯ୍ୟକାରୀ ହେବ। ଏହି ଉନ୍ନତ ଡିଜିଟାଲ ପ୍ଲାଟ୍‌ଫର୍ମକୁ ସୁଗମ ଏବଂ ସୁରକ୍ଷିତ ଭାବରେ କାର୍ଯ୍ୟକ୍ଷମ କରିବା ପାଇଁ ଅଗଷ୍ଟ ୨ରେ ଡାକ କାରବାର ବନ୍ଦ ରଖିବାକୁ ସ୍ଥିର କରାଯାଇଛି। ଏହିଦିନ କଟକ, ବ୍ରହ୍ମପୁର, ସମ୍ବଲପୁର ମୁଖ୍ୟ ଡାକଘର ଏବଂ ଏହାର ଉପ ଓ ଶାଖା ଡାକଘରଗୁଡ଼ିକ ବ୍ୟତୀତ କୌଣସି ସାର୍ବଜନୀନ କାରବାର କରାଯିବ ନାହିଁ। ଏହି ନୂତନ ଡିଜିଟାଲ ପ୍ଲାଟ୍‌ଫର୍ମରେ ଡାଟା ସ୍ଥାନାନ୍ତର, ପ୍ରଣାଳୀ ବୈଧତା ଏବଂ ସଂରଚନା ପ୍ରକ୍ରିୟାକୁ ସହଜ କରିବା ପାଇଁ ସେବାଗୁଡ଼ିକ ଅସ୍ଥାୟୀ ଭାବରେ ବନ୍ଦ ରହିବ। ସୂଚନା ଥାଉକି, ଏହି ଆପ୍ଲିକେଶନର ପ୍ରଚଳନ ଉନ୍ନତ ଉପଭୋକ୍ତା ଅଭିଜ୍ଞତା, ଦ୍ରୁତ ସେବା ବିତରଣ ଏବଂ ଅଧିକ ଗ୍ରାହକ-ଅନୁକୂଳ ଇଣ୍ଟରଫେସ ପ୍ରଦାନ କରିବା ପାଇଁ ପରିକଳ୍ପନା କରାଯାଇଛି।

## ସି-ବକ୍ସରେ ଅପ୍‌ଲୋଡ୍ ହେବ ମହିଳାଙ୍କ ଅଭିଯୋଗ

ଭୁବନେଶ୍ୱର,୩୦।୭(ସୁଚିସ୍ମିତା ସାହୁ)

ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି କର୍ମକ୍ଷେତ୍ର ଯାଏ, ସବୁଠି ମହିଳାମାନେ ନିର୍ଯାତିତ ହେଉଛନ୍ତି। ମହିଳାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ସି-ବକ୍ସ ପୋର୍ଟାଲର ଏକ ଉନ୍ନତ ସଂସ୍କରଣ ପ୍ରକାଶ କରାଯାଇଛି। ଆଭ୍ୟନ୍ତରୀଣ କମିଟି/ସ୍ଥାନୀୟ କମିଟିର ବିବରଣୀ ଏବଂ କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡ଼ନ(ନିବାରଣ, ନିଷେଧ ଏବଂ ପ୍ରତିକାର) ଆଇନ, ୨୦୧୩ ଅନୁଯାୟୀ ଅଭିଯୋଗ ଏବଂ ସମାଧାନର ସମସ୍ତ ତଥ୍ୟ ସି-ବକ୍ସ ପୋର୍ଟାଲରେ ଅପ୍‌ଲୋଡ୍ କରାଯିବ। ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ସି-ବକ୍ସ ପୋର୍ଟାଲକୁ ଗୁରୁତ୍ୱ ଦିଆଯାଇଛି। କଲେଜଗୁଡ଼ିକରେ ନିର୍ଯାତନା ଅଭିଯୋଗ ଓ ସମାଧାନର ସମ୍ପୂର୍ଣ୍ଣ ତଥ୍ୟ ଉକ୍ତ ପୋର୍ଟାଲରେ ଅପ୍‌ଲୋଡ୍ କରିବାକୁ ସମସ୍ତ ଶିକ୍ଷାନୁଷ୍ଠାନକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଶିକ୍ଷାନୁଷ୍ଠାନ ବା କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡ଼ନଗୁଡ଼ିକର ଅଭିଯୋଗ ଏବଂ ସମାଧାନର ସଂଖ୍ୟା ବି ଅପ୍‌ଲୋଡ୍ କରିବାକୁ ଶିକ୍ଷାନୁଷ୍ଠାନଗୁଡ଼ିକୁ କୁହାଯାଇଛି। ବିଭାଗ ଓ କାର୍ଯ୍ୟାଳୟସ୍ତରରେ ଆଭ୍ୟନ୍ତରୀଣ କମିଟିର ବିବରଣୀଗୁଡ଼ିକ ଅଗଷ୍ଟ ୧ ସୁଦ୍ଧା ସି-ବକ୍ସ ପୋର୍ଟାଲରେ ଅପ୍‌ଲୋଡ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଅନ୍‌ଲାଇନ୍ ଶିକ୍ଷକ ବଦଳିରେ ବିଳମ୍ବ, ଦେଖୁଛି ଅସନ୍ତୋଷ

ଭୁବନେଶ୍ୱର,୩୦।୭(ସୁଚିସ୍ମିତା ସାହୁ)

### ମନ୍ତ୍ରୀଙ୍କ ବାସଭବନ ଘେରିବାକୁ ଏନ୍‌ପିଏସ୍ ଶିକ୍ଷକ ସଂଘର ଚେତାବନୀ

ଅନ୍‌ଲାଇନ ଶିକ୍ଷକ ବଦଳିରେ ଚଳିତବର୍ଷ ଅହେତୁକ ବିଳମ୍ବ ହୋଇଛି। ସହମତିଭିତ୍ତିକ ବଦଳି ପାଇଁ ରାଜ୍ୟସ୍ତରୀୟ ବଦଳି କମିଟି (ଏସ୍‌ଏଲ୍‌ଟିସି) ବୈଠକ ବସିବାର ୧୫ ଦିନ ବିତିଥିଲେ ମଧ ବଦଳି ନିର୍ଦ୍ଦେଶନାମା ବାହାରିନାହିଁ। ପୂର୍ବରୁ ଏସ୍‌ଏଲ୍‌ଟିସି ବୈଠକ ବସିବା ଦିନ ହିଁ ସହମତିଭିତ୍ତିକ ବଦଳି ନିର୍ଦ୍ଦେଶନାମା ବାହାରୁଥିବା ବେଳେ ଚଳିତବର୍ଷ ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। କାହିଁକି ଏହାକୁ ବିଭାଗୀୟ ଅଧିକାରୀ ବା ମନ୍ତ୍ରୀ ଚାପିରଖିଛନ୍ତି ବୋଲି ଶିକ୍ଷକମାନେ ପ୍ରଶ୍ନ କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅପରପକ୍ଷେ ବଦଳି କ୍ୟାଲେଣ୍ଡର ଅନୁସାରେ ଜୁଲାଇ ୧ରୁ ୭ ମଧ୍ୟରେ ବଦଳି ପ୍ରକ୍ରିୟା ସରିବା ସହ ନୂତନ ବିଦ୍ୟାଳୟରେ ଯୋଗଦେବାକୁ କୁହାଯାଇଥିଲା। ଏହାକୁ ମାସେ ବିତିଥିଲେ ମଧ୍ୟ ନିଜେ ସରକାର ବିଜ୍ଞପ୍ତିକୁ କିପରି ଅବମାନନା କରୁଛନ୍ତି ବୋଲି ଏନ୍‌ପିଏସ୍ ମାଧମିକ ଶିକ୍ଷକ ସଂଘ ପ୍ରଶ୍ନ କରିଛି। ବାରମ୍ବାର ଏ ବାବଦରେ ଗଣଶିକ୍ଷା ମନ୍ତ୍ରୀଙ୍କୁ ଅବଗତ କରାଗଲେ ମଧ ସୁଫଳ ମିଳୁ ନ ଥିବା ସଂଘ ଅଭିଯୋଗ କରିଛି। ସହମତିଭିତ୍ତିରେ ବଦଳି ଯଦି ଏମିତି ବିଳମ୍ବ ହେବ, ତେବେ ଅନ୍ୟ ଗ୍ରାଉଣ୍ଡ ବଦଳି କେବେ ହେବ ବୋଲି ଶିକ୍ଷୟିତ୍ରୀ ଶିକ୍ଷକମାନେ ପ୍ରଶ୍ନ କରିଛନ୍ତି। ତୁରନ୍ତ ଚଳିତ ସପ୍ତାହରେ ବଦଳି ପ୍ରକ୍ରିୟା ଶେଷ କରା ନ ଗଲେ ଆସନ୍ତା ସପ୍ତାହରେ ସଂଘ ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯିବ ବୋଲି ସଂଘ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

## ସର୍ବୋତ୍ତମ ମନ୍ଦିର ପରିଚାଳନା ପାଇଁ ଆସିବ ମାର୍ଗଦର୍ଶିକା: ପୃଥ୍ୱୀରାଜ

ଭୁବନେଶ୍ୱର,୩୦।୭(ଅନୁରାଧା ମହାରଣା)



ବୈଠକରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଦେବୋତ୍ତର ଓ ଆଇନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ରାଜ୍ୟରେ ଥିବା ପୁରାତନ ମନ୍ଦିରଗୁଡ଼ିକର ଶୃଙ୍ଖଳିତ ରୀତିନୀତି ଓ ପରିଚାଳନା ପାଇଁ ସର୍ବୋତ୍ତମ ନୀତି ଆସିବ । ଏଥିସହିତ ମନ୍ଦିରର ଉନ୍ନତୀକରଣ ଓ ସଂରକ୍ଷଣକୁ ମଧ ଗୁରୁତ୍ୱ ଦିଆଯିବ। ଏଥିଲାଗି ଅନ୍ୟ ରାଜ୍ୟ ଯଥା ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁ ଭଳି ପ୍ରମୁଖ ରାଜ୍ୟଗୁଡ଼ିକରେ ମନ୍ଦିର ପରିଚାଳନାକୁ ଅନୁଧ୍ୟାନ କରାଯାଇ ଓଡ଼ିଶା ଲାଗି ସର୍ବୋତ୍ତମ ନୀତି ପ୍ରଣୟନ କରାଯିବ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଆଇନ ବିଭାଗ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ହରିଚନ୍ଦନ ଅଧ୍ୟକ୍ଷତା କରି କହିଲେ, ଦେବୋତ୍ତର ବିଭାଗର ଅଧିକାରୀମାନେ ବିଭିନ୍ନ ଅଞ୍ଚଳ ଗସ୍ତକରି ରାଜ୍ୟରେ ଥିବା ପୁରାତନ ମନ୍ଦିରର ସ୍ଥିତି ସମ୍ପର୍କରେ ତଥ୍ୟ ହାସଲ କରିବାକୁ ପଡ଼ିବ। ତାହାକୁ ଆଧାର କରି ମନ୍ଦିରର ଶୃଙ୍ଖଳିତ ରୀତିନୀତି ସହ ଖରାପ ଅବସ୍ଥାରେ ଥିବା ମନ୍ଦିରଗୁଡ଼ିକର ମରାମତି ଓ ସଂରକ୍ଷଣ ସମ୍ଭବ ହୋଇପାରିବ। ସେହିଭଳି ସାଧାରଣ ଲୋକଙ୍କ ଲାଗି ଆବଶ୍ୟକ ସମସ୍ତ ତଥ୍ୟ ଉପଲବ୍ଧ ହେବାଭଳି ଦେବୋତ୍ତର କମିଶନରଙ୍କ ୱେବ୍‌ସାଇଟ୍‌ର ଆଧୁନିକୀକରଣ, ଦେବୋତ୍ତର ତଥା ବ୍ୟକ୍ତିଗତ ମାଲିକାନାରେ ଥିବା ମନ୍ଦିରଗୁଡ଼ିକର ଠିକ୍ ନୀତିକାନ୍ତି, ପର୍ବପର୍ବାଣି ଆୟୋଜନ, ମନ୍ଦିର ପରିଚାଳନା ପାଇଁ ସ୍ୱତନ୍ତ୍ର ଅନୁଦାନ, ସ୍ୱତଳିପି ଅନୁଯାୟୀ ସେବାପୂଜା ଅଧିକାର, ଟ୍ରଷ୍ଟ ବୋର୍ଡର ଦାୟିତ୍ୱ ଓ କର୍ତ୍ତବ୍ୟ, ଓଏଚ୍‌ଆର୍‌ଇ ଆକ୍ଟ ୧୯୫୧ର ପ୍ରାବଧାନ ଅନୁସାରେ ହିନ୍ଦୁ ଧାର୍ମିକ ଅନୁଷ୍ଠାନଗୁଡ଼ିକର ସୁପରିଚାଳନା, ଦେବୋତ୍ତର ନିରୀକ୍ଷକଙ୍କ ଦାୟିତ୍ୱ ଏବଂ ସରକାରୀ କାର୍ଯ୍ୟକୁ ତ୍ୱରିତ ଢଙ୍ଗରେ ଆଗେଇନେବା ପାଇଁ ନୂତନ ନିଯୁକ୍ତି ନେଇ ବୈଠକରେ ଆଲୋଚନା ହୋଇଥିଲା । ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ମାନସ ରଞ୍ଜନ ବାରିକ୍, ଦେବୋତ୍ତର କମିଶନର ଲଲାଟେନ୍ଦୁ ଜେନା, ସ୍ୱତନ୍ତ୍ର ଶାସନ ସଚିବ ପ୍ରଣବ କୁମାର ପାତ୍ର, ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର ଓ ଭଗବାନ୍ ପ୍ରସାଦ ସାହୁଙ୍କ ସମେତ ଦେବୋତ୍ତର ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ହସ୍ପିଟାଲ ବେଡ୍‌ରେ ସ୍ତ୍ରୀ, ନବଜାତ ପୁଅଙ୍କୁ ଛାଡ଼ି ଚାଲିଯାଇଥିବା ଅଭିଯୋଗ

ଭୁବନେଶ୍ୱର,୩୦।୭ (ସତ୍ୟଜିତ୍ ରାଉତ)

### ଓଏଏସ୍ ଅଧିକାରୀଙ୍କ ନାଁରେ ମହିଳା ଥାନାରେ ମାମଲା

ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଅଧିକାରୀ ତଥା ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସ୍‌ଡମା)ର ଡେପୁଟି ଜେନେରାଲ ମ୍ୟାନେଜର(ଟେକ୍) ସାର୍ଥକ ସୌରଭ ମହାପାତ୍ରଙ୍କ ବିରୋଧରେ ଆସିଛି ସଙ୍ଗିନ ଅଭିଯୋଗ। ସାର୍ଥକ ତାଙ୍କ ସ୍ତ୍ରୀ ଓ ନବଜାତ ଶିଶୁପୁତ୍ରକୁ ହସ୍ପିଟାଲ ବେଡ୍‌ରେ ଛାଡ଼ି ଚାଲିଯାଇଥିବା ଅଭିଯୋଗ ହୋଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ସହକାରୀ ଯନ୍ତ୍ରୀ (ଏଇ) ଭାବେ କାର୍ଯ୍ୟ କରୁଥିବା ସ୍ତ୍ରୀ ଅର୍ଚ୍ଚନା ଦାଶ ସ୍ୱାମୀ ସୌରଭଙ୍କ ବିରୋଧରେ ଏନେଇ ବୁଧବାର ଭୁବନେଶ୍ୱର ମହିଳା ଥାନାରେ ଏତଲା ଦେଇଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ଉଭୟ ପରିବାର ସହମତିରେ ୨୦୨୪ ଫେବୃଆରୀରେ ଅର୍ଚ୍ଚନା ଓ ସୌରଭଙ୍କ ବିବାହ ହୋଇଥିଲା। ଚଳିତବର୍ଷ ମେ ୭ରେ ଏକ ଘରୋଇ ହସ୍ପିଟାଲରେ ଅର୍ଚ୍ଚନାଙ୍କ ଶିଶୁପୁତ୍ର ଜନ୍ମ ହୋଇଥିଲା। ହସ୍ପିଟାଲରେ ଦୁଇଦିନ ଅର୍ଚ୍ଚନାଙ୍କ ପାଖରେ ସୌରଭ ରହିଥିଲେ। ମାତ୍ର ମେ ୧୦ରେ ହସ୍ପିଟାଲ ବେଡ୍‌ରେ ନବଜାତ ପୁଅ ଓ ସ୍ତ୍ରୀଙ୍କୁ ଛାଡ଼ି ସୌରଭ ଚାଲିଯାଇଥିଲେ। ଏହାପରେ ସୌରଭଙ୍କ ସହ ଅର୍ଚ୍ଚନା ଯୋଗାଯୋଗ କରିପାରି ନ ଥିଲେ। ପରେ ଅର୍ଚ୍ଚନା ନିଜ ଉଦ୍ୟମରେ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଥିଲେ। ତେବେ ସ୍ୱାମୀଙ୍କ ସହ ଶାଶୁ ଓ ନଣନ୍ଦ ମଧ ଅର୍ଚ୍ଚନାଙ୍କୁ ମାନସିକ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଅର୍ଚ୍ଚନା ଏହି କାରଣରୁ ମାନସିକ ଭାବେ ଭାଙ୍ଗିପଡ଼ିଛନ୍ତି। ଅର୍ଚ୍ଚନା କହିଛନ୍ତି, ନ୍ୟାୟାଳୟ ଉପରେ ଭରସା ଅଛି। ତାଙ୍କୁ ଓ ତାଙ୍କ ଶିଶୁପୁତ୍ରକୁ ନ୍ୟାୟ ମିଳିବ ବୋଲି ଆଶା ରହିଥିବା ଅର୍ଚ୍ଚନା ଗଣମାଧ୍ୟମରେ କହିଛନ୍ତି। ତେବେ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରାଯାଇ ଗୁରୁତ୍ୱର ସହ ତଦନ୍ତ କରାଯାଉଥିବା ଭୁବନେଶ୍ୱର ଡିସିପି ଜଗମୋହନ ମୀନା କହିଛନ୍ତି। ଅପରପକ୍ଷରେ ସ୍ତ୍ରୀଙ୍କ ଅଭିଯୋଗ ନେଇ ସୌରଭଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଅର୍ଚ୍ଚନା ତାଙ୍କ ଓକିଲଙ୍କ ଜରିଆରେ ଥାନାରେ ପହଞ୍ଚି ସମସ୍ତ ଅଭିଯୋଗ ଜଣାଇଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରିୟଙ୍କା



@ ଦିନେଶ



@ ପ୍ରଶାନ୍ତ



@ ଦୀପାଳି



@ ଚନ୍ଦ୍ରଶେଖର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

**No. RDM-LAA-KPD-0015-2024-12278 /R&DM, dated 29.03.2025**

**No.XX-05:-** ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ କେନ୍ଦ୍ରାପଡ଼ା ଜିଲ୍ଲାର ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ (AMNSI) ପ୍ରା.ଲି. ଦ୍ୱାରା ବାର୍ଷିକ ୨୪ ମେଟ୍ରିକ ଟନ ଇସ୍ପାତ କାରଖାନା ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ଓଡିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ ଦ୍ୱାରା **ମୌଜା-ବନବିହାରୀପୁର,** ତହସିଲ-ମହାକାଳପଡା, ଜିଲ୍ଲା- କେନ୍ଦ୍ରାପଡା ରେ ନିମ୍ନ ତଫସିଲ ମତେ ପ୍ରାୟ **ଏ. ୩୧୧.୩୩୫ ଡି.** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।
ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।
E-mail:- ori-rengali@nic.in

**TENDER CALL NOTICE**
Bid Identification No.P.S/REN/SBP/DEV/01/2025-26
No. 3043 /Date. 29.07.2025

**CORRIGENDUM**

**TENDER CALL NOTICE NO. 2711 Dtd.05.07.2025, OFFICE OF THE PANCHAYAT SAMITI, RENGALI, SAMBALPUR**

1. The last date and time for submission via the website and receipt of bids is extended to **17:00** hours on **08.08.2025**.
2. The date of tender opening is extended to **11:30** hours on 13th August 2025.
3. Original Bid Security & Demand Draft towards cost of bid document shall be submitted in the office of the undersigned on or before **11.15** hours on dated **13.08.2025** during the office hours on working days failing which the bid will be rejected.
4. Earlier, under the option "**EMD Exemption** " the value was marked as **"NO"** Now the said option has been changed to **YES** in Tender Web Portal.
5. In tender Notice Sl No.7 "The cost of bid documents has to be paid by each bidder in shape of demand draft drawn in favour of the Block Development Officer, Rengali, Sambalpur from any Nationalized scheduled bank **payable at Sambalpur Towards cost of tender paper including GST** read as "The cost of bid documents has to be paid by each bidder in shape of demand draft drawn in favour of the Block Development Officer, Rengali Sambalpur from any Nationalized scheduled bank **payable at Rengali, Sambalpur towards cost of tender paper**".
6. The Word **"District Project Coordinator"** in **SL No.7.2 & 15.1.A** of General Instruction of Procedure to participate in on-Line-bidding E-Procurement and **SL. No. 33,85,95,112(2.1.1)** of D.T.C.N. read as **"Block Development Officer, Rengali"**. However, all other terms and conditions remain unchanged.

Yours faithfully
Sd./- Block Development Officer,
Rangali

OIPR-19315/11/0002/2526

**ODISHA CONSTRUCTION CORPORATION LIMITED, BHUBANESWAR, ODISHA**

PIN: 751012, Tel. No.: (0674) 2562020, e-Mail: theoccltd@odishaconstruction.com, GSTIN - 21AAACO2571K2ZM

No. CAD-1334 **e-Procurement Notice No. 30/OCCL/2025-26 (Online)**

Online request for Proposal is invited for the following works:

| Sl. No. | Name of Work | Bid Identification No. | Approx Value of Work | Bid Security (through Online transfer only) (In Rs.) | Period of Completion (in days) | Availability & submission of tender of tender (Online) |
|---|---|---|---|---|---|---|
| 1 | Request for Proposal (RfP) for engagement of Consultant for Documentation & Processing of Forest Diversion Proposal (Both Stage-I & Stage-II) for Mankada Irrigation Project under Angul District | OCCL-CDC/01/ 2025-26 | NA | Rs.2,00,000/- | 18 (Eighteen) Calendar Months | From 31.07.2025, 3.30 P.M. to 16.08.2025, 3.30 P.M. |

Procurement Officer : Managing Director, OCCL
Date of Opening of the Tender: 18.08.2025, 12.00 onwards
Further details can be seen from the e-procurement portal: **https://www.tendersodisha.gov.in, https://octdms.in https://odishaconstruction.com**

OIPR-34120/11/0048/2526 Sd./- Managing Director

**ODISHA PUBLIC SERVICE COMMISSION CUTTACK**

**NOTICE**

**No. 5447 / P.S.C., Dt. 30.07.2025**
**(1R-14-24/25) (DR-V)**

**Assistant Professor (Stage-I) in Odia**
(Advertisement No.27 of 2023-24)

**No.D-** : It is for information of all concerned that, document verification of **154 (One Hundred Fifty-Four)** candidates having **PPSAN** mentioned below for the post of **Assistant Professor (Stage-I) in "Odia"**, pursuant to. Advertisement No.27of 2023/24 shall be held **from 08.08.2025 to 16.08.2025 (Except 09.08.2025,10.08.2025 & 15.08.2025)** as per the following programme in the office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 08.08.2025 | 10.30 A.M. | P240304811, P240307675, P240306356, P240303415, P240302187, P240307696, P240303578, P240272147, P240306159, P240304134, P240311972, P240301346, P240304871, P240309503, P240291739 & P240304279 = 16 Candidates |
| | 2.30 P.M. | P240309016, P240305686, P240308886, P240309151, P240308935, P240304714, P240303754, P240306905, P240301311 & P240307521 = 10 Candidates |
| 11.08.2025 | 10.30 A.M. | P240307992, P230152234, P240307021, P220013475, P240309292, P240304581, P240306912, P240290613, P240304587, P230111746, P240306123, P220078102, P240306231, P240300824, P240306298 & P240305640 = 16 Candidates |
| | 2.30 P.M. | P240306288, P240307851, P240305442, P240310317, P240304679, P240292270, P240302387, P240310228, P240282112 & P230114899 = 10 Candidates |
| 12.08.2025 | 10.30 A.M. | P230141847, P240307410, P240308249, P240306979, P240306279, P240297623, P240307757, P240307191, P240308047, P240306160, P240307309, P240298106, P240305751, P240302653, P240312869, & P240309467 = 16 Candidates |
| | 2.30 P.M. | P240303301, P240266573, P240302594, P240242059, P240307338, P240302543, P240305317, P240266111, P240308510 & P240307818 = 10 Candidates |
| 13.08.2025 | 10.30 A.M. | P240260461, P240311384, P240303623, P240298290, P230122958, P240308177, P240305431, P230113873, P230110927, P240307216, P230160825, P240296696, P240304857, P240311650, P240309108 & P240301484 = 16 Candidates |
| | 2.30 P.M. | P240304645, P240244564, P240286820, P240309318, P240311001, P240307533, P240307432, P240304000, P240310435 & P240302646 = 10 Candidates |
| 14.08.2025 | 10.30 A.M. | P240305845, P240310900, P240250993, P240297289, P240268689, P240309321, P240311940, P240311403, P240302416, P240309791, P240308843, P240297210, P240302610, P240287060 & P230101199 = 15 Candidates |
| | 2.30 P.M. | P240311719, P230098482, P240298524, P230099442, P240304233, P240310899, P230135112, P240305517, P240304674 & P240304776 = 10 Candidates |
| 16.08.2025 | 10.30 A.M. | P240308005, P240307223, P230162620, P240253625, P240311155, P240298750, P240302914, P240307486, P240311274, P240303391, P240311901, P230121045, P240307492, P240289105 & P240311939 = 15 Candidates |
| | 2.30 P.M. | P240297546, P240288270, P230092141, P240297928, P230116140, P240303830, P240290431, P240308305, P240281942 & P240304315 = 10 Candidates |

The candidates are required to submit the documents as per this Office **Notice No. 4271/PSC, dt. 21.06.2025** which is available on the Website of the Commission i.e. **www.opsc.gov.in**.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR-12002/11/0284/2526 Sd./- Secretary

(ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ)

| Sl No | Khata No | Plot No | Total area (In Ac.) | Proposed area to be acquired (In Ac.) | Kissam | Name of theTenant |
|---|---|---|---|---|---|---|
| 155 | 122/50 | 526/1193 | 0.200 | 0.200 | Sarada -1 | କ୍ଷିରୋଦ ଚନ୍ଦ୍ର ପ୍ରଧାନ, ବାବୁରୀ ଚରଣ ପ୍ରଧାନ, ନିରଞ୍ଜନ ପ୍ରଧାନ, ହରେକୃଷ୍ଣ ପ୍ରଧାନ, କୈଳାସ ଚନ୍ଦ୍ର ପ୍ରଧାନ ପି: ଲକ୍ଷ୍ମୀଧର ପ୍ରଧାନ ଜା: ଖଣ୍ଡାୟତ ବା: ଗଣ୍ଡକିପୁର ଥା - କୁଜଙ୍ଗ ଜି - ଜଗତସିଂହପୁର |
| 156 | 122/57 | 642 (P) | 1.740 | 0.300 | Sarada -1 | ସୁବାଷ କୁମାର ଦିଣ୍ଡା ପି:ହଟି ଚରଣ ଦିଣ୍ଡା ଜା: ଚଷା ବା: ନିଜଗାଁ |
| 157 | 122/73 | 404 | 0.680 | 0.680 | Sarada -1 | ପ୍ରମିଳା ତ୍ରିପାଠୀ ପି:ମହାଦେବ ତ୍ରିପାଠୀ ଜା: ବ୍ରାହ୍ମଣ ବା: ପାଟଳିପଙ୍କ ଥା. ମାର୍ଶାଘାଇ |
| 158 | 122/62 | 404/1217 | 0.680 | 0.680 | Sarada -1 | ନୁଥେରାନ ମହିଳା ସମିତି ସା - ପାଟୋଳିପଙ୍କ ତରଫ - ସମ୍ପାଦିକା :,ବାସନ୍ତି ଦେଇ ସ୍ୱା - କ୍ଷେତ୍ରବାସୀ ଭୂୟାଁ ଜା - ଖଣ୍ଡାୟତ ବା - ପାଟୋଳିପଙ୍କ ବା: |
| 159 | 122/73 | 413 (P) | 0.740 | 0.500 | Sarada -1 | ପ୍ରମିଳା ତ୍ରିପାଠୀ ପି:ମହାଦେବ ତ୍ରିପାଠୀ ଜା: ବ୍ରାହ୍ମଣ ବା: ପାଟଳିପଙ୍କ ଥା. ମାର୍ଶାଘାଇ |
| 160 | 122/99 | 380 | 1.720 | 1.720 | Sarada -1 | ବିକାଶ ଘଡେଇ ପି:ନଗେନ୍ଦ୍ର ନାଥ ଘଡେଇ ଜା: ଚଷା ବା: ନିଜଗାଁ |
| 161 | 122/134 | 380/1076/1273 | 1.680 | 1.680 | Sarada -2 | ଶଶାଙ୍କ ଶେଖର ଓଝା ପି:ନଗେନ୍ଦ୍ରନାଥ ଓଝା ଜା: ଚଷା ବା: ବରକୋଳିଖଳା |
| 162 | 122/172 | 380/1330 | 0.500 | 0.500 | Sarada -2 | ମୋହନ ଦାସ ପି:ଅଜିତ ଦାସ ଜା: ଚଷା ବା: ନିଜଗାଁ |
| 163 | 122/100 | 380/1076 (P) | 1.620 | 0.090 | Sarada -1 | ବିଭାସ ଘଡେଇ ପି:ନଗେନ୍ଦ୍ର ନାଥ ଘଡେଇ ଜା: ଚଷା ବା: ନିଜଗାଁ |
| 164 | 122/75 | 540 | 0.530 | 0.530 | Sarada -1 | କ୍ଷେତ୍ରବାସୀ ଭୂୟାଁ ପି:ହରେକୃଷ୍ଣ ଭୂୟାଁ ଜା: ଖଣ୍ଡାୟତ ବା: ପାଟୋଳିପଙ୍କ |
| 165 | 122/62 | 540/1218 | 2.960 | 2.960 | Sarada -1 | ନୁଥେରାନ ମହିଳା ସମିତି ସା - ପାଟୋଳିପଙ୍କ ତରଫ - ସମ୍ପାଦିକା :,ବାସନ୍ତି ଦେଇ ସ୍ୱା - କ୍ଷେତ୍ରବାସୀ ଭୂୟାଁ ଜା - ଖଣ୍ଡାୟତ ବା - ପାଟୋଳିପଙ୍କ ବା: |
| 166 | 122/73 | 540/1235 | 2.430 | 2.430 | Sarada -1 | ପ୍ରମିଳା ତ୍ରିପାଠୀ ପି:ମହାଦେବ ତ୍ରିପାଠୀ ଜା: ବ୍ରାହ୍ମଣ ବା: ପାଟଳିପଙ୍କ ଥା. ମାର୍ଶାଘାଇ |
| 167 | 122/75 | 598 (P) | 3.940 | 1.640 | Sarada -1 | କ୍ଷେତ୍ରବାସୀ ଭୂୟାଁ ପି:ହରେକୃଷ୍ଣ ଭୂୟାଁ ଜା: ଖଣ୍ଡାୟତ ବା: ପାଟୋଳିପଙ୍କ |
| 168 | 122/98 | 532 | 0.640 | 0.640 | Jalasaya -2 | ଅଶୋକ କୁମାର ଜେନା, ଅଭିଷେକ ଜେନା, ଅରୁଣ କୁମାର ଜେନା ପି: ଶତ୍ରୁଘନ ଜେନା ଜା: ଖଣ୍ଡାୟତ ବା: କଟେରିପଡା ଥା. କେନ୍ଦ୍ରାପଡା |
| 169 | 122/98 | 634 (P) | 1.510 | 0.250 | Jalasaya -2 | ଅଶୋକ କୁମାର ଜେନା, ଅଭିଷେକ ଜେନା, ଅରୁଣ କୁମାର ଜେନା ପି: ଶତ୍ରୁଘନ ଜେନା ଜା: ଖଣ୍ଡାୟତ ବା: କଟେରିପଡା ଥା. କେନ୍ଦ୍ରାପଡା |
| Total in Ac. | | | 195.111 | 136.299 | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

OIPR-24001/14/0190/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସାପ କାମୁଡ଼ାରେ ୨ ଜଣଙ୍କ ମୃତ୍ୟୁ

ଫୁଲବାଣୀ/ଖଜୁରିପଡ଼ା,୩୦।୭ (ରାକେଶ କୁମାର ରାଉତ/ବିଦୁର ବେହେରା)

କନ୍ଧମାଳ ଜିଲାରେ ବୁଧବାର ସାପ କାମୁଡାରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଖଜୁରିପଡ଼ା ଥାନା ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ଖଲିବେଣି ଗ୍ରାମର ମାନସ ହଂସ (୨୫) ଓ ଗୋଛାପଡ଼ା ଥାନା ଅନ୍ତର୍ଗତ ନିମା ବିନ୍ଧାଣି (୩୫)। ଉଭୟେ ନିଜ ନିଜ ଘରେ ଶୋଇ ଥିବାବେଳେ ସାପ କମୁଡ଼ିଥିଲା। ସ୍ଥାନୀୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ଫୁଲବାଣୀ ମେଡ଼ିକାଲକୁ ଅଣାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମାନସ ଓ ନିମାଙ୍କ ମୃତ୍ୟୁ ଘଟିଛି।

# ମଥୁରା-କୋଟା ରେଳଖଣ୍ଡରେ ସ୍ଥାପନହେଲା କବଚ ୪.୦

ଭୁବନେଶ୍ୱର,୩୦।୭(ଅନୁରାଧା ମହାରଣା)

ଭାରତୀୟ ରେଳପଥର ସ୍ୱଦେଶୀ ଅତ୍ୟାଧୁନିକ ରେଳ ସୁରକ୍ଷା ପ୍ରଣାଳୀ କବଚ ୪.୦କୁ ଦିଲ୍ଲୀ-ମୁମ୍ବାଇ ମାର୍ଗର ମଥୁରା-କୋଟା ରେଳଖଣ୍ଡରେ ସ୍ଥାପନ କରାଯାଇଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, କବଚ ୪.୦ ଏକ ଅତ୍ୟାଧୁନିକ ପ୍ରଯୁକ୍ତି ପ୍ରଣାଳୀ, ଯାହାକୁ ଜୁଲାଇ ୨୦୨୪ରେ ରିସର୍ଚ୍ଚ ଡିଜାଇନ୍ସ ଆଣ୍ଡ୍ ଷ୍ଟାଣ୍ଡାର୍ଡ ଅର୍ଗାନାଇଜେଶନ (ଆର୍‌ଡିଏସ୍‌ଓ) ଦ୍ୱାରା ଅନୁମୋଦନ ମିଳିଥିଲା। ଅନେକ ବିକଶିତ ଦେଶ ଏପରି ସୁରକ୍ଷା ପ୍ରଣାଳୀ ବିକଶିତ ଓ ସ୍ଥାପନ କରିବା ପାଇଁ ୨୦ରୁ ୩୦ ବର୍ଷ ସମୟ ନେଇଥିବା ବେଳେ ମଥୁରା-କୋଟା ରେଳଖଣ୍ଡରେ କବଚ ୪.୦ ଅତି କମ୍ ସମୟ ମଧ୍ୟରେ ସ୍ଥାପିତ ହେବା ଏକ ବଡ଼ ସଫଳତା। ବର୍ତ୍ତମାନ



କବଚ ପ୍ରଣାଳୀ ଟ୍ରେନ ଓ ଯାତ୍ରୀଙ୍କ ସୁରକ୍ଷା ନିଶ୍ଚିତ କରିବା ପାଇଁ ଚାଲୁ କରାଯାଇଛି। ଭାରତୀୟ ରେଳପଥ ଆଗାମୀ ୬ ବର୍ଷ ମଧ୍ୟରେ ଦେଶର ବିଭିନ୍ନ ରେଳ ମାର୍ଗରେ




କବଚ ୪.୦ ସ୍ଥାପନ କରିବାକୁ ଯୋଜନା କରୁଛି। ଏପର୍ଯ୍ୟନ୍ତ ୩୦ହଜାରରୁ ଅଧିକ ଲୋକଙ୍କୁ କବଚ ପ୍ରଣାଳୀ ଉପରେ ତାଲିମ ଦିଆଯାଇଛି। ଭାରତୀୟ ରେଳ ସିଗ୍‌ନାଲ ଇଞ୍ଜିନିୟରିଂ ଓ ଟେଲିକମ୍ୟୁନିକେଶନ ସଂସ୍ଥାନ (ଆଇଆର୍‌ଆଇଏସ୍‌ଇଟି) ଏଆଇସିଟିଇ ମାନ୍ୟତାପ୍ରାପ୍ତ ୧୭ଟି ଇଞ୍ଜିନିୟରିଂ କଲେଜ ଓ ବିଶ୍ୱବିଦ୍ୟାଳୟ ସହ ଚୁକ୍ତି କରିଛି, ଯାହା ଦ୍ୱାରା ବି.ଟେକ୍ ପାଠ୍ୟକ୍ରମରେ କବଚକୁ ସାମିଲ କରାଯିବ।

# ନାତୁଣୀ ଆଗରେ ଆଈଙ୍କୁ କଚାଡ଼ି ମାରିଲା ହାତୀ

କେନ୍ଦୁଝର,୩୦।୭
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନଖଣ୍ଡ ତେଲକୋଇ ବନ୍ୟାଞ୍ଚଳ କାଳିଆହତା ପଞ୍ଚାୟତ ଅନ୍ତର୍ଗତ ଗଳଦା ଗ୍ରାମରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ଉକ୍ତ ଗ୍ରାମର ବନିତା ମାଝୀ (୬୫)। ରାତି ପ୍ରାୟ ୧୨ ଟାରେ ଏକ ୮ ଟିକିଆ ହାତୀପଲ ଢେଙ୍କାନାଳ ଜିଲାରୁ ଗଳଦା ଗ୍ରାମକୁ ପଶି ଆସିଥିଲେ। ହାତୀପଲ ଜଙ୍ଗଲ ନିକଟରେ ଥିବା ବନିତାଙ୍କ ଘରକୁ ଭାଙ୍ଗି ଦେଇଥିଲେ। ଘରେ ବନିତା ଓ ତାଙ୍କ ନାତୁଣୀ ଶୋଇଥିବା ବେଳେ ଜୀବନ ବଞ୍ଚାଇବା ପାଇଁ ପଡ଼ୋଶୀଙ୍କ ଘରକୁ ଦୌଡ଼ିଥିଲେ। ସେ ସମୟରେ ବନିତାଙ୍କୁ ଏକ ହାତୀ ଶୁଣ୍ଢରେ ଟାଣି ଆଣି କଚାଡ଼ି ଦେଇଥିଲା। ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ନାତୁଣୀ ବର୍ତ୍ତିଯାଇଥିଲେ। ସେହିପରି ସୋମବାର ବିଳମ୍ବିତ ରାତିରେ ୨ ହାତୀ ଆକ୍ରମଣରେ ବଡ଼ବିଲ ରେଞ୍ଜ ଖେଣ୍ଡରା ଗ୍ରାମର ନୁଦୁ ମୁଣ୍ଡା (୪୫)ଙ୍କ ମୃତ୍ୟୁ ଘଟିଥିଲା। ୨ ଦିନର ୨ ଜଣଙ୍କ ମୃତ୍ୟୁ ବନ ବିଭାଗର ନିଦ ହଜାଇଦେଇଥିବା ବେଳେ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି।

# ତରିକୁନ୍ଦ-ନୂଆଦା ମାଛଗାଁ କେନାଲରେ ୨୦ ଫୁଟର ଘାଇ



ରଘୁନାଥପୁର,୩୦।୭
(ରାଜେନ୍ଦ୍ର ନାରାୟଣ ସିଂହ)

ଜଗତ୍‌ସିଂହପୁର ଜଳସମ୍ପଦ ବିଭାଗ ଅଧୀନ ରଘୁନାଥପୁର ବ୍ଲକ ତରିକୁନ୍ଦ ନୂଆଦା ନିକଟରେ ବୁଧବାର ଅପରାହ୍ଣରେ ମାଛଗାଁ କେନାଲର ବନ୍ଧ ଭାଙ୍ଗି ୨୦ ଫୁଟର ଘାଇ ସୃଷ୍ଟି ହୋଇଛି। ଫଳରେ କଟକ-ଜଗତ୍‌ସିଂହପୁର ୫୫ ନଂ. ଜାତୀୟ ରାଜପଥ ଉପରେ ୩ ଫୁଟ ଉଚ୍ଚତାର ପାଣି ଚାଲିଛି। ଫଳରେ ଲୋକଙ୍କ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ପାଣି ତରିକୁନ୍ଦ ସମେତ ବିଶ୍ୱନାଥପୁର, ଶାନ୍ତିଓଡା, ଅଣ୍ଡିଆସାହି ଓ ଗରୁଆଳ ଆଦି ଗାଁର ଶତାଧିକ ହେକ୍ଟର ଚାଷ ଜମିରେ ପାଣି ପ୍ରବେଶ କରୁଥିବାରୁ ବ୍ୟାପକ କ୍ଷତି ହେବା ଆଶଙ୍କା ରହିଛି। ଘାଇକୁ ତୁରନ୍ତ ବନ୍ଦ କରିବା ପାଇଁ ଘଟଣାସ୍ଥଳରେ ଜଗତ୍‌ସିଂହପୁର ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ କାମଦେବ ଦାଶ, ବାଲିଆ ଉପନିର୍ବାହୀ ଯନ୍ତ୍ରୀ ସିଦ୍ଧାର୍ଥ ଜେନା ଉପସ୍ଥିତ ରହି ମରାମତି କାର୍ଯ୍ୟର ତଦାରଖ କରୁଛନ୍ତି। ଚାଷୀମାନଙ୍କ କହିବା କଥା, ୨ ବର୍ଷ ପୂର୍ବେ ଏହି ସ୍ଥାନରେ ଏକ ଘାଇ ସୃଷ୍ଟି ହୋଇ ଅନେକ ଧାନ ଫସଲ ନଷ୍ଟ ହୋଇଥିଲା। ପୁଣି ଏଠାରେ ଘାଇ ହୋଇଛି। ଜଳସମ୍ପଦ ବିଭାଗ ଏହି କେନାଲର ରକ୍ଷଣାବେକ୍ଷଣରେ ଚରମ ଅବହେଳା ଓ ଠିକାଦାରଙ୍କ ପ୍ରତି କୋହଳ ମନୋଭାବ ଯୋଗୁ ବନ୍ଧ ଭାଙ୍ଗି ଚାଷଜମି ଜଳମଗ୍ନ ହେଉଛି।

# ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ, ୨ ଝିଅଙ୍କ ସହ ଦମ୍ପତି ଗୁରୁତର

ହିଞ୍ଜିଳିକାଟୁ, ୩୦।୭(ଦ୍ୱିତୀକୃଷ୍ଣ ପଣ୍ଡା)

ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ସୁନାଡିମିରା ସାହିରେ ବୁଧବାର ସନ୍ଧ୍ୟାରେ ଜଣେ ବ୍ୟକ୍ତିଙ୍କ ଘରେ ରୋଷେଇ ବେଳେ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ଘଟିଛି। ଏଥିରେ ପରିବାରର ସ୍ୱାମୀ, ସ୍ତ୍ରୀ ଗୁରୁତର ଆହତ ହୋଇଛନ୍ତି। ଏଥିସହ ସେମାନଙ୍କ ୨ ଝିଅ ମଧ୍ୟ ଆହତ ହୋଇଥିବା ଜଣାପଡିଛି। ଗୁରୁତର ଦମ୍ପତି ହେଲେ ବିପ୍ର ମହାରଣା (୬୦) ଓ ତାଙ୍କ ସ୍ତ୍ରୀ ସଂଯୁକ୍ତା ମହାରଣା (୪୫)। ଆହତ ହୋଇଥିବା ସେମାନଙ୍କ ୨ ନାବାଳିକା ଝିଅ ହେଲେ ପ୍ରିୟା ମହାରଣା (୧୪) ଓ ପ୍ରାଚୀ ମହାରଣା (୧୩)। ଗୁରୁତର ଓ ଆହତମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଗ୍ୟାସ ସିଲିଣ୍ଡର ବିସ୍ଫୋରଣରେ ବିପ୍ର ଓ ସଂଯୁକ୍ତାଙ୍କ ଶରୀରର ପ୍ରାୟ ୭୫ରୁ ୮୦ ପ୍ରତିଶତ ପୋଡ଼ି ଯାଇଥିବା ଡାକ୍ତରଖାନା ସୂତ୍ରରୁ ପ୍ରକାଶ। ଗୁରୁତର ଦମ୍ପତିଙ୍କୁ ଏଠାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

ଖବରରୁ ଜଣାପଡ଼ିଛି, ହିଞ୍ଜିଳିକାଟୁ ସୁନାଡିମିରା ସାହିରେ ବିପ୍ର ପରିବାର ସହ ରହନ୍ତି। ବୁଧବାର ସନ୍ଧ୍ୟାରେ ସ୍ତ୍ରୀ ସଂଯୁକ୍ତା ରୋଷେଇ କରୁଥିଲେ। କୌଣସି କାରଣରୁ ନିଆଁ ଗ୍ୟାସ ପାଇପ ଦେଇ ସିଲିଣ୍ଡରକୁ ଲାଗି ଯାଇଥିଲା। ନିଆଁକୁ କେହି ଆୟତ୍ତ କରିପାରି ନ ଥିଲେ। କିଛି ସମୟ ପରେ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ଘଟିଥିଲା। ଏଥିରେ ଘରର ଟିଣ ଛାତ ଉଡିଯିବା ସହ ଆଖପାଖରେ ଥିବା ୪ଟି ଘରର କାନ୍ଥ ଫାଟିଯାଇଛି। ଖବର ପାଇ ହିଞ୍ଜିଳିକାଟୁ ଅଗ୍ନିଶମ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।


# Classified Everyday
0674-2580101, 9692975378



## REAL ESTATE
### SALE

କଟକ ମହାନଦୀବିହାରରେ 2/3 BHK flat ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ 3BHK duplex readymade ଅଛି। 8327785834. D-76286

ଭୁବନେଶ୍ୱର-ପିପିଲି ଟୋଲ୍‌ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ପ୍ଲଟ୍ 2/3BHK flat, duplex ବିକ୍ରିହେବ। Diptimayee Pati- 8763740343. D-76296

Nearest Grand Bazar Project 30 Feet Wide Road Gharabari Plot with Boundarywall 1.5Km. Distance from NH-16 Price-1800/- Per Square Feet. Contact- 9337493150. D-1485




5800sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-1278




All types hair cutting Body Massage by Smart lady one hour 700/-, room Services Available contact- 7788888200 D-76301

Newly open health benefits SPA special Offer @ 799 Bapujinagar. 7327058897. D-76931

## AFFIDAVIT

I, Sanu Samal, D/o. Prabhat Kumar Samal, Vill/P.O.- Dighi, P.S.- Kamakhyanagar, Dist.- Dhenkanal, Odisha- 759023, have changed my name from Sanu Swain to Sanu Samal, dtd- 23.07.2025 before Executive Magistrate, Kamakhyanagar. D-1489

By virtue of an affidavit sworn before Executive Magistrate, Rourkela, dated- 29.07.2025, I, Mina Bag, Address: D/o- Dolagobinda Bag, G/5, Sector- 19, Rourkela 5, P.S.- Sector- 19, P.O.- Sector- 19, Dist.- Sundargarh, Odisha, PIN- 769005, declare that I have changed my name from Mina Deep to Mina Bag. Henceforth, I shall be known as Mina Bag for all purposes.
Mina Bag D-1494

By virtue an affidavit sworn before Executive Magistrate, Rasgobndpur, Mayurbhanj, date- 17.04.2025, I, Jagannath Hati, Address: At.- Banakati Samil Jodapada, P.O.- Gobara, P.S.- Rasgobindpur, Dist.- Mayurbhanj, State- Odisha, PIN- 757016, declare that I have changed my son's name from Jharana Hati to Pratima Hati. Henceforth, she shall be known as Pratima Hati for all purposes.
Jagannatha Hati D-1493

I, Subhransu Bala Samal, D/o- Late Naba Kishore Samantray, resident of Plot No.- 775/290, Badagada, near State Bank of India, P.O.- Badagada Brit Colony, P.S.- Badagada, Dist.- Khordha, 751018, Odisha, declare by this affidavit No.- 65, dtd.- 18.07.2025, that now onwards, I shall be known as Subhranshubala Samantaray for all future purposes. D-1483

By virtue of an affidavit sworn before Executive Magistrate, Bargarh I, Nisha Qureshi, W/o- Abdul Amaan Qureshi, resident of Ward No.- 12 (Pathan Pada), P.O./P.S./Dist.- Bargarh, changed my name from Nisha to Nisha Quereshi. Henceforth, I shall be known as Nisha Quereshi for all purposes. D- 1492

By virtue of an affidavit sworn before Executive Magistrate, Tangi-choudwar dt- 12.03.25. I, Priyanka Priyadarshini, D/o- Dhirendra Lenka At- Nursinghpur, P.O.- Jaripada, P.S.- Tangi, Dist.- Cuttack declare that I have changed my name from Payal Priyadarshini to Priyanka Priyadarshini. Henceforth, I shall be known as Priyanka Priyadarshini for all purposes. D-1491

By virtue of an affidavit sworn before the Executive Magistrate, Saintala, dated- 25.07.2025, I, Kamala Nag, resident of Village At- Rengali, P.O.- Kamarlaga, P.S.- Saintala, Dist.- Balagir (Odisha), PIN- 767032, declare that I have changed my name from Kamalini Nag to Kamala Nag. Henceforth, I shall be known as Kamala Nag for all purpose.
Kamala Nag D-1487

By virtue of an affidavit before the Executive Magistrate, Dharakote, Ganjam on dtd. 18.07.2025, I am Smt. Rina Guru, D/o- Bijaya Swain, residing at Jahada, P.S.- Dharakote, Dist.- Ganjam, 761107 hereby declare that my actual name is Rina Guru, D/o- Bijaya Swain mentioned in Aadhaar Card and in my Voter Card my name is mentioned as Rina Guru, W/o- Prafulla Guru but in my son's BSE 10th Certificate my name is mentioned as Runa Guru. that Rina Guru and Runa Guru is same and one person. It is for all purpose. D-1495

I, Nakula Sahoo, S/o Late Satrughana Sahoo, resident of VIM- 647, Sailashree Vihar, Chandrasekharpur, Bhubaneswar, Dist.- Khordha, Odisha- 751021, declare by this affidavit No.- 510, dt- 21.07.25, that now onwards, I shall be known as Nakul Sahoo for all future purposes. D-1484

By virtue of an affidavit sworn before Executive Magistrate, Nayagarh, dated- 30.07.2025, I Rabindra Kumar Jena, S/o- Magi Jena, At- Grameswar, P.O.- P.S.- Bolagarh, Dist.- Khordha, PIN- 752066 declare that, I have changed the name of my son from Soma Jena to Somanath Jena. Henceforth, he shall be known as Somanath Jena for all purposes.
Rabindra Kumar Jena D-1496



By virtue of an affidavit sworn before the Executive Magistrate, Sambalpur No.- 2209, date- 22.07.25, I Dulal Chandra Pradhan, R/o. Sakhipara new colony, P.S.- Dhanupali, P.O./ Dist.- Sambalpur, declare that in order to correct the Aadhar Card and Birth Certificate of my son Avinav Pradhan. Henceforth he shall be known of Avinav Pradhan instead of Abhinav Pradhan for all future purpose. D-1490

## ମନେ ପଡ଼ନ୍ତି



D-1486

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

### ପାଠକଙ୍କ ପାଇଁ ସୂଚନା।

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


## LEGAL NOTICE

I.R. No.- 1289
date- 29.07.2025

ମାନ୍ୟବର ଅତିରିକ୍ତ କମିଶନର (ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଆଇ.ଏ.ଏସ୍) ରିଭିଜନ କୋର୍ଟ ନଂ.-୨. ଏଚ୍.ଓ.ଡି. ବିଲ୍ଡିଂ, ୟୁନିଟ୍- ୫, ଭୁବନେଶ୍ୱର। ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮, ଆଇନର ଧାରା ୧୫ (ଖ) ଅନୁଯାୟୀ,
ଓ.ଏସ୍.ଏସ୍ କେସ୍ ନଂ- ୯୨/୨୦୨୩
ଶ୍ରୀମତୀ ବାସନ୍ତୀ ଜଗଦେବ, ସ୍ୱା- ମନୋଜ ଜଗଦେବ ....ବାଦୀ
ବନାମ
ସଙ୍ଗୀତା ମିଶ୍ର ଏବଂ ଅନ୍ୟମାନେ .....ପ୍ରତିବାଦୀମାନେ।
(ଇସ୍ତାହାର ତରଫ ଦରଖାସ୍ତକାରୀ ଆଦେଶ ନଂ.- ୫ ନିୟମ- ୨୦ ଉପନିୟମ ୧(ଏ) ଦେଓ୍ୱାନୀ କାର୍ଯ୍ୟବିଧି ସଂହିତା ମୁତାବକ ନିମ୍ନଲିଖିତ ପ୍ରତିବାଦୀ ନଂ. ୧. କିମ୍ବା ତାଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲ ମାନ୍ୟବର କୋର୍ଟଙ୍କର ଧାର୍ଯ୍ୟ ତାରିଖରେ ଉପସ୍ଥିତ ରହି ଉକ୍ତ ମୋକଦ୍ଦମାକୁ ସେମାନଙ୍କ ପକ୍ଷତରଫରୁ ପରିଚାଳନା କରିବା ପାଇଁ ଖବର ଦ୍ୱାରା ବିଜ୍ଞପ୍ତି)

ପ୍ରତିବାଦୀ ନଂ. ୧- ଶ୍ରୀମତୀ ସଙ୍ଗୀତା ମିଶ୍ର, ପି- ଦୁତିକୃଷ୍ଣ ମିଶ୍ର, ଠିକଣା: ସା/ପୋ- ହିଲ୍ ପାଟଣା, ଥାନା- ବ୍ରହ୍ମପୁର, ଜିଲ୍ଲା- ଗଞ୍ଜାମ, ଆପଣଙ୍କ ଗୋଚରାର୍ଥେ ଜଣାଇଦିଆଯାଉଛି କି ମାନ୍ୟବର କୋର୍ଟରେ ତଫସିଲ ସମ୍ପତ୍ତି ଭୁବନେଶ୍ୱର ତହସିଲଦାରଙ୍କ ଅଧୀନସ୍ଥ ଅନ୍ଧାରୁଆ ମୌଜା, ସାବକ ଖାତା ନଂ. ୩୫୭, ପ୍ଲଟ୍ ନଂ. ୨୧୨୧, ରକବା ଏ୦.୨୦୫ଡି, ଯାହାର ହଲ୍ ଖାତା ନଂ. ୨୩୫୭, ହାଲ୍ ପ୍ଲଟ ନଂ ୬୬୨୪/୮୩୨୨, ଏ୦.୧୦୦ଡି.( ଯାହାକି ଭୁଲ୍‌କ୍ରମେ ହାଲ୍ ପ୍ଲଟ୍ ନଂ. ୬୪୨୪/୮୩୨୨ ଲିପିବଦ୍ଧ ହୋଇଅଛି) କୁ ଦରଖାସ୍ତକାରୀଙ୍କ ନାମରେ ରେକର୍ଡ ଦରଜ କରିବା ପାଇଁ ମାନ୍ୟବର କୋର୍ଟରେ ରିଭିଜନ ମୋକଦ୍ଦମା କରିଛନ୍ତି, ଯାହାର ଧାର୍ଯ୍ୟ ତାରିଖ ଆସନ୍ତା ତା- ୦୨.୦୯.୨୦୨୫ରିଖ ଦିବା ୧୧.୩୦ ଘଟିକାକୁ ସ୍ଥିରୀକୃତ ହୋଇଅଛି। ଏଣୁ ଅଦ୍ୟ ବିଜ୍ଞପ୍ତି ଦ୍ୱାରା ଆପଣଙ୍କୁ ଜଣାଇଦିଆଯାଉଛି କି ଉପରଲିଖିତ ଧାର୍ଯ୍ୟ ତାରିଖ ଦିନ ପ୍ରତିବାଦୀ କିମ୍ବା ତାଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ଓକିଲଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଉକ୍ତ ମୋକଦ୍ଦମାରେ ତାଙ୍କ ପକ୍ଷ ରଖିବେ। ଅନ୍ୟଥା ନିୟମ ଅନୁଯାୟୀ ମାନ୍ୟବର କୋର୍ଟ ବିଚାର କରିବେ।

ସ୍ଥାନ- ଭୁବନେଶ୍ୱର
ମାନ୍ୟବର ଅତିରିକ୍ତ ରିଭିଜନ
କୋର୍ଟଙ୍କ ଆଦେଶକ୍ରମେ
ଧ-୧୪୬୭

Letter No. 1442,
dt-29.07.2025

ମାନ୍ୟବର ଆଡିସନାଲ କମିଶନର ଶ୍ରୀ ପ୍ରଦୀପ କୁମାର ନାୟକ, (ଭା.ପ୍ର.ସେ.), ଆଡିସନାଲ ରିଭିଜନ କୋର୍ଟ ନଂ.-୪ଙ୍କ ଅଦାଲତ, ଭୁବନେଶ୍ୱର, ୪ର୍ଥ ମହଲା ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର।
O.S.S, Case No.-1009/2024.
ଶ୍ରୀ ସାଧୁଚରଣ ସାମନ୍ତରାୟ .... ବାଦୀ/ଦରଖାସ୍ତକାରୀ
ବନାମ
ଶ୍ରୀମତୀ ବୀଣା ଓଝା ଓ ଅନ୍ୟମାନେ ... ପ୍ରତିବାଦୀ/ଅପରପକ୍ଷ
ପ୍ରାପ୍ତେଷୁ
୧. ଶ୍ରୀମତୀ ବୀଣା ଓଝା, ବ୪୮ର୍ଷ, ସ୍ୱାମୀ- ଶ୍ରୀ କୁଳମଣି ଓଝା, ପିତା- ୰ଭଜନୀ ଓଝା, ଗ୍ରାମ/ପୋ-ଦାରୁଠେଙ୍ଗ, ଥାନା-ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା..... ପ୍ରତିବାଦୀ ନଂ.୧
୨. ଶ୍ରୀମତୀ ଅନୁପମା ମହାନ୍ତ, ସ୍ୱାମୀ-ବିରଞ୍ଚି ନାରାୟଣ ମହାନ୍ତ, ଗ୍ରାମ-ସାନନଇ, ପୋଷ୍ଟ- ଟଙ୍ଗାବିଲା, ଥାନା-ଯଶିପୁର, ଜିଲ୍ଲା-ମୟୂରଭଞ୍ଜ... ପ୍ରତିବାଦୀ ନଂ.୨
ନୋଟିସ

ସିପିସି ଅର୍ଡର-୫, ରୁଲ୍-୨୦, ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ- ୧୯୫୮, ଧାରା-୧୫ (ଖ) ମୁତାବକ ମାନ୍ୟବର ଆଡିସନାଲ କମିଶନର, ଆଡିସନାଲ ରିଭିଜନ କୋର୍ଟ ନଂ.-୪ ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ସାଧୁଚରଣ ସାମନ୍ତରାୟ ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମୋକଦ୍ଦମା ଦାଏର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ.-୧ ଓ ୨ଙ୍କ ଠିକଣାରେ ନୋଟିସ ରେଜେଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ନୋଟିସ ବିନା ଜାରି ହୋଇ ଫେରିଆସିଥିଲା।

ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ.-୧ ଓ ୨ଙ୍କୁ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି କି ଯେ ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ ରିଭିଜନ କୋର୍ଟ ନଂ.-୪ ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୨୦।୧୦।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି
ଜିଲ୍ଲା-ଖୋର୍ଦ୍ଧା, ତହସିଲ-ଭୁବନେଶ୍ୱର, ଥାନା-ଚନ୍ଦକା, ମୌଜା- ଭାଲୁଙ୍କା, ସାବିକ ଖାତା ନଂ.- ୪୪, ସାବିକ ପ୍ଲଟ୍ ନଂ.- ୧୮୩, ଏରିଆ- ଏ୦.୮୦୫ଡି ସ୍ୱଧରୁ କ୍ରୟ ବୃତ୍ତି ଏରିଆ- ଏ୦.୨୦୦ଡି. ଏହାର ହାଲ୍ ଖାତା ନଂ.- ୧୧, ହାଲ୍ ପ୍ଲଟ୍ ନଂ.- ୧୮୧, ଏରିଆ- ଏ୦.୮୦୫୦ଡି. କିସମ-ପତିତ।

ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦୀ ନଂ.-୧ ଓ ୨ ମୃତ ହୋଇଥିଲେ ୱାରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦ୍‌ବିଲ କରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ।

ସ୍ୱା./- ଆଡିସନାଲ ରିଭିଜନ କୋର୍ଟ ନଂ.-୪
ଭୁବନେଶ୍ୱରଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଫିସର
ଧ-୧୪୬୭

## ଏବେ ବି ମନେପଡୁଛି


ଦୀପିକା

ଦୀପିକା ପାଦୁକୋନଙ୍କୁ ପ୍ରଥମେ ବଲିଉଡ୍‌ରେ ନାୟିକା ଭାବରେ ବ୍ରେକ୍ ଦେଇଥିଲେ ଫରହା ଖାନ୍। ସିନେମାଟି ଥିଲା ‘ଓମ୍ ଶାନ୍ତି ଓମ୍’। ଯେତେବେଳେ ସେ ଏହି ଫିଲ୍ମଟି ସାଇନ୍ କଲେ ସେତେବେଳେ ଏହାର ସଫଳତାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଥିଲେ। ହେଲେ ଯେତେବେଳେ ଚିତ୍ରଟି ରିଲିଜ ହେଲା ଆଉ ଆବଶ୍ୟକତାଠାରୁ ଅଧିକ ଦର୍ଶକାଦୃତ ହେଲା ସେତେବେଳେ ଦୀପିକାଙ୍କ ଖୁସି କହିଲେ ନ ସରେ। ପ୍ରଥମ ସିନେମାଟି ତାଙ୍କୁ ବେଶ୍ ମାଇଲେଜ ଦେଇଥିଲା ଆଉ ରାତାରାତି ସେ ନାୟିକା ଦୌଡ଼ରେ ନିଜକୁ ସାମିଲ କରିବାରେ ସକ୍ଷମ ହୋଇଥିଲେ। ଏ ବିଷୟରେ ସେ କହନ୍ତି, ‘‘ଫିଲ୍ମ ସାଇନ୍ କରିବା ସମୟରେ ମୋ ମନରେ ଏହି ସିନେମାକୁ ନେଇ ଅନେକ ପ୍ରଶ୍ନ ଉଙ୍କି ମାରିଥିଲା। କିନ୍ତୁ ରିଲିଜ ପରେ ତାହା ହିଟ୍ ସାବ୍ୟସ୍ତ ହେଲା ଏବଂ ମୋ ପ୍ରଥମ ସିନେମା ପାଇଁ ମୁଁ କେତୋଟି ପୁରସ୍କାର ପାଇବାରେ ସକ୍ଷମ ହୋଇଥିଲି। ଏହି ଫିଲ୍ମଟିକୁ ମୁଁ କଦାପି ଭୁଲିପାରିବି ନାହିଁ। ଆଉ ତା’ପରେ ଦର୍ଶକଙ୍କ ଭଲ ପାଇବା ଯୋଗୁ ମୁଁ ଏ ପର୍ଯ୍ୟନ୍ତ ବଲିଉଡ୍‌ରେ ତିଷ୍ଠି ରହିଛି।’’ ‘ଓମ୍ ଶାନ୍ତି ଓମ୍’ ପାଇଁ ଦୀପିକାଙ୍କୁ ଶ୍ରେଷ୍ଠ ନବାଗତା ନାୟିକା ଭାବରେ ସମ୍ମାନଜନକ ଫିଲ୍ମଫେୟାର ପୁରସ୍କାର ମିଳିଥିଲା। ଦୀପିକାଙ୍କ ଅଭିନୀତ ଶେଷ ଫିଲ୍ମ ‘ସିଂଘମ୍ ଏଗେନ୍’ ଗତ ବର୍ଷ ରିଲିଜ ହୋଇଥିଲା। ଏଥିରେ ତାଙ୍କର ଚରିତ୍ର ଡିସିପି ଶକ୍ତି ସେଟ୍ଟି ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା। ବର୍ତ୍ତମାନ ସେ ଅଭିନୟ କରୁଥିବା ‘କିଙ୍ଗ’ ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି। ଏହି ଚିତ୍ରଟି ଆସନ୍ତା ବର୍ଷ ପରଦା ଉପରକୁ ଆସିବ।

## ଇନ୍‌ଷ୍ଟାଗ୍ରାମ ୧୫ ସେକେଣ୍ଡ ରିଲ୍ସ

ବର୍ତ୍ତମାନ ଇନ୍‌ଷ୍ଟାଗ୍ରାମ ଏବଂ ରିଲ୍ସର ଚାହିଦା କେତେ ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ବିଶେଷଭାବରେ ଏଥିରେ ଯୁବପିଢ଼ିଙ୍କ ସଂଖ୍ୟା ପ୍ରାୟ ଅଧିକ ହେବ। ତେବେ ଏଭଳି ଏକ ସାମ୍ପ୍ରତିକ ବିଷୟକୁ ନେଇ ଯୁବପିଢ଼ି ଏହା ଓଁ ସୋମ ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରସ୍ତୁତ ହୋଇଛି ନୂଆ ଆଧୁନିକ ମ୍ୟୁଜିକ ଭିଡିଓ ‘ଇନ୍‌ଷ୍ଟାଗ୍ରାମ ୧୫ ସେକେଣ୍ଡ ରିଲ୍ସ’। ଉକ୍ତ ଭିଡିଓଟି ନିକଟରେ ମୁକ୍ତିଲାଭ କରି ବେଶ୍ ଦର୍ଶକାଦୃତ ହୋଇଛି। ବେଶ୍ କେତୋଟି ଭଜନ ଆଲବମ୍ ଏବଂ ଆଧୁନିକ ମ୍ୟୁଜିକ ଭିଡିଓର ନିର୍ଦ୍ଦେଶନା ଦେଇ ପ୍ରଶଂସା ସାଉଁଟିଥିବା ଯୁବ ନିର୍ଦ୍ଦେଶକ ବାବୁ ବାବୁ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ପ୍ରଯୋଜନା କରିଛନ୍ତି ରାଜେନ୍ଦ୍ର ମାଥାନ। ଉକ୍ତ ଭିଡିଓକୁ ରିତେଶ ଏବଂ ସିମ୍ରନ ଦାଶଙ୍କୁ ନେଇ ଦୃଶ୍ୟାୟନ କରାଯାଇଛି। ଏହା ଏକ ଡ୍ୟାନ୍ସ ନମ୍ବର ଡୁଏଟ୍। ଏଥିପାଇଁ କଣ୍ଠଦାନ କରିଛନ୍ତି ୟଙ୍ଗ ସେନସେସନ ଗାୟକ ମଣ୍ଟୁ ଛୁରିଆ ଏବଂ ଶତାବ୍ଦୀ ତନୟା। ଗୀତ ରଚନା ବିକୁ ବାବୁ ଏବଂ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଚିନ୍ମୟ ଏବଂ ବିଭୁନ। ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଡି ଦୀପକ।


ରିତେଶ–ସିମ୍ରନ

ରିଲିଜ ଅପେକ୍ଷାରେ

## ଡେଲିଭରି ବୟ ୨

ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ପ୍ରସ୍ତୁତ ତଥା ଅଶ୍ୱିନୀ ତ୍ରିପାଠୀଙ୍କ ନିର୍ଦ୍ଦେଶିତ ଓଡ଼ିଆ ସିନେମା ‘ଡେଲିଭରି ବୟ ୨’ ଖୁବ୍ ଶୀଘ୍ର ରିଲିଜ ହେବାକୁ ଯାଉଛି। ଜଣେ ପୋଲିସ କନ୍‌ଷ୍ଟେବଲଙ୍କ ପୁଅ ପାର୍ଥ ଜଣେ ଡେଲିଭରି ବୟ। ତାହାର ମୃତ୍ୟୁ ରହସ୍ୟକୁ ନେଇ କାହାଣୀ ଗତି କରିଛି। ଅର୍ଚ୍ଚିତା, ଶୈଳେନ୍ଦ୍ର ସାମନ୍ତରାୟ, ବୁଦ୍ଧାଦିତ୍ୟ ମହାନ୍ତି, ପ୍ରିୟମ୍ବଦା, ଶ୍ରୀତମ ଦାସ ଏବଂ ଏକ ବିଶେଷ ଭୂମିକାରେ ଭୂମିକା ଦାଶ ଓ ସନ୍ତୁ ଅଭିନୟ କରିଛନ୍ତି। ଗୀତଗୁଡିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ। ଏହି ଫିଲ୍ମଟି ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ ବୋଲି ଆଶା ରଖିଛନ୍ତି ଏହାର କ୍ରିଏଟିଭ ହେଡ ପ୍ରଣୟ ଜେଠୀ।


‘ଡେଲିଭରି ବୟ ୨’ ଫିଲ୍ମରେ ବୁଦ୍ଧାଦିତ୍ୟ–ଅର୍ଚ୍ଚିତା

## ଅପେକ୍ଷା ଦୀପାବଳିକୁ

ଦକ୍ଷିଣ ଭାରତୀୟ ସିନେମାରେ କାଜଲ ଅଗ୍ରୱାଲ ଜଣେ ଅନ୍ୟତମ ବ୍ୟସ୍ତ ଅଭିନେତ୍ରୀ। ହେଲେ ଇତିମଧ୍ୟରେ ସେ ବେଶ୍ କେତୋଟି ହିନ୍ଦୀ ସିନେମାରେ ମଧ୍ୟ ଅଭିନୟ କରିସାରିଲେଣି। ଦିନକୁ ଦିନ ସଫଳତାର ଶିଡ଼ି ଚଢୁଥିବା ଏହି ଲୋକପ୍ରିୟ ନାୟିକା ଏଥର ଦୀପାବଳିକୁ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। କଥା କ’ଣ କି ବିଗ୍ ବଜେଟ ହିନ୍ଦୀ ସିନେମା ‘ରାମାୟଣ’ର ପ୍ରଥମ ଭାଗ ଚଳିତ ବର୍ଷ ଦୀପାବଳିରେ ରିଲିଜ ହେବାକୁ ଯାଉଛି। ଏହି ଫିଲ୍ମରେ କାଜଲଙ୍କୁ ମନ୍ଦୋଦରୀ ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ। ଉକ୍ତ ସିନେମାରେ ରାମ ଚରିତ୍ରରେ ରଣବୀର କପୁର, ସୀତା ଭୂମିକାରେ ସାଇ ପଲ୍ଲବୀ ଏବଂ ହନୁମାନ ଭୂମିକାରେ ସନ୍ନି ଦେଓଲ ଅଭିନୟ କରୁଛନ୍ତି। ଆଉ ରାବଣ ସାଜିଛନ୍ତି ସୁପରଷ୍ଟାର ଯଶ। ଯେତେବେଳେ ନିର୍ଦ୍ଦେଶକ ନିତେଶ ତିୱାରୀ ମନ୍ଦୋଦରୀ ଭୂମିକାରେ କିଏ ଅଭିନୟ କରିବେ ବୋଲି ଚିନ୍ତା କଲେ ସେତେବେଳେ ତାଙ୍କ ମନକୁ କାଜଲ ଅଗ୍ରୱାଲଙ୍କ କଥା ଆସିଲା। ବାସ୍, ତା’ପରେ ସତେ ଯେମିତି ତାଙ୍କୁ ଖୋଜିଲା ଚିଜ ମିଳିଗଲା। ସେପଟେ ଏଭଳି ସୁଯୋଗକୁ ଆଦୌ ହାତଛଡ଼ା କରି ନ ଥିଲେ କାଜଲ ଅଗ୍ରୱାଲ।


କାଜଲ

## ଯଦି ଅଭିନେତ୍ରୀ ହୋଇ ନ ଥାନ୍ତି...

କଙ୍ଗନା ରାଣାଓ୍ବତ ଏକାଧାରରେ ଜଣେ ଅଭିନେତ୍ରୀ, ପ୍ରଯୋଜିକା ଏବଂ ନିର୍ଦ୍ଦେଶିକା। ଏପରି ନିଜର ବଳିଷ୍ଠ ଅଭିନୟ ପାଇଁ ସେ ‘କୁଇନ୍’ (୨୦୧୪) ଏବଂ ‘ତନୁ ୱେଡସ ମନୁ ରିଟର୍ନସ’ (୨୦୧୫) ଲଗାତର ଦୁଇ ଥର ଶ୍ରେଷ୍ଠ ଅଭିନେତ୍ରୀ ଭାବରେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ହାସଲ କରିବାରେ ସକ୍ଷମ ହୋଇଛନ୍ତି। କିନ୍ତୁ ଅଭିନୟକୁ କ୍ୟାରିୟର କରିବା ପୂର୍ବରୁ ତାଙ୍କର ଆଉ ଏକ ଇଚ୍ଛା ଥିଲା। ଚଣ୍ଡିଗଡ଼ସ୍ଥିତ ଡିଏଭି ପବ୍ଲିକ ସ୍କୁଲରେ ପାଠପଢ଼ା ଶେଷ ହେବା ପରେ ସେ ଡାକ୍ତରୀ ପଢ଼ିବାକୁ ଇଚ୍ଛା କରିଥିଲେ। କିନ୍ତୁ ଦ୍ୱାଦଶ ଶ୍ରେଣୀରେ ପଢ଼ିବା ସମୟରେ ସେ କେମେଷ୍ଟ୍ରିରେ ଫେଲ୍ ହୋଇଥିଲେ। ଆଉ ତା’ପରେ ଡାକ୍ତର ହେବାର ଆଶା ତାଙ୍କର ମଉଳି ଯାଇଥିଲା। ମାତ୍ର ୧୬ ବର୍ଷ ବୟସରେ ସେ ଦିଲ୍ଲୀ ଚାଲିଆସିଲେ। ସେଠାରେ ଇଲାଇଟି ମଡେଲିଂ ଏଜେନ୍ସି ସହ ତାଙ୍କୁ ମଡେଲିଂକୁ କ୍ୟାରିୟର କରିବାକୁ ପରାମର୍ଶ ଦେଇଥିଲା। ଏହାକୁ ସେ ଗ୍ରହଣ କରି କିଛିଦିନ ମଡେଲିଂ ସହ ଜଡ଼ିତ ହୋଇଥିଲେ। କିନ୍ତୁ ଏଥିରେ ତାଙ୍କର ମନ ବୁଝିଲା ନାହିଁ। ତା’ପରେ ସେ ଅରବିନ୍ଦ ଗୌରଙ୍କ ଅସ୍ମିତା ଥିଏଟର ଗ୍ରୁପ୍‌ରେ ଯୋଗ ଦେଲେ। ବାସ୍, ସେଇଠୁ ଅଭିନୟ ପ୍ରତି ତାଙ୍କର ଆଶା ଦ୍ୱିଗୁଣିତ ହୋଇଯାଇଥିଲା। କଙ୍ଗନାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା ‘ଗ୍ୟାଙ୍ଗଷ୍ଟର’ (୨୦୦୬)। ସେହି ବର୍ଷ ତାଙ୍କ ଅଭିନୀତ ଆଉ ଏକ ସିନେମା ‘ୱ ଲମ୍‌ହେ’ ମଧ୍ୟ ରିଲିଜ ହୋଇଥିଲା। ଚଳିତ ବର୍ଷ ଜାନୁଆରୀରେ ତାଙ୍କ ଅଭିନୀତ ଏବଂ ନିର୍ଦ୍ଦେଶିତ ‘ଇମରଜେନ୍ସି’ ରିଲିଜ ହୋଇଥିଲା। ୬୦ କୋଟି ବଜେଟ୍‌ରେ ନିର୍ମିତ ଏହି ଫିଲ୍ମଟି ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା। ଏବେ ସେ ଏକ ସାଇକୋଲୋଜିକାଲ ଥ୍ରୀଲର ଫିଲ୍ମରେ ଅଭିନୟ କରିବାକୁ ଯାଉଛନ୍ତି।


କଙ୍ଗନା

ନୂଆ ସିନେମା

## ଚ୍ୟାଲେଞ୍ଜ

ଅଭିନେତା ଅର୍ଦ୍ଧେନ୍ଦୁ ସାହୁ ନିଜ ହୋମ୍ ବ୍ୟାନର ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟରେ ପ୍ରସ୍ତୁତ ହେଉଥିବା ତଥା ଏଥର ଦଶହରାରେ ରିଲିଜ ହେବାକୁ ଥିବା ନୂଆ ଓଡ଼ିଆ ସିନେମା ‘ଚ୍ୟାଲେଞ୍ଜ’ର ନାୟକ ସାଜିଛନ୍ତି। ସାଇ କିରଣ ମଙ୍ଗରାଜଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ପୁନିତ ଇସାର ଓରଫ ମହାଭାରତର ଦୁର୍ଯ୍ୟୋଧନଙ୍କୁ ଏକ ବଳିଷ୍ଠ ଚରିତ୍ରରେ ଦେଖିବାକୁ ମିଳିବ। ଅର୍ଦ୍ଧେନ୍ଦୁଙ୍କ ଅପୋଜିଟ୍‌ରେ ଅଛନ୍ତି ଏଲିନା ସାମନ୍ତରାୟ। ପୁପିନ୍ଦର–ଲିପି ବିଶେଷ ଭୂମିକାରେ ଅଭିନୟ କରିଛନ୍ତି। ଗୀତଗୁଡ଼ିକୁ ସ୍ୱର ଦେଉଛନ୍ତି ଗୌରବ ଆନନ୍ଦ। ଚିତ୍ରୋତ୍ତୋଳନ ଦାୟିତ୍ୱରେ ଅଛନ୍ତି ପ୍ରତାପ ରାଉତ।


ଅର୍ଦ୍ଧେନ୍ଦୁ

## ଓଡ଼ିଆ ସିନେମା ଓ ସଂଳାପ

ଓଡ଼ିଆ ସିନେମା ନିର୍ମାଣ ବେଳେ କାହାଣୀ, ଚିତ୍ରନାଟ୍ୟ, ସଙ୍ଗୀତ ଏବଂ କଳାକାର ଚୟନ ଆଦି ଯେଉଁସବୁ ପ୍ରମୁଖ ବିଭାଗ ପ୍ରତି ଗୁରୁତ୍ୱ ଦିଆଯାଏ ତନ୍ମଧ୍ୟରୁ ସଂଳାପ ଅନ୍ୟତମ। ସଂଳାପ ପରିବେଷଣ ଦ୍ୱାରା ଚଳଚ୍ଚିତ୍ରରେ ଚରିତ୍ର ସମୂହ ଜୀବନ୍ତ ହୁଏ। ସିନେମା ପରଦାରେ ଅଭିନେତା ଓ ଅଭିନେତ୍ରୀମାନଙ୍କ ମୁହଁରେ ଉଚ୍ଚାରିତ ସଂଳାପକାର ପ୍ରୟୋଗ ଦ୍ୱାରା ଯଦି ଏକ ସୁନ୍ଦର ପରିବେଶ ସୃଷ୍ଟି କରାଯିବ ତେବେ ଦର୍ଶକମାନେ ତାକୁ ଗ୍ରହଣ କରିଥାନ୍ତି। ତେଣୁ ସଂଳାପ ଲେଖକଙ୍କ ଗୁରୁତ୍ୱ ରହିଛି।

ଓଡ଼ିଆ ଚଳଚ୍ଚିତ୍ରର ପ୍ରମୁଖ ସଂଳାପ ଲେଖକ ଭାବେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ, ଶାରଦା ପ୍ରସନ୍ନ ନାୟକ, ନରସିଂହ ମହାପାତ୍ର, ଗୋପାଳ ଛୋଟରାୟ, ଡ. ବସନ୍ତ ମହାପାତ୍ର, ବିଜୟ ମିଶ୍ର, ପ୍ରଶାନ୍ତ ନନ୍ଦ, ଭୁବନେଶ୍ୱର ମହାପାତ୍ର, ହିମାଂଶୁ ଭୂଷଣ ସାବତ, ପ୍ରଫୁଲ୍ଲ ରଥ, ଶୀର୍ଷାନନ୍ଦ ଦାସ କାନୁନଗୋ, ଡ. ସୁବୋଧ ପଟ୍ଟନାୟକ, ନିଜାମ, ରମେଶ ପାଣିଗ୍ରାହୀ, ନନ୍ଦଲାଲ ମହାପାତ୍ର, ବିଜୟ ମଲ୍ଲ, ଡ. ନିର୍ମଳ ନାୟକ, ଦେବୀଦତ୍ତ ମହାନ୍ତି, ବାପୁ ଗୋସ୍ୱାମୀ, ଦିଲ୍ଲୀପ ଚୌଧୁରୀ, ରଣଜିତ ପଟ୍ଟନାୟକ, ରଜନୀ ରଞ୍ଜନ ଦାସ ପ୍ରମୁଖ ରହିଛନ୍ତି। କଳାକାରଟି ଛୋଟ ଚରିତ୍ରରେ ମଧ୍ୟ ସଂଳାପ ଓ ଅଭିନୟ ମାଧ୍ୟମରେ ବିଶେଷ ପରିଚିତ ଲାଭ କରିଥାନ୍ତି।



ଦିନ ଥିଲା କେତେକ ଓଡ଼ିଆ ଚଳଚ୍ଚିତ୍ର କେବଳ ସଂଳାପ ପାଇଁ ଦର୍ଶକାଦୃତ ହୋଇଥିଲା। ‘ସ୍ୱପ୍ନସାଗର’, ‘ଡୋରୀ’ ଆଦିକୁ ଏହାର ଉଦାହରଣ ଭାବରେ ନିଆଯାଇପାରେ। ସେହି ଧାରା ବଜାୟ ରହିବା ନିହାତି ଦରକାର। ଚଳଚ୍ଚିତ୍ର ସେ ଯେଉଁ ଭାଷାଭାଷୀର ହେଉ ପଛେ ସଂଳାପଗୁଡ଼ିକ ଚରିତ୍ରମାନେ କହିବା ବେଳେ ଦର୍ଶକମାନଙ୍କୁ ବିଶେଷ ଛୁଇଁଥାଏ। ହାସ୍ୟ ଅଭିନେତା ଜୟୀ ସାମଲ ‘ଦେଖ୍ ତାକୁ’ (ଫୁଲ ଚନ୍ଦନ) ସଂଳାପ ଆଜି ତାଙ୍କୁ ମନେରଖିଛି। ସଂଳାପ ଲେଖକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଭାଷାରୁ କପି କରିଦେଲେ ହେବ ନାହିଁ, ଆମ ଭାଷାରେ ସାଧାରଣ ଦର୍ଶକ ଦେଖିଲା ବେଳେ ଓଡ଼ିଆ ଗନ୍ଧ ବାରିହେବା ଜରୁରୀ।

ସଂଳାପ ଉତାରି ଚଳଚ୍ଚିତ୍ରରେ ଲେଖିବା ବଡ଼ କଥା ନୁହେଁ ତାହା ଦର୍ଶକଙ୍କୁ କିପରି ପ୍ରଭାବିତ କରିବ ତାହା ହେଉଛି ବଡ଼ କଥା। ନୀରଦ ମହାପାତ୍ର ନିର୍ଦ୍ଦେଶନାରେ ‘ମାୟା ମିରିଗ’ ଚଳଚ୍ଚିତ୍ର ବିଭୂତି ପଟ୍ଟନାୟକ କାହାଣୀ ଓ ସଂଳାପ ଲେଖି ଗୋଟାକରେ କୋଟିଏ ବ୍ୟକ୍ତିବିଶେଷ ପ୍ରଶଂସାର ପାତ୍ର ହେଲେ।

ଚଳଚ୍ଚିତ୍ର ଉତାରି କଲେ ମଧ୍ୟ ‘ଅକଲ’ର ଗୁରୁତ୍ୱ ବିଶେଷ ରହିଛି। ଭଲ ସିନେମା ପାଇଁ ଭଲ ସଂଳାପର ଆବଶ୍ୟକତା ରହିଛି। ଭଲ ସିନେମାର ପ୍ରଭାବ ରହିଛି ଓ ରହିବ। ବର୍ତ୍ତମାନର ଯୁବପିଢ଼ିର ନିର୍ଦ୍ଦେଶକ ଓ ପ୍ରଯୋଜକମାନେ ଭଲମନ୍ଦ ବିଚାରବିମର୍ଶ କରି ସିନେମା କରିବା ହେତୁ ‘ଦମନ’, ‘ପ୍ରତୀକ୍ଷା’, ‘କର୍ମ’ ଏବଂ ନିକଟରେ ରେକର୍ଡ ଆୟ କରିଥିବା ‘ବୋଉ ବୁଟୁ ଭୂତ’ ପରି ସିନେମା ବିଶେଷ ପ୍ରଭାବଶାଳୀ ହୋଇଛି। ଆଗାମୀ ଦିନରେ ଅନେକ ନୂତନ ପିଢ଼ି ଏହି ନୀତି ଆପଣେଇବା ନଜରକୁ ଆସୁଛି। ଏପରି ହେଲେ ହିଁ ଓଡ଼ିଆ ସିନେମା ୮୭ ବୟସରେ ପରିପକ୍ୱତାର ପରିଚୟ ସୁରକ୍ଷା କରିପାରିବ।

**–ଦିଲୀପ ହାଲି,**
ବଡ଼ଗଡ଼, ଭୁବନେଶ୍ୱର
ମୋ: ୯୮୬୧୦୦୯୨୫୨


‘ଛି ରେ ନନୀ’ ଫିଲ୍ମରେ ଶୈଳେନ୍ଦ୍ର

## କାହ୍ନାର ମନ କଥା

ଏକ ଗାଉଁଲି ପରିବେଶରେ କାହ୍ନାର ଜନ୍ମ। ଗାଁର ଧୂଳିମାଟିରେ ସେ ବଢ଼ିଛି। ଜଣେ ଶାନ୍ତ ସରଳ ପିଲାଟିଏ। ହେଲେ ଯେତେବେଳେ ସେ ବଡ଼ ହୋଇଛି ସାଙ୍ଗମାନଙ୍କ ସହ ମିଶି ବିପଥଗାମୀ ହୋଇଛି। ହେଲେ ଠିକ୍ ବେଳକୁ ତା’ ଜୀବନରେ ଏକ ମୋଡ଼ ଆସୁଛି। କୁସୁମ ନାମ୍ନୀ ଜଣେ ଜମିଦାର ପରିବାରର ଝିଅ ସହ ତାହାର ଭେଟ ହେଉଛି। ଆଉ ତା’ପରେ କ’ଣ ଘଟୁଛି ତାହାକୁ ଆଧାର କରି କାହାଣୀ ଆଗେଇଛି। ହଁ, ଏଭଳି କାହାଣୀକୁ ଆଧାର କରି ପ୍ରସ୍ତୁତ ଏବଂ ଅଗଷ୍ଟ ୧ ତାରିଖରେ ରିଲିଜ ହେବାକୁ ଯାଉଛି ସୀତାରାମ ଅଗ୍ରୱାଲଙ୍କ ପ୍ରଯୋଜିତ ଓ ସୁଶାନ୍ତ ମଣି (ସାନୁ)ଙ୍କ ନିର୍ଦ୍ଦେଶିତ ସିନେମା ‘ଛି ରେ ନନୀ’। ଏଥିରେ ଶୈଳେନ୍ଦ୍ର (କାହ୍ନା), ଶିବାନୀ (କୁସୁମ) ଏବଂ ଦୀପନ୍ୱିତ ଦାସମହାପାତ୍ର ପ୍ରମୁଖ ଅଭିନୟ କରିଛନ୍ତି। ଏହି ଫିଲ୍ମରେ ନିଜ ଭୂମିକାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଶୈଳେନ୍ଦ୍ର। ଏହାପୂର୍ବରୁ ସେ ଓଡ଼ିଆ ସିନେମା ‘ଡେଲିଭରି ବୟ’, ‘ଦଶମ’, ‘ଘମାଘୋଟ’, ‘ତୋର ମୋର କଟି’ ଏବଂ ‘ଗୁଣ୍ଡୁ ଗ୍ୟାଙ୍ଗଷ୍ଟର’ରେ ଶୈଳେନ୍ଦ୍ର ଭିନ୍ନ ଭିନ୍ନ ଚରିତ୍ରରେ ଅବତୀର୍ଣ୍ଣ ହୋଇସାରିଛନ୍ତି। ଫିଲ୍ମଟି ଶୈଳେନ୍ଦ୍ରଙ୍କ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ଦେଖିବାକୁ ବାକି ରହିଲା।

**ଡବ୍ଲ୍ୟୁସିଏଲ୍ ସେମିଫାଇନାଲ**

# ପାକିସ୍ତାନ ବିପକ୍ଷରେ ଖେଳିବାକୁ ଭାରତୀୟ ଖେଳାଳି ଅରାଜି

**ବର୍ମିଂହାମ, ୩୦।୭ (ପି.ଟି.):** ୱାର୍ଲ୍ଡ ଚାମ୍ପିୟନଶିପ୍ ଅଫ୍ ଲିଜେଣ୍ଡ୍ସ (ଡବ୍ଲ୍ୟୁସିଏଲ୍)ର ସେମିଫାଇନାଲରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ଖେଳିବାକୁ ଭାରତୀୟ ଖେଳାଳି ମନା କରିଦେଇଛନ୍ତି। ପହଲଗାମ ଆତଙ୍କବାଦ ଘଟଣା ଓ ଭାରତ ପକ୍ଷରୁ ପଡ଼ୋଶୀ ପାକିସ୍ତାନ ଉପରେ କରାଯାଇଥିବା ସାମରିକ କାର୍ଯ୍ୟାନୁଷ୍ଠାନ ‘ଅପରେଶନ ସିନ୍ଦୂର’ ପରେ ଦେଶର ସୃଷ୍ଟି ହୋଇଥିବା ଜାତୀୟତା ଭାବନାକୁ ଦୃଷ୍ଟିରେ ରଖି ସେମାନେ ଏହି ନିଷ୍ପତ୍ତି ନେଇଛନ୍ତି। ଇଣ୍ଡିଆ ଚାମ୍ପିୟନ୍ସ ଦଳରେ ସାମିଲ ଥିବା ଶିଖର ଧାୱନ, ଇର୍ଫାନ୍ ପଠାନ, ହରଭଜନ ସିଂ, ଯୁବରାଜ ସିଂ, ସୁରେଶ ରାଇନାଙ୍କ ଭଳି ଅନେକ କିମ୍ବଦନ୍ତୀ ଖେଳାଳି ପୂର୍ବରୁ ପାକିସ୍ତାନ ବିପକ୍ଷରେ ଖେଳିବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ଚଳିତ ଟୁର୍ନାମେଣ୍ଟରେ ପାକିସ୍ତାନ ବିପକ୍ଷ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ମଧ୍ୟ ଖେଳିବାକୁ ଭାରତୀୟ ଖେଳାଳି ମନା କରିଥିଲେ। ଆସନ୍ତା ଗୁରୁବାର ଏଜ୍‌ବାଷ୍ଟନ କ୍ରିକେଟ୍ ଗ୍ରାଉଣ୍ଡରେ ଟୁର୍ନାମେଣ୍ଟର ସେମିଫାଇନାଲ ଖେଳାଯିବାର ଅଛି। ଏହି ମ୍ୟାଚ୍‌ରେ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ଆମେ ଡବ୍ଲ୍ୟୁସିଏଲ୍‌ରେ ଉଲ୍ଲେଖନୀୟ ପ୍ରଦର୍ଶନ ଲାଗି ଇଣ୍ଡିଆ ଚାମ୍ପିୟନ୍ସଙ୍କୁ ପ୍ରଶଂସା କରୁଛୁ। ତୁମେ ଦେଶକୁ ଗର୍ବିତ କରିଛ। ଆତଙ୍କବାଦ ଓ କ୍ରିକେଟ୍ କଦାପି ଏକାଠି ଚାଲି ପାରିବେ ନାହିଁ। ଇଜିମାଇଟ୍ରିପ୍ ଭାରତ ସହ ଛିଡ଼ା ହୋଇଛି। ଆତଙ୍କବାଦ୍‌କୁ ପ୍ରୋତ୍ସାହନ ଦେଉଥିବା ଦେଶ ସହ ସମ୍ପର୍କକୁ ସୁଧାରିବା ପାଇଁ ଆମେ କୌଣସି ଇଭେଣ୍ଟକୁ ସମର୍ଥନ କରିବୁ ନାହିଁ। ଇଜିମାଇଟ୍ରିପ୍ ଡବ୍ଲ୍ୟୁସିଏଲ୍‌ରେ ଭାରତ-ପାକିସ୍ତାନ ମ୍ୟାଚ୍ ସହ ଜଡ଼ିତ ହେବ ନାହିଁ। ଦେଶ ଆଗ, ବ୍ୟବସାୟ ପରେ ବୋଲି ଲିଗ୍‌ର ମୁଖ୍ୟ ସ୍ପନ୍‌ସର ଇଜିମାଇଟ୍ରିପ୍‌ର ଉପ ପ୍ରତିଷ୍ଠାତା ନିଶାନ୍ତ ପିତ୍ତି ଏକ୍ସ’ରେ ପୋଷ୍ଟ କରିଛନ୍ତି।

# ଉଭୟ ଦଳରେ ଏକାଧିକ ପରିବର୍ତ୍ତନ



କୋଚ୍ ଗୌତମ ଗମ୍ଭୀରଙ୍କ ସହ ଆକାଶ ଦୀପ।


ନେଟ୍ସରେ ଜାକବ ବେଥେଲଙ୍କ ବ୍ୟାଟିଂ।

**ଲଣ୍ଡନ, ୩୦।୭**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ସିରିଜର ୫ମ ତଥା ଅନ୍ତିମ କ୍ରିକେଟ୍ ଟେଷ୍ଟ ଗୁରୁବାରଠାରୁ ଓଭାଲ ଗ୍ରାଉଣ୍ଡରେ ଆରମ୍ଭ ହେବ। ଆହତ ସମସ୍ୟା ଯୋଗୁ ଉଭୟ ଦଳ ଏକାଧିକ ପରିବର୍ତ୍ତନ ସହ ପଡ଼ିଆକୁ ଓହ୍ଲାଇବା ନିଶ୍ଚିତ ହୋଇଛି। ଇଂଲଣ୍ଡ ୨-୧ରେ ସିରିଜ ଅଗ୍ରଣୀ ରହିଛି। ତେଣୁ ଓଭାଲ ଟେଷ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ ସହ ଭାରତ ସିରିଜ୍‌କୁ ବରାବର ରଖିବା ପାଇଁ ସୁଯୋଗ ରହିଛି। ବିଶେଷକରି ୫ମ ଟେଷ୍ଟ ପାଇଁ ମନୋନୀତ ଇଂଲଣ୍ଡ ଦଳର ବୋଲିଂ ବିଭାଗରେ ବିଶେଷ ଅଭିଜ୍ଞ ଖେଳାଳି ନାହାନ୍ତି। ତେଣୁ ଭାରତ ଏଥିରୁ ଫାଇଦା ଉଠାଇବା ଜରୁରୀ ହୋଇପଡ଼ିଛି। ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ସମେତ ୪ ପରିବର୍ତ୍ତନ ସହ ଇଂଲଣ୍ଡ ଆଗାମୀ ଟେଷ୍ଟ ଖେଳିବାକୁ ଯାଉଛି। କାନ୍ଧ ମାଂସପେସୀରେ ସମସ୍ୟା ଥିବାରୁ ଷ୍ଟୋକ୍ସ ଅନ୍ତିମ ଟେଷ୍ଟ ଖେଳିବେ ନାହିଁ। ତାଙ୍କ ସ୍ଥାନରେ ଓଲି ପୋପ୍ ଇଂଲଣ୍ଡ ଦଳର ନେତୃତ୍ୱ ନେବେ। ସେହିପରି ଅତ୍ୟଧିକ କାର୍ଯ୍ୟଭାର ଯୋଗୁ ଜୋଫ୍ରା ଆର୍ଚର ଓ ବ୍ରାଇଡନ କାର୍ସଙ୍କୁ ବିଶ୍ରାମ

**ଓଭାଲରେ ଆଜିଠୁ ପଞ୍ଚମ ଟେଷ୍ଟ**

**ଷ୍ଟୋକ୍ସଙ୍କ ସ୍ଥାନରେ ଓଲି ପୋପ୍ ଇଂଲଣ୍ଡ ଦଳର ନେତୃତ୍ୱ ନେବେ**

ଦିଆଯାଇଛି। ସେହିପରି ସ୍ପିନର ଲିଆମ ଡସନଙ୍କୁ ମଧ୍ୟ ବାହାରେ ରଖାଯାଇଛି। ଏମାନଙ୍କ ସ୍ଥାନରେ ଜ୍ୟାକବ ବେଥେଲ, ଗସ୍ ଆଟକିନସନ, ଜେମି ଓଭର୍ଟନ ଓ ଜୋଶ୍ ଟଙ୍ଗ୍‌ଙ୍କୁ ଦଳରେ ନିଆଯାଇଛି। ଜୋ ରୁଟ୍ ଓ ବେଥେଲ ଦଳର ସ୍ପିନ୍ ଚ୍ୟାଲେଞ୍ଜ ସମ୍ଭାଳିବେ। ଅଭିଜ୍ଞ କ୍ରିସ୍ ୱୋକ୍ସ ଇଂଲଣ୍ଡ ବୋଲିଂ ବିଭାଗର ନେତୃତ୍ୱ ନେବେ। ସ୍ଥାନ ପାଇଥିବା ଅନ୍ୟ ୩ ଦ୍ରୁତ ବୋଲରଙ୍କର ମୋଟ ୧୮ଟି ମ୍ୟାଚ୍ ଖେଳିବାର ଅଭିଜ୍ଞତା ରହିଛି। ଓଭାଲରେ ଷ୍ଟୋକ୍ସ କେବଳ ଜଣେ ସ୍ପେଶାଲିଷ୍ଟ ବ୍ୟାଟର ଭାବେ ଖେଳିବାକୁ ଚାହିଁଥିଲେ। ମାତ୍ର ଇଂଲଣ୍ଡ ମେଡିକାଲ ଟିମ୍ ଓ କୋଚ୍ ବ୍ରେଣ୍ଡନ ମ୍ୟାକ୍‌କୁଲମ ଭବିଷ୍ୟତକୁ ଦୃଷ୍ଟିରେ ରଖି ରିସ୍କ ନେବାକୁ ଚାହିଁ ନ ଥିଲେ। ଷ୍ଟୋକ୍ସଙ୍କ ଅନୁପସ୍ଥିତି ଇଂଲଣ୍ଡ ଆଗାମୀ ଟେଷ୍ଟରେ ନିଶ୍ଚିତ ଅନୁଭବ କରିବ। କାରଣ ସେ ଚଳିତ ସିରିଜରେ ଲିଡିଂ ଉଇକେଟ୍ ଟେକର ଭାବେ ୧୭ ଉଇକେଟ ନେଇସାରିଛନ୍ତି। ଏହା ବ୍ୟତୀତ ବ୍ୟାଟ୍‌ରେ ମଧ୍ୟ ଚମକ ଦେଖାଇ ୩୦୪ ରନ୍ କରିବା ସହ ଗତ ୨ଟି ଟେଷ୍ଟରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ବେଥେଲଙ୍କୁ ସାମିଲ କରି କୋଚ୍ ମ୍ୟାକ୍‌କୁଲମ ଇଂଲଣ୍ଡର ବାଜ୍‌ବଲ୍ ରଣନୀତିକୁ ସ୍ପଷ୍ଟ କରିଦେଇଛନ୍ତି।

ଭାରତୀୟ ଦଳ ମଧ୍ୟ ଏକାଧିକ ପରିବର୍ତ୍ତନ ସହ ଆଗାମୀ ମ୍ୟାଚ୍‌ରେ ପଡ଼ିଆକୁ ଓହ୍ଲାଇପାରେ। ଆହତ ରିଷଭ ପନ୍ତ ଓହରି ଯାଇଥିବାରୁ ତାଙ୍କ ସ୍ଥାନରେ ଉଇକେଟ୍‌କିପର ଧ୍ରୁବ ଜୁରେଲ ଖେଳିବେ। ସେହିପରି ଯଶ୍‌ପ୍ରୀତ୍ ବୁମ୍‌ରା ଆଗାମୀ ଟେଷ୍ଟରେ ଖେଳିବା ସମ୍ଭାବନା ଖୁବ୍ କମ୍। ପିଠିରେ ଯନ୍ତ୍ରଣା ଓ ଭବିଷ୍ୟତକୁ ଦୃଷ୍ଟିରେ ରଖି ଭାରତୀୟ ମେଡିକାଲ ଟିମ୍ ତାଙ୍କୁ ଏପରି କିଛି ପରାମର୍ଶ ଦେଇଥିବା ସୂଚନା ରହିଛି। ତାଙ୍କ ସ୍ଥାନରେ ଆକାଶ ଦୀପ ଖେଳିବା ସମ୍ଭାବନା ରହିଛି। ଆହତ ସମସ୍ୟା ଯୋଗୁ ପୂର୍ବ ଟେଷ୍ଟ ଖେଳି ନ ଥିବା ଆକାଶ ଦୀପ ନେଟ୍ସରେ ଜୋର୍‌ଦାର ଅଭ୍ୟାସ କରିଛନ୍ତି। ଅନ୍ୟ ପେସ୍ ବୋଲିଂ ବିକଳ୍ପ ପ୍ରସିଦ୍ଧ କ୍ରିଷ୍ଣା, ଶାର୍ଦ୍ଦୁଳ ଠାକୁର, ଅର୍ଶଦୀପ ସିଂ ଓ ଅଂଶୁଲ କାମ୍ବୋଜ୍‌ଙ୍କ ଉପରେ ମଧ୍ୟ କୋଚ୍ ଗୌତମ ଗମ୍ଭୀର ନଜର ରଖିଛନ୍ତି। ଯଦି ବୁମ୍‌ରା ନ ଖେଳନ୍ତି ମହମ୍ମଦ ସିରାଜଙ୍କ ସହ ଅନ୍ୟ ଖେଳାଳିଙ୍କୁ ନେଇ ବୋଲିଂ କମ୍ବିନେଶନକୁ ସଜଡ଼ାଯିବ। ସ୍ପିନ୍ ବୋଲିଂ ଏକ୍ସପର୍ଟ କୁଲଦୀପ ଯାଦବଙ୍କୁ ମଧ୍ୟ ସୁଯୋଗ ମିଳିବାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ପୂର୍ବ ଟେଷ୍ଟରେ ଦୁଇ ସ୍ପିନ୍ ବୋଲିଂ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ ସୁନ୍ଦର ଶତକ ହାସଲକରି ଦଳକୁ ବିପଦରୁ ମୁକ୍ତ କରିବା ସହ ମ୍ୟାଚ୍ ଡ୍ର ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତେଣୁ ଏ ଦୁହେଁ ପୁଣି ଦଳରେ ରହିବା ନିଶ୍ଚିତ। ଏପରି ସ୍ଥଳେ କୁଲଦୀପଙ୍କୁ ସାମିଲ କରିବାକୁ ହେଲେ ଟିମ୍ ମ୍ୟାନେଜ୍‌ମେଣ୍ଟଙ୍କୁ ନିଶ୍ଚିତ ଅଙ୍କକଷା ଜୋର୍‌ଦାର କରିବାକୁ ହେବ। ଠାକୁର ଏବେ ଶ୍ରେଷ୍ଠ ଫର୍ମରେ ନ ଥିଲେ ମଧ୍ୟ ବ୍ୟାଟିଂ ଲାଇନ୍‌ଅପ୍‌କୁ ଲମ୍ବା ରଖିବା ପାଇଁ ତାଙ୍କୁ ପୁଣି ସୁଯୋଗ ମିଳିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ।

ଏହି ମ୍ୟାଚ୍‌ରେ ଟିମ୍ ଇଣ୍ଡିଆ ଅଧିନାୟକ ଶୁବମନ ଗିଲ୍ ଏକାଧିକ ରେକର୍ଡ କରିବା ସମ୍ଭାବନା ରହିଛି। ଗତ ୪ ଟେଷ୍ଟରେ ୭୨୨ ରନ ସଂଗ୍ରହ କରିସାରିଥିବା ଗିଲ୍ ଗୋଟିଏ ସିରିଜରେ ସର୍ବାଧିକ ରନ୍ ସ୍କୋର କରିଥିବା ସୁନୀଲ ଗାଭାସ୍କରଙ୍କ ରେକର୍ଡଠାରୁ ଆଉ ମାତ୍ର ୫୨ ରନ୍ ଦୂରରେ ଅଛନ୍ତି। ସେହିପରି ଭାରତୀୟ ଅଧିନାୟକ ଭାବେ ଗୋଟିଏ ସିରିଜରେ ସର୍ବାଧିକ ରନ୍ କରିଥିବା ଗାଭାସ୍କରଙ୍କଠାରୁ ସେ ଆଉ ୧୧ ରନ୍ ଦୂରରେ ରହିଛନ୍ତି। ୧୯୭୮-୭୯ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜରେ ଅଧିନାୟକ ଥାଇ ଗାଭାସ୍କର ୭୩୨ ରନ୍ କରିଥିଲେ। ଚଳିତ ସିରିଜରେ ୫୧୧ ରନ୍ ସହ ଲୋକେଶ ରାହୁଲ ମଧ୍ୟ ଏକାଗ୍ରତା ରକ୍ଷା କରିଥିବା ପରିଲକ୍ଷିତ ହୋଇଛି।

# ନିଶାନ୍ତଙ୍କୁ ହରାଇଲେ ଚେତନ ଆନନ୍ଦ



ଶଟ୍ ଖେଳିବା ଅବସରରେ ଚେତନ ଆନନ୍ଦ।

**ଗ୍ରୀନ୍ ବେଜ୍ କ୍ଲାସିକ୍ ସ୍ନୁକର**

**ଭୁବନେଶ୍ୱର, ୩୦।୭(ତପନ ସ୍ୱାଇଁ)**

ଭିନ୍‌ଟେଜ୍ କ୍ଲବ ପରିସରରେ ଚାଲିଥିବା ଗ୍ରୀନ୍ ବେଜ୍ କ୍ଲାସିକ୍ ଅଲ୍ ଓଡ଼ିଶା ଓପନ୍ ୧୦ ରେଡ୍ ସ୍ନୁକର ଚାମ୍ପିୟନଶିପ୍‌ରେ ବୁଧବାର ଚେତନ ଆନନ୍ଦ ଭଲ ପ୍ରଦର୍ଶନ କରିଛନ୍ତି। ପରବର୍ତ୍ତୀ ରାଉଣ୍ଡକୁ ଯିବାକୁ ହେଲେ ନିଶ୍ଚିତ ବିଜୟ ଆବଶ୍ୟକ କରୁଥିବା ଚେତନ ଏକ ଲିଗ୍ ମ୍ୟାଚ୍‌ରେ ତୃତୀୟ ସିଡ୍ ନିଶାନ୍ତ ବିଶ୍ୱାଳଙ୍କୁ ସିଧାସଳଖ ୩-୦ ଫ୍ରେମ୍‌ରେ ପରାସ୍ତ କରିଛନ୍ତି। ମାତ୍ର ନିଶାନ୍ତ ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ପ୍ରଭାବୀ ପ୍ରଦର୍ଶନ କରିଥିବାରୁ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଦିବସର ଅନ୍ୟ ଲିଗ୍ ମ୍ୟାଚ୍‌ଗୁଡ଼ିକରେ ନିଶାନ୍ତ ୩-୦ରେ ଉଭାସ ମହାପାତ୍ର, ଆକାଶ ମହାପାତ୍ର ୩-୦ରେ ଜ୍ଞାନ ଦାସ, କୁନାଲ ଅଗ୍ରୱାଲ ୩-୧ରେ ନିଶି ପ୍ରକାଶ ଦାସ, ଶାରଦା ବେହେରା ୩-୨ରେ ଜୀତେଶ ଷଡ଼ଙ୍ଗୀ, ସିଦ୍ଧାର୍ଥ ସେନ୍ ୩-୦ରେ ରୁମିତ ଗୁପ୍ତା, ବରୁଣ ପୂର୍ବା ୩-୧ରେ ଅସିତ ଚୌଧୁରୀ, ଆକାଶ ମହାପାତ୍ର ୩-୦ରେ ପି. ଗୋବିନ୍ଦ ରାଓ ଏବଂ ଜ୍ଞାନ ଦାସ ୩-୧ରେ ଆକ୍ରମ ଖାଁଙ୍କୁ ପରାସ୍ତ କରିଛନ୍ତି। ଲିଗ୍ ମ୍ୟାଚ୍ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ରାକେଶ ରୋଶନ ପ୍ରଧାନ, ଅଲତାଫ ଅଲ୍ଲୀ, ଆକାଶ ମହାପାତ୍ର, ଜ୍ଞାନ ଦାସ, ଚେତନ ଆନନ୍ଦ, ନିଶାନ୍ତ ବିଶ୍ୱାଳ, ସିଦ୍ଧାର୍ଥ ସେନ୍, ସୁବ୍ରତ ଦାସ, ଅବିନାଶ ମହାପାତ୍ର, କୁନାଲ ଅଗ୍ରୱାଲ, ଶାରଦା ବେହେରା, ଚିରାଗ ଆରୋରା ଓ ରଞ୍ଜିତ ପତି ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଲିଗ୍ ମ୍ୟାଚ୍‌ଗୁଡ଼ିକ ସରିଗଲେ ଅନ୍ୟ ୩ ଜଣ କ୍ୱାଲିଫାୟର୍ସଙ୍କୁ ନେଇ ରାଉଣ୍ଡ ଅଫ୍-୧୬ ସ୍ପଷ୍ଟ ହେବ।

# ଟି୨୦ ବ୍ୟାଟରଙ୍କ ଶୀର୍ଷରେ ଅଭିଷେକ

**ଦୁବାଇ, ୩୦।୭ (ପି.ଟି.):** ଭାରତୀୟ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ବୁଧବାର ଟେଷ୍ଟ କ୍ରିକେଟ୍‌ରେ ବିଶ୍ୱର ନଂ-୧ ଅଲ୍‌ରାଉଣ୍ଡର ଭାବେ ନିଜ ସ୍ଥିତିକୁ ସୁଦୃଢ଼ କରିଥିବା ବେଳେ ଅଭିଷେକ ଶର୍ମା କ୍ୟାରିୟରରେ ପ୍ରଥମଥର ପାଇଁ ଅନ୍ତର୍ଜାତୀୟ ଟି୨୦ ବ୍ୟାଟରଙ୍କ ମଧ୍ୟରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ସଦ୍ୟ ପ୍ରକାଶିତ ଆଇସିସି ପୁରୁଷ ଟେଷ୍ଟ ଖେଳାଳିଙ୍କ ର୍‍ୟାଙ୍କିଙ୍ଗ୍‌ର ଅଲ୍‌ରାଉଣ୍ଡର ତାଲିକାର ଦ୍ୱିତୀୟ ସ୍ଥାନରେ ଥିବା ବାଂଲାଦେଶର ମେହିଦି ହାସନ ମିରାଜଙ୍କଠାରୁ ଟପ୍‌ରେ ଥିବା ଜାଡେଜା ୧୧୭ ପଏଣ୍ଟ ଆଗରେ ରହିଛନ୍ତି। ବର୍ତ୍ତମାନ ତାଙ୍କ ପାଖରେ ମୋଟ ୪୨୨ ପଏଣ୍ଟ ରହିଛି। ଅନ୍ୟପକ୍ଷରେ ଦୀର୍ଘ ଏକ ବର୍ଷ ହେଲା ଟି୨୦ ବ୍ୟାଟର ତାଲିକା ଶୀର୍ଷରେ ରହିଥିବା ଅଷ୍ଟ୍ରେଲିଆର ଟ୍ରାଭିସ ହେଡ୍ ଦ୍ୱିତୀୟ ସ୍ଥାନକୁ ଖସିଛନ୍ତି। ଅଭିଷେକ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବାମହାତୀ ଅଭିଷେକଙ୍କ ପାଖରେ ୮୨୯ ପଏଣ୍ଟ ଥିବାବେଳେ ହେଡ୍‌ଙ୍କ ନିକଟରେ ୮୧୪ ପଏଣ୍ଟ ରହିଛି।


ଇଂଲଣ୍ଡର ଓଭାଲ ପଡ଼ିଆରେ ବୁଧବାର ଫୁଟବଲ ଖେଳି ଭାରତୀୟ ଖେଳାଳିଙ୍କ ଅଭ୍ୟାସ।

# କାର୍ଯ୍ୟସୂଚୀକୁ ନେଇ ପ୍ରଶ୍ନ ଉଠାଇଲେ ଦୁଇ ଅଧିନାୟକ

**ଲଣ୍ଡନ, ୩୦।୭ (ପି.ଟି.):** ଚଳିତ ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜର ୪ର୍ଥ ଓ ୫ମ ଟେଷ୍ଟ ମଧ୍ୟରେ ମାତ୍ର ୩ ଦିନର ଗ୍ୟାପ ରଖାଯାଇଛି। ଏପରି କାର୍ଯ୍ୟସୂଚୀକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଉଭୟ ଦଳର ଅଧିନାୟକ ଶୁବମନ ଗିଲ୍ ଓ ବେନ୍ ଷ୍ଟୋକ୍ସ। ଚଳିତ ସିରିଜରେ ପ୍ରଥମରୁ ଦ୍ୱିତୀୟ ଏବଂ ତୃତୀୟରୁ ଚତୁର୍ଥ ଟେଷ୍ଟ ମଧ୍ୟରେ ସପ୍ତାହେ ଗ୍ୟାପ ଥିଲା। ମାତ୍ର ଦ୍ୱିତୀୟ-ତୃତୀୟ ଏବଂ ଚତୁର୍ଥ-ପଞ୍ଚମ ଟେଷ୍ଟ ମଧ୍ୟରେ ୩ ଦିନ ଗ୍ୟାପ ରହିଥିଲା। ୫ ମ୍ୟାଚ ବିଶିଷ୍ଟ ସିରିଜରେ ଦୁଇ ମ୍ୟାଚ ମଝିରେ ଅଧିକ ଦିନ ଗ୍ୟାପ ରହିବା ଉଚିତ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି। ‘‘ସିରିଜ ୫ ମ୍ୟାଚ ବିଶିଷ୍ଟ ହୋଇଥିବାରୁ ଗ୍ୟାପ ଅଧିକ ଦିନ ରହିବା କଥା। ୨ଟି ମ୍ୟାଚ ମଝିରେ ୮ ଦିନ ଓ ଅନ୍ୟ ୨ଟି ମ୍ୟାଚ ମଝିରେ ୩ ଦିନ ଗ୍ୟାପ ରଖିବା ପରିବର୍ତ୍ତେ ସବୁ ମ୍ୟାଚ ମଝିରେ ସମାନ ଗ୍ୟାପ ରହି ପାରିଥାନ୍ତା’’ ବୋଲି ଆହତ ଯୋଗୁ ୫ମ ଟେଷ୍ଟରୁ ଓହରି ଯାଇଥିବା ଷ୍ଟୋକ୍ସ ପ୍ରକାଶ କରିଛନ୍ତି।

# ସେପ୍ଟେମ୍ବର ୧ ସୁଦ୍ଧା ମହିଳା ଆଥ୍‌ଲେଟଙ୍କ ଲାଗି ଏଲିଜିବିଲିଟି ଜିନ୍ ଟେଷ୍ଟ

**ମୋନାକୋ, ୩୦।୭(ଏପି)**

ଟୋକିଓରେ ହେବାକୁଥିବା ୱାର୍ଲ୍ଡ ଚାମ୍ପିୟନଶିପ୍ସରେ ଭାଗ ନେବା ପାଇଁ ସେପ୍ଟେମ୍ବର ୧ ତାରିଖ ସୁଦ୍ଧା ମହିଳା ଆଥଲେଟ୍‌ଙ୍କୁ ବାଧ୍ୟତାମୂଳକ ଏଲିଜିବିଲିଟି ଜିନ୍ ଟେଷ୍ଟର ସମ୍ମୁଖୀନ ହେବାକୁ ପଡ଼ିବ। ଏ ନେଇ ୱାର୍ଲ୍ଡ ଆଥ୍‌ଲେଟିକ୍ସ (ଡବ୍ଲ୍ୟୁଏ) ପକ୍ଷରୁ ବୁଧବାର କୁହାଯାଇଛି। ଗତ ମାର୍ଚ୍ଚରେ ଶୀର୍ଷସ୍ତରର ଇଭେଣ୍ଟ ପାଇଁ ମହିଳା ଆଥ୍‌ଲେଟ୍‌ଙ୍କ ଯୋଗ୍ୟତା ନିର୍ଦ୍ଧାରଣ କରିବା ଲାଗି ଚିକ୍ ସ୍ୱାବ୍ସ କିମ୍ବା ଡ୍ରାଏ ବ୍ଲଡ-ସ୍ପଟ୍ ଟେଷ୍ଟ ଦ୍ୱାରା କ୍ରୋମୋଜୋମ ପରୀକ୍ଷା କରିବାର ଆବଶ୍ୟକତା ଥିବା ଫେଡେରେଶନ ପକ୍ଷରୁ କୁହାଯାଇଥିଲା। ଆଗାମୀ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ସେପ୍ଟେମ୍ବର ୧୩ରୁ ଟୋକିଓରେ ଆରମ୍ଭ ହେବ। ସେପ୍ଟେମ୍ବର ୧କୁ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବା ଲାଗି ଅନ୍ତିମ ଦିନ ଧାର୍ଯ୍ୟ କରାଯାଇଛି ଏବଂ ସେହି ଦିନଠାରୁ ନିୟମ କାର୍ଯ୍ୟକାରୀ ହେବ ବୋଲି ଡବ୍ଲ୍ୟୁଏ ପକ୍ଷରୁ ବିବୃତିରେ କୁହାଯାଇଛି। ନବନିର୍ମିତ ନିୟମ-୨୦୨୫ ଚାମ୍ପିୟନଶିପ୍ସକୁ ଏକ ବଡ଼ ସମସ୍ୟାରୁ ମୁକ୍ତ ରଖିବ, ଯାହାକି ଦୀର୍ଘ ଦଶନ୍ଧି ହେଲା ଅନେକ କୋର୍ଟରେ ଜାରି ରହିଛି।

ନୂଆ ନିୟମ ସମ୍ପର୍କରେ ଡବ୍ଲ୍ୟୁଏ ସଭାପତି ସେବାଷ୍ଟିଆନ କୋଏ କହିଛନ୍ତି, ମୋନାକୋସ୍ଥିତ ଡବ୍ଲ୍ୟୁଏ ପକ୍ଷରୁ କରାଯାଇଥିବା ଟେଷ୍ଟିଂ ବ୍ୟବସ୍ଥା ଦ୍ୱାରା ଥରକେ ଆଥଲେଟ୍‌ଙ୍କ ଲିଙ୍ଗଗତ ଯୋଗ୍ୟତା ନିର୍ଦ୍ଧାରଣ କରିହେବ। ଶୀର୍ଷସ୍ତରୀୟ ପ୍ରତିଯୋଗିତାର ମହିଳା ବିଭାଗରେ ପ୍ରତିଦ୍ୱନ୍ଦ୍ୱିତା କରିବା ଲାଗି ଜୈବିକ ଦୃଷ୍ଟିରୁ ତୁମେ ମହିଳା ହୋଇଥିବା ଦରକାର। ଏହି ପରୀକ୍ଷାର ଫଳାଫଳ ଅତ୍ୟନ୍ତ ଠିକ୍ ଓ ଭୁଲ୍‌ବଶତଃ ନେଗେଟିଭ୍ କିମ୍ବା ପଜିଟିଭ୍ ହେବାର ସମ୍ଭାବନା ଖୁବ୍ କମ୍। ପ୍ରତ୍ୟେକ ପରୀକ୍ଷା ଲାଗି ଫେଡେରେଶନ ୧୦୦ ଡଲାର ଖର୍ଚ୍ଚ ବହନ କରିବ। ଜାତୀୟସ୍ତରର ସଦସ୍ୟ ଫେଡେରେଶନ ତଦାରଖରେ ଏହାକୁ କରାଯିବାର ନିୟମ ରଖାଯାଇଛି। ପରୀକ୍ଷାର ଫଳାଫଳ ଦୁଇ ସପ୍ତାହ ମଧ୍ୟରେ ପ୍ରସ୍ତୁତ ହେବା ଉଚିତ।

# ଜାତୀୟ ୱାଟର ପୋଲୋରେ କିସ୍‌ର ୨୬ ପ୍ରତିଯୋଗୀ

**ଭୁବନେଶ୍ୱର, ୩୦।୭ (ତପନ ସ୍ୱାଇଁ)**

କର୍ଣ୍ଣାଟକ ସୁଇମିଂ ଆସୋସିଏଶନ ଆନୁକୂଲ୍ୟରେ ବେଙ୍ଗାଲୁରୁର ଅଲସୁରସ୍ଥିତ କେନେସିଙ୍ଗଟନ ପୁଲ୍‌ରେ ୪୧ତମ ସବ୍‌ଜୁନିୟର ଏବଂ ୫୧ତମ ଜୁନିୟର ନ୍ୟାଶନାଲ ଆକ୍ୱାଟିକ୍ ଚାମ୍ପିୟନଶିପ୍ (ୱାଟର ପୋଲୋ) ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶାରୁ ମୋଟ ୨୮(୧୪ ବାଳିକା, ୧୪ ବାଳକ)ସୁଇମର ମନୋନୀତ ହୋଇଛନ୍ତି। ଏହା ମଧ୍ୟରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସ(କିସ୍)ର ୨୫ ଛାତ୍ର/ଆଥଲେଟ୍ ସାମିଲ ଅଛନ୍ତି। ଏହା ମଧ୍ୟରେ ୧୨ ବାଳକ ଓ ୧୪ ବାଳିକା ସାମିଲ। କୋଚ୍ ଦୀପଙ୍କର ଦାସଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଦଳ ଆଗାମୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ। ମନୋନୀତ ଖେଳାଳିମାନଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି।


ଜାତୀୟ ୱାଟର ପୋଲୋ ପାଇଁ ଓଡ଼ିଶା ଦଳରେ ସ୍ଥାନ ପାଇଥିବା କିସ୍ ସୁଇମର।

# ପଦାରେ ପଡ଼ିଲା ଇଂଲଣ୍ଡର କପଟତା

**ଲଣ୍ଡନ, ୩୦।୭**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଦି ଓଭାଲଠାରେ ପଞ୍ଚମ ଟେଷ୍ଟ ଆରମ୍ଭ ହେବା ପୂର୍ବରୁ ସରେ ପିଚ୍ କ୍ୟୁରେଟର ଲି ଫର୍ଟିସ୍‌ଙ୍କ ସହ ଭାରତୀୟ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ବଚସା ଏକ ବିବାଦ ରୂପ ନେଇଛି। ପିଚ୍ ନିକଟରେ ଛିଡ଼ା ହୋଇଥିବା ଗମ୍ଭୀରଙ୍କ ସପୋର୍ଟ ଷ୍ଟାଫ୍‌ଙ୍କ ସହ ଫର୍ଟିସ୍ ଖରାପ ବ୍ୟବହାର କରିଥିଲେ। ହେଲେ ଗମ୍ଭୀର ଏହାର କଡ଼ା ଜବାବ ଦେଇଥିଲେ। ଭାରତର ବ୍ୟାଟିଂ କୋଚ୍ ସିତାଂଶୁ କୋଟାକଙ୍କ ମୁତାବକ, କ୍ୟୁରେଟର ଫର୍ଟିସ୍ ପିଚ୍‌ଠାରୁ ଅତିକମ୍‌ରେ ୨.୫ ମିଟର ଛିଡ଼ାହେବାକୁ କହିଥିଲେ। ଏହାର ଉତ୍ତରରେ ଗମ୍ଭୀର କହିଥିଲେ, ଆମକୁ କ’ଣ କରିବା ଦରକାର, ତାହା ତୁମେ କୁହନାହିଁ। ଗମ୍ଭୀରଙ୍କ ସହ ଝଗଡ଼ା ହେବାର ଗୋଟିଏ ଦିନ ପରେ ଫର୍ଟିସ୍‌ଙ୍କ ଏକ ଫଟୋ ଭାଇରାଲ ହୋଇଛି। ଏହି ଫଟୋରେ ଫର୍ଟିସ୍ ଇସିବିର ମ୍ୟାନେଜିଂ ଡାଇରେକ୍ଟର ରବ କି, ଇଂଲଣ୍ଡର ମୁଖ୍ୟ କୋଚ୍ ବ୍ରେଣ୍ଡନ ମ୍ୟାକ୍‌କୁଲମ ଓ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ସହ ପିଚ୍ ନିକଟରେ ଛିଡ଼ାହୋଇ କିଛି ଆଲୋଚନା କରୁଛନ୍ତି। ଏହା ଇଂଲଣ୍ଡର କପଟତାକୁ ଦର୍ଶାଉଛି।

# ଅଲିମ୍ପିକ୍ ଷ୍ଟାର ଡଲମେୟରଙ୍କ ମୃତ୍ୟୁ

**ଲଣ୍ଡନ, ୩୦।୭**

ଜର୍ମାନୀର ଡବଲ ଅଲିମ୍ପିକ୍ ବାଇଥଲନ ଚାମ୍ପିୟନ ଲୌରା ଡଲମେୟର ପାକିସ୍ତାନରେ ପର୍ବତାରୋହଣ ବେଳେ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। କାରାକୋରାମ ପର୍ବତ ଆରୋହଣ କରୁଥିବା ବେଳେ ୩୧ ବର୍ଷୀୟା ଲୌରାଙ୍କ ଉପରେ ପଥର ଖସି ପଡ଼ିଥିଲା। ଏହି ଦୁର୍ଘଟଣା ସମୁଦ୍ରପତନଠାରୁ ପ୍ରାୟ ୫,୭୦୦ ମିଟର ଉପରେ ଘଟିଥିଲା।

ଦୁର୍ଘଟଣା ପରେ ଲୌରାଙ୍କ ସାଥୀ କ୍ଲାଇମ୍ବର ମାରିନା ଇଭା ଏମର୍ଜେନ୍ସି

**ପର୍ବତାରୋହଣ ବେଳେ ଦୁର୍ଘଟଣା**

ସର୍ଭିସେସ୍‌କୁ କଲ୍ କରିଥିଲେ। ଜର୍ମାନୀ ଓ ଆମେରିକାର ଏକ୍ସପର୍ଟ କ୍ଲାଇମ୍ବର୍ସଙ୍କୁ ନେଇ ଗଠିତ ଉଦ୍ଧାରକାରୀ ଦଳ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ହେଲେ ପ୍ରତିକୂଳ ପାଗ ଯୋଗୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଡଲମେୟରଙ୍କ ମ୍ୟାନେଜ୍‌ମେଣ୍ଟ କମ୍ପାନୀ ପକ୍ଷରୁ ତାଙ୍କର ମୃତ୍ୟୁ ହୋଇଥିବା ନେଇ ବୁଧବାର ସ୍ପଷ୍ଟ କରାଯାଇଛି। ଖରାପ ପାଣିପାଗ କାରଣରୁ ୨୯ ତାରିଖ ସନ୍ଧ୍ୟାରେ ଉଦ୍ଧାର କାର୍ଯ୍ୟକୁ ସ୍ଥଗିତ ରଖାଯାଇଥିଲା। ଡଲମେୟରଙ୍କ ମୃତ୍ୟୁ ଦୁର୍ଘଟଣା ଦିନ ଅର୍ଥାତ୍ ୨୮ ତାରିଖରେ ହିଁ ହୋଇଥିଲା। ଲୌରାଙ୍କ ଲିଖିତ ୱିଲ୍ ଅନୁଯାୟୀ, ଏଭଳି ଘଟଣାରେ ତାଙ୍କୁ ବଞ୍ଚାଇବା ପାଇଁ କେହି ବି ନିଜ ଜୀବନକୁ ବାଜିରେ ଲଗାଇବା ଉଚିତ ନୁହେଁ। ଦୁର୍ଘଟଣା କାରଣରୁ ମୃତ୍ୟୁ ଭଳି ସ୍ଥିତିରେ ତାଙ୍କ ମରଶରୀରକୁ ପର୍ବତରେ ଛାଡ଼ିବା ହିଁ ତାଙ୍କ ଇଚ୍ଛା ଥିଲା ବୋଲି ତାଙ୍କ ମ୍ୟାନେଜ୍‌ମେଣ୍ଟ କମ୍ପାନୀ ପକ୍ଷରୁ କୁହାଯାଇଛି। ଡଲମେୟରଙ୍କ ବିୟୋଗରେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି ସଭାପତି କିର୍ଷ୍ଟି କୋଭେଣ୍ଟ୍ରୀ ଓ ଜର୍ମାନୀ ରାଷ୍ଟ୍ରପତି ଫ୍ରାଙ୍କ ୱାଲ୍ଟର ଷ୍ଟାଇନମେୟର ଶୋକବ୍ୟକ୍ତ କରିଛନ୍ତି।


ଲୌରା ଡଲମେୟର

**ଏସିଆନ ଜୁନିୟର ବକ୍ସିଂ**

# ଭାରତରୁ ଭାଗନେଲେ ୪୦ ବକ୍ସର

**ନୂଆଦିଲ୍ଲୀ, ୩୦।୭(ପି.ଟି.)**

ବ୍ୟାଙ୍କକ୍‌ରେ ବୁଧବାରଠାରୁ ଏସିଆନ ୧୯ ଓ ୨୨ ବର୍ଷରୁ କମ୍ ବକ୍ସିଂ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ଏଥିରେ ଭାରତରୁ ମୋଟ ୪୦ ବକ୍ସର ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାରେ ୨୬ଟି ଦେଶର ୩୯୬ ବକ୍ସର ଭାଗ ନେଇଛନ୍ତି। ୱାର୍ଲ୍ଡ ବକ୍ସିଂ ଓ ଥାଇଲାଣ୍ଡ ବକ୍ସିଂ ଆସୋସିଏଶନ ସହଯୋଗରେ ଏସିଆନ ବକ୍ସିଂ ଏହି ପ୍ରତିଯୋଗିତାକୁ ଆୟୋଜନ କରୁଛି। ଅଲିମ୍ପିକ୍-ଷ୍ଟାଇଲ ବକ୍ସିଂ ନିୟମରେ ଏହା ୧୯ ଓ ୨୨ ବର୍ଷରୁ କମ୍ ବର୍ଗରେ ଆୟୋଜନ ହେଉଛି। ୩ଥର ଏସିଆନ ଚାମ୍ପିୟନ ଏବଂ ୨ଥର ଜାତୀୟ ଚାମ୍ପିୟନ ବିଶ୍ୱନାଥ ସୁରେଶଙ୍କ ସମେତ ଅନେକ ପ୍ରତିଭାସମ୍ପନ୍ନ ଭାରତୀୟ ବକ୍ସର ଏଥିରେ ଭାଗନେଇଛନ୍ତି। ଜାତୀୟ ଚାମ୍ପିୟନଶିପ୍‌ରେ ପଦକ ବିଜେତା ସାଗର, ପ୍ରୀତ ମଲିକ ଓ ଖେଲୋ ଇଣ୍ଡିଆ ସ୍ୱର୍ଣ୍ଣପଦକ ବିଜୟୀ ସୁମନ କୁମାରୀ ମଧ୍ୟ ଏଥିରେ ସାମିଲ ଅଛନ୍ତି। ପ୍ରତି ଡିଭିଜନରେ ବକ୍ସରମାନେ ୧୦ ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ